# ପ୍ରାର୍ଥନା

ଯେକୌଣସି ଏକ ଅଭିପ୍ରକାଶରୁ ଯେତେବେଳେ ସମସ୍ତ ଆୟାସ ଅପସରି ଯାଏ, ତାହା ହୋଇଉଠେ ଅତ୍ୟନ୍ତ ସରଳ, ପ୍ରସ୍ଫୁଟନରତ ପୁଷ୍ପଟିଏର ସରଳତା ସହ, କୋଳାହଳ ବା ଉଗ୍ର ଅଙ୍ଗଭଙ୍ଗୀ ବିନା ପ୍ରକାଶ କରି ତା'ର ସୌନ୍ଦର୍ଯ୍ୟ ଏବଂ ବିଚ୍ଛୁରିତ କରି ତା'ର ମହକ । ଏବଂ ଏହି ସରଳତାରେ ନିହିତ ଥାଏ ମହତ୍ତମ ଶକ୍ତି, ଯେଉଁ ଶକ୍ତି ଅବିମିଶ୍ର ଏବଂ ଯହିଁରୁ ଉପୁଜେ ନାହିଁ କୌଣସି ହାନିକର ପ୍ରତିକ୍ରିୟା । ପ୍ରାଣଶକ୍ତିକୁ ପରତେ ଯିବା ଠିକ୍ ନୁହେଁ, କର୍ମ ପଥରେ ତାହା ଏକ ପ୍ରଲୋଭକ, ଏବଂ ତା' ଫାଶରେ ପଡ଼ିଯିବାର ବିପଜ୍ଜନକ ସମ୍ଭାବନା ସର୍ବଦା ରହିଥାଏ, ଯେହେତୁ ତାହା ତୁମକୁ ଆଶୁ ଫଳର ସ୍ୱାଦ ଚଖାଏ; କର୍ମ ଉତ୍ତମରୂପେ ନିର୍ବାହ କରିବା ନିମନ୍ତେ ଆମର ପ୍ରାଥମିକ ଆଗ୍ରହ ବଶତଃ ଆମେ ସେ ଶକ୍ତିର ଉପଯୋଗ କରି ପକାଉଁ । କିନ୍ତୁ ଅବିଳମ୍ବେ ତାହା ଆମର ଯାବତୀୟ କର୍ମକୁ ଯଥାର୍ଥ ମାର୍ଗରୁ ବିଚ୍ୟୁତ କରାଏ ଏବଂ ଆମ କାର୍ଯ୍ୟକଳାପ ଭିତରେ ଅନୁପ୍ରବେଶ କରାଏ ଏକ ଉଦ୍‌ଭ୍ରାନ୍ତି ଓ ମୃତ୍ୟୁର ବୀଜ ।

ସରଳତା, ସରଳତା ! ତୁମ ଉପସ୍ଥିତିର ଶୁଦ୍ଧତା କେଡ଼େ ମଧୁର !...

ଫେବ୍ରୁଆରୀ ୧୨, ୧୯୧୩ — ଶ୍ରୀମା



# ମାତୃବାଣୀ

The more we advance on the way, the more the need of the Divine Presence becomes imperative and indispensable.

*21 February, 1973*

(CWM Vol. 15, p. 187) - The Mother

ଯୋଗପଥରେ ଆମେ ଯେତେ ଅଧିକ ଅଗ୍ରସର ହେଉ, ଭଗବତ୍ ସାନ୍ନିଧ୍ୟର ପ୍ରୟୋଜନ ସେତିକି ଅପରିହାର୍ଯ୍ୟ ଓ ଅନିବାର୍ଯ୍ୟ ହୋଇଉଠେ ।

— ଶ୍ରୀମା

*

There is only one solution for falsehood :

It is to cure in ourselves all that contradicts in our consciousness the presence of the Divine.

*31 December 1972*

(CWM Vol. 14, p. 196) - The Mother

ମିଥ୍ୟା ନିମନ୍ତେ କେବଳ ଏକମାତ୍ର ସମାଧାନ ରହିଛି :

ତାହା ହେଉଛି ଯାହା କିଛି ଆମ ଚେତନାରେ ଭଗବତ୍ ଉପସ୍ଥିତିର ବିରୋଧ କରୁଛି ସେସବୁକୁ ଆମ ନିଜ ଭିତରେ ସଂଶୋଧନ କରିବା ।

୩୧.୧୨.୧୯୭୨ — ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

### (The Descent into Night)

### (୫୯)

**ଶ୍ରୀଅରବିନ୍ଦ**

In their sweet secrecy of pleasant sins
Nature they obeyed and not a moralist God.

ଆନନ୍ଦଦାୟକ ପାପର ମଧୁର ଅନ୍ତଃପୁରରେ ସେମାନେ ପ୍ରକୃତିକୁ ମାନି ଚାଲୁଥିଲେ ଏବଂ କୌଣସି ନୀତିମାନ୍ ଭଗବାନଙ୍କୁ ନୁହେଁ ।

Inconscient traders in bundles of contraries,
They did what in others they would persecute;
When their eyes looked upon
their fellow's vice,
An indignation flamed, a virtuous wrath;
Oblivious of their own deep-hid offence,
Moblike they stoned a neighbour
caught in sin.

ନିଶ୍ଚେତନାର ସୌଦାଗରମାନେ ବୈପରୀତ୍ୟର ଗଣ୍ଠିଲି ଧରି ବ୍ୟବସାୟ କରୁଥିଲେ, ସେମାନେ ସେହିସବୁ କାର୍ଯ୍ୟ କରୁଥିଲେ ଯେଉଁଥିପାଇଁ ଅନ୍ୟମାନଙ୍କୁ ସେମାନେ ପୀଡ଼ା ଦେଉଥିଲେ; ଯେତେବେଳେ ସାଥୀମାନଙ୍କର ଅନୈତିକ କର୍ମ ସେମାନଙ୍କର ଦୃଷ୍ଟିରେ ପଡୁଥିଲା, ସେତେବେଳେ ସେମାନଙ୍କ ଭିତରେ ପ୍ରଜ୍ୱଳିତ ହେଉଥିଲା ଏକ ଘୃଣାଜନିତ ଓ ନୀତିମାନ୍ କ୍ରୋଧାଗ୍ନି; ସେମାନେ ପାସୋରି ଯାଉଥିଲେ ସେମାନଙ୍କ ଭିତରେ ଲୁଚ୍କାୟିତ ହୋଇ ରହିଥିବା ଆପତ୍ତିଜନକ କାର୍ଯ୍ୟସବୁକୁ, କ୍ରୁଦ୍ଧ ଜନତା ଭଳି ଅପରାଧ କରି ଧରାପଡ଼ିଥିବା ପ୍ରତିବେଶୀ ଉପରେ ସେମାନେ ପ୍ରସ୍ତର ଖଣ୍ଡ ବୃଷ୍ଟି କରୁଥିଲେ ।

A pragmatist judge within passed
false decrees,
Posed worst iniquities on equity's base,
Reasoned ill actions just, sanctioned the scale
Of the merchant ego's interest and desire.

ଅନ୍ତରରେ ଏକ ସ୍ଥୂଳମନା ବିଚାରକ ମିଥ୍ୟା ରାୟ ଘୋଷଣା କରୁଥିଲେ, ହୀନତମ ଅନ୍ୟାୟକୁ ଦେଉଥିଲେ ନ୍ୟାୟର ଆସନ, ଦୁଷ୍କର୍ମକୁ ସୁକର୍ମ ବୋଲି ଯୁକ୍ତି ଦ୍ୱାରା ପ୍ରମାଣ କରୁଥଲେ, ଅନୁମୋଦନ କରୁଥିଲେ ବ୍ୟବସାୟୀ ଅହମିକାର ସ୍ୱାର୍ଥ ଓ କାମନାବାସନାର ମାନଦଣ୍ଡକୁ ।

Thus was a balance kept,
the world could live.

ଏହିପରି ଭାବେ ଭାରସାମ୍ୟ ରଖାଯାଇଥିଲା, ଯେପରି ପୃଥିବୀ ତିଷ୍ଠି ରହିପାରିବ ।

A zealot fervour pushed their ruthless cults,
All faith not theirs bled scourged as heresy;
They questioned, captived, tortured,
burned or smote
And forced the soul to abandon right or die.

ଏକ ଧର୍ମାନ୍ଧ ଉନ୍ମାଦନା ସେମାନଙ୍କର ନିର୍ମମ ଧାର୍ମିକ ପଦ୍ଧତିକୁ ଆଗକୁ ଠେଲି ଦେଉଥିଲା, ଯେଉଁସବୁ ବିଶ୍ୱାସ ସେମାନଙ୍କର ଧର୍ମମତର ବିରୋଧୀ ସେସବୁକୁ ଚାବୁକ ଆଘାତରେ ରକ୍ତାକ୍ତ କରିଦିଆ ଯାଉଥିଲା; ସେମାନେ ପ୍ରଶ୍ନ କରୁଥିଲେ, ବନ୍ଦୀ କରୁଥିଲେ, ଉତ୍ପୀଡ଼ିତ କରୁଥିଲେ, ପୋଡ଼ି ଦେଉଥିଲେ କିଂବା ଆଘାତ ଜର୍ଜର କରୁଥିଲେ ଏବଂ ଅନ୍ତରାତ୍ମାକୁ ବାଧ୍ୟ କରୁଥିଲେ ଯଥାର୍ଥତାକୁ ବର୍ଜନ କରିବା ପାଇଁ ଅଥବା ମୃତ୍ୟୁବରଣ କରିବା ପାଇଁ ।

Amid her clashing creeds and warring sects
Religion sat upon a blood-stained throne.

ସେଠାରେ ସ୍ୱୀୟ ବିବାଦରତ ଧର୍ମ ବିଶ୍ୱାସ ଓ ଯୁଦ୍ଧରତ ଧାର୍ମିକ ସମ୍ପ୍ରଦାୟ ଗହଣରେ ଧର୍ମବାଦ ଏକ ରକ୍ତରଞ୍ଜିତ ସିଂହାସନରେ ଆସୀନା ହୋଇ ରହିଥିଲା ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ ❑

# ବାଧାବିଘ୍ନ ଓ ଅଗ୍ରଗତି

## ଶ୍ରୀମା

### ବାଧାବିଘ୍ନ ଓ ଅଗ୍ରଗତି

*ପ୍ରଶ୍ନ: ଭଗବାନଙ୍କର କରୁଣାର ସ୍ପର୍ଶରେ ବାଧାବିଘ୍ନସବୁ କିପରି ଅଗ୍ରଗତିର ସୁଯୋଗରେ ପରିଣତ ହୁଏ ?*

**ଶ୍ରୀମା** : ଅଗ୍ରଗତି ପାଇଁ ସୁଯୋଗ ? ହଁ; ଏହା ତ ଖୁବ୍ ପରିଷ୍କାର କଥା । ତୁମେ ହୁଏତ ଗୋଟିଏ ବଡ଼ ଭୁଲ୍ କରି ପକାଇଛ, ତୁମେ ଗୋଟେ ବଡ଼ ଅସୁବିଧାରେ ଅଛ : ତା'ହେଲେ ତୁମର ଯଦି ପ୍ରକୃତରେ ବିଶ୍ୱାସ ଥାଏ – ଯଦି ସତକୁ ସତ ଈଶ୍ୱରଙ୍କ କୃପା ଉପରେ ନିର୍ଭର ରଖିଥାଅ, ସତକୁ ସତ ଯଦି ତୁମର **ତାଙ୍କ** ଉପରେ ଭରସା ଥାଏ, ତା'ହେଲେ ତୁମେ ସଙ୍ଗେ ସଙ୍ଗେ ବୁଝିପାରିବ ଯେ ତୁମ ପାଇଁ ଏହା ଏକ ଶିକ୍ଷା, ଯେହେତୁ ତୁମର ଅସୁବିଧା ବା ଭୁଲ୍‌ଟି ଅନ୍ୟ କିଛି ପାଇଁ ନୁହେଁ, ଏହା ଆସିଛି ତୁମକୁ ଏହି ଶିକ୍ଷା ଦେବା ପାଇଁ ଯେ ତୁମ ଭିତରେ କ'ଣ ପରିବର୍ତ୍ତନ ଆବଶ୍ୟକ ତାହା ଜାଣ । ଏବଂ ଭଗବାନଙ୍କ କୃପାର ଏହି ସାହାଯ୍ୟ ଦ୍ୱାରା ତୁମେ ଆବିଷ୍କାର କରିବ ଯେ ତୁମ ଭିତରେ କ'ଣ ପରିବର୍ତ୍ତନ କରିବାକୁ ହେବ । ଏବଂ ତାହାକୁ ତୁମେ ପରିବର୍ତ୍ତିତ କରିପାରିବ । ଏହିଭଳି ଭାବରେ ତୁମେ ଏକ ଅସୁବିଧା ଭିତରେ ମଧ୍ୟ ଏକ ବିରାଟ ଅଗ୍ରଗତି କରିପାରିବ, ଏଥିରୁ ତୁମେ ଜାଣିପାରିବ ଯେ ଗୋଟିଏ ଅସୁବିଧା ଭିତରେ କିପରି ଏକ ବିରାଟ ଅଗ୍ରଗତି କରିପାରିଛ, ସମ୍ମୁଖ ଦିଗକୁ କିପରି ଏକ ଉଲ୍ଲେଖନୀୟ ଲମ୍ଫ ଦେଇପାରିଛ । ସବୁବେଳେ ଏହାହିଁ ଘଟିଥାଏ, କେବଳ ତୁମକୁ ଏ ଦିଗରେ ଅଧିକ ନିଷ୍ଠାପର ହେବାକୁ ପଡ଼ିବ, ଏହା ହେଉଛି ପ୍ରଧାନ କଥା, ଭଗବାନଙ୍କ କୃପା ଉପରେ ନିର୍ଭର ରଖ ଏବଂ **ତାଙ୍କୁ** ତୁମ ନିଜ ଭିତରେ କାର୍ଯ୍ୟ କରିବାକୁ ଦିଅ ।

### ବାଧାବିଘ୍ନ ଓ ଉପଲବ୍ଧି

ଯେତେବେଳେ ତୁମର କିଛି ଉପଲବ୍ଧି କରିବାର ଥାଏ, ସେତେବେଳେ ସାଧାରଣତଃ ଦେଖାଯାଏ ଯେ ତୁମ ଭିତରେ ତା'ର ବିପରୀତ କଥାଟିଏ ମଧ୍ୟ ଅଛି । ତୁମେ ଯେତେବେଳେ ତୁମର ସେହି ଦୋଷ ଓ ଅସୁବିଧାର ମୁହାଁମୁହିଁ ହୋଇଯାଅ, ତୁମେ କୁହ – ''ଆଃ, ମୁଁ ଏହିପରି ! ଏହା କି ଭୟଙ୍କର !'' କିନ୍ତୁ ତୁମେ ସେଇ ଅବସ୍ଥାର ଯଥାର୍ଥ ସତ୍ୟଟିକୁ ବୁଝିବା ଉଚିତ । ନିଜକୁ କୁହ – ''ମୋର ଅସୁବିଧା ମୋତେ ପରିଷ୍କାର ଦେଖେଇ ଦେଉଛି ଯେ, ପରିଶେଷରେ ମୋତେ କ'ଣ କରିବାକୁ ହେବ । ଏଇ ଯେ ବାଧାବିଘ୍ନ ମୁଁ ମୋ ଭିତରେ ଦେଖୁଛି, ମୋତେ ତାକୁ ଅତିକ୍ରମ କରିବାକୁ ପଡ଼ିବ । ଏହି କୁତ୍ସିତତାର ବିପରୀତ ପାର୍ଶ୍ୱରେ ଏବଂ ଏହାର ବିପରୀତ ଯେଉଁ ସତ୍ୟଟି ଅଛି, ତାକୁହିଁ ମୋତେ ପ୍ରାପ୍ତ କରିବାକୁ ପଡ଼ିବ । ଏହାହିଁ ମୋ ଜୀବନର ଲକ୍ଷ୍ୟ ।''

ଏପରିକି ସାଧାରଣ ଜୀବନରେ କେତେକ ସମୟରେ ଆମର ଏହି ପରସ୍ପର ବିରୁଦ୍ଧାତ୍ମକ ଅଭିଜ୍ଞତା ହୋଇଥାଏ । ଆମେ ଏପରି ଭୀରୁ ଲୋକ ଦେଖିଛୁ, ଯେ କି କୌଣସି ପରିସ୍ଥିତିରେ ବି ସାହସ ଦେଖାଇ ନାହିଁ, ଅଥଚ ସେ ଦିନେ ହୁଏତ ସବୁଠୁ ବଡ଼ ବିପଦ ବରଣ କରିବା ପାଇଁ ସମର୍ଥ ବୋଲି ପ୍ରମାଣ କରି ଦେଇଛି !...

ଏହା ମଧ୍ୟ ଏକ ସତ୍ୟ ଯେ ଯଦି ଜଣକର ଶହ ଶହ ବାଧାବିଘ୍ନ ଥାଏ ତେବେ ତାହାର ଅର୍ଥ ହେଉଛି ସେ ନିଶ୍ଚୟ ଦିନେ ମହାନ୍ ଉପଲବ୍ଧିର ଅଧିକାରୀ ହେବ – ଅବଶ୍ୟ, ସେ ଯଦି ନିଜର ଧୈର୍ଯ୍ୟ ଓ ସହ୍ୟ କରିବାର ଶକ୍ତିକୁ ବଜାୟ ରଖିପାରେ ଏବଂ ସେହିସବୁ ଦୋଷ ଦୁର୍ବଳତା ଓ ବାଧାବିଘ୍ନକୁ ଜୟ କରିବା ପାଇଁ ଅବିରତ ନିଜର ଆସ୍ପୃହାର ଅଗ୍ନିକୁ ଜଳାଇ ରଖିପାରେ ।

ଏକଥା ମନେରଖ ଯେ, ତୁମ ଆଗରେ ବା ତୁମ ଭିତରେ ବାଧାବିଘ୍ନ ଯେତିକି ରହିଛି, ସେଇ ଅନୁପାତରେ ଈଶ୍ୱରଙ୍କ କୃପା ମଧ୍ୟ ତୁମକୁ ଘେରି ରହିଛି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୫୨)

## ସୁରତ : ପ୍ରଭଞ୍ଜନର ସୂଚନା (୨)

### ମନୋଜ ଦାସ

ମାନ୍ଦାପନ୍ଥୀମାନଙ୍କ ପ୍ରଭାବରେ ଜାତୀୟ କଂଗ୍ରେସର ମହାସମ୍ମିଳନୀ ନିମନ୍ତେ ସୁରତଠାରେ ଗଠିତ ସ୍ଥାନୀୟ ଅଭ୍ୟର୍ଥନା ସମିତି ସେ ଗୋଷ୍ଠୀର ନେତାମାନଙ୍କ ନିମନ୍ତେ ସ୍ଥାନୀୟ ଶେଠମାନଙ୍କର ଆରାମପ୍ରଦ ଅତିଥିଭବନମାନ ଅକ୍ତିଆର କରି ନେଇଥିଲେ । ସମ୍ମିଳନୀ ମଣ୍ଡପର ପାଖାପାଖି ସମସ୍ତ ଉତ୍ତମ ସ୍ଥାନ ସେମାନଙ୍କ ନିମନ୍ତେ ସଂରକ୍ଷିତ ହୋଇ ଯାଇଥାଏ । ବାରୀନ୍ଦ୍ର କୁମାରଙ୍କ ସ୍ମୃତିଚାରଣ ଅନୁସାରେ :

''ସମ୍ମିଳନୀ ମଣ୍ଡପ ସନ୍ନିକଟରେ ବିଳାସପୂର୍ଣ୍ଣ ତମ୍ବୁମାନ ପକାଯାଇଥାଏ । ସେ ସବୁରେ ସ୍ଥାନୀତ ସଗର୍ବ ଭାରତୀୟ ନେତୃବର୍ଗ ସୁଟ୍, କୋଟ, ହ୍ୟାଟ ଯୋଗେ ନିଜ ନିଜକୁ ସଜ୍ଜିତ କରିଥା'ନ୍ତି । ୟୁନିଫର୍ମ ପରିହିତ ସ୍ୱେଚ୍ଛାସେବକ ଏବଂ ଉର୍ଦ୍ଦି-ପରିହିତ ପରିଚାରକମାନେ ସେମାନଙ୍କ ସେବା ନିମନ୍ତେ ପ୍ରସ୍ତୁତ ରହିଥା'ନ୍ତି । ସୁରେନ୍ଦ୍ର ନାଥ, ମେହଟା, ଗୋଖ୍‌ଲେ ଇତ୍ୟାଦିଙ୍କୁ ପୂର୍ବରୁ ସମୟ ନିର୍ଦ୍ଧାରିତ ନକରି, ଭିଜିଟିଂ କାର୍ଡ଼ ନପଠାଇ କେହି ଭେଟି ପାରୁ ନଥା'ନ୍ତି ।

ପ୍ରାୟ ମାଇଲିଏ ଦୂରରେ, ନଗରୀର ମଧ୍ୟବର୍ତ୍ତୀ ସ୍ଥାନରେ କେତୋଟି ଘରେ ଓ ମନ୍ଦିର ପ୍ରାଙ୍ଗଣରେ ତିଳକ ଏବଂ ଶ୍ରୀଅରବିନ୍ଦଙ୍କ ସହ ବିପୁଳ ସଂଖ୍ୟକ ଜାତୀୟବାଦୀ ପ୍ରତିନିଧିମାନେ ଆଶ୍ରୟ ନେଇଥା'ନ୍ତି । ମହାରାଷ୍ଟ୍ର ଏବଂ ଦକ୍ଷିଣ ଭାରତରୁ ଆସିଥା'ନ୍ତି ଆଠଶହ ସରିକି ଅତ୍ୟୁତ୍ସାହୀ ଯୁବ ପ୍ରତିନିଧି । ମନ୍ଦିର ଅନ୍ତର୍ଭୁକ୍ତ ଏକ କୋଠାର ଉପର ମହଲାକୁ ଯାଇଥିବା ସୋପାନ ଶ୍ରେଣୀର ଶେଷ ପ୍ରାନ୍ତରେ ବସିଥା'ନ୍ତି ମହାନ୍ ତିଳକ ଏବଂ ଶ୍ରୀଅରବିନ୍ଦ – ସର୍ବଦା ପରାମର୍ଶରତ । ସେଠାକୁ ଅବିରତ ସୁଅ ଛୁଟିଥାଏ ପ୍ରତିନିଧିମାନଙ୍କର । ସେମାନେ ନୀରବ ଭକ୍ତି ଭରେ ଦୁଇ ନେତାଙ୍କୁ ମନ ପୂରାଇ ଦେଖି ଅବିଳମ୍ବେ ଲେଉଟି ଯାଉଥା'ନ୍ତି । ଆଧୁନିକ ଭାରତର ସେ ଦୁଇ ନିର୍ମାତା ଦିନରାତି ସେହିଠାରେ ବସି ପ୍ରତିକ୍ରିୟାଶୀଳମାନଙ୍କ ଚକ୍ରାନ୍ତକୁ କିପରି ଅସଫଳ କରାଯିବ, ସେହି ଯୋଜନା କରୁଥା'ନ୍ତି ।''[୧]

ପୂର୍ବରୁ କୁହାଯାଇଛି, କଂଗ୍ରେସ ଅଧିବେଶନ ନାଗପୁରଠାରେ ହେବ ବୋଲିହିଁ ସ୍ଥିରୀକୃତ ହୋଇଥିଲା । କିନ୍ତୁ ସେ ନଗରୀରେ ବିପ୍ଳବପନ୍ଥୀ ବା ଜାତୀୟବାଦୀମାନଙ୍କର ବେଶ୍ ପ୍ରଭାବ ଥିବାରୁ କଂଗ୍ରେସର କର୍ମକର୍ତ୍ତାମାନେ ସେମାନଙ୍କ ନିଜ ପ୍ରଭାବରେ ଥିବା ସୁରତଠାରେ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସ୍ଥିର କରି ପକାଇଲେ । ଜାତୀୟବାଦୀମାନେ ସନ୍ଦେହ କରୁଥିଲେ, ଗତ କଲିକତା ଅଧିବେଶନରେ ଗୃହୀତ ସ୍ୱରାଜ ହାସଲ ପ୍ରସ୍ତାବକୁ ଏଠାରେ ଏଡ଼ାଇ ଯିବାକୁ ମନସ୍ଥ କରିଛନ୍ତି ରକ୍ଷଣଶୀଳମାନେ । ନରମପନ୍ଥୀ ଓ ଚରମପନ୍ଥୀ (ଜାତୀୟବାଦୀ) – ଏ ଦୁଇ ଶିବିର ଭିତରେ ପାର୍ଥକ୍ୟ କ୍ରମେ ସୁଦୃଢ଼ ହୋଇଯାଇଥିଲା । ଏହାର ସଂକ୍ଷିପ୍ତ ବିବରଣୀ ଆମେ ପାଇପାରିବା ବଙ୍ଗଦେଶ ପୁଲିସର ସ୍ପେଶିଆଲ୍ ବ୍ରାଞ୍ଚର ଅଧ୍ୟକ୍ଷ ଡାଲି ସାହେବ (F. C. Daly)ଙ୍କ ଲେଖାରୁ :

''୧୯୦୬ ମସିହା ଡିସେମ୍ବରରେ କଲିକତାରେ ଯେଉଁ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ସେଠାରେ ଚରମପନ୍ଥୀ ବା ଜାତୀୟବାଦୀମାନେ ଭାରତବର୍ଷ ନିମନ୍ତେ ପୂର୍ଣ୍ଣ ସ୍ୱରାଜହିଁ ସେମାନଙ୍କ ଦାବି ବୋଲି ଖୋଲାଖୋଲି ଭାବରେ ଘୋଷଣା କରିଥିଲେ । ସେହିଠାରେହିଁ ଚରମପନ୍ଥୀ ଓ ନରମପନ୍ଥୀ ଦୁଇ ଗୋଷ୍ଠୀ ଭିତରେ ସ୍ପଷ୍ଟ ବିଭାଜନ ରେଖା ଟଣା ହୋଇ ଯାଇଥିଲା ବୋଲି ମନେ ହୁଏ । ନରମପନ୍ଥୀମାନେ ଦେଶକୁ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ରଖି କିଛିଟା ସ୍ୱାୟତ୍ତ ଶାସନ ମାତ୍ର ଚାହୁଁଥିଲେ; ଅଧିକ କିଛି ନୁହେଁ । କିନ୍ତୁ ଅରବିନ୍ଦ ଘୋଷ ଏବଂ ବିପିନ ଚନ୍ଦ୍ର ପାଲଙ୍କ ନେତୃତ୍ୱରେ ଚରମପନ୍ଥୀ ବା ଜାତୀୟବାଦୀମାନେ ବିଦେଶୀ ବ୍ରିଟିଶ ଶାସନରୁ ପୂର୍ଣ୍ଣ ସ୍ୱାଧୀନତା ଲାଭକୁହିଁ ଲକ୍ଷ୍ୟ ରୂପେ ନିର୍ଦ୍ଧାରିତ କରିଥିଲେ । ସେହି ଲକ୍ଷ୍ୟ ହାସଲ ଦିଗରେ ସେମାନଙ୍କ ବିବେକ ଯେଉଁ ପନ୍ଥା ନିର୍ଦ୍ଦେଶ କରିବ, ତାହା ନୈତିକତା ଦୃଷ୍ଟିରୁ ଯଥାର୍ଥ – ଏହାହିଁ ଥିଲା ସେମାନଙ୍କ ବକ୍ତବ୍ୟ ।[୨]

ପରିସ୍ଥିତି ଉପରେ ପ୍ରଭାବଶାଳୀ 'ଅମୃତ ବଜାର ପତ୍ରିକା'ର ପ୍ରତିଷ୍ଠାତା-ସମ୍ପାଦକ ମତିଲାଲ ଘୋଷଙ୍କର ଜୀବନୀ ଲେଖକ ଏହି ରୂପେ ଆଲୋକପାତ କରିଛନ୍ତି :

''ଡ : ରାସବିହାରୀ ଘୋଷଙ୍କ ନାମ ସଭାପତି ପଦ ପାଇଁ ପ୍ରସ୍ତାବିତ ହୋଇଥିଲା । ସେ ମାନ୍ଦାପନ୍ଥୀ ବା ନରମ ପନ୍ଥୀ ଦଳର ବ୍ୟକ୍ତି । ଗଭର୍ଣ୍ଣର ଜେନେରାଲ୍ ଲର୍ଡ଼ ମିଣ୍ଟୋ ସେତେବେଳେ ତାଙ୍କ ପୂର୍ବରୁ ସେ ଆସନରେ ଥିବା ଲର୍ଡ଼ କର୍ଜନଙ୍କ ଦ୍ୱାରା ଚାଲୁ ହୋଇଥିବା ଦମନ ନୀତି ଅନୁସରଣ କରୁଥିଲେ । ଜାତୀୟବାଦୀମାନେ ଥିଲେ ଅଶାନ୍ତ । ସେମାନେ ଜାଣିବାକୁ ପାଇଲେ ଯେ ନରମପନ୍ଥୀମାନେ ବ୍ରିଟିଶ ବିରୋଧୀ ବୈପ୍ଲବିକ କାର୍ଯ୍ୟକ୍ରମ ବାତିଲ୍ କରି ଦେବାକୁ ଚାହାନ୍ତି । ସ୍ୱଦେଶୀ, ବିଦେଶୀ ଦ୍ରବ୍ୟ ବର୍ଜନ, ଜାତୀୟ ଶିକ୍ଷା ପ୍ରଚଳନ ଭଳି ପ୍ରସ୍ତାବମାନ ସେମାନେ ଏଡ଼ାଇ ଯିବାର ସିଦ୍ଧାନ୍ତ ନେଇଥା'ନ୍ତି । ଜାତୀୟବାଦୀମାନଙ୍କର ଏହି ଧାରଣା ହୁଅନ୍ତେ ସେମାନେ ଯେକୌଣସିମତେ ସେମିତି କଳଙ୍କମୟ ଉଦ୍ଦେଶ୍ୟ ରୋକିବାକୁ ବଦ୍ଧ ପରିକର ହେଲେ । ତା'ଛଡ଼ା ପ୍ରସ୍ତାବିତ ସଭାପତିଙ୍କର କେତେକ ମନ୍ତବ୍ୟରେ ସେମାନେ ଥିଲେ ନିହାତି ବିରକ୍ତ । ତାଙ୍କ ପ୍ରତି ସେମାନଙ୍କର ଅନୁକୂଳ ମନୋଭାବ ନଥିଲା ।''(୩)

ମତିଲାଲ ଘୋଷ ଚରମପନ୍ଥୀମାନଙ୍କର ସମର୍ଥକ ବୋଲି ସେମାନଙ୍କୁ ଧାରଣା ଦେଉଥିଲେ, କିନ୍ତୁ ଭଦ୍ରଲୋକ ଉଭୟ ଶିବିର ଭିତରେ ଐକ୍ୟ ଆଣି ପାରିବାର ଗୌରବ ଲଭିବାକୁ ଆଶାୟୀ ଥିଲେ ବୋଲି ଘଟଣା ପ୍ରବାହରୁ ଜଣାଯାଏ ।

ଡିସେମ୍ବର ୨୪ ତାରିଖ ଦିନ ଜାତୀୟବାଦୀମାନେ ଏକ ସ୍ୱତନ୍ତ୍ର ସମାବେଶରେ ଏକତ୍ର ହେଲେ । ଜାତୀୟବାଦର ଜଣେ ସମ୍ମାନାସ୍ପଦ ଏବଂ ସଚ୍ଚା ପ୍ରବକ୍ତା ଜି. ଏସ୍. ଖାପାର୍ଡ଼େଙ୍କ ସେହି ତାରିଖର ବ୍ୟକ୍ତିଗତ ଡାଏରିରୁ ଆମେ ପଢୁଁ :

''ଆଜି ଦିନଟି ଥିଲା ଖୁବ୍ ବ୍ୟସ୍ତତାପୂର୍ଣ୍ଣ । ଆମ ଜାତୀୟବାଦୀମାନଙ୍କ ସମ୍ମିଳନୀ ନିମନ୍ତେ ବ୍ୟବସ୍ଥା କରିବାକୁ ପଡ଼ିଲା । ସକାଳଓଳିଯାକ ପ୍ରତିନିଧିମାନଙ୍କ ଆଗମନ ଲାଗିରହିଲା । ବଙ୍ଗଦେଶ, ମାନ୍ଦ୍ରାଜ, ବେଲଗାଓଁ, ଧାରୱାଡ଼୍, ବେରାର, ମଧ୍ୟପ୍ରଦେଶ – ଦେଶର ସବୁ ଅଞ୍ଚଳରୁ ଜାତୀୟବାଦୀମାନେ ଆସି ବହୁ ସଂଖ୍ୟାରେ ଉପନୀତ ହୋଇଛନ୍ତି । ନାସିକ୍‌ରୁ ବାବାସାହେବ ଖାରେ, ଅହମଦ୍‌ନଗରରୁ ବାଲାସାହେବ ଦେଶପାଣ୍ଡେ ଏବଂ ଆହୁରି ଅନେକେ ପହଞ୍ଚି ସାରିଲେଣି କିଂବା ପହଞ୍ଚିବା ଉପରେ । ଅରବିନ୍ଦ ବାବୁ, ସୁରେଶବାବୁ ଏବଂ ଅନ୍ୟମାନେ ଉପସ୍ଥିତ । ବାତାବରଣରେ ଦୁଇ ଶିବିର ଭିତରେ ମିଳାମିଶା ପ୍ରସଙ୍ଗ ଆଲୋଚିତ ହେଉଛି । ଆମ ଶିବିର ଆପୋସ ମିଳାମିଶା ସକାଶେ ସମ୍ପୂର୍ଣ୍ଣ ପ୍ରସ୍ତୁତ; କାହାରି ଜଣକର ମଧ୍ୟ ଭିନ୍ନ ମତ ନାହିଁ । କିନ୍ତୁ ମାନ୍ଦାପନ୍ଥୀମାନଙ୍କ ମିଜାଜ୍ ଅନିର୍ଶ୍ଚିତ ମନେହୁଏ । କେତେକେ ଆପୋସର ପକ୍ଷପାତୀ; ଅନ୍ୟମାନେ ଅନିର୍ଦ୍ଦିଷ୍ଟକାଳ ଯାଏ ଆମ ସହ ବିରୋଧ ପାଇଁ ପ୍ରସ୍ତୁତ । ଆମ ସମ୍ମିଳନୀ ସମ୍ପୂର୍ଣ୍ଣ ସଫଳ ହୋଇଛି । ସମସ୍ତ ଜାତୀୟବାଦୀ ପ୍ରତିନିଧି ଯୋଗ ଦେଇଥିଲେ । ଆମେ ସଭିଏଁ ଏକ ସ୍ୱତନ୍ତ୍ର ଶିବିରରେ ରହିଛୁ ଏବଂ ତାହା ବେଶ୍ ସୁବିଧାଜନକ ହୋଇଛି । ମାନ୍ଦାପନ୍ଥୀମାନେ ପ୍ରାୟ ସମସ୍ତେ ସମ୍ମିଳନୀ ମଞ୍ଚ ପାଖାପାଖି ରହୁଛନ୍ତି – କିନ୍ତୁ ଏକତ୍ର ନୁହେଁ । ତିଳକ ଖୁବ୍ ସ୍ପଷ୍ଟ ଏବଂ ପ୍ରଭାବଶାଳୀ ବକ୍ତୃତା ଦେଲେ । ଅରବିନ୍ଦବାବୁ ସଭାପତିତ୍ୱ କରୁଥା'ନ୍ତି । ଆମ ସମ୍ମିଳନୀ ପରେ ଆମେ ଟେଡ଼୍‌କାଠାରେ ଆହୂତ ସଭାକୁ ଗଲୁଁ । ତାହା ଥିଲା ଏକ ଅଭୂତପୂର୍ବ ବିଶାଳ ଜନସମାବେଶ – ଉପସ୍ଥିତ ଥିଲେ ପ୍ରାୟ ଦଶହଜାର ଲୋକ ।...(୪)

'ଅମୃତବଜାର ପତ୍ରିକା'ରେ ଉପରୋକ୍ତ ସଭାର ବିବରଣୀ ଖୁବ୍ ସୁଦୃଶ୍ୟ ଭାବରେ ପ୍ରକାଶ ପାଇଥିଲା । ସେଥିରେ କୁହାଯାଇଥିଲା :

''ସୁରତ, ଡିସେମ୍ବର ୨୪ : ପ୍ରଥମ ଭାରତୀୟ ଜାତୀୟବାଦୀ ସମ୍ମିଳନୀ ଆଜି ଦିନ ଗୋଟାଏ ବେଳେ ହରିପୁରଠାରେ ଶ୍ରୀଅରବିନ୍ଦ ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନିଜକୁ ଜାତୀୟବାଦୀ ବୋଲି ଘୋଷଣା କରି ଏବଂ ଏକ ଟଙ୍କା ପ୍ରବେଶିକା ଦେଇ ଯେକୌଣସି ବ୍ୟକ୍ତି ତହିଁରେ ଯୋଗ ଦେବାର ଅନୁମତି ପାଉଥିଲେ । ସଭାପତି ତାଙ୍କ ସଂକ୍ଷିପ୍ତ ଭାଷଣରେ କହିଲେ, 'ଆମେ ଜାତୀୟବାଦର ପ୍ରସାର ନିମନ୍ତେ ବ୍ୟକ୍ତିଗତ ପ୍ରୟାସ କରି ଆସୁଥିଲୁଁ । ଲର୍ଡ଼ ମେକଲେଙ୍କ ପ୍ରଥମ ପ୍ରସ୍ତାବ ଦିନଠୁଁ ଗତ ପଚାଶ ବର୍ଷ ଭିତରେ ଯାହା ହୋଇଥିଲା, ଆମେମାନେ ତାହାଠୁଁ ଅଧିକ କରିପାରିଛୁଁ ।' ''

ତିଳକ ତାଙ୍କ ଦୀର୍ଘଭାଷଣରେ ଜାତୀୟବାଦୀ ତଥା ମାନ୍ଦାପନ୍ଥୀମାନଙ୍କର ନୀତିର ସମୀକ୍ଷା କରିସାରି ଘୋଷଣା କଲେ : 'ଆମେ ସରକାର ବିରୋଧରେ ବିଦ୍ରୋହ କରିବାକୁ ଚାହୁଁନା । କିନ୍ତୁ ଆମ ଲକ୍ଷ୍ୟ ସାଧନ ଦିଗରେ ଆମର ସାହସ ରହିଛି । ସେପାଇଁ ଆମେ କ୍ଳେଶ ଭୋଗ କରିବାକୁ ପ୍ରସ୍ତୁତ । ଆମେ କଂଗ୍ରେସରେ ଗଣତନ୍ତ୍ର ଚାହୁଁ । କଂଗ୍ରେସର କାର୍ଯ୍ୟକଳାପ ଜଣେ ଏକଚ୍ଛତ୍ରବାଦୀର ଦପ୍ତରରେ ହୋଇପାରିବ ନାହିଁ ।'(୫)

ରଚନାର ଧାରାବାହିକତାରୁ ବିଚ୍ୟୁତ ହୋଇ ଅନ୍ୟ ଏକ ପ୍ରସଙ୍ଗ ଉପରେ କିଞ୍ଚିତ୍ ମନ୍ତବ୍ୟ ଅସମୀଚୀନ ନ ହୋଇପାରେ : ଅନେକଙ୍କ ମନରେ ଗୋଟାଏ ଭୁଲ୍ ଧାରଣା ଥିଲା । ରବୀନ୍ଦ୍ରନାଥଙ୍କ 'ବିଶ୍ୱଭାରତୀ'ର ଅଧକ୍ଷ ଥିବା ଶ୍ରୀ ପ୍ରମୋଦ ରଞ୍ଜନ ଘୋଷଙ୍କ ନିମ୍ନଲିଖିତ କଥା କେତୋଟି ପଢ଼ିଲେ ବୁଝିହେବ ଧାରଣାଟି ଥିଲା ବେଶ୍ ବଦ୍ଧମୂଳ :

''୨୪ ଡିସେମ୍ବର ସମ୍ମିଳନୀର ସଭାପତି ରୂପେ ଶ୍ରୀଅରବିନ୍ଦ ମାନ୍ଦାପନ୍ଥୀ ନେତାମାନଙ୍କୁ ପତ୍ର ଦ୍ୱାରା ଜଣାଇ ଦେଲେ କି କଂଗ୍ରେସର କଲିକତା ଅଧିବେଶନରେ ଗୃହୀତ ପ୍ରସ୍ତାବ ଚାରିଗୋଟିକୁ ଯଦି ବାଦ୍ ଦିଆଯାଏ କିଂବା ସେଥିରେ କିଛି ପରିବର୍ତ୍ତନ କରାଯାଏ, ତେବେ ଜାତୀୟବାଦୀମାନେ ପ୍ରଥମରୁହିଁ ପ୍ରତିବାଦ କରିବେ, ସଭାପତିଙ୍କ ନାମ ପ୍ରସ୍ତାବ ହେବା ମାତ୍ରକେ । ଶ୍ରୀଅରବିନ୍ଦଙ୍କୁ ଜଣାଇ ଦିଆଗଲା ଯେ ବିଷୟସୂଚୀରେ ସେ ଚାରିଗୋଟିଯାକ ପ୍ରସ୍ତାବ ଅନ୍ତର୍ଭୁକ୍ତ ହୋଇଛି । ଏ ଉତ୍ତର ଦେଇଥିଲେ ମୋହନଦାସ କରମଚାନ୍ଦ ଗାନ୍ଧି । ସେତେବେଳେ ସେ ଭାରତରେ ଅନେକଙ୍କ ପାଖରେ ଅଜଣା ଥିଲେ । ଦକ୍ଷିଣ ଭାରତରେ ଭାରତୀୟମାନଙ୍କ ଆନ୍ଦୋଳନ ସପକ୍ଷରେ କଂଗ୍ରେସ ଓ ତା'ର ନେତାମାନଙ୍କ ସମର୍ଥନ ସଂଗ୍ରହ କରିବା ନିମନ୍ତେ ସେ ଭାରତବର୍ଷ ଆସିଥିଲେ । ସେ ସୁରତ କଂଗ୍ରେସରେ ଉପସ୍ଥିତ ଥିଲେ । ସେ ଅଧିବେଶନର ଆୟୋଜକମାନଙ୍କୁ ଅନୁରୋଧ କଲେ କି ସେହି ଅନୁଷ୍ଠାନରେ କିଛି ସହାୟତା କରିବାର ସୁଯୋଗ ତାଙ୍କୁ ଦିଆଯାଉ । ତାଙ୍କୁ କଂଗ୍ରେସ ସେକ୍ରେଟାରିଙ୍କ ସହକାରୀ ରୂପେ କାମ କରିବାର ଦାୟିତ୍ୱ ଦିଆଯାଇଥିଲା । ସେଥିପାଇଁ ସେ ଶ୍ରୀଅରବିନ୍ଦଙ୍କ ନିକଟକୁ ଏ ଉତ୍ତର ଲେଖିଲେ । ମନେହୁଏ ଜାତୀୟବାଦୀମାନେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କଠାରୁ ଉତ୍ତର ପାଇ ନିଶ୍ଚିତ ହୋଇପାରିଲେ ନାହିଁ । ୨୫ ତାରିଖ ଦିନ ଏକ ସଭାରେ ତିଳକ ଘୋଷଣା କଲେ ଯେ ଯଦି ମାନ୍ଦାପନ୍ଥୀମାନେ ସେ ପ୍ରସ୍ତାବ ଚାରିଗୋଟିକୁ ବିଷୟସୂଚୀର ଅନ୍ତର୍ଭୁକ୍ତ କରିଥିବେ, ତେବେ ଜାତୀୟବାଦୀମାନେ ସଭାପତି ରୂପେ ରାସବିହାରୀ ଘୋଷଙ୍କ ନିର୍ବାଚନରେ କୌଣସି ଆପତ୍ତି କରିବେ ନାହିଁ ।''[୬]

କିନ୍ତୁ ଗାନ୍ଧିଜି ସେତେବେଳେ ଦକ୍ଷିଣ ଆଫ୍ରିକାରେହିଁ ଥିଲେ । ସ୍ଥାନୀୟ କଂଗ୍ରେସ ସଂଗଠନର ଜଣେ ସମ୍ପାଦକ ଚୁନିଲାଲ୍ ମାନେକ୍‌ଲାଲ୍ ଗାନ୍ଧି ସେ ଅଧିବେଶନର ବ୍ୟବସ୍ଥାପନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତାଙ୍କରି ନାମହିଁ ଏଭଳି ବିଭ୍ରାନ୍ତିର ହେତୁ ହୋଇପାରେ ।

ଜାତୀୟବାଦୀ ପ୍ରତିନିଧିବର୍ଗ ଶୃଙ୍ଖଳାବଦ୍ଧ ଭାବରେ ଆଚରଣ କରୁଥିଲେ । ସେମାନଙ୍କ ନେତୃବର୍ଗ ନିଜ ନିଜ ଆଦର୍ଶ ଉପରେ ଦୃଢ଼ ରହିଥା'ନ୍ତି । ମାନ୍ଦାପନ୍ଥୀମାନଙ୍କ ହାତରେ ଜାତୀୟ ଆନ୍ଦୋଳନର ଭାଗ୍ୟ ଛାଡ଼ି ଦେଲେ ଆଦର୍ଶରେ ଅଗ୍ରଗତି ସମ୍ଭବ ହେବା ତ ଦୂରର କଥା, ବିଦେଶୀ ସରକାରର ଦୟା ଉପରେ ସବୁ ଛାଡ଼ିଦେଇ ବର୍ଷ ପରେ ବର୍ଷ ଏକାପ୍ରକାର ପ୍ରସ୍ତାବ ଦୋହରାଇ ଚାଲିବାହିଁ ଅଧିବେଶନସବୁର ଏକମାତ୍ର ଆଭିମୁଖ୍ୟ ହେବ ।

ସେମାନଙ୍କର ଏ ଧାରଣା ଯେ ଭୁଲ୍ ନୁହେଁ, ତାହା ସଭାପତି ମହୋଦୟଙ୍କ ଅଭିଭାଷଣରୁ କିଞ୍ଚିତ୍ ପାଠ କଲେହିଁ ଜଣାପଡ଼ିବ । ଅବଶ୍ୟ ସେ ତାଙ୍କ ଅଭିଭାଷଣ ପୂରା ପାଠ କରିବା ସମ୍ଭବ ହୋଇ ନଥିଲା । ଜାତୀୟବାଦୀମାନଙ୍କ ଗୋଷ୍ଠୀକୁ ଉଦ୍ଦେଶ୍ୟ କରି ସେ କହିଥିଲେ :

''ଭାରତରେ ଏକ ନୂତନ ଦଳର ଅଭ୍ୟୁଦୟ ସମସ୍ତ ଶାସନ ସଂସ୍କାର କର୍ମରେ ବାଧାର କାରଣ ରୂପେ ଦର୍ଶାଯାଇଛି । ମୁଁ ଏକଥା କହିବାକୁ ବାଧ୍ୟ ଯେ ଏ ଦଳ ଆପାତତଃ ମୋଟେ ବିପଜ୍ଜନକ ନୁହେଁ । ସଚେତନ ବ୍ୟକ୍ତି ମାତ୍ରେ ଏ ଦଳର କର୍ମ ପଦ୍ଧତିର ବିରୋଧ କରନ୍ତି । ଯଦି ସରକାର ମାନ୍ଦାପନ୍ଥୀମାନଙ୍କୁ ନିଜ ସପକ୍ଷରେ ରଖନ୍ତେ, ଧୀରେ ଧୀରେ ଦେଶକୁ ସ୍ୱାୟତ୍ତ ଶାସନ ପାଇଁ ପ୍ରସ୍ତୁତ କରନ୍ତେ – ଇଂଲଣ୍ଡର ଚୂଡ଼ାନ୍ତ କର୍ତ୍ତୃତ୍ୱର ନିୟନ୍ତ୍ରଣରେ ରଖି, ତେବେ ସରକାର ଏ ନୂଆଦଳକୁ ସଂପୂର୍ଣ୍ଣ ବିଲୁପ୍ତ କରିଦେଇ ପାରନ୍ତେ । ଦେଶର ଭବିଷ୍ୟତ୍ ଉପରେ ଯେଉଁ ଦୁର୍ଯୋଗର ଛାୟା ଦେଖାଦେଇଛି, ତାହା ଅଦୃଶ୍ୟ ହୋଇ ଯାଆନ୍ତା ।[୭]

(କ୍ରମଶଃ)

❑❑❑

---

## ତଥ୍ୟ ନିର୍ଦ୍ଦେଶିକା


୧. ବାରୀନ୍ଦ୍ର କୁମାର ଘୋଷ : "Sri Aurobindo as I understood Him"; ଶ୍ରୀଅରବିନ୍ଦ ଆଶ୍ରମ ସଂଗ୍ରହାଳୟ, ପଣ୍ଡିଚେରୀ ।

୨. Terrorism in Bengal, Vol. 1; ସଂକଳନ ଓ ସଂପାଦନା : ଅମିୟ କୁମାର ସାମନ୍ତ, Director, Intelligence, Govt. of West Bengal.

୩. ପରମାନନ୍ଦ ଦତ୍ତ : Memories of Motilal Ghose; ଅମୃତ ବଜାର ପତ୍ରିକା କାର୍ଯ୍ୟାଳୟ, କଲିକତା ।

୪. Diary of G. S. Khaparde; ଶ୍ରୀଅରବିନ୍ଦ ଆଶ୍ରମ ସଂଗ୍ରହାଳୟ; ୫. ଅମୃତ ବଜାର ପତ୍ରିକା; ୨୫ ଡିସେମ୍ବର ୧୯୦୭।
୬. ପ୍ରମୋଦ ରଂଜନ ଘୋଷ : ଶ୍ରୀଅରବିନ୍ଦେର ଜୀବନ କଥା ଓ ଜୀବନ ଦର୍ଶନ (ବଂଗଳା); ଓରିଏଣ୍ଟ ବୁକ୍ କୋ: କଲିକତା।
୭. Congress Presidential Addresses; 1885-1910; G. A. Natesan & Co., ଚେନ୍ନାଇ। ❑

# ସ୍ପର୍ଶ

## ହୃଷୀକେଶ ପଣ୍ଡା



ପୃଥିବୀର ପ୍ରତ୍ୟେକଟି ପଥ
ପ୍ରସାରିତ କେବଳ ତୁମରି ପର୍ଯ୍ୟନ୍ତ
ହେଉ ସିଏ ଅଙ୍କାବଙ୍କା ଅବା ବେଦନାକ୍ତ
ମୂକ କିଂବା ମଉନ ଭାଷାରେ
ଲେଖା ଥାଏ ତାହାର ଦୂରତ୍ୱ ।
ସମୟ ବି ବସିଥାଏ ସେ ପଥକୁ ଚାହିଁ
ବେନାମୀ ବାଟୋଇ ପକ୍ଷୀ
ଡେଣା ଝାଡ଼ି ଉଡ଼ିଗଲା ବେଳେ
ସନ୍ଦେଶ ତୁମର ଦିଏ ଗୋପନେ ଶୁଣାଇ ।

ଦୂବରେ, ଘାସରେ ଅବା ଫୁଲ ପାଖୁଡ଼ାରେ
ପଡ଼ିଥାଏ ପାଦଚିହ୍ନ ତୁମ
ଅସ୍ତଗାମୀ ସୂର୍ଯ୍ୟ କିରଣରେ
ଆଖି ସିନା ପାରେନି ପରଖି
ନିର୍ଜନ ମନ୍ଦିର ବେଢ଼ା ଆକାଶ ଦୀପଟି
ସେ ଚିହ୍ନକୁ ଅପଲକେ ରହିଥାଏ ଚାହିଁ ।
ତୁମେ ଥାଅ ନିର୍ବିକାର, ନୀରବ, ନିଶ୍ଚଳ
ମନ ତୁମ ପଦ୍ମପତ୍ରେ ସଦା ଢଳ ଢଳ
ତୁମ ପାଇଁ ଅବାନ୍ତର
ଅୟୁତ ଅତନ୍ଦ୍ର ରାତି
ଲୁହ ଭିଜା ଅସଂଖ୍ୟ ସକାଳ ।

ଯେବେ କାଳ କଡ଼ ଲେଉଟାଏ
ତୁମେ ପୁଣି ପଡ଼ିଯାଅ
ବାଟୋଇର ଏକାନ୍ତ ପ୍ରେମରେ
ପାଷାଣ ପାଲଟିଯାଏ ଅହଲ୍ୟା
ଉଇହୁଙ୍କା ଦସ୍ୟୁରୁ ବାଲ୍ମିକି
ତୁମ ସ୍ପର୍ଶ, ତୁମ ଇଙ୍ଗିତରେ । ❑

ଯୋଗସମନ୍ୱୟ (୭୦)

# ଦିବ୍ୟଶକ୍ତି

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଷୋଡ଼ଶ ଅଧ୍ୟାୟ ''ଦିବ୍ୟଶକ୍ତି'' (**The Synthesis of Yoga, Part - IV, The Yoga of Self-Perfection, Chapter - XVI "The Divine Shakti"**ର ଅବଲମ୍ବନରେ ।]

**ପୂର୍ଣ୍ଣଚନ୍ଦ୍ର ମହାପାତ୍ର**

ଶ୍ରୀଚଣ୍ଡୀ କହିଲେ ମା' ସ୍ୱୟଂ ସର୍ବଭୂତରେ ଶକ୍ତି ରୂପରେ ରହିଛନ୍ତି ଯଥା – ''ଯା ଦେବୀ ସର୍ବଭୂତେଷୁ ଶକ୍ତି-ରୂପେଣ ସଂସ୍ଥିତା'' । ତନ୍ତ୍ର କହିଲେ ଏ ଜଗତ୍ ଶିବ-ଶକ୍ତିମୟ ''ଶିବଶକ୍ତିମୟୋ ଲୋକଃ'' । ଦେବୀ ଭାଗବତରେ କୁହାଯାଇଛି –

ଶକ୍ତି ହେଲା ଐଶ୍ୱର୍ଯ୍ୟ, ପରାକ୍ରମ । 'ଶ' ହେଲା ଐଶ୍ୱର୍ଯ୍ୟ, 'କ୍ତି' ହେଲା ପରାକ୍ରମ । ଶକ୍ତି ଶିବଙ୍କର ଅନ୍ୟ ଏକ ରୂପ, ତାଙ୍କ ବିଭୂତି । ଯେତେବେଳେ ଶକ୍ତି ଆତ୍ମସ୍ଥ, ଏକାଗ୍ର, ସୁସ୍ଥିର, ନିଷ୍କ୍ରିୟ, ସେତେବେଳେ ସେ ଦ୍ରଷ୍ଟା ଭୂମିକାରେ ଥା'ନ୍ତି – ସେ ସ୍ୱୟଂ ଶିବଙ୍କର ପ୍ରକଟ ରୂପ । ଯେତେବେଳେ ଶିବ ସ୍ୱୟଂ କ୍ରିୟା ରୂପରେ ପ୍ରକଟିତ, ସର୍ବରୂପ, ସର୍ବପ୍ରକାଶ ହୋଇଯାଆନ୍ତି, ସେତେବେଳେ ସେ ପ୍ରକୃତି, ସେ ଶକ୍ତି । ଶକ୍ତି ଓ ଶିବ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସକ୍ରିୟ ରୂପରେ ସେ ଶକ୍ତି, ନିଷ୍କ୍ରିୟ ରୂପରେ ଶିବ । ଏଣୁ ପରମା ଜନନୀ ଶ୍ରୀଚଣ୍ଡୀରେ କହୁଛନ୍ତି, ''ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା କା ମମାପରା'' । ମା' କହୁଛନ୍ତି ସେ ଏକମାତ୍ର ଜଗତରେ ବିଦ୍ୟମାନ, ତାଙ୍କ ବ୍ୟତୀତ ଦ୍ୱିତୀୟ କେହି ନାହାନ୍ତି । ସେ ସ୍ୱୟଂ ଜଗତ୍ ଓ ଜଗଦୀଶ୍ୱରୀ ।

ବ୍ରହ୍ମବାଦୀ ଶଙ୍କର ଶକ୍ତିକୁ ମାୟା କହୁଥିଲେ । ତାଙ୍କ ପାଇଁ ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା । ଶକ୍ତିଙ୍କ ପ୍ରତି ତାଙ୍କର ଏପରି ହୀନ ଚିନ୍ତାକୁ ପରିବର୍ତ୍ତନ କରିବାକୁ ମା' ଏକ ଲୀଳା ରଚନା କଲେ । ଗଙ୍ଗା କୂଳରେ ଶଙ୍କର ହଠାତ୍ ଅସୁସ୍ଥ ହୋଇ ଶକ୍ତି ହରାଇ ବସିଲେ । ସେ ଗଙ୍ଗା କୂଳରେ ଶୋଇ ରହିଲେ, ତାଙ୍କୁ ଖୁବ୍ ଶୋଷ ହେଲା । ହେଲେ ନଦୀ ନିକଟକୁ ଯାଇ ପାଣି ପିଇବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । ଏତିକିବେଳେ ଜଣେ ଅନିନ୍ଦ୍ୟ ସୁନ୍ଦରୀ ତରୁଣୀ ନଦୀରୁ ଗୋଟିଏ ସ୍ୱର୍ଣ୍ଣ କୁମ୍ଭରେ ଜଳ ନେଇ ସେଇ ବାଟ ଦେଇ ଯାଉଥିଲେ । ଶଙ୍କର ତାଙ୍କୁ କହିଲେ ''ମା', ମୋତେ ବହୁତ ତୃଷ୍ଣା, ମୁନ୍ଦାଏ ଜଳ ମିଳିବ ?'' କନ୍ୟାଟି କହିଲେ, ''ନଈ କୂଳରେ ରହି ପାଣି ମୋତେ ମାଗୁଛ ? ନିଜେ ଯାଇ ପିଇ ଆସ । ଶଙ୍କର କହିଲେ ''ମା', ମୋର ଶକ୍ତି ପାଉନି, ତରୁଣୀଟି କହିଲେ, ''ହେ ଯୁବକ ! ସବୁ ତ ଶିବ, ଶକ୍ତି ପୁଣି କ'ଣ ?'' ଶଙ୍କରାଚାର୍ଯ୍ୟ ସଚେତ ହୋଇଗଲେ । ସେ ବୁଝିଗଲେ ଶକ୍ତି ବିନା ଶିବ ଶବତୁଲ୍ୟ । ସେ କହିଲେ ''ମା' ! ମୁଁ ବୁଝୁଛି ଆପଣ ସ୍ୱୟଂ ଶକ୍ତି । ମୋର ଭୁଲ୍ ମୁଁ ବୁଝିଗଲି । ମୋର ପ୍ରଣାମ ସ୍ୱୀକାର କରନ୍ତୁ ।'' ଶଙ୍କରାଚାର୍ଯ୍ୟ ପରବର୍ତ୍ତୀ କାଳରେ 'ଆନନ୍ଦ ଲହରୀ'ରେ ମାତୃ ସ୍ତୁତିମାନ ଚମତ୍କାର ଭାବରେ ଲେଖିଲେ । ଲେଖିଲେ ଶକ୍ତି ବିନା ଶିବ ଜଡ଼ ତୁଲ୍ୟ, ଶବ ।

କେବଳ ଶଙ୍କରାଚାର୍ଯ୍ୟ କ'ଣ, ସୃଷ୍ଟିର ସମସ୍ତେ ଶକ୍ତି ବିନା ସ୍ପନ୍ଦନହୀନ, ଅଚଳ । ଗ୍ରହ, ନକ୍ଷତ୍ରମାନେ ଶକ୍ତିର ସାହାଯ୍ୟରେ ଯୁଗ ଯୁଗ ଧରି ଚାଲୁଛନ୍ତି । ସାଧାରଣ ନିତ୍ୟ-ନୈମିତ୍ତିକ ଜୀବନରେ ହେଉ, ଆତ୍ମୋପଲବ୍ଧି ପାଇଁ ସାଧନା ହେଉ, ବିନା ଶକ୍ତିରେ ଏସବୁ ସମ୍ଭବ ନୁହେଁ । ଏଣୁ ଉପନିଷଦ୍ କହନ୍ତି, ''ନାୟମାତ୍ମା ବଳହୀନେନ ଲଭ୍ୟଃ'' । ଏକହିଁ ଶକ୍ତି, ଦିବ୍ୟଜଗତରେ ସେ ପରା ବା ଜ୍ଞାନ-ଶକ୍ତି, ଯେ ପରମାଶକ୍ତି ବିଦ୍ୟା, ସେ ଅମୃତ ବର୍ଷିଣୀ, ମୁକ୍ତି ଦାୟିନୀ ''ସା ବିଦ୍ୟା ଯା ବିମୁକ୍ତୟେ'' ବିଦ୍ୟା ଶକ୍ତି, ମୁକ୍ତି ଦାୟିନୀ । ପୁନଃ ''ଅମୃତଂ ତୁ ବିଦ୍ୟା'' – ''ପରମା ଶକ୍ତିର୍ବିଦ୍ୟା'' । ଶରୀର, ମନ, ପ୍ରାଣ ବା ଅଜ୍ଞାନ ଭୂମିର ଅନ୍ନ, ପ୍ରାଣ, ମନ ଜଗତରେ ଏକହିଁ ଶକ୍ତି – ଅଜ୍ଞାନ ବା ଅପରାଶକ୍ତି । ପ୍ରକୃତରେ ଶକ୍ତି ଏକ । ବୈଜ୍ଞାନିକ ଈଶ୍ୱର ବିଶ୍ୱାସୀ ନହୋଇପାରେ, ମାତ୍ର ସେ ଶକ୍ତିରେ ବିଶ୍ୱାସ କରେ । କିନ୍ତୁ ଶକ୍ତି ତାଙ୍କ ପାଇଁ ଆଜି ଯାଏ ଜଡ଼ ବା ଅଜ୍ଞାନ ଶକ୍ତି ଥିଲା । ଏ ଚିନ୍ତାଧାରାରେ ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ପରୀକ୍ଷା ଦ୍ୱାରା ଜଣାଯାଇଛି ପ୍ରତ୍ୟେକ କୋଷ ସଚେତ ।

ସାଧାରଣ ମଣିଷ ଭିତରେ ଯେ ସକଳ କ୍ରିୟା ସାଧନ କରନ୍ତି ସେହି ଶକ୍ତିକୁ ଆମେ ପ୍ରକୃତି କହୁ । ସେ ଅଜ୍ଞାନ ମଧ୍ୟରେ ମଣିଷର ପ୍ରବୃତ୍ତି ରୂପେ କ୍ରିୟାଶୀଳା । ମାତ୍ର ଯିଏ ଈଶ୍ୱର ସାଧକ

ତା' ମଧ୍ୟରେ ଯେଉଁ ଶକ୍ତି କାର୍ଯ୍ୟ କରନ୍ତି ସେ ଅଜ୍ଞାନ ଶକ୍ତି ନୁହେଁ ଜ୍ଞାନର ଶକ୍ତି, ଆତ୍ମାର ସଂକଳ୍ପ ଶକ୍ତି; ସେ ଆତ୍ମ-ଚୈତନ୍ୟ-ଶକ୍ତି । ଏହା ଆତ୍ମାର ପ୍ରକାଶିକା ରୂପ ।

The Synthesis of Yogaର ଭାଷାରେ : "In the spiritual truth of our being the power which we call Nature is the power of being, consciousness and will and therefore the power of self-expression and self-creation of the self, soul or Purusha. But to our ordinary mind in the ignorance and to its experience of things the force of Prakriti has a different appearance." (page. 752)

ଆତ୍ମାର ଶକ୍ତି ଏବଂ ପ୍ରକୃତି ମଧ୍ୟରେ ସକ୍ରିୟ ଶକ୍ତି ବାହ୍ୟତଃ ଭିନ୍ନ ହେଲେ ମଧ୍ୟ ଶକ୍ତି ଗୋଟିଏ, ଦୁଇଟି ନୁହନ୍ତି । ଶକ୍ତି ପୁରୁଷର, ଆତ୍ମାର ବା ଈଶ୍ୱରଙ୍କର ମାତ୍ର ଏହା ଅଜ୍ଞାନ ମଧ୍ୟରେ, ଅଶୁଦ୍ଧ ଶରୀର, ମନ, ପ୍ରାଣ, ହୃଦୟାଦି ଯନ୍ତ୍ରାବଳୀ ମଧ୍ୟରେ କ୍ରିୟା କରୁଥିବା ବେଳେ ତା'ର ନାମ ଅପରା ପ୍ରକୃତି । ଚେତନାର ସର୍ବୋଚ୍ଚ ଭୂମିରେ ଯେ କ୍ରିୟାଶୀଳା; ସେ ଐଶ୍ୱରୀୟ ଶକ୍ତି, ପରାଶକ୍ତି ବା ପରାପ୍ରକୃତି । ଗୀତା ଅପରାପ୍ରକୃତି ସମ୍ପର୍କରେ କହନ୍ତି – ''ଭୂମିରାପୋଽନଲୋ ବାୟୁଃ ଖ ମନୋବୁଦ୍ଧିରେବ ଚ ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ।''

''ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି, ଅହଂକାର – ମୋର (ଈଶ୍ୱରଙ୍କର) ଆଠଟି ପ୍ରକୃତି । ଏହା ଅପରା ପ୍ରକୃତି । ଏହା ଅଜ୍ଞାନମୟ । କିନ୍ତୁ ପରାଶକ୍ତି – ସର୍ବଚୈତନ୍ୟରୂପା । ''ମାୟାଂ ତୁ ପ୍ରକୃତିଂ ବିଦ୍ୟାନ୍ମାୟିନଂ ତୁ ମହେଶ୍ୱରମ୍ (ଶ୍ୱେତାଶ୍ୱତ ଉପନିଷଦ୍) ମାୟା ହେଲା ପ୍ରକୃତି । ମାୟାବିତ୍ ହେଲେ ମହେଶ୍ୱର ।

ଶକ୍ତି କେବଳ ଜୀବନ୍ତ ପ୍ରାଣୀ, ଉଦ୍ଭିଦ ଓ ବ୍ୟକ୍ତିମାନଙ୍କ ମଧ୍ୟରେ ଅନୁଭୂତ ହେଉଥିବା ଭଳି କ୍ରିୟାଶୀଳା ନୁହେଁ । ଏହା ବୋଧହୁଏ ଏକ ଅଚେତନ ଶକ୍ତି । ସେ ବିଶ୍ୱ ମଧ୍ୟରେ ବି କ୍ରିୟା କରନ୍ତି । ଆମେ ସେତେବେଳେ ତାକୁ କହୁ ବିଶ୍ୱଶକ୍ତି (Universal force) । ଏହା ଆମକୁ ଏକ ଅଜ୍ଞାନ ଶକ୍ତି ବୋଲି ବୋଧ ହୁଏ, କାରଣ ଏହା ଯନ୍ତ୍ରବତ୍ କାର୍ଯ୍ୟ କରେ । ଚେତନାର ଗଭୀରକୁ ଗଲେ ବାହ୍ୟ ରୂପରେ ସେ ବିଶ୍ୱଶକ୍ତି । ମାତ୍ର ଏହି ଶକ୍ତି ପଶ୍ଚାତରେ ଅଛନ୍ତି ଶକ୍ତିମାନ୍ । ଈଶ୍ୱର ଚେତନାର ଗଭୀରକୁ ଗଲେ ବା ଅନ୍ତର୍ମୁଖ ହେଲେ ଏହା ଜାଣି ହେବ ।

ଆମେ ଯାହାକୁ 'ମୁଁ' କହୁ, ତା' ଶକ୍ତି ମଧ୍ୟରେ ବୁଡ଼ିଯାଇ ବା ହଜି ଯାଇପାରେ, ମାତ୍ର ନିଜକୁ ସମ୍ପୂର୍ଣ୍ଣ ହରାଇ ନଥାଏ । ସେ ପ୍ରକୃତିରୁ ଭିନ୍ନ । ତା'ର ଏକ ଦ୍ରଷ୍ଟା ରୂପ ଅଛି, ଅଛି ଏକ ଅନୁମନ୍ତାର ରୂପ । ଆମ ଭିତରେ ଶକ୍ତି କେଉଁଠି ଦୈହିକ-ଶକ୍ତି (Physical energy), କେତେବେଳେ ସେ ପ୍ରାଣ-ଶକ୍ତି (Life-force), ଅନ୍ୟତ୍ର ସେ ହୋଇପାରେ ମନଃ-ଶକ୍ତି (Mental energy) । ସେ ଆତ୍ମା ନୁହେଁ; ଏଣୁ ଆତ୍ମା ଓ ପ୍ରକୃତିର ଦ୍ୱୈତତା ବୋଧକୁ ଅନୁଭବ କରି ହୁଏ ।

ଗୀତାରେ ସାଂଖ୍ୟ ଦର୍ଶନ ସମ୍ପର୍କରେ ଆଲୋଚନା ହୋଇଛି । ମହର୍ଷି କପିଳ ସାଂଖ୍ୟର ପ୍ରବକ୍ତା । ତାଙ୍କ ମନ୍ତବ୍ୟ ଅନୁସାରେ ପୁରୁଷ ଓ ପ୍ରକୃତି ବିଶ୍ୱର ଦୁଇଟି ଅନାଦି ତତ୍ତ୍ୱ । ସାଂଖ୍ୟ ମତରେ ଜଗତରେ ଚାରି ପ୍ରକାର ପଦାର୍ଥ ଅଛି । ୧. ପ୍ରକୃତି, ୨. ବିକୃତି, ୩. ପ୍ରକୃତି-ବିକୃତି, ୪. ପ୍ରକୃତି-ବିକୃତିରୁ ଭିନ୍ନ । ପ୍ରକୃତିର ତିନୋଟି ଗୁଣର କଥା ସାଂଖ୍ୟ କହେ । ତାହା ସତ୍ତ୍ୱ, ରଜଃ ଓ ତମଃ । ପୁରୁଷ ସ୍ଥିତିଶୀଳ, ତା'ର ଗତି ନାହିଁ । କିନ୍ତୁ ପ୍ରକୃତିର ଉପସ୍ଥିତି ହେତୁ ସେ ଗତିଶୀଳ ବୋଲି ବୋଧହୁଏ । କାରଣ ସେ ପ୍ରକୃତିର କ୍ରିୟାବଳୀକୁ ନିଜ ମଧ୍ୟରେ ପ୍ରତିବିମ୍ବିତ କରେ । ପ୍ରକୃତିରେ ମଧ୍ୟ ପୁରୁଷ ପ୍ରତିଫଳିତ ହୁଏ । ଉଭୟଙ୍କର ଏକ ପାରସ୍ପରିକ ଲୀଳା ଖେଳା ଚାଲେ । ଏହା ହେଲା ପ୍ରକୃତି ଓ ପୁରୁଷ ସମ୍ପର୍କରେ ଗୋଟିଏ ପ୍ରକାର ବିଚାରଧାରା ।

ଆଉ ଗୋଟିଏ ମତ ବି ଅଛି । ସାଧାରଣ ଚିନ୍ତାଶୀଳ ମନର ଉର୍ଦ୍ଧ୍ୱକୁ ଯାଇପାରିଲେ ଦେଖିବା ଚେତନାର ଏକ ଉଚ୍ଚତର ଭୂମି ଅଛି, ଆଉ ଅଛି ଏକ ନିମ୍ନତର ଭୂମି । ନିମ୍ନତର ଭୂମିରେ ଆମେ ନିମ୍ନ ପ୍ରକୃତିରେ ବାସ କରୁଛୁ, ଉଚ୍ଚତର ଆତ୍ମ-ଭୂମି ଏଥିରୁ ମୁକ୍ତ । ଆମେ ଆମର ଦୁଇଟି ସ୍ଥିତି ସମ୍ପର୍କରେ ସଚେତ ହୋଇପାରିବା ଯୋଗ ବଳରେ ।

ଦ୍ୱୈତ ସ୍ଥିତି ଦୃଷ୍ଟିରୁ ହେଉ ବା ସାଂଖ୍ୟ ଦୃଷ୍ଟିରୁ ହେଉ, ଯୋଗର ଆତ୍ମନିରୀକ୍ଷଣ ମାର୍ଗରେ ଗତି କଲେ ଦେଖାଦିଏ ଏପରି ଦ୍ୱୈତତା ଓ ଆପେକ୍ଷିକତା । ଏହା ମୌଳିକ ସତ୍ୟ ନୁହେଁ । ଏପରି ଦ୍ୱୈତାନୁଭୂତି ଆମ ଉଚ୍ଚତର ଚେତନାର ଅନୁଭୂତି ଫଳରେ ଘଟିଥାଏ । ସେତେବେଳେ ତାହା ଆମର ଆଧ୍ୟାତ୍ମିକ ଅନୁଭୂତି ଘଟିଥିବାରୁ ଏପରି ବୋଧହୁଏ । ଯୋଗ ପଥରେ ଅଗ୍ରସର ହୋଇପାରିଲେ ଏଠାରେ ଯେଉଁ ଶକ୍ତିର କ୍ରିୟା ଚାଲିଛି

ତାହା ଆତ୍ମାର ଶକ୍ତି ବୋଲି ବୋଧହୁଏ । ଯିଏ ପୁରୁଷୋତ୍ତମ, ଏହା ତାଙ୍କରି ଶକ୍ତି – ସେହି ପୁରୁଷୋତ୍ତମ ସମସ୍ତ ବିଶ୍ୱପ୍ରକୃତିରେ ସଙ୍ଗଠିତ ହେଉଥିବା କ୍ରିୟାର ପ୍ରଭୁ ଓ ତା'ର ଦ୍ରଷ୍ଟା ମଧ୍ୟ । ଏଣୁ ଏହା ଆତ୍ମାର ଚରିତ୍ରର ଅନୁଧାବନ କରେ । ଏହା ଅଚେତନ ନୁହେଁ ସଚେତନ, ତାଙ୍କର ସଂକଳ୍ପାନୁସାରେ ଏଠି କ୍ରିୟା ଚାଲେ । ଯାନ୍ତ୍ରିକ ପ୍ରକୃତି (Mechanical Nature) ଏହାର ସ୍ଥୂଳ ଓ ବାହ୍ୟ ରୂପ । ବହିର୍ମୁଖୀ ବ୍ୟକ୍ତି ଏହି ରୂପ ପ୍ରତ୍ୟକ୍ଷ କରେ । ମାତ୍ର ଯିଏ ଯୋଗୀ, ଯିଏ ଅନ୍ତର୍ମୁଖ, ସେ ଅନ୍ତରରେ ଅନୁଭବ କରେ ଚେତନାର ଅବସ୍ଥିତିକୁ । ସେ ନିଜେ କ'ଣ ତାହା ସେ ନିଜେ ଜାଣେ (self-aware) ଏବଂ ତା'ଠାରୁ ପରିଚାଳନାର ନିର୍ଦ୍ଦେଶ ଗ୍ରହଣ କରେ । ଏବେ ବିଜ୍ଞାନ ଏକଥାକୁ ସ୍ୱୀକାର କଲାଣି । ଯଦି ଆମ ସତ୍ତା ଏ ବିଷୟରେ ସର୍ବଦା ସଚେତନ ନୁହେଁ, ତେବେ ତା'ର କାରଣ ଏହା ଅହଂର ସୀମାରେ ବାନ୍ଧି ହୋଇ ସୀମିତ ହୋଇଯାଇଛି । ଆମେ ଅଧିକାଂଶ ସାଧାରଣ ବ୍ୟକ୍ତି ଅହଂକାରର କାରାଗୃହରେ ନିକ୍ଷିପ୍ତ । ଏଣୁ ଅନ୍ୟାନ୍ୟଙ୍କଠାରୁ ଏବଂ ଆମର ମୂଳସତ୍ତା ଈଶ୍ୱର ବା ଆତ୍ମସତ୍ତାଠାରୁ ବିଚ୍ଛିନ୍ନ ହୋଇ ପଡ଼ିଛୁ । ଆତ୍ମଶକ୍ତି ଓ ତା'ର କ୍ରିୟାର ଯଥାର୍ଥ ଚରିତ୍ର ଅନୁଭବ କରିବାକୁ ଆମେ ଅସମର୍ଥ । ଯେବେ ଏହାର ସୀମାକୁ ଅତିକ୍ରମ କରି ଈଶ୍ୱରଙ୍କ ବିଶ୍ୱ ସଂକଳ୍ପ ସହ ନିଜକୁ ଏକ କରିପାରିବା ତେବେ ଆମେ ଅନୁଭବ କରିବା ଓ ଜାଣିପାରିବା ଆମ ମଧ୍ୟରେ ବା ବିଶ୍ୱ ମଧ୍ୟରେ ଯେଉଁ ଶକ୍ତି କ୍ରିୟା କରୁଛି ତାହା ବିଶ୍ୱଶକ୍ତି, ଯାହା ଐଶ୍ୱରୀୟ ଶକ୍ତି ।

ବ୍ୟକ୍ତି ଓ ବିଶ୍ୱ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି । ବ୍ୟକ୍ତି ବିଶ୍ୱଠାରୁ ବିଚ୍ଛିନ୍ନ ନୁହେଁ । ଏଣୁ କୁହାଯାଏ ପିଣ୍ଡ-ବ୍ରହ୍ମାଣ୍ଡ । ପିଣ୍ଡ ହେଲା ବ୍ରହ୍ମାଣ୍ଡର ଏକ କ୍ଷୁଦ୍ର ସଂସ୍କରଣ । ଯାହା ଅଛି ପିଣ୍ଡେ, ତାହା ଅଛି ବ୍ରହ୍ମାଣ୍ଡେ; ପୁଣି ଯାହା ଅଛି ବ୍ରହ୍ମାଣ୍ଡେ ତା' ମଧ୍ୟ ଅଛି ପିଣ୍ଡେ । ଜୀବନରେ କିଛି ସ୍ୱତନ୍ତ୍ର ଅନୁଭୂତି ପାଇଁ ବ୍ରହ୍ମାଣ୍ଡରୁ ପିଣ୍ଡର ସୃଷ୍ଟି । ବିଶ୍ୱଶକ୍ତି ବ୍ୟକ୍ତି ମଧ୍ୟରେ ଅଛି, ମାତ୍ର ଏହା ଅପ୍ରକଟିତ । ଏହାର ଏକ ଅତି ସାମାନ୍ୟ ଅଂଶ କେବଳ ଏଠାରେ କ୍ରିୟା କରୁଛି । ଏହାକୁ ଆମେ ଆମର ବାହ୍ୟ ଜୀବନରେ ଅନୁଭବ କରୁଛୁ । ଏହି ଶକ୍ତିର ବୃହତ୍ତର ଭାଗର ଏକ ରକ୍ଷଣାଗାର ବା ଗୋଦାମ ଆମ ମଧ୍ୟରେ ଗୁପ୍ତ ରୂପେ ଅଛି । ତାକୁ ଉନ୍ମୋଚିତ କରିବାକୁ ହେଲେ ନିର୍ଦ୍ଦିଷ୍ଟ ଯୋଗ ପଦ୍ଧତିର ଅନୁସରଣ ଆବଶ୍ୟକ । ଯେତେବେଳେ ଦେହ, ମନ, ପ୍ରାଣ ସହ ଆତ୍ମାର ଅନ୍ୟାନ୍ୟ ଯନ୍ତ୍ରମାନେ ପ୍ରସ୍ତୁତ ହୋଇଯିବେ, ଶୁଦ୍ଧ ଓ ଶକ୍ତିଶାଳୀ ହୋଇଯିବେ, ତାଙ୍କ ମଧ୍ୟରେ ଉପଯୁକ୍ତ ଆଧାରଭାବେ ଶକ୍ତି ଧାରଣ କ୍ଷମତା ଆସିଯିବ, ସେତେବେଳେ ଏହି ଶକ୍ତିର ରକ୍ଷଣାଗାରର ଚାବି ଖୋଲିଯିବ ଓ ଶକ୍ତିର କ୍ରିୟା ଆମ ମଧ୍ୟରେ ସ୍ୱାଭାବିକ ହୋଇ ପଡ଼ିବ ।

ଏହି ଶକ୍ତିକୁ ଭାରତୀୟ ତନ୍ତ୍ର ଓ ଯୋଗ ଦର୍ଶନରେ ବ୍ୟକ୍ତି ମଧ୍ୟରେ ସୁପ୍ତ କୁଣ୍ଡଳିନୀ ଶକ୍ତି କୁହାଯାଏ । ବିଶ୍ୱଶକ୍ତିଭାବେ ସେ ମହାକୁଣ୍ଡଳିନୀ । ଏହା ଦୁଇଟି ସ୍ୱତନ୍ତ୍ର ଶକ୍ତି ନୁହନ୍ତି । ବ୍ୟକ୍ତି ମଧ୍ୟରେ ଏହା ଗୁପ୍ତ ରୂପେ ରହିଛି, ମାତ୍ର ବିଶ୍ୱ ମଧ୍ୟରେ ଏହା ବିସ୍ତାରିତ, ଉନ୍ମୁକ୍ତ, ପୂର୍ଣ୍ଣ ଚେତନ ।

ତେବେ ଏହି ଶକ୍ତି ସମ୍ପର୍କରେ ସଚେତ ହେବା କିପରି ? ସର୍ବପ୍ରଥମେ ଆମକୁ ଜାଣିବାକୁ ହେବ, ଯେଉଁ ପ୍ରାଣ-ଶକ୍ତି ଆମ ମଧ୍ୟରେ କ୍ରିୟାଶୀଳା, ସେ ଅତି ସାମାନ୍ୟ, ତା'ର ଏକ ମୂଳ ଉତ୍ସ ଅଛି । ଇଚ୍ଛା କଲେ ଆମେ ସେଇ ସଂଗୁପ୍ତ ଇଲାକାକୁ ଯାଇ ଶକ୍ତିର ଉନ୍ମୋଚନ କରିପାରିବା । ଏପରି ଦୃଢ଼ ବିଶ୍ୱାସ ନଥିଲେ ଏ ଦିଗରେ ଆମେ ଆସ୍ପୃହାଶୀଳ ହେବା କିପରି ? ଆମ ଚତୁଃପାର୍ଶ୍ୱରେ ପ୍ରାଣ-ଶକ୍ତିର ମହାସାଗର ଅଛି, ଅଥଚ ତା' ପ୍ରତି ଉନ୍ମୋଚନରେ ସମର୍ଥ ନହୋଇ ପାରି ଆମେ ସ୍ୱଳ୍ପ ଶକ୍ତିର ବ୍ୟବହାର କରୁଛୁ । ଆମ ଶରୀର, ମନ, ପ୍ରାଣରେ ଏକ କ୍ଷୀଣ ଶକ୍ତିର କ୍ରିୟା ଚାଲିଛି । ଅଳ୍ପ କର୍ମରେ ଆମେ କ୍ଳାନ୍ତ ହୋଇ ପଡୁଛୁ ।

ତେବେ ସେହି ମହାଶକ୍ତି ସହ ସଂଯୁକ୍ତ ହେବାର ପଥ କ'ଣ ? ପାରମ୍ପରିକ ଯୋଗ-ପଦ୍ଧତିରେ ଏଥିପାଇଁ ପ୍ରାଣାୟାମ କରାଯାଏ । ହଠ ଓ ରାଜଯୋଗରେ ମୁଖ୍ୟତଃ ଏହି ପ୍ରଣାଳୀ ଅନୁସୃତ । ଶ୍ରୀଅରବିନ୍ଦ କହନ୍ତି ଏପରି ପ୍ରାଣାୟାମାଦି ଅନୁସରଣ ନକରି ଏକାଗ୍ର ଧ୍ୟାନ ସାଧନା, ଉଚ୍ଚ ମନର ସଂକଳ୍ପରେ ଏହି ମହାଶକ୍ତିର ଉତ୍ସ ସହ ବାରଂବାର ସଂଯୋଗର ଅଭ୍ୟାସ ଦ୍ୱାରା ନିଜକୁ ସଂଯୁକ୍ତ କରିହେବ । ଏବେ ଜାଣିବା ସେହି ଶକ୍ତି କ'ଣ, ତା' ସହ ସମ୍ପର୍କ କିପରି କରି ହେବ ?

ଶ୍ରୀଅରବିନ୍ଦଙ୍କ ଭାଷାରେ :

"To open ourselves to the universal energy is always possible to us, because that is all around us and always flowing into us, it is that which supports and supplies all our inner and outer action and in fact we have no power of our own in any separately individual

sense, but only a personal formulation of the one Shakti." (*The Synthesis of Yoga,* p. 756)

ବିଶ୍ୱଶକ୍ତି ସହ ସମ୍ପର୍କ ସର୍ବଦା ସମ୍ଭବ । ତାହା ଚତୁର୍ଦ୍ଦିଗରୁ ଆମ ମଧ୍ୟକୁ ପ୍ରବାହିତ ହେଉଛି । ସେ ଆମର ସକଳ ଆଭ୍ୟନ୍ତରୀଣ ଓ ବାହ୍ୟ କ୍ରିୟାକୁ ସମର୍ଥନ ଦେଉଛି ଓ ସେମାନଙ୍କୁ ଶକ୍ତି ଯୋଗାଉଛି । ଆମର ବ୍ୟକ୍ତିଗତଭାବେ କିଛି ବି ଶକ୍ତି ନାହିଁ, ଆମେ ସମସ୍ତେ ହେଉଛୁ ବିଶ୍ୱ-ମହାଶକ୍ତିର ଏକ ଏକ ସ୍ୱତନ୍ତ୍ର ସଂସ୍କରଣ ।

ଏହି ଶକ୍ତି ପାଇବାର ବାଟ ଅତୀତରେ ଯାନ୍ତ୍ରିକ ପ୍ରାଣାୟାମ ପଦ୍ଧତିରେ ଥିଲା ଏବଂ ଏବେ ଶ୍ରୀଅରବିନ୍ଦଙ୍କ ପଦ୍ଧତିରେ ତାକୁ କିପରି ପାଇ ହେବ ସେ ସମ୍ପର୍କରେ 'The Synthesis of Yoga', P. 756ରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହା ଆମ ପୂର୍ବୋକ୍ତ ଆଲୋଚନାକୁ ସମର୍ଥନ କରେ ।

"The exercises of Pranayama are the familiar mechanical means of freeing and getting control of the pranic energy. They heighten too and set free the psychic, mental and spiritual energies which ordinarily depend for their opportunity of action on the pranic force. But the same thing can be done by mental will and practice or by an increasing opening of ourselves to a higher Spiritual Power of the Shakti."

ପୂର୍ଣ୍ଣଯୋଗର ସାଧକ ପାଇଁ ଯାନ୍ତ୍ରିକ ପ୍ରାଣାୟାମର ବାଧ୍ୟତା ନାହିଁ । ଆବଶ୍ୟକ ମାନସିକ ସଂକଳ୍ପ ଓ ଅଭ୍ୟାସ, ତଥା ଏକ ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି ପ୍ରତି ନିଜକୁ ଉନ୍ମୋଚିତ କରିବାହିଁ ବିଧେୟ । ଯଦି ଅତିମାନସ ଶକ୍ତି ସହ ବ୍ୟକ୍ତି ସଂଯୁକ୍ତ ହୋଇ ପଡ଼େ, ତେବେ ଏହା ହେବ ତା'ର ସର୍ବୋତ୍ତମ ସାଧନା । ବ୍ୟକ୍ତି ମଧ୍ୟରେ ଘଟିବ ମହାଶକ୍ତିର ମହାପ୍ଳାବନ ।

କିନ୍ତୁ ଆମେ ଯେତେବେଳେ ବିଶ୍ୱ ପ୍ରାଣ-ଶକ୍ତି (Universal Life Force) ସହ ନିଜକୁ ସଂଯୁକ୍ତ କରିଦେଉ, ତାହା ସର୍ବଶ୍ରେଷ୍ଠ କଥା ହେବ ନାହିଁ । କାରଣ ବିଶ୍ୱ ପ୍ରାଣ-ଶକ୍ତି ସର୍ବୋତ୍ତମ ବିଶ୍ୱଶକ୍ତି ନୁହେଁ । ବିଶ୍ୱଶକ୍ତିର ଏହା ଏକ ନିମ୍ନ ସଂସ୍କରଣ । ଏହାର ଊର୍ଦ୍ଧ୍ୱରେ ଅଛି ମନଃ-ଶକ୍ତି, ଶୁଦ୍ଧମାନସ ଶକ୍ତି; ପ୍ରାଣ ଓ ଦେହ ଶକ୍ତି ଉପରେ ସେ ତା'ର ପ୍ରଭାବ ବିସ୍ତାର କରିପାରେ । ସେ ସେମାନଙ୍କୁ ପରିଚାଳିତ କରିପାରେ । ଏହି ଶକ୍ତିର ଅନୁରୂପ ଏକ ଶକ୍ତିର ସାଗର ରହିଛି ଯାହା ହେଉଛି ମାନସ-ଚେତନା (Mental Consciousness) । ଏହା ବହୁ ଶକ୍ତିଶାଳୀ, ଏହା ପ୍ରାଣିକ ଶକ୍ତି-ସାଗରକୁ ବି ନିୟନ୍ତ୍ରିତ କରିପାରେ ।

କିନ୍ତୁ ଆମର ମାନସ-ଶକ୍ତି (Mental energy) ଏବଂ ପ୍ରାଣ-ଶକ୍ତି (Life-energy) ମଧ୍ୟରେ ସର୍ବଦା ଅପମିଶ୍ରଣ ଦେଖାଦିଏ । ମନର ସଂକଳ୍ପ ଓ ପ୍ରାଣିକ ବାସନା ମଧ୍ୟରେ ବି ସଂଘର୍ଷ ଲାଗି ରହେ । କେବେ କେମିତି ଏକ ଅନ୍ୟର ପ୍ରଭାବାଧୀନ ହୋଇଯାଆନ୍ତି ବା ପରସ୍ପରର ମିଶ୍ରଣ ସମ୍ଭବ ହୁଏ । ଯୋଗରେ ଆତ୍ମ-ନିରୀକ୍ଷଣ ମାଧ୍ୟମରେ (by introspection) ସେମାନଙ୍କ ସ୍ଥିତିକୁ ଜଣେ ଜାଣିପାରେ । ଉଭୟର ବି ପୃଥକୀକରଣ କରି ହୁଏ । ପ୍ରାଣର କାମନାବାସନା, ଆବେଗ ଓ ମହଦାକାଙ୍କ୍ଷାକୁ ମନଠାରୁ ବିଚ୍ଛିନ୍ନ ଓ ପ୍ରତିହତ କରି ହୁଏ । ଏଣୁ ପ୍ରାଣର ମନ ଉପରେ ପ୍ରଭାବକୁ ପ୍ରତ୍ୟାଖ୍ୟାନ କରି ହୁଏ । ପ୍ରାଣଠାରୁ ମନକୁ ବିଚ୍ଛିନ୍ନ କରିବା ପାଇଁ ଅଭ୍ୟାସ ଓ ବୈରାଗ୍ୟ ଗୀତାର ମାର୍ଗ । ''ଅଭ୍ୟାସେନ ଚ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ'' ।

ତେବେ ପୁରୁଷ ଓ ପ୍ରକୃତିର ଶୁଦ୍ଧତମ ସ୍ଥିତିରେ ଆମେ ପରମ ଆନନ୍ଦ ଲାଭ କରୁ । ଏହି ଅବସ୍ଥାରେ ମନ-ଶକ୍ତିଠାରୁ ଅଧିକ ଉନ୍ନତ ଆତ୍ମ-ଶକ୍ତିର କ୍ରିୟାର ଅନୁଭବ ହୁଏ । ଉଭୟ ପୁରୁଷ ଓ ଶକ୍ତିର ପରିଚୟ ସ୍ପଷ୍ଟ ରୂପେ ଜାଣିପାରୁ । ଯେତେବେଳେ ଶ୍ରେଷ୍ଠ ଆତ୍ମଶକ୍ତି କ୍ରିୟାଶୀଳ ହୁଏ, ସେତେବେଳେ ବୁଝିହୁଏ ଏହି ଶକ୍ତି ସ୍ୱୟଂ ପୁରୁଷର; ଅଥବା ପୁରୁଷ ସ୍ୱୟଂ ଶକ୍ତିରୂପେ କ୍ରିୟାଶୀଳ । ପୁରୁଷ ଓ ପ୍ରକୃତି ଏପରି ଅବସ୍ଥାରେ ବିଚ୍ଛିନ୍ନ ନୁହନ୍ତି । ଏଠି ଦ୍ୱୈତଭାବ ନଥାଏ । ପୁରୁଷ ଓ ପ୍ରକୃତି ଏଠାରେ ଏକ, ଅଦ୍ୱୟ ।

ଯେତେବେଳେ ପୁରୁଷ ଓ ପ୍ରକୃତି ମଧ୍ୟରେ ଥିବା ବିଚ୍ଛିନ୍ନତାକୁ ବୁଝି ହୁଏ, ସେତେବେଳେ ଦ୍ରଷ୍ଟା ପୁରୁଷ ପ୍ରକୃତିର କ୍ରିୟାବଳୀ ଉପରେ ତା'ର ସଂକଳ୍ପ ଜାହିର କରେ । ।ଏହା ହୁଏ ସ୍ୱାଭାବିକ ଭାବେ । ଯଦି ଏହା ସମ୍ଭବ ହୁଏ, ତେବେ ଆସ୍ପୃହାଶୀଳ ଅଗ୍ରଗାମୀ ସାଧକ ଆତ୍ମାକୁ ବହୁଭାବେ ଅନୁଭବ କରିପାରେ । ଆମେ ଅନୁଭବ କରୁ ଯାହା କିଛି କ୍ରିୟା ଚାଲିଛି, ସେ ସବୁ ଅଜ୍ଞାନ ପ୍ରକୃତିରୁ ନୁହେଁ; ଆତ୍ମଶକ୍ତିରୁ । ଆମର ମନ ତା'ର ଉଚ୍ଚତମ ସ୍ଥିତିରେ ଯେତେ ଅଧିକ ଉପନୀତ ହୁଏ, ସେତେ ଆମେ ଆମ ମଧ୍ୟରେ ସ୍ଥିତ ଏକ ଆଲୋକିତ ଶାନ୍ତ,

ସୁସ୍ଥିର ମନକୁ ଉପଲବ୍ଧି କରୁ । ଅଧିକାଂଶ ଅଗ୍ରଗାମୀ ସାଧକ ଏପରି ସାତ୍ତ୍ୱିକ ମନର ଅଧିକାରୀ ହୋଇପାରନ୍ତି; ଏହାର ପ୍ରଭାବରେ ଆମେ ଅନୁଭବ କରୁ ପୁରୁଷ ପ୍ରକୃତିର ଅନୁମନ୍ତାରୂପେ । ଆମ ପ୍ରକୃତିକୁ ନିରୀକ୍ଷଣ କରୁଛି ଓ ଅଶୁଦ୍ଧତା ଦୂର କରି ତାକୁ ନୂଆ କରି ଗଢ଼ି ଚାଲିଛି ।

ଏହା ଦ୍ୱାରା ଅତି ଉଚ୍ଚ ମାନସିକ ପୂର୍ଣ୍ଣତା ଉପସ୍ଥିତ ବୁଦ୍ଧି ପକ୍ଷେ ସମ୍ଭବ ହୁଏ । ସମ୍ଭବ ହୁଏ ଉଚ୍ଚ ନୈତିକତା ଅଥବା ଚୈତ୍ୟପୁରୁଷର ଅନୁଭୂତି । ସମ୍ଭବ ବି ହୋଇପାରେ ଉଚ୍ଚତର ଆତ୍ମାନୁଭୂତି, ଅପୌରୁଷେୟତା, ବିଶ୍ୱମୟତା । ଏହା କରିପାରେ ପ୍ରକୃତିକୁ ଅଧିକ ଆଧ୍ୟାତ୍ମିକ । ଏହା ବିଶାଳ ପରିପୂର୍ଣ୍ଣତା ଅଥବା ମନର ଆଧ୍ୟାତ୍ମୀକରଣ ବି କରିପାରେ । ପୁରୁଷ ମଧ୍ୟ ପ୍ରକୃତିର ସକଳ କାର୍ଯ୍ୟର ପଶ୍ଚାତରେ ନିରୀକ୍ଷକ ବା ଦ୍ରଷ୍ଟା ଏବଂ ଅନୁମନ୍ତାର ଭୂମିକା ନିର୍ବାହ କରିପାରେ । ମନର ଶକ୍ତି ଉପରେ ଏହା ଶାନ୍ତି ଓ ସ୍ଥିରତାକୁ ପ୍ରତିଷ୍ଠା କରିପାରେ, ତାକୁ ଓ ତା'ର କ୍ରିୟାବଳୀକୁ ପ୍ରତ୍ୟାଖ୍ୟାନ ବି କରିପାରେ । ପ୍ରକୃତିର ସକଳ କ୍ରିୟାକୁ ପୁରୁଷ ପ୍ରତ୍ୟାଖ୍ୟାନ କରିପାରେ । ନିମ୍ନ ପ୍ରକୃତିର ସକଳ ଅଭ୍ୟାସକୁ ଫିଙ୍ଗି ଦେଇପାରେ । ଏହା ଫଳରେ ଏକ ଉଚ୍ଚତର ସୋପାନକୁ ଆମ ଶକ୍ତିର ଉନ୍ନୟନ ହୁଏ; ଯାହା ଫଳରେ ଏହା ଅତିମାନସ ଶକ୍ତିରେ ରୂପାନ୍ତରିତ ହୋଇପାରେ । ମନର ପ୍ରଗତିଶୀଳ ରୂପାନ୍ତର ଫଳରେ ଅତିମାନସ ଶକ୍ତି ଓ କ୍ରିୟା ସମ୍ଭବ ହୋଇପାରେ । ଏହାର କାରଣ ମନ ହେଲା ଅତିମାନସର ଏକ ସଂକୀର୍ଣ୍ଣ, ଅନୁନ୍ନତ, ଅଶୁଦ୍ଧ, ବିକୃତ ସଂସ୍କରଣ; ଯାହା ଅନ୍ଧଭଳି ଦରାଣ୍ଡି ଦରାଣ୍ଡି ବାଟ ଚାଲେ । କିନ୍ତୁ ମନର ଅତିମାନସରେ ରୂପାନ୍ତର ମନୋମୟ ପୁରୁଷର ନିୟନ୍ତ୍ରଣରେ ନଥାଏ । ଆବଶ୍ୟକ ହୁଏ ପରମାତ୍ମା ବା ଈଶ୍ୱରଙ୍କର ବା ପୁରୁଷୋତ୍ତମଙ୍କର ହସ୍ତକ୍ଷେପ; ତାଙ୍କର ସହାୟତା ଏବଂ ପରିଚାଳନା ।

ଅତିମାନସ ହେଲା ଦିବ୍ୟମନ (Divine-mind) । ବିଶ୍ୱମୟ ପରାପ୍ରକୃତି ବା ପରମଙ୍କ ସହ ପରିପୂର୍ଣ୍ଣ ଜ୍ୟୋତିର୍ମୟ ସମ୍ପର୍କ ସ୍ଥାପନ କରି ବ୍ୟକ୍ତି ଅତିମାନସରେ ପହଞ୍ଚିପାରେ ।

ମନ ପରିଶୁଦ୍ଧ ହେଲେ ପାଏ ସମ୍ପୂର୍ଣ୍ଣ ସ୍ଥିରତାର ସାମର୍ଥ୍ୟ ଏବଂ ଆପଣାର କ୍ଷୁଦ୍ର କର୍ମ ପ୍ରବାହରୁ ମୁକ୍ତି ଏବଂ ଆତ୍ମାର ସଚେତନ ଉପସ୍ଥିତି ସମ୍ପର୍କରେ ଜ୍ଞାନଲାଭ କରେ, ସେତେବେଳେ ସେ ଆତ୍ମାର ବିଭିନ୍ନ ସ୍ଥିତି (grade) ବା ଭୂମି ବିସ୍ତାର ଓ ଶକ୍ତିମାନଙ୍କୁ ଜାଣେ । ଏପରିକି ବିଶ୍ୱଗତ ପରମ ଚିଦ୍‌ଗତତା ମଧ୍ୟ ମନ ମଧ୍ୟରେ ପ୍ରତିଫଳିତ ହୋଇଥାଏ । ସେ ସତ୍ତାଗତ ଚେତନାର ଆନନ୍ତ୍ୟ, ଅପରିମେୟ ଚେତନାର ସକଳ ଶକ୍ତିମତ୍ତା ଓ ସାମର୍ଥ୍ୟର ଅନନ୍ତ ମହାସାଗର ସମ୍ପର୍କରେ, ପରମ ଆନନ୍ଦର ଅନନ୍ତ ସାଗର ସମ୍ପର୍କରେ ସଚେତନ ହୋଇ ଉଠେ ।

ମନ ଏକ ଉଚ୍ଚତର ଭୂମିରେ ପରମ ଅଦ୍ୱିତୀୟଙ୍କୁ ନିଜ ଧାରାରେ ବିଚ୍ଛିନ୍ନ କରି ଦେଖିବ ଅଥବା ପରମଙ୍କର ସାମର୍ଥ୍ୟଗୁଡ଼ିକ ଏକତ୍ର ସମାବିଷ୍ଟ ବୋଲି ଅନୁଭବ କରିବ । ଏହା ତାକୁ ପୁରୁଷରୂପେ ଅଥବା ପ୍ରକୃତିରୂପେ ଅନୁଭୂତ ହେବ । ପରମଙ୍କୁ ଯେତେବେଳେ ସେ ପୁରୁଷରୂପେ ଜାଣିବ ସେତେବେଳେ ତାଙ୍କୁ ଏକମେବାଦ୍ୱିତୀୟମ୍, ଯାହା ପରମ ପୁରୁଷୋତ୍ତମ, ତାହା ତା'ର ଅନୁଭବ ହେବ । ତା' ସହ ବ୍ୟବଧାନ ନରଖି ଯୁଗପତ୍‌ଭାବେ ପ୍ରକୃତି ଓ ପୁରୁଷ ମଧ୍ୟରେ ଥିବା ସାନନ୍ଦ ପାର୍ଥକ୍ୟକୁ ଉପଭୋଗ କରିପାରିବ । ଯେତେବେଳେ ସେ ନିଜକୁ ପ୍ରକୃତିରୂପେ ଜାଣିବ, ସେତେବେଳେ ସାରା ବିଶ୍ୱଜଗତର ସତ୍ତା, ବ୍ୟକ୍ତିତ୍ୱ, ରୂପ, ବିଚାର ଓ ସାମର୍ଥ୍ୟର ଅନନ୍ତତ୍ୱକୁ ସେ ପ୍ରକଟ କରିପାରି ଆନନ୍ଦ ଉପଲବ୍ଧି କରିପାରିବ । ସେତେବେଳେ ପ୍ରକୃତି ଅଜ୍ଞାନମୟୀ ଶକ୍ତି ନୁହନ୍ତି । ସେ ଆଦ୍ୟା, ପରମାଶକ୍ତି । ସେ ନିଜ ମଧ୍ୟରେ ବିଶ୍ୱବ୍ରହ୍ମାଣ୍ଡର ଯାବତୀୟ ତତ୍ତ୍ୱକୁ ଧାରଣ କରିଛନ୍ତି ।

ଏପରି ଅବସ୍ଥାରେ ମନର ଅବସ୍ଥା କ'ଣ ହୋଇ ଥାଇପାରେ ? ମନ ଅନୁଭବ କରିପାରିବ ତା'ର ଊର୍ଦ୍ଧ୍ୱସ୍ଥ ଚେତନାରୁ ଝରି ଆସୁଥିବା ଶକ୍ତି ଯାହା ଯତ୍ ସାମାନ୍ୟ ଭାବନା, ସଂକଳ୍ପ, କର୍ମ ଓ ଅନୁଭୂତିକୁ ରୂପ ଦିଏ; ତା'ର ବହୁ ବିସ୍ତାରିତ ରୂପ ରହିଛି । ସେ କେବଳ ଏ ବିଷୟରେ ସଚେତନ ହେବ ନାହିଁ; ପରନ୍ତୁ ତା'ର ଚତୁର୍ଦିଗରେ ଘେରି ରହିଥିବା ଶକ୍ତିର ମହାସାଗର ସମ୍ପର୍କରେ ସଚେତ ହୋଇଉଠିବ । ସେ ବୋଧ କରିବ ଆମ ବ୍ୟକ୍ତିତ୍ୱଟି ସେହି ଚେତନାର ମହାସାଗରର ଏକ ତରଙ୍ଗ ସଦୃଶ । ସେ ମଧ୍ୟ ବୋଧ କରିବ ସେହି ଚିତ୍‌ଶକ୍ତି ଆମ ମଧ୍ୟରେ ରହିଛି ଏବଂ ଆମକୁ ଭିତ୍ତି କରି ଊର୍ଦ୍ଧ୍ୱଭୂମିରୁ ମହାଶକ୍ତି ଝରି ଆସି ନିମ୍ନ ଶକ୍ତିକୁ ଜାଗ୍ରତ୍ କରି ଊର୍ଦ୍ଧ୍ୱମୁଖୀ କରୁଛି ।

ମନ ବର୍ତ୍ତମାନ ପ୍ରକୃତିର ଅନନ୍ତତା ଦିଗକୁ ଉତ୍ତୋଳିତ, ଏବଂ ସମାଧି ଅବସ୍ଥାରେ ତାହାରି ଭିତରେ ନିମଗ୍ନ ବା ତା'ର ବିଶ୍ୱମୟତା ଦିଗରେ ବିସ୍ତାରିତ । ଆମର ଆଉ ବ୍ୟକ୍ତିଭାବେ ଅନ୍ୟଠାରୁ ବିଚ୍ଛିନ୍ନତା ରହିବ ନାହିଁ । ଏବେ ଆମେ ଯେପରି ଅହଂ ବଶ ହୋଇ ଭାବୁଥିଲେ (ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି

ମନ୍ୟତେ – ଗୀତା) ଆମେ ସବୁର କର୍ତ୍ତା, ଏପରି ବୋଧ ଅନ୍ତର୍ହିତ ହେବ । ତାହା ସ୍ଥାନରେ ବୋଧ ହେବ ଚେତନାର ଉଚ୍ଚ ଭୂମିରୁ ଆମର ଶରୀର, ମନ, ପ୍ରାଣର ଛାଞ୍ଚ ଦେଇ କର୍ମ ଚାଲିଛି । ଯନ୍ତ୍ରାରୂଢ଼ ହୋଇ କେହି କର୍ମ କରି ଚାଲିଛି ।

ପୂର୍ଣ୍ଣଯୋଗୀ କ'ଣ ଏହାକୁ ତା'ର ପୂର୍ଣ୍ଣତା ବୋଲି ସ୍ୱୀକାର କରିପାରିବ ? ବ୍ୟକ୍ତି ଏବେ ସର୍ବୋଚ୍ଚ ଆଧ୍ୟାତ୍ମିକ ଶକ୍ତି ବା ବିଶ୍ୱମୟ କ୍ରିୟା ସହ ଏକତ୍ୱ ଲାଭ କରିଛି କିନ୍ତୁ ତା'ର ବ୍ୟକ୍ତିଗତ ପ୍ରକୃତିରେ ଏହି ମହାଶକ୍ତିକୁ ଧାରଣ କରିବା ସମ୍ଭବ ହୋଇ ନାହିଁ । 'The Synthesis of Yoga'ର ଭାଷାରେ –

"But the perfection sought in the integral Yoga is not only to be one with her in her highest spiritual power and one with her in her universal action, but to realise and possess the fullness of this Shakti in our individual being and nature." (Page. 760)

ସର୍ବୋତ୍ତମା ବ୍ରାହ୍ମୀ ଶକ୍ତି ଉଭୟ ପୁରୁଷ ଓ ପ୍ରକୃତି ସହ ଏକୀଭୂତ । ସେ ଉଭୟ ପୁରୁଷ ଓ ପ୍ରକୃତି । ସେ ପୁରୁଷ ହୋଇ ବି ଶକ୍ତି । ପରାପ୍ରକୃତି ଜୀବଭୂତା ନିଜକୁ ଦୁଇ ଭାବରେ – ପୁରୁଷ ଓ ପ୍ରକୃତିଭାବେ – ଉପଲବ୍ଧି କରିବା ପୂର୍ଣ୍ଣଯୋଗର ସର୍ତ୍ତ । ସର୍ବୋତ୍ତମ ପୁରୁଷ (Supreme Soul) ଓ ପ୍ରକୃତି (Nature)ର ମିଳନ କ୍ଷେତ୍ର ହେଲା ଜୀବ ।

ବ୍ରହ୍ମ ଏକ, କିନ୍ତୁ ସେ ପୁରୁଷ ଓ ପ୍ରକୃତିଭାବେ ଦୁଇ ବିଭାବରେ କ୍ରିୟା କରନ୍ତି । ମନ ପର୍ଯ୍ୟାୟକ୍ରମେ ଏହି ଦୁଇ ବିଭାବକୁ ଅନୁଭବ କରିପାରେ । ପୁରୁଷର ଅନୁଭବରେ ସେ ପାଏ ଅନନ୍ତସତ୍ତା ଓ ଚୈତନ୍ୟର ବୋଧ । ଆଉ ମଧ୍ୟ ସାମୀପ୍ୟ ବା ସାଯୁଜ୍ୟ ଦ୍ୱାରା ଅଚଳ ପ୍ରତିଷ୍ଠା, ଆକାଶବତ୍ ପ୍ରଶାନ୍ତି; ଏବଂ ପ୍ରକୃତିର ଅନୁଭବରେ ପାଏ ଅନନ୍ତ ଆନନ୍ଦ ଓ ଶକ୍ତିର ଅନୁଭୂତି । ଏହା ଯେପରି ଆଲୋକର ଅନନ୍ତ ଉଲ୍ଲାସ ।

ଏଇ ଅବସ୍ଥାରେ ଆମର କର୍ମର ସଞ୍ଚାଳକ ତ୍ରିଗୁଣା ପ୍ରକୃତି ନୁହେଁ, ଦିବ୍ୟଶକ୍ତି । ଏବେ ସମ୍ପୂର୍ଣ୍ଣ ରୂପେ, ସଚେତଭାବେ ଆମେ ତା'ର ବାହନ । ସେହି ଦିବ୍ୟଶକ୍ତି ଆମ ସତ୍ତାର ପ୍ରତ୍ୟେକ ଭାଗ ମନ, ପ୍ରାଣ, ଶରୀରରେ ପୂର୍ଣ୍ଣରୂପେ ବିରାଜମାନ । ସେ ହୋଇଥିବ ଆମର ସକଳ ଗତିସ୍ପନ୍ଦନର ପରିଚାଳିକା, ଆମ ସତ୍ତାର ଅଧିଷ୍ଠାତ୍ରୀ । ସେ ଆମର ଆନ୍ତର ଜୀବନ ଓ ବାହ୍ୟ ଜୀବନ ସ୍ୱୟଂ ଗ୍ରହଣ କରି ନେଇଥିବ । ସେ ହୋଇଯାଆନ୍ତି ଆମ ଯୋଗ ପଥର ପ୍ରତ୍ୟକ୍ଷ ପରିଚାଳିକା । ସେହି ଶକ୍ତି ଆମ ମାନସିକତାକୁ ଗ୍ରହଣ କରି ତା' ମଧ୍ୟରେ ପୂର୍ଣ୍ଣ ଶୁଦ୍ଧତା, ଶ୍ରେଷ୍ଠତା ଓ ପରିପୂର୍ଣ୍ଣ ସାମର୍ଥ୍ୟ ଢାଳି ଦିଅନ୍ତି । ଏଣୁ ବୁଦ୍ଧି, ସଂକଳ୍ପ, ଚୈତ୍ୟକ୍ରିୟାରେ ସେହି ଶକ୍ତିର ଶ୍ରେଷ୍ଠ ପ୍ରତିଫଳନ ସମ୍ଭବ ହୋଇଥାଏ । ମନ, ପ୍ରାଣ ଓ ଦେହର ଯେଉଁ ଯାନ୍ତ୍ରିକ ଶକ୍ତିମାନେ ଏବେ ଆମର ପରିଚାଳିକା, ସେହି ଶକ୍ତିମାନେ ସମୟାନୁସାରେ ଚିନ୍ମୟ ଶକ୍ତିରେ ରୂପାନ୍ତର ହୋଇ ଆନନ୍ଦମୟ ଅନୁଭୂତି ଦାନ କରି ଚାଲିବେ । ମନ ଏବେ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଅନୁଭୂତିରେ ପରିପୂର୍ଣ୍ଣ ହୋଇଉଠିବ । ସେହି ଶକ୍ତି ଅତିମାନସ ଆଲୋକକୁ ମନର ସୋପାନଗୁଡ଼ିକ ଉପରେ ଅବତୀର୍ଣ୍ଣ କରାଇ ଚାଲିବ । ଫଳରେ ମନର ଉପାଦାନମାନ ଅତିମାନସ ଉପାଦାନରେ ରୂପାନ୍ତରିତ ହୋଇଯିବେ । ଏଣୁ ମନରେ ଅତିମାନସ ପ୍ରକୃତିର ସାମର୍ଥ୍ୟ ଲାଭ ହେବ ।

ଏହା ପରେ ସାଧନା ଆଉ ଆମର ନୁହେଁ, ପରମା ଦିବ୍ୟଶକ୍ତିଙ୍କର । ସେ କରିବେ ସମସ୍ତ ଅଦିବ୍ୟକୁ ଦିବ୍ୟ । ସେ ସକଳ ବିରୋଧ ମଧ୍ୟରେ ଆଣିବେ ସମନ୍ୱୟ । ସେହିଁ ଅନୁଭବର ବୈଚିତ୍ର୍ୟକୁ ସଂହତ କରିବେ ପରମ ସୌଷମ୍ୟର ସୂତ୍ରରେ । ଅତିମାନସ ଜ୍ୟୋତିଃର ସଂପାତରେ ମନର ଘଟିବ ବିଜ୍ଞାନଘନ ପରିଣାମ । ଚେତନାରେ ମହା-ଯୋଗେଶ୍ୱର ପୁରୁଷୋତ୍ତମ ଆପଣାର ସ୍ୱରୂପକୁ ଅନାବୃତ କରିବେ । ଜୀବନ ହେବ ଯୋଗମାୟାରୂପିଣୀ ପରମାଜନନୀଙ୍କର ପରମାପ୍ରକୃତିରେ ମହିମମୟ । ଏବେ ଶକ୍ତି ପରମେଶ୍ୱରଙ୍କର ଆତ୍ମଶକ୍ତି । ଈଶ୍ୱର ସ୍ୱୟଂ ପ୍ରକଟିତ ହେବେ ଆପଣାର ବିଜ୍ଞାନମୟ ଚେତନାରେ, ସେ ହେବେ ଆମ ସତ୍ତାର ପ୍ରଭୁ, କର୍ମର ସଂଚାଳକ, ଜୀବନ ଓ ଯୋଗର ଅଧ୍ୟକ୍ଷ । ଯୋଗ ସମନ୍ୱୟର ଭାଷାରେ –

"The Shakti will reveal herself as the power of the Purushottama, and it is the Ishwara who will manifest himself in his force of supermind and spirit and be the master of our being, action, life and Yoga." (page. 761)

ତନ୍ତ୍ର କହିଲେ ମା'ହିଁ ସମସ୍ତଙ୍କ ମଧ୍ୟରେ ଶକ୍ତିରୂପେ ବିରାଜିତା, ସେହିଁ ପରମବ୍ରହ୍ମ । ''ଜଳେ ଶୀତଳତ୍ୱଂ, ଶୁଚୌ ଦାହକତ୍ୱଂ, ରବୌତାପକତ୍ୱଂ, ବିଧୌ ନିର୍ମଳତ୍ୱଂ । ତ୍ୱମେକାମ୍ବିକେ ଯସ୍ୟ କସ୍ୟାପି ଶକ୍ତିଃ, ତ୍ୱମେକା ପରଂବ୍ରହ୍ମେଣ ସିଦ୍ଧା ।''

❑❑❑

# ମୁଣ୍ଡକ ଉପନିଷଦ୍ (୫)

## ତୃତୀୟ ମୁଣ୍ଡକ- ପ୍ରଥମ ଖଣ୍ଡ

## (ମୂଳ ପାଠ)

୧. ଦ୍ୱା ସୁପର୍ଣା ସୟୁଜା ସଖାୟା ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଲଂ ସ୍ୱାଦ୍ୱତ୍ତ୍ୟନଶ୍ନନ୍ନନ୍ୟୋ ଅଭିଚାକଶୀତି ॥୧॥

୨. ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶମସ୍ୟ ମହିମାନମିତି ବୀତଶୋକଃ ॥୨॥

୩. ଯଦା ପଶ୍ୟଃ ପଶ୍ୟତେ ରୁକ୍ମବର୍ଣଂ କର୍ତାରମୀଶଂ ପୁରୁଷଂ ବ୍ରହ୍ମୟୋନିମ୍ ।
ତଦା ବିଦ୍ୱାନ୍ପୁଣ୍ୟପାପେ ବିଧୂୟ ନିରଞ୍ଜନଃ ପରମଂ ସାମ୍ୟମୁପୈତି ॥୩॥

୪. ପ୍ରାଣୋ ହ୍ୟେଷ ଯଃ ସର୍ବଭୂତୈର୍ବିଭାତି ବିଜାନନ୍ ବିଦ୍ୱାନ୍ଭବତେ ନାତିବାଦୀ ।
ଆତ୍ମକ୍ରୀଡ଼ ଆତ୍ମରତିଃ କ୍ରିୟାବାନେଷ ବ୍ରହ୍ମବିଦାଂ ବରିଷ୍ଠଃ ॥୪॥

୫. ସତ୍ୟେନ ଲଭ୍ୟସ୍ତପସା ହ୍ୟେଷ ଆତ୍ମା ସମ୍ୟଗ୍ଜ୍ଞାନେନ ବ୍ରହ୍ମଚର୍ୟେଣ ନିତ୍ୟମ୍ ।
ଅନ୍ତଃଶରୀରେ ଜ୍ୟୋତିର୍ମୟୋ ହି ଶୁଭ୍ରୋ ଯଂ ପଶ୍ୟନ୍ତି ଯତୟଃ କ୍ଷୀଣଦୋଷାଃ ॥୫॥

୬. ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା ବିତତୋ ଦେବୟାନଃ ।
ୟେନାକ୍ରମନ୍ତ୍ୟୃଷୟୋ ହ୍ୟାପ୍ତକାମା ଯତ୍ର ତତ୍ସତ୍ୟସ୍ୟ ପରମଂ ନିଧାନମ୍ ॥୬॥

୭. ବୃହଚ୍ଚ ତଦ୍ଦିବ୍ୟମଚିନ୍ତ୍ୟରୂପଂ ସୂକ୍ଷ୍ମାଚ୍ଚ ତତ୍ସୂକ୍ଷ୍ମତରଂ ବିଭାତି ।
ଦୂରାତ୍ସୁଦୂରେ ତଦିହାନ୍ତିକେ ଚ ପଶ୍ୟତ୍ସ୍ୱିହୈବ ନିହିତଂ ଗୁହାୟାମ୍ ॥୭॥

୮. ନ ଚକ୍ଷୁଷା ଗୃହ୍ୟତେ ନାପି ବାଚା ନାନ୍ୟୈର୍ଦେବୈସ୍ତପସା କର୍ମଣା ବା ।
ଜ୍ଞାନପ୍ରସାଦେନ ବିଶୁଦ୍ଧସତ୍ତ୍ୱସ୍ତତସ୍ତୁ ତଂ ପଶ୍ୟତେ ନିଷ୍କଲଂ ଧ୍ୟାୟମାନଃ ॥୮॥

୯. ଏଷୋଽଣୁରାତ୍ମା ଚେତସା ବେଦିତବ୍ୟୋ ଯସ୍ମିନ୍ପ୍ରାଣଃ ପଞ୍ଚଧା ସଂବିବେଶ ।
ପ୍ରାଣୈଶ୍ଚିତ୍ତଂ ସର୍ବମୋତଂ ପ୍ରଜାନାଂ ଯସ୍ମିନ୍ବିଶୁଦ୍ଧେ ବିଭବତ୍ୟେଷ ଆତ୍ମା ॥୯॥

୧୦. ଯଂ ଯଂ ଲୋକଂ ମନସା ସଂବିଭାତି ବିଶୁଦ୍ଧସତ୍ତ୍ୱଃ କାମୟତେ ୟାଂଶ୍ଚ କାମାନ୍ ।
ତଂ ତଂ ଲୋକଂ ଜୟତେ ତାଂଶ୍ଚ କାମାଂସ୍ତସ୍ମାଦାତ୍ମଜ୍ଞଂ ହ୍ୟର୍ଚୟେଦ୍ ଭୂତିକାମଃ ॥୧୦॥ ❑

(ଦ୍ରଷ୍ଟବ୍ୟ : The Complete Works of Sri Aurobindo, Volume - 18, Kena and other Upanishadas, P.142-144)

# ମୁଣ୍ଡକ ଉପନିଷଦ୍

## ତୃତୀୟ ମୁଣ୍ଡକ - ପ୍ରଥମ ଖଣ୍ଡ

### ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବଙ୍ଗଳା ଅନୁବାଦ :

## ନଳିନୀକାନ୍ତ ଗୁପ୍ତ

୧. ଦୁଇଟି ପକ୍ଷୀ (ବିହଙ୍ଗ/ବିହଙ୍ଗମ), ସୁନ୍ଦର ପକ୍ଷଯୁକ୍ତ (ଦ୍ୱା ସୁପର୍ଣା/ଦ୍ୱୌ ସୁପର୍ଣୌ), ସଖାଦ୍ୱୟ, ନିତ୍ୟସଙ୍ଗୀ (ସୟୁଜା ସଖାୟା/ସୟୁଜୌ ସଖାୟୌ), ସମାନ ବୃକ୍ଷକୁ (ସମାନଂ ବୃକ୍ଷମ୍), ଗୋଟିଏହିଁ ଗଛକୁ ଆଲିଙ୍ଗନ କରି (ଧରି) ରହିଛନ୍ତି (ପରିଷସ୍ୱଜାତେ) । ସେ ଦୁହିଙ୍କ ମଧ୍ୟରୁ ଜଣେ (ଗୋଟିଏ ପକ୍ଷୀ) ଗଛର ମିଠାଫଳ ଭକ୍ଷଣ କରୁଛି (ସ୍ୱାଦତି) – ଚାଖୁଛି ବା ଖାଉଛି ଏବଂ ଆଉ ଜଣେ (ଅନ୍ୟ ପକ୍ଷୀଟି) କିଛି ବି ନଖାଇ କେବଳ ଅନ୍ୟ ଜଣକୁ ନିରୀକ୍ଷଣ କରୁଛି (ଅଭିଚାକଶୀତି), ଦେଖୁଛି ।

୨. ଆତ୍ମା (ଅନ୍ତଃପୁରୁଷ)ହିଁ ହେଲା ସେହି ପକ୍ଷୀ ଯିଏ ସେହି ଏକହିଁ ବୃକ୍ଷରେ (ଅର୍ଥାତ୍ ଦେହରେ) ଜଡ଼ିତ ବା ନିମଗ୍ନ ହୋଇ ରହିଛି; କିନ୍ତୁ ଯେହେତୁ ସିଏ ପ୍ରଭୁ ନୁହେଁ (ଅନୀଶ), ତେଣୁ ମୁହ୍ୟମାନ ବା ମୋହିତ ହୋଇପଡ଼ିଛି ଏବଂ ଶୋକ କରୁଛି (ଶୋଚତି) । କିନ୍ତୁ ଯେତେବେଳେ ସିଏ ଦେଖେ ଓ ଜାଣେ ଯେ ଅନ୍ୟ ପକ୍ଷୀଟି ହେଲେ ପ୍ରକୃତ ଈଶ ବା ପ୍ରଭୁ ଏବଂ ସବୁକିଛିହିଁ ତାଙ୍କରି ମହିମା (ମହିମାନମ୍) ସେତେବେଳେ ସିଏ ଦୁଃଖ-ଶୋକ-ରହିତ (ବୀତଶୋକଃ) ହୁଏ, ଦୁଃଖ-ଶୋକ ବିମୁକ୍ତ ହୁଏ ।

୩. ଯେତେବେଳେ ବ୍ୟକ୍ତି ବା ଦ୍ରଷ୍ଟା (ପଶ୍ୟଃ) ଦେଖେ (ପଶ୍ୟତେ) ସେହି ସ୍ୱର୍ଣ୍ଣବର୍ଣ୍ଣ (ରୁକ୍ମବର୍ଣମ୍) କର୍ତ୍ତାଙ୍କୁ (କର୍ତାରମ୍), ଈଶ୍ୱରଙ୍କୁ (ଈଶମ୍) ତଥା ବ୍ରହ୍ମଯୋନି ବା ବ୍ରହ୍ମନିଦାନ ଚିନ୍ମୟ ପୁରୁଷଙ୍କୁ (ବ୍ରହ୍ମୟୋନିଂ ପୁରୁଷମ୍) ସେତେବେଳେ ଜ୍ଞାନଲାଭ କରି, ବିଦ୍ୱାନ୍ ହୋଇ ପାପ-ପୁଣ୍ୟ ଦୂର କରି (ପୁଣ୍ୟପାପେ ବିଧୂୟ) ସେ ହୋଇଉଠେ ନିରଞ୍ଜନ (ନିଷ୍କଳ, ଶୁଦ୍ଧ) ଏବଂ ପ୍ରାପ୍ତ କରେ ସାମ୍ୟ (ସାଦୃଶ୍ୟ, ଏକାତ୍ମତା ବା ତାଦାତ୍ମ୍ୟ) ।

୪. ଏଇ ତ ସେହି ପ୍ରାଣ (ଏଷଃ ହି ପ୍ରାଣଃ) ସର୍ବବସ୍ତୁରେ, ସର୍ବଭୂତରେ ଯାହା ସମୁଜ୍ଜ୍ୱଳ (ସର୍ବଭୂତୈଃ ବିଭାତି) । ଏହା ଜାଣି (ବିଜାନନ୍) ବିଦ୍ୱାନ୍ ବ୍ୟକ୍ତି ଆଉ ଅତିବାଦୀ (ତାର୍କିକ) ହୁଏନି (ନ ଅତିବାଦୀ ଭବତେ) । ସିଏ ହୋଇଉଠେ ଆତ୍ମକ୍ରୀଡ଼ (ନିଜ ସହ ଖେଳୁଥିବା ବ୍ୟକ୍ତି), ଆତ୍ମରତି (ନିଜକୁ ଭଲ ପାଉଥିବା ବ୍ୟକ୍ତି), କ୍ରିୟାବାନ୍ (କର୍ମନିରତ କର୍ମୀ) ତଥା ବ୍ରହ୍ମବିତ୍ (ବ୍ରହ୍ମଜ୍ଞାନୀ)ମାନଙ୍କ ମଧ୍ୟରେ ବରିଷ୍ଠ (ଶ୍ରେଷ୍ଠ) ।

୫. ଏହି ଆତ୍ମା (ଏଷଃ ଆତ୍ମା) ସତ୍ୟ ଦ୍ୱାରା (ସତ୍ୟେନ), ତପସ୍ୟା ଦ୍ୱାରା (ତପସା), ସମ୍ୟକ୍ ବା ସମ୍ପୂର୍ଣ୍ଣ ଜ୍ଞାନଦ୍ୱାରା (ସମ୍ୟଗ୍‌ଜ୍ଞାନେନ), ବ୍ରହ୍ମଚର୍ଯ୍ୟ ଦ୍ୱାରା (ବ୍ରହ୍ମଚର୍ୟେଣ) ନିତ୍ୟଲଭ୍ୟ (ଲଭ୍ୟଃ ନିତ୍ୟମ୍), ସର୍ବଦା ପ୍ରାପ୍ତବ୍ୟ ବା ଲାଭ କରିହୁଏ । ଅନ୍ତଃଶରୀରରେ ସେ ଜ୍ୟୋତିର୍ମୟ, ଶୁଭ୍ର (ଶରୀରର ଅନ୍ତରରେ, ହୃଦୟରେ ସେ ଆଲୋକମୟ ତଥା ସ୍ୱଚ୍ଛ ବା ଧଳା); ଯତିଗଣ (ୟତୟଃ), ତପସ୍ୱୀମାନେ କ୍ଷୀଣଦୋଷ (କ୍ଷୀଣଦୋଷାଃ) ହୋଇ (ଦୋଷବିମୁକ୍ତ ବା କଳୁଷମୁକ୍ତ ହୋଇ) ସାକ୍ଷାତ୍ କରନ୍ତି, ଦେଖନ୍ତି (ପଶ୍ୟନ୍ତି) ।

୬. ସତ୍ୟରହିଁ ଜୟ, ଅନୃତ ବା ଅସତ୍ୟର ନୁହେଁ (ସତ୍ୟମେବ ଜୟତେ ନାନୃତମ୍) । ସତ୍ୟ ଦ୍ୱାରାହିଁ ଦେବତାମାନଙ୍କର ପଥ ବିସ୍ତୃତ ବା ପ୍ରଲମ୍ବିତ (ସତ୍ୟେନ ପନ୍ଥା ବିତତୋ ଦେବୟାନଃ), ଯାହାକୁ ଆପ୍ତକାମ ଋଷିଗଣ (ଆପ୍ତକାମଃ ଋଷୟଃ), କାମନାବାସନା-ବିଜୟୀ ତପସ୍ୱୀମାନେ ଅତିକ୍ରମ କରି, ଲଙ୍ଘିଯାଇ (ଆକ୍ରମନ୍ତ୍ୟ) ସତ୍ୟର ସେହି ପରମ ନିଧାନ (ସତ୍ୟସ୍ୟ ପରମଂ ନିଧାନମ୍), ଧାମ, ଲୋକ ବା ସ୍ତରକୁ ଉତ୍ତୀର୍ଣ୍ଣ ହୁଅନ୍ତି (ଉଠିଯାଆନ୍ତି) ।

୭. ବିରାଟ୍, ବୃହତ୍ ସେ ବସ୍ତୁ, ତାହା ଦିବ୍ୟ, ରୂପ ତା'ର ଅଚିନ୍ତ୍ୟ (ଅଚିନ୍ତ୍ୟରୂପମ୍); ସୂକ୍ଷ୍ମରୁ ସୂକ୍ଷ୍ମତର ତାହା (ସୂକ୍ଷ୍ମାତ୍ ଚ ତତ୍ ସୂକ୍ଷ୍ମତରମ୍) ବିଭାସ୍ୱର (ବିଭାତି), ଉଭାସିତ । ଦୂରରୁ ସୁଦୂରରେ (ଦୂରାତ୍ ସୁଦୂରେ) ପୁଣି ତାହା ଏଇଠି ନିକଟରେ (ତତ୍ ଇହ ଅନ୍ତିକେ), ଦୃଷ୍ଟି (ଆନ୍ତର ଦୃଷ୍ଟି) ଥିବା ବ୍ୟକ୍ତିଙ୍କ ପାଇଁ (ପଶ୍ୟତ୍‌ସୁ) ତାହା ଏହିଠାରେହିଁ (ଇହୈବ=ଇହ+ଏବ) ଗୁହାରେ (ହୃଦ୍‌ଗୁହା ବା

ହୃଦୟଗୁମ୍ଫାରେ) ନିହିତ (ନିହିତଂ ଗୁହାୟାମ୍), ବା ସଂସ୍ଥିତ ଅଛି ।

୮. ଆଖିରେ ତାକୁ ଧରି ହୁଏନି ବା ଚକ୍ଷୁ ତାକୁ ଗ୍ରହଣ କରି ପାରେନି (ନ ଚକ୍ଷୁଷା ଗୃହ୍ୟତେ), କଥାରେ ତାକୁ କହି ହୁଏନି ବା ବାକ୍ୟରେ ତାକୁ ପ୍ରକାଶ କରି ହୁଏନି (ନ ଅପି ବାଚା ଗୃହ୍ୟତେ), ଅନ୍ୟ କେହି ଦେବତାଙ୍କ ଦ୍ୱାରା ବି ନୁହେଁ (ନ ଅନ୍ୟୈଃ ଦେବୈଃ) କିଂବା ତପସ୍ୟା ଦ୍ୱାରା ନୁହେଁ କି କର୍ମ ଦ୍ୱାରା ନୁହେଁ (ନ ତପସା କର୍ମଣା ବା) । ଜ୍ଞାନପ୍ରସାଦ ଦ୍ୱାରା ବା ଜ୍ଞାନର ପ୍ରଭାବରେ (ଜ୍ଞାନ-ପ୍ରସାଦେନ) ଯେତେବେଳେ ସତ୍ତା ବିଶୁଦ୍ଧ ହୁଏ (ବିଶୁଦ୍ଧସତ୍ତ୍ୱଃ) ସେତେବେଳେହିଁ (ତତଃ ତୁ) ବା ବିଶୁଦ୍ଧ-ସତ୍ତାରେହିଁ ଧ୍ୟାନସ୍ଥ ଭାବରେ (ଧ୍ୟାୟମାନଃ) ସେହି ନିଷ୍କଳ, ଅଖଣ୍ଡ ଆତ୍ମାକୁ (ନିଷ୍କଳଂ ତମ୍) ବା ତାକୁ ଦେଖି ହୁଏ (ପଶ୍ୟତେ), ବା ସେ ଦୃଷ୍ଟିଗୋଚର ହୁଏ ।

୯. ଏହି ଅଣୁ ଆତ୍ମା (ଏଷଃ ଅଣୁଃ ଆତ୍ମା) ବା ସୂକ୍ଷ୍ମ ଆତ୍ମା ଚେତନା ଦ୍ୱାରାହିଁ (ଚେତସା) ଜଣାଯାଏ (ବେଦିତବ୍ୟଃ) ବା ତାକୁ ଚେତନା ଦ୍ୱାରାହିଁ ଜାଣିବାକୁ ହେବ, ଯାହା ମଧ୍ୟରେ (ଯସ୍ମିନ୍) ପ୍ରାଣ (ପ୍ରାଣଃ) ପାଞ୍ଚ-ପ୍ରକାରେ (ପଞ୍ଚଧା) ପ୍ରବିଷ୍ଟ ହୋଇଛି (ସଂବିବେଶ) । ପ୍ରାଣଶକ୍ତିର ଧାରାରେ (ପ୍ରାଣୈଃ) ଯେଉଁ (ଯସ୍ମିନ୍) ଜୀବ ସମସ୍ତଙ୍କ (ପ୍ରଜାନାମ୍) ଚିତ୍ତମାନ ବା ହୃଦୟସବୁ (ସର୍ବଂ ଚିତ୍ତମ୍) ଓତପ୍ରୋତ ବା ଏକ ହୋଇଯାଇଛି (ଓତମ୍), ସେତେବେଳେ ସେହି ବିଶୁଦ୍ଧ ଚିତ୍ତ ବା ହୃଦୟରେ ଏଇ ଆତ୍ମା (ଏଷଃ ଆତ୍ମା) ପ୍ରକାଶିତ ହୁଏ (ବିଭବତି) ବା ସେହି ଆତ୍ମାଶକ୍ତିର ପ୍ରକାଶ ଘଟେ । (ପାଦଟୀକାରେ ଶ୍ରୀଅରବିନ୍ଦ ଲେଖିଛନ୍ତି – ଏଠାରେ ବିଭବତି କ୍ରିୟାର ଅର୍ଥ ଜଟିଳ ଏବଂ ଏହା ତାହାର ସମ୍ପୂର୍ଣ୍ଣ ଶକ୍ତିର ପରିପ୍ରକାଶ କରିବାକୁ ଏବଂ ସଂବୃତ କରିବାକୁ ବୁଝାଏ ।)

୧୦. ଯିଏ ବିଶୁଦ୍ଧ-ସତ୍ତା (ବିଶୁଦ୍ଧସତ୍ତ୍ୱଃ) ବା ଅନ୍ତଃକରଣ ଯା'ର ବିଶୁଦ୍ଧ ସେ ତା'ର ମନର ଆଲୋକରେ (ମନସା) ଯେଉଁ ଯେଉଁ ଲୋକ ସବୁକୁ ବା ସ୍ତରଗୁଡ଼ିକୁ (ଯଂ ଯଂ ଲୋକମ୍) ବିଭାସିତ ବା ଆଲୋକିତ କରେ (ସଂବିଭାତି) ଏବଂ ସେ ଯାହାକିଛି କାମ୍ୟ (ଯାନ୍ ଚ କାମାନ୍) କାମନା କରେ (କାମୟତେ) ସେହି ସେହି ଲୋକ ସମସ୍ତଙ୍କୁ (ତଂ ତଂ ଲୋକମ୍) ସେ ଜୟ କରେ (ଜୟତେ) ତଥା ସେହିସବୁ କାମ୍ୟ ବସ୍ତୁକୁ (ତାନ୍ ଚ କାମାନ୍) ପ୍ରାପ୍ତ କରେ । ତେଣୁ (ତସ୍ମାତ୍) ସଫଳତା-ପ୍ରାପ୍ତି ଚାହୁଁଥିବା ବ୍ୟକ୍ତି (ଭୂତିକାମଃ) କୌଣସି ଆତ୍ମଜ୍ଞଙ୍କୁ (ଆତ୍ମଜ୍ଞମ୍)ହିଁ ଅର୍ଚ୍ଚନା କରିବା ଉଚିତ (ହି ଅର୍ଚୟେତ୍) ବା ଆତ୍ମବିତ୍ ମୁନିଋଷିଙ୍କ ଆଶ୍ରିତ ହେବା ଆବଶ୍ୟକ ।

(କ୍ରମଶଃ)

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

## ୨୦୧୭ ବର୍ଷସୂଚୀ (Calendar)ରେ ପରିବେଷିତ ବାଣୀ



...two tranquil eyes of boundless thought
Looked into man's and saw the god to come.

... ସୀମାହୀନ ଭାବନାର ବେନି ପ୍ରଶାନ୍ତ ନୟନ
ମଣିଷ ଭିତରକୁ କଲା ଦୃଷ୍ଟିପାତ ଏବଂ (ତହିଁ) ଦେଖିଲା ଆସନ୍ନ ଦେବତା ।

# ଧ୍ୟାନ

## (୩)

## ମାଧବ ପଣ୍ଡିତ

### ଧ୍ୟାନର ପ୍ରକାର ଭେଦ

ଧ୍ୟାନ କ୍ଷେତ୍ରରେ ଧ୍ୟେୟ ବସ୍ତୁଟି ଛଡ଼ା ଅନ୍ୟ ଚିନ୍ତାସବୁ ରହିଛି ଯାହା ବାଧା ତଥା ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ବିଶେଷକରି ଆରମ୍ଭରେ କଳ୍ପନୀୟ, ଅକଳ୍ପନୀୟ ଧ୍ୟେୟ ବସ୍ତୁଠାରୁ ଭିନ୍ନ ଚିନ୍ତାରାଜିର ସବୁ ବିମୂଢ଼କାରୀ ଅନୁପ୍ରବେଶ ଘଟିଥାଏ ଯାହାର କି ଖାଲି ପଥଚ୍ୟୁତ ଓ ପରାଭୂତ କରିବା ଛଡ଼ା ଅନ୍ୟ କିଛି ଉଦ୍ଦେଶ୍ୟ ନଥାଏ ।[୧] ଏହିସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପର୍ଯ୍ୟବେକ୍ଷଣ ନାମକ ଏକ ଧ୍ୟାନ ରହିଛି । ଯାହା ହେଲା ଚିନ୍ତାର ପ୍ରବାହରେ ଭାଗ ନନେଇ ପଛକୁ ଘୁଞ୍ଚିଯିବା ଓ ସେଗୁଡ଼ିକୁ ପ୍ରଧାବିତ ହେବାକୁ ଛାଡ଼ିଦେବା ଏବଂ ତହିଁରେ ପ୍ରକଟିତ ହେଉଥିବା ମନର ବାସ୍ତବ ପ୍ରକୃତି ତଥା ସଂଗଠନକୁ ଓ ପରେ ପରେ ସକ୍ରିୟ ବୁଦ୍ଧିର ଅବଲମ୍ବନ ଅଭାବରୁ ଧୀରେ ଧୀରେ ନିଃଶେଷିତ ହେବାକୁ ଲକ୍ଷ୍ୟ କରିବା, ଅନ୍ୟ ଏକ ପ୍ରକାରର ଧ୍ୟାନ ଅଛି ଯେଉଁଥିରେ ଚିନ୍ତାସବୁକୁ ନିଜର ସତ୍ତାରେ ବିଦେଶାଗତ ଭାବରେ ବିବେଚନା କରାଯାଏ । ସେମାନେ ବହିର୍ପ୍ରକୃତି ମଧ୍ୟରୁହିଁ ଆଗତ ହୋଇଥା'ନ୍ତି । ସାଧକ ପୁରୁଷତୁଲ୍ୟ ପଶ୍ଚାଦ୍‌ଭାଗରେ ଦଣ୍ଡାୟମାନ ହେବା ଶିକ୍ଷା କରେ ଏବଂ ସମସ୍ତ ଅନ୍ତରାଗତ ଚିନ୍ତାରୁ ନିଜର ସମ୍ମତି ପ୍ରତ୍ୟାହାର କରିନିଏ ଏବଂ ସେମାନଙ୍କୁ ଦୃକ୍‌ପାତ କରିବାକୁ ଅସ୍ୱୀକାର କରେ । ଏହା ପ୍ରଥମତଃ ସତ୍ତାରେ ଏକ ଦ୍ୱୈତ ଭାରସାମ୍ୟ ଆଣେ; ପୁରୁଷର ଏକ ଅବିଚଳିତ ସଂସ୍ଥିତି ଓ ପ୍ରକୃତିର ଏକ ଯାନ୍ତ୍ରିକ କ୍ଷେତ୍ର; ଏବଂ ପରିଶେଷରେ ପ୍ରକୃତିର ଅଧିକାର କ୍ଷୀଣରୁ କ୍ଷୀଣତର ହୁଏ । ଏହା ଆମକୁ ପର ପଦକ୍ଷେପରେ ଏକ ସକ୍ରିୟ ଧ୍ୟାନ ବା ମୁକ୍ତିଦାୟୀ ଧ୍ୟାନ ଆଡ଼କୁ ନେଇଯାଏ ଯାହା ହେଉଛି ସୁନିଶ୍ଚିତ ଭାବରେ ଚିନ୍ତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା ଓ ବାହାରୁ ଭିତରକୁ ଆସିବା ପୂର୍ବରୁ ଅବରୋଧ କରିବା । ଏବଂ ମନକୁ ସମସ୍ତ ଉପାଦାନରୁ ଶୂନ୍ୟ କରିଦେବା ଯଦ୍ଦ୍ୱାରା ଏହା ଏକ ସ୍ୱଚ୍ଛ ସମତଳ ବା ଏକ ମୁକ୍ତ ଶୂନ୍ୟପାତ୍ରରେ ପରିଣତ ହେବ, ଯେଉଁଥିରେ ଏକ ଉଚ୍ଚତର ବା ଗଭୀରତର ଚେତନା ପ୍ରତିଷ୍ଠିତ ହେବ । ଆହୁରି ମଧ୍ୟ ଏକ ପଥରେ ବାହ୍ୟ ଚିନ୍ତନର ପ୍ରତ୍ୟାଖ୍ୟାନ ସମୟରେ ମନର ପଶ୍ଚାତ୍‌ରେ ଥିବା ପ୍ରଶାନ୍ତି ବିଷୟରେ ସଚେତନ ହେବାକୁ ଏବଂ ଏଥି ସହିତ ସ୍ମରଣ ତଥା ଉନ୍ମୀଳନ ସହକାରେ ଜଡ଼ି ରହିବାକୁ ହୁଏ । କ୍ରମଶଃ ଏହି ଶାନ୍ତି ଆଧାରରେ ସୁଦୃଢ଼ ହୁଏ ଏବଂ ଚିନ୍ତାର ପ୍ରଧାବନଶୀଳ କାର୍ଯ୍ୟାବଳୀକୁ ବି ସ୍ଥାପିତ କରେ ।

ପ୍ରାୟଶଃ ଯୋଗଶାସ୍ତ୍ରାନୁସାରେ ଶରୀରର ତିନୋଟି କେନ୍ଦ୍ରରେ ଧ୍ୟାନ କରାଯାଇଥାଏ । ଏହା ମସ୍ତକରେ, ଭ୍ରୂଯୁଗଳ ମଧ୍ୟରେ ଓ ହୃଦୟରେ[୨] ସମାହିତ ହୋଇପାରେ । ଏପରି ଧରିନେବା ଠିକ୍ ନୁହେଁ ଯେ ଜଣେ ବ୍ୟକ୍ତି ସେସବୁ ସ୍ଥାନରେ ଏକାଗ୍ର ବା ଅଭିନିବିଷ୍ଟ ହୁଏ । ଜଣେ ନିଜର ଚେତନାରେ ନିଜକୁ ସେହି କେନ୍ଦ୍ରମାନଙ୍କରେ ଅବସ୍ଥାପିତ କରେ ଏବଂ ଏହାକୁ ସେଠାରେ ଧ୍ୟାନର ଶେଷ ପର୍ଯ୍ୟନ୍ତ ଧରି ରଖେ । କେତେକ ଯୋଗପଥରେ କେଉଁଠାରେ ଧ୍ୟାନ କରିବାକୁ ହୁଏ ତାହା ନିରୂପିତ ହୋଇଥାଏ, ହୃଦୟରେ ବା ମସ୍ତକରେ ଇତ୍ୟାଦି । କିନ୍ତୁ ଶ୍ରୀଅରବିନ୍ଦଙ୍କର ଏହି ଯୋଗରେ ଯେଉଁ କେନ୍ଦ୍ର ସାଧକକୁ ସ୍ୱତଃ ଉପଲବ୍ଧ ହୁଏ ତାହାହିଁ ସ୍ଥିରୀକୃତ ହୁଏ । ଏହା ମଧ୍ୟ ମନେ ରଖିବେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ କେନ୍ଦ୍ରମାନେ ଅଧିକତର ସହଜ ମନେ ହୋଇଥା'ନ୍ତି । ତାହାର ଅର୍ଥ ହେଉଛି ସେହି କେନ୍ଦ୍ର ଦ୍ୱାରା ଶାସିତ ସେଇ ଅଂଶ ମାଧ୍ୟମରେ ଆଧାର ଉଚ୍ଚତର ତଥା ଗଭୀରତର ସ୍ପନ୍ଦନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଥାଏ ଏବଂ ସେହି ସମୟରେ ସେହି ସ୍ଥାନରେ ଧ୍ୟାନ କରିବାକୁ ବ୍ୟକ୍ତି ସ୍ୱତଃ ପ୍ରେରିତ ହୁଏ । ତେଣୁ କେଉଁ ସ୍ଥାନରେ ସାଧକ ଏକାଗ୍ର ବା ନିବିଷ୍ଟ ହେବ ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟତା ନାହିଁ । କିନ୍ତୁ, ନିୟମାନୁଯାୟୀ, ବିଶେଷ କରି ଆଦ୍ୟାବସ୍ଥାରେ ଶ୍ରୀମାଶ୍ରୀଅରବିନ୍ଦ ହୃତ୍‌କେନ୍ଦ୍ରରେ[୩] ଧ୍ୟାନ କରିବାକୁ ଉପଦେଶ ଦେଇଛନ୍ତି । କାରଣ ଦିବ୍ୟପ୍ରଭୁ ଅନ୍ୟ ଅଂଶଠାରୁ ଏହି ଅଂଶରେ ସହଜଲଭ୍ୟ ତଥା ପ୍ରତ୍ୟେକ ବ୍ୟକ୍ତିଠାରେ ଦିବ୍ୟ-ଉପାଦାନ – ଜୀବାତ୍ମା ଚୈତ୍ୟପୁରୁଷ ଏହି ହୃଦୟାଭ୍ୟନ୍ତରରେ ଅଧିଷ୍ଠିତ ଅଛନ୍ତି । ଏହି (ଚୈତ୍ୟପୁରୁଷ) ଯଦି ଏକ ଆନ୍ତର ଲମ୍ଫ ଦ୍ୱାରା ଥରେ

ସଂଯୋଜିତ ହୁଅନ୍ତି ତେବେ ସେ ଗଭୀରରୁ ଜାଗ୍ରତ୍ ହୁଅନ୍ତି ଏବଂ ତାଙ୍କର ପ୍ରଭାବ ଅବଶିଷ୍ଟ ସତ୍ତା ଉପରେ ବିସ୍ତାର କରି ସାଧନାକୁ ସହଜସାଧ୍ୟ ଓ ନିରାପଦ କରିଦିଅନ୍ତି । ଆତ୍ମାର ପବିତ୍ରତା, ଏହାର ପ୍ରେମ ଓ ଜ୍ଞାନର ବିଚ୍ଛୁରଣ ଓ ଏଥିରେ ସ୍ୱଭାବସିଦ୍ଧ ଭାବେ ରହିଥିବା ସତ୍ୟ ଓ ଜ୍ଞାନର ଶକ୍ତି ଏକ ବର୍ଦ୍ଧିଷ୍ଣୁ ବିସ୍ତୀର୍ଣ୍ଣତାରେ ନିଜର ପ୍ରକାଶନ ଆରମ୍ଭ କରି ଅଦିବ୍ୟ, ଅଜ୍ଞାନତା, ଅହଂକାର ଓ ମିଥ୍ୟାଚାରର ଉପାଦାନକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଦୂର କରନ୍ତି ଯେଉଁମାନେ କି ଦୁରନ୍ତ ବିପଦ ସଦୃଶ ସାଧନାର ମୋଡ଼ ଘୂରାଇ ଦେବା ପାଇଁ ଚିର ପ୍ରସ୍ତୁତ ରହିଥା'ନ୍ତି ।

ଏହିପରି ଧ୍ୟାନ ଏକ ଇନ୍ଦ୍ରିୟ-ସଂକୁଳ ସୀମାବଦ୍ଧ ସାଧାରଣ ଜୀବନରୁ ସମୁତ୍‌ଥିତ ହେବା ଓ ଦିବ୍ୟପ୍ରଭୁଙ୍କର ଉଚ୍ଚତର ଓ ଗଭୀରତର ଚେତନାର ବେଷ୍ଟନୀରେ ସମୃଦ୍ଧ ହେବା ପାଇଁ ଏକ ପଥ ଅଟେ । ଏହା ଏକ ଅବସ୍ଥା ଯାହାକୁ ସାଧକ କ୍ରମ ସଂସିଦ୍ଧ କରେ ଯହିଁରେ ଆଧାର ଦିବ୍ୟପରମଙ୍କର ପବିତ୍ରତର ଓ ଉଚ୍ଚତର ସ୍ପନ୍ଦନର ଝଙ୍କାରରେ ପରିସ୍ପନ୍ଦିତ ହୋଇଉଠେ ଏବଂ ତାଙ୍କର ପବିତ୍ରୀକରଣ ଓ ବିମୁକ୍ତୀକରଣ ଆଡ଼କୁ ଉନ୍ମୁକ୍ତ ହୁଏ । ଏହିସବୁ କ୍ରିୟା ସମୟରେ ବ୍ୟକ୍ତି ଯେତେ ଅପୂର୍ଣ୍ଣ ଭାବରେ ହେଲେ ମଧ୍ୟ ଅଜ୍ଞାନତା ଓ ଅନ୍ଧକାରର ତମସାଚ୍ଛନ୍ନତାର ଊର୍ଦ୍ଧ୍ୱରେ ବାସ କରିବାକୁ ଆରମ୍ଭ କରେ । ଉଚ୍ଚତର ଜୀବନର ବାୟୁମଣ୍ଡଳ ସହ ନିଜକୁ ପରିଚିତ କରାଏ । ଧୀରେ ଧୀରେ ଦିବ୍ୟସତ୍ତାର ତତ୍ତ୍ୱ ବା ତାଦୃଶ ସୂକ୍ଷ୍ମ ସାରତତ୍ତ୍ୱକୁ ସେମାନଙ୍କର ଭିନ୍ନ ଭିନ୍ନ ଅଭିବ୍ୟକ୍ତି – ଯଥା ଶାନ୍ତି, ଜ୍ଞାନ, ଆଲୋକ, ଆନନ୍ଦ ଓ ଶକ୍ତିକୁ ତା'ର ଅଙ୍ଗ ସଂସ୍ଥାନରେ ଆରୋପଣ କରେ । ଏହା ଆବଶ୍ୟକ କରେ ଦୈନନ୍ଦିନ ଜୀବନର ପୃଷ୍ଠଭୂମିରୁ ଏକ ସାଧାରଣ ପରିପୁଷ୍ଟି । ଅନ୍ୟାନ୍ୟ ସମୟରେ ବ୍ୟକ୍ତି ଯାହା କାର୍ଯ୍ୟ କରେ ବା ଚିନ୍ତା କରେ ସେସବୁ ଧ୍ୟାନ ସମୟରେ ସାରସତ୍ତା ଓ ଧାରାବାହିକତାରେ ଏକାତ୍ମ୍ ହେବା ଆବଶ୍ୟକ କରେ, ଯାହାକି (ଧ୍ୟାନ) କେବଳ ଜୀବନ ପ୍ରବାହର ଏକ ଉଚ୍ଚ ଶିଖର ମାତ୍ର ଅଟେ । ଏପରି ଏକ ଅପରିହାର୍ଯ୍ୟ ପୃଷ୍ଠଭୂମିର ବ୍ୟବସ୍ଥା ପାଇଁ ପୁରାତନ ଭାରତୀୟ ଦର୍ଶନ ଏପରି ଏକ ବିଜ୍ଞାନ ତିଆରି କରିଛି ଯାହା ସଫଳ ଧ୍ୟାନ ପାଇଁ ଅନୁସରଣ କରିବାକୁ ହୁଏ । ଏହି ପରମ୍ପରାହିଁ ପତଞ୍ଜଳିଙ୍କ ଦ୍ୱାରା ତାଙ୍କର ପ୍ରଖ୍ୟାତ ଯୋଗସୂତ୍ରରେ ସୁବ୍ୟବସ୍ଥିତ ହୋଇଥିଲା, ଯେଉଁଠାକୁ ଆମେ ବର୍ତ୍ତମାନ ଆମର ପାଠ୍ୟର ପରିସର ଦୃଷ୍ଟିରୁ ଫେରିଯିବା ।

(କ୍ରମଶଃ)

(ଇଂରାଜୀ *Dhyana* ପୁସ୍ତକରୁ)

ଅନୁବାଦ : ରଜନୀକାନ୍ତ ମିଶ୍ର

❑❑❑

---

(୧) ମହର୍ଷି ଥରେ ଶ୍ରୀ କପାଳୀଶାସ୍ତ୍ରୀୟାରଙ୍କୁ ତାଙ୍କର ପ୍ରାରମ୍ଭିକ ଜୀବନରେ କହିଥିଲେ, ''ଯଦି ବହୁତ ଚିନ୍ତା ରହିଥାଏ ତେବେ ଆଖି ଖୋଲା ରଖି ଧ୍ୟାନ କର । ଏହା କଠିନ ଭଳି ବୋଧହୋଇପାରେ, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଫଳପ୍ରସୂ ହୋଇପାରେ ।

(୨) ଏହା ସ୍ଥୂଳ ହୃଦୟ ନୁହେଁ, କିନ୍ତୁ ଯୌଗିକ ଭାଷାରେ ଯାହାକୁ ହୃତ୍‌କେନ୍ଦ୍ର ବୋଲି କୁହାଯାଉଛି । ଏହା ହେଉଛି ବକ୍ଷର ମଧ୍ୟଭାଗ ହୃତ୍‌ପିଣ୍ଡର କେନ୍ଦ୍ରସ୍ଥଳ ।

(୩) ହୃଦୟର ନିଗୂଢ଼ ଅଭ୍ୟନ୍ତରରେ ଈଶ୍ୱରଙ୍କ ଉପସ୍ଥିତି ସମ୍ପର୍କରେ ଉପନିଷଦମାନଙ୍କରେ ବହୁ ପ୍ରାମାଣିକ ପରିଚ୍ଛେଦ ରହିଛି । ଏହିସବୁ ଗ୍ରନ୍ଥରେ ପ୍ରତୀକ ମାଧ୍ୟମରେ ବର୍ଣ୍ଣନାର ଏକ ଆଦର୍ଶ ନମୁନା ଧ୍ୟାନବିନ୍ଦୁ ଉପନିଷଦରୁ ନିଆଯାଉ : ''ହୃଦୟ ଆସ୍ଥାନରେ ଏକ ଅଷ୍ଟଦଳ ପଦ୍ମ ରହିଛି । ଏହାର କେନ୍ଦ୍ରରେ ରହିଛି ଜ୍ୟୋତିଃରୂପ, ପାରମାଣବିକ ଆକାରରେ ଜୀବାତ୍ମା, ଯାହା ଏକ ବୃତ୍ତାକାର ପଥରେ ଗତିଶୀଳ । ଏଥିରେହିଁ ଅବସ୍ଥିତ ଅଛି ସବୁକିଛି, ଏହାକୁ ଜ୍ଞାତ ରହିଛି ସବୁକିଛି ।''

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୦)

### ଚିତ୍ତରଞ୍ଜନ ଦାସଙ୍କର ଆଗମନ :

୧୯ ଅକ୍‌ଟୋବର ୧୯୪୬ରେ ଶ୍ରୀଅରବିନ୍ଦ ଜନୈକ ବ୍ୟକ୍ତିଙ୍କୁ ଲେଖିଥିଲେ : ''ବେଙ୍ଗଲର ଅବସ୍ଥା ନିତାନ୍ତ ଖରାପ, ସେଠାରେ ହିନ୍ଦୁମାନଙ୍କର ଅବସ୍ଥା ଭୟଙ୍କର ଏବଂ ଦିଲ୍ଲୀରେ ଆହୁରି ସ୍ୱାର୍ଥମୂଳକ 'ମଧ୍ୟବର୍ତ୍ତିକାଳୀନ ଆପୋସ' ସତ୍ତ୍ୱେ ଏହା ଆହୁରି ଖରାପ ଅବସ୍ଥାକୁ ଯାଇପାରେ । କିନ୍ତୁ ଏ ସମ୍ପର୍କରେ ପ୍ରତିକ୍ରିୟାକୁ ଅତ୍ୟଧିକ ହେବାକୁ ଦିଅ ନାହିଁ ବା ନୈରାଶ୍ୟକୁ ପ୍ରଶ୍ରୟ ଦିଅ ନାହିଁ । ବେଙ୍ଗଲରେ ଅତି କମ୍‌ରେ ଦୁଇ କୋଟି ହିନ୍ଦୁ ଅଛନ୍ତି ଏବଂ ସେମାନଙ୍କୁ ସମୂଳେ ବିନାଶ କରାଯାଇ ପାରିବ ନାହିଁ – ଏପରିକି ହିଟଲର୍ ମଧ୍ୟ ତାହାର ସମସ୍ତ ଧ୍ୱଂସକାରୀ ଓ ହତ୍ୟାକାରୀ ବୈଜ୍ଞାନିକ ପ୍ରଣାଳୀ ଦ୍ୱାରା ଇହୁଦୀମାନଙ୍କର ସମୂଳ ବିନାଶ ଘଟାଇବାକୁ ଅସମର୍ଥ ହେଲା – ଆଜି ମଧ୍ୟ ସେହି ଇହୁଦୀମାନେ ଅତ୍ୟନ୍ତ ଜୀବନ୍ତ ଭାବରେ ନିଜର ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି । ଆଉ ହିନ୍ଦୁ ସଂସ୍କୃତି ତ କେବେ ଦୁର୍ବଳ ଓ ନରମ ବସ୍ତୁ ନୁହେଁ, ଯାହାକୁ ଏତେ ସହଜରେ ନିର୍ମୂଳ କରାଯାଇପାରେ । ଏହା ଅତି କମ୍‌ରେ ପ୍ରାୟ ପାଞ୍ଚ ହଜାର ବର୍ଷ ଧରି ତିଷ୍ଠି ରହି ଆସିଛି ଏବଂ ଅଧିକ ଦୀର୍ଘ କାଳ ଧରି ମଧ୍ୟ ରହିପାରିବ ଏବଂ ତିଷ୍ଠି ରହିବା ସକାଶେ ଯଥେଷ୍ଟ ଶକ୍ତି ମଧ୍ୟ ସଞ୍ଚୟ କରିଛି । ଯାହା ଘଟୁଛି ତାହା ମୋ ପାଇଁ କିଛି ବିସ୍ମୟର ବିଷୟ ନୁହେଁ । ବହୁ ପୂର୍ବରୁ ବେଙ୍ଗଲରେ ଥିବା ବେଳେ, ଏପରି ଘଟିବ ବୋଲି ମୁଁ ଜାଣି ପାରିଥିଲି । ମୁଁ ଲୋକମାନଙ୍କୁ ସତର୍କ କରାଇ ଦେଇ କହିଥିଲି ଯେ ଏହା ଘଟିପାରେ ଏବଂ ଏହା ଘଟିବା ପ୍ରାୟ ଅନିବାର୍ଯ୍ୟ ଏବଂ ସେଥିପାଇଁ ସେମାନେ ପ୍ରସ୍ତୁତ ହେବା ଦରକାର । ମୁଁ ଯାହା କହିଲି, ସେସମୟରେ କେହି ତା'ର ମୂଲ୍ୟ ଦେଲେ ନାହିଁ । ଯଦିଓ ଗଣ୍ଡଗୋଳ ଯେତେବେଳେ ଆରମ୍ଭ ହେଲା, ଠିକ୍ ତା' ପରେ ପରେ କେତେକେ ତାହା ମନେ ରଖିଥିଲେ ଏବଂ ସ୍ୱୀକାର କରିଥିଲେ ଯେ ମୁଁ ଯାହା କହିଥିଲି ତାହା ପ୍ରକୃତରେ ସତ୍ୟ । କେବଳ ଚିତ୍ତରଞ୍ଜନ ଦାସ ଏବିଷୟରେ ଗଭୀର ଚିନ୍ତାଶୀଳ ଥିଲେ ଏବଂ ଖୁବ୍ ଅମଙ୍ଗଳର ଆଶଙ୍କା କରୁଥିଲେ ଏବଂ ଏପରିକି ପଣ୍ଡିଚେରୀକୁ ଆସିଥିବା ବେଳେ ସେ ମୋତେ କହିଥିଲେ ଯେ ଏହି ଭୟଙ୍କର ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ବ୍ରିଟିଶମାନେ ଭାରତ ଛାଡ଼ିଯିବାକୁ ସେ ପସନ୍ଦ କରନ୍ତି ନାହିଁ । କିନ୍ତୁ ଯାହାସବୁ ଘଟୁଛି ତଦ୍ୱାରା ମୁଁ ଆଦୌ ହତୋତ୍ସାହ ହେଉ ନାହିଁ, କାରଣ ମୁଁ ଜାଣେ ଏବଂ ଶତାଧିକ ବାର ମୋର ଏପରି ଅନୁଭୂତି ହୋଇଛି ଯେ ଯିଏ ଭଗବାନଙ୍କ ଯନ୍ତ୍ର, ତା' ପାଇଁ ଗାଢ଼ତମ ଅନ୍ଧକାରର ପଶ୍ଚାତରେ ରହିଥାଏ ଭଗବାନଙ୍କର ବିଜୟର ଆଲୋକ ।...''

୧୯୨୨ରେ ଚିତ୍ତରଞ୍ଜନ ଦାସ ଶ୍ରୀଅରବିନ୍ଦଙ୍କୁ ରାଜନୀତି କ୍ଷେତ୍ରକୁ ଫେରିଆସି କଂଗ୍ରେସର ଅଧିନାୟକତ୍ୱ ଗ୍ରହଣ କରିବାକୁ ଅନୁରୋଧ କରି ପତ୍ର ଲେଖିଥିଲେ । ସେହି ସମୟରେ କଂଗ୍ରେସର 'ପରିବର୍ତ୍ତନମୁଖୀ' ଓ 'ପରିବର୍ତ୍ତନବିମୁଖୀ' – ଏହି ଦୁଇପକ୍ଷଙ୍କ ଭିତରେ ମତାନ୍ତର ଲାଗି ରହିଥିଲା । 'ଭାରତ-ଶାସନର ନୂତନ ଆଇନ' ଅଧୀନରେ ଗଠିତ ବୃହତ୍ତର ବିଧାନସଭା ନିର୍ବାଚନରେ ଭାଗ ନେବା ପ୍ରସଙ୍ଗକୁ ନେଇ ଦୁଇ ପକ୍ଷଙ୍କ ଭିତରେ ଗଣ୍ଡଗୋଳ ଚାଲିଥିଲା । ଶ୍ରୀଅରବିନ୍ଦ ୧୮ ନଭେମ୍ବର ୧୯୨୨ରେ ଅନୁଜ ବାରୀନଙ୍କ ହାତରେ ଚିତ୍ତରଞ୍ଜନଙ୍କୁ ଲିଖିତ ଏକ ପତ୍ରରୁ ଉଦ୍ଧୃତି : ''... ମୁଁ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିଛି ଯେ କର୍ମ ଓ ଜୀବନର ଯଥାର୍ଥ ଭିତ୍ତିଭୂମି ଆଧ୍ୟାତ୍ମିକତା; ଅର୍ଥାତ୍, କେବଳ ଯୋଗ-ସାଧନା ବଳରେହିଁ ଏକ ନୂତନ ଚେତନାର ବିକାଶ ଘଟାଇବାକୁ ହେବ । ଏକଥା ମୋର ବିଭିନ୍ନ ଧାରାରେ କ୍ରମଶଃ ଅଧିକରୁ ଅଧିକ ଭାବରେ ବୋଧଗମ୍ୟ ହେଲାଣି ଯେ ମନୁଷ୍ୟ କେବେ ବି ଏହି ବ୍ୟର୍ଥ ଘୂର୍ଣ୍ଣାବର୍ତ୍ତର ଗତି ମଧ୍ୟରୁ ବାହାରି ପାରିବ ନାହିଁ ଓ ସେହି ସମାନ ସ୍ଥିତିରେହିଁ ଘୂରି ବୁଲୁଥିବ ଯେତେବେଳଯାଏ ଏକ ନୂତନ ଭିତ୍ତିଭୂମିକୁ ମାନବଜାତିର ଉତ୍ତରଣ ନଘଟିଛି । ମୁଁ ଏକଥା ବି ବିଶ୍ୱାସ କରେ ଯେ ସମଗ୍ର ଜଗତ୍ ନିମିତ୍ତ ଏହି ମହାନ୍ ବିଜୟ ହାସଲ କରିବାହିଁ ଭାରତବର୍ଷ ସକାଶେ ବିଧିନିର୍ଦ୍ଦିଷ୍ଟ କର୍ମ ।... ବର୍ତ୍ତମାନ ମୁଁ ଏହା ନିର୍ଣ୍ଣୟ କରିଛି ଯେ ବାହାର ଜଗତର କୌଣସି କର୍ମରେ ମୁଁ ହାତ ଦେବିନି, ଯେତେବେଳ ପର୍ଯ୍ୟନ୍ତ ଏହି ଶକ୍ତିର

କ୍ରିୟାଶୀଳ ବିଭାବର ପୂର୍ଣ୍ଣ ତଥା ନିଶ୍ଚିତ କର୍ତ୍ତୃତ୍ୱ ମୋ ଆୟତ୍ତକୁ ନଆସିଛି ।... ପରିପୂର୍ଣ୍ଣ ଭିତ୍ତିଭୂମିଟି ପ୍ରସ୍ତୁତ ନହେବାଯାଏ ମୁଁ କିଛି ଗଢ଼ିବାକୁ ଯାଉ ନାହିଁ ।...

‘‘(ତଥାପି) ମୁଁ ତୁମର ରାଜନୈତିକ ଗତିବିଧି ଉପରେ, ବିଶେଷତଃ ଅସହଯୋଗ ଆନ୍ଦୋଳନକୁ ଏକ ଅଧିକ ନମନୀୟ ଓ ବ୍ୟାବହାରିକ ଦୃଷ୍ଟିରୁ ଅଧିକ କ୍ଷମତାଶାଳୀ ତଥା ଫଳୋତ୍ପାଦକ ହେବା ସକାଶେ ତୁମର ଏବେକାର ଉଦ୍ୟମ ଉପରେ ମୁଁ ଅତ୍ୟନ୍ତ ଆଗ୍ରହର ସହିତ ଦୃଷ୍ଟି ରଖିଛି । ଏହି ବିଶାଳ ପ୍ରତିକୂଳ ଶକ୍ତିରାଜି ବିରୋଧରେ ତୁମର ପ୍ରଚେଷ୍ଟା ସଫଳତା ଲାଭ କରିବା ବିଷୟରେ ମୋର ସନ୍ଦେହ ରହିଛି ସତ, କିନ୍ତୁ ତୁମେ ତୁମର ଆନ୍ତରିକ ଉଦ୍ୟମରେ ସଫଳତା ଲାଭ କର — ଏହି ଶୁଭକାମନା ରହିଛି । ଅଧିକନ୍ତୁ, ‘ସ୍ୱରାଜ’ ବିଷୟରେ ତୁମେ ଦେଇଥିବା ସୂଚନାସବୁ ସମ୍ବନ୍ଧେ ମୁଁ ସର୍ବାଧିକ ଭାବରେ ଆଗ୍ରହାନ୍ୱିତ; କାରଣ ଏକ ଯଥାର୍ଥ ଭାରତୀୟ ‘ସ୍ୱରାଜ’ ସଂଗଠନ ସମ୍ବନ୍ଧେ ମୁଁ ମୋର ନିଜସ୍ୱ ପରିକଳ୍ପନାକୁ ପୂର୍ଣ୍ଣାଙ୍ଗ ବା ଅଧିକ ବିସ୍ତୃତ ତଥା ସୁଶୃଙ୍ଖଳିତ କରିବା ଦିଗରେ ନିମଗ୍ନ ରହିଛି ଏବଂ ମୋର ପରିକଳ୍ପନା ସହିତ ତୁମର ପରିକଳ୍ପନାର କେତେଦୂର ମେଳ ରହିଛି — ଏ ସମ୍ବନ୍ଧରେ ଜାଣିବା ସକାଶେ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷାରେ ରହିଛି ।’’

ଦେଶବଂଧୁ ଚିତ୍ତରଂଜନ ଦାସ ଦକ୍ଷିଣ ଭାରତକୁ ରାଜନୈତିକ ପରିଭ୍ରମଣରେ ଆସି ୫ ଜୁନ୍ ୧୯୨୩ରେ ପଣ୍ଡିଚେରୀରେ ପହଞ୍ଚିଥିଲେ । ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା । ସେହିଦିନ ଉପରଓଳି ସାଢ଼େ ତିନିଟା ସମୟରେ ସେ ଶ୍ରୀଅରବିନ୍ଦଙ୍କୁ ଭେଟିଥିଲେ । ୧୯୦୯ ପରେ ଏଇଟି ହେଉଛି ଦୁଇ ‘ବଂଧୁ’ଙ୍କର ପ୍ରଥମ ସାକ୍ଷାତ୍ ।

ଏହି ସାକ୍ଷାତ୍କାରରେ ଉଭୟଙ୍କ ଭିତରେ ପ୍ରଧାନ ଆଲୋଚ୍ୟ ବିଷୟ ଥିଲା : ପ୍ରବର୍ତ୍ତକ ସଂଘ ଓ ମତିଲାଲ ରାୟ, ଭାରତର ତତ୍କାଳୀନ ରାଜନୀତିକ ପରିସ୍ଥିତି ତଥା ଦାସଙ୍କର ନିଜର ଆଧ୍ୟାତ୍ମିକ ଜୀବନ । ସ୍ୱରାଜ ପାର୍ଟି ସମ୍ବନ୍ଧରେ ମଧ୍ୟ ଅଳ୍ପ ଆଲୋଚନା ହେବା ପରେ ଶ୍ରୀଅରବିନ୍ଦ ସେହି ପାର୍ଟିର ସଙ୍ଗଠନ ସକାଶେ ତାଙ୍କର ସମର୍ଥନ ଦେଇଥିଲେ । ଦାସଙ୍କର ଆଧ୍ୟାତ୍ମିକ ଜୀବନଯାପନରେ ସାହାଯ୍ୟ କରିବାକୁ ଶ୍ରୀଅରବିନ୍ଦ ପ୍ରସ୍ତୁତ ଥିଲେ ଯଦି ସେ ରାଜନୀତିରୁ ଓହରି ଆସିବାକୁ ରାଜି ହୁଅନ୍ତି ଏବଂ ନିଜେ ସାଧନା ନିମିତ୍ତ ସଂପୂର୍ଣ୍ଣରୂପେ ମନୋନିବେଶ କରନ୍ତି । ତାଙ୍କ ପକ୍ଷରେ ସେହି ଧରଣର ଦୃଢ଼ ପଦକ୍ଷେପ ନେବା ସମ୍ଭବ ନହେବାରୁ ଶ୍ରୀଅରବିନ୍ଦ ତାଙ୍କୁ ଏହି ମର୍ମରେ ଉପଦେଶ ଦେଇଥିଲେ ଯେ ସେ ତାଙ୍କର ରାଜନୈତିକ କର୍ମକୁ ଯଥାରୀତି ଚାଲୁ ରଖି ସାଧ୍ୟମତେ ଆଧ୍ୟାତ୍ମିକ ଜୀବନଯାପନ କରନ୍ତୁ ।

ଚିତ୍ତରଞ୍ଜନଙ୍କ ସମ୍ବନ୍ଧେ ‘ସାନ୍ଧ୍ୟ-ବୈଠକ’ର ଆଳାପ-ଆଲୋଚନା ସମୟରେ ଶ୍ରୀଅରବିନ୍ଦ ନିମ୍ନୋକ୍ତ ମର୍ମରେ ମନ୍ତବ୍ୟସବୁ ଦେଇଥିଲେ :

‘‘— ଇଂଲଣ୍ଡରେ ଥିବାବେଳେ ଯେଉଁ କେତେଜଣ ଅଗ୍ରଣୀ ଭାରତୀୟ ଯୁବକ ସ୍ୱଦେଶର ସ୍ୱାଧୀନତା-ବିପ୍ଳବର ପରିକଳ୍ପନା କରିଥିଲେ, ସେମାନଙ୍କ ମଧ୍ୟରେ ଚିତ୍ତରଂଜନ ଦାସ ଥିଲେ ଅନ୍ୟତମ । (ଏ ସମ୍ବନ୍ଧରେ ଗୁପ୍ତ ଖବର ପାଇ ଇଂଲଣ୍ଡରେ ତାଙ୍କୁ ଆଇ.ସି.ଏସ୍. ଅଧ୍ୟୟନ କରିବାକୁ କର୍ତ୍ତୃପକ୍ଷଗଣ ବେନିୟମ କରି ଅନୁମତି ଦେଇ ନଥିଲେ । ତେଣୁ ସେ ଅନନ୍ୟୋପାୟ ହୋଇ ଆଇନ-ଶାସ୍ତ୍ର ପଢ଼ିଥିଲେ ।)

‘‘— ତୁମେ ଜାଣ ଚିତ୍ତରଂଜନ ଦାସ ରାଜନୀତିଜ୍ଞମାନଙ୍କ ସମ୍ବନ୍ଧେ କ’ଣ କହିଥିଲେ ? ସେ କହିଥିଲେ ଯେ ତାଙ୍କର ସମଗ୍ର ଓକିଲାତି ଜୀବନରେ ସେ ଏମିତି କଦର୍ଯ୍ୟ ଅପରାଧୀଙ୍କ ସଂସ୍ପର୍ଶରେ ଆସି ନଥିଲେ ଯେମିତି ସେ ରାଜନୀତିରେ ଭେଟିଥିଲେ ।

‘‘— ସେ ଜଣେ ନୈତିକବାଦୀ ନଥିଲେ ସତ, ତଥାପି ସେ ସର୍ବଦା ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ବଜାୟ ରଖି ଜଣେ ଅସାଧାରଣ ସାମର୍ଥ୍ୟ ଓ ଚରିତ୍ରବାନ୍ ବ୍ୟକ୍ତି ହୋଇ ପାରିଥିଲେ ।

‘‘— ସେ ପଣ୍ଡିଚେରୀକୁ ଆସିଥିବା ବେଳେ ଯୋଗ-ସାଧନାରେ ବ୍ରତୀ ହେବାକୁ ଇଚ୍ଛା କରିଥିଲେ; କିନ୍ତୁ ସେତେବେଳକୁ ତାଙ୍କର ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥିଲା ।’’

୨୫ ସେପ୍ଟେମ୍ବର ୧୯୨୩ରେ ଚିତ୍ତରଞ୍ଜନ ପୁଣି ଶ୍ରୀଅରବିନ୍ଦଙ୍କୁ ତାରବାର୍ତ୍ତା କରି ଅନୁରୋଧ କରିଥିଲେ ଯେ ସ୍ୱସମ୍ପାଦିତ ତାଙ୍କର ନୂତନ ପତ୍ରିକା ‘Forward’କୁ ଏକ ବାଣୀ ଲେଖିଦିଅନ୍ତୁ । ଶ୍ରୀଅରବିନ୍ଦ ନିମ୍ନୋକ୍ତ ଉତ୍ତର ଜଣେ ଶିଷ୍ୟଙ୍କ ଦ୍ୱାରା ଲେଖାଇ ତାଙ୍କ ପାଖକୁ ପ୍ରେରଣ କରିଥିଲେ :

‘‘ବର୍ତ୍ତମାନ ଏପରି ଏକ ବାଣୀ ପଠାଇବାର ଅର୍ଥ ସର୍ବସାଧାରଣରେ ଘୋଷଣା ବା ପ୍ରଚାର କରିବା ସଦୃଶ ହୋଇଉଠିବ ଏବଂ ଅଧୁନା ମୁଁ କୌଣସି ପ୍ରକାର ଆନୁଷ୍ଠାନିକ ବିବୃତି ବା ଘୋଷଣା କରିବାକୁ ଆଦୌ ଚାହେଁ ନାହିଁ । ଏହା ଯଥାର୍ଥ ମୁହୂର୍ତ୍ତରେ କରାଯିବା ଉଚିତ; କାହିଁକି ନା ଏବେ ସେପରି କଲେ ଏହା ବିରୋଧୀ ଶକ୍ତିରାଜିକୁ ଅଧିକ କ୍ରିୟାଶୀଳ କରାଇବ ।

ଏତଦ୍‌ବ୍ୟତୀତ, ଅନ୍ୟାନ୍ୟ ପତ୍ରପତ୍ରିକା ରହିଛି, ସେସବୁର ସମ୍ପାଦକମାନେ ବି ସମାନ ଧାରାରେ ବାଣୀ ଲେଖିଦେବାକୁ ଦାବି କରିବସିବେ; ଯଦି ମୁଁ ତୁମକୁ ଏକ ବାଣୀ ଲେଖିଦେବାକୁ ନିଜକୁ ପ୍ରସ୍ତୁତ କରେ, ତେବେ ସେମାନଙ୍କୁ କିପରି ମନା କରିବାକୁ ହେବ ଜାଣେନା ।

''ପୁନଶ୍ଚ, ଯଦି ମୁଁ ନିୟମଭଙ୍ଗ କରି ତୁମ ସକାଶେ କିଛି ଲେଖିଦେବି, ତା'ହେଲେ ତୁମର ରାଜନୈତିକ କ୍ରିୟାକଳାପ ସପକ୍ଷରେ ମୁଁ ନୀରବରେ ଯେଉଁ ସାହାଯ୍ୟ ବା ଶକ୍ତି ପ୍ରୟୋଗ କରିଚାଲିଛି, ସେଥିରେ ବାଧା ଉପୁଜିବ । ମୁଁ ଏକ ସ୍ୱତନ୍ତ୍ର ଧାରାରେ କାର୍ଯ୍ୟ କରିଚାଲିଛି, ଏବଂ ଯଦି ଏହା ସାଙ୍ଗକୁ ମୁଁ ପ୍ରତ୍ୟକ୍ଷଭାବରେ ଅନ୍ୟ ଏକ କ୍ଷେତ୍ର ସୃଷ୍ଟି କରେ, ତା'ହେଲେ ଦୁଇଟି ଧାରା ମଧ୍ୟରେ ପାରସ୍ପରିକ ବାଧା ଉପୁଜିବ । ମୁଁ ବର୍ତ୍ତମାନ ଜାଗତିକ ସ୍ତରରେ କ୍ରିୟା କରିବାକୁ ଚାହେଁ ନାହିଁ, କାରଣ ଏହା ବିରୋଧାତ୍ମକ ପରିସ୍ଥିତିସବୁକୁ ଉଜ୍ଜୀବିତ କରିବ ।''

ଶ୍ରୀଯୁକ୍ତ ଦାସ ପଣ୍ଡିଚେରୀରୁ ଫେରିଯିବା ପରେ ମାତ୍ର ଦୁଇଟି ବର୍ଷ ବଞ୍ଚିଥିଲେ ଏବଂ ୧୬ ଜୁନ୍ ୧୯୨୫ରେ ତାଙ୍କର ପ୍ରୟାଣ ହେଲା । 'Bombay Chronicle' ପତ୍ରିକା ତାଙ୍କର ତିରୋଧାନ ଉଦ୍ଦେଶ୍ୟରେ ଏକ ବାଣୀ ଲେଖିଦେବା ସକାଶେ ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କରିଥିଲେ । ଶ୍ରୀଅରବିନ୍ଦ ତାଙ୍କର ପୁରାତନ ସହକର୍ମୀ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନିମ୍ନୋକ୍ତ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ :

''ଚିତ୍ତରଞ୍ଜନଙ୍କର ତିରୋଧାନ ହେଉଛି ଏକ ଚରମ କ୍ଷତି । ସୁନିପୁଣ ସାମର୍ଥ୍ୟଥିବା ରାଜନୈତିକ ଚାତୁର୍ଯ୍ୟ, ନିର୍ମାଣକ୍ଷମ ସୃଜନୀଶକ୍ତି, ଆକର୍ଷଣୀ ବ୍ୟକ୍ତିତ୍ୱ, ଦୃଢ଼ ସଂକଳ୍ପ ଶକ୍ତିର ସମାହାରରେ ଥିବା ଏକ ଅଗ୍ରଗାମୀ କାର୍ଯ୍ୟ-ନିର୍ବାହିକା ଶକ୍ତି ଏବଂ ଦୂରଦୃଷ୍ଟି ଓ ବ୍ୟାବହାରିକ ସୁଚାରୁତା ନିମିତ୍ତ ପ୍ରତ୍ୟୁତ୍ପନ୍ନମତି ମନର ଏକ ଅସାଧାରଣ ନମନୀୟତା – ତିଳକଙ୍କ ପରେ ଏହିସବୁ ଗୁଣରେ ଏକାଧାରରେ ଭୂଷିତ ଏହି ବ୍ୟକ୍ତିଟି ଭାରତବର୍ଷକୁ ତା'ର 'ସ୍ୱରାଜ' ପ୍ରାପ୍ତିରେ ପଥ-ପ୍ରଦର୍ଶନ କରାଇ ପାରିଥା'ନ୍ତେ ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑


*The best way to express one's gratitude to the Divine is to feel simply happy.*

*23 April 1954* - The Mother

**Collected Works of The Mother – 17 Vols.**

**Rs. 2500 only** *(Till stocks last)*

**The Great Adventure – A Diary for All Times : Rs. 185 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***

**(***Sri Aurobindo's handwriting***) – Rs. 25.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ସୁରୁଚି ସୃଷ୍ଟିକର

## ନଳିନୀକାନ୍ତ ଗୁପ୍ତ

ମୋତେ କୁହାଯାଇଛି ଯେ ତୁମକୁ କହିବି ୧୯୭୨ରେ ଆମଠୁ କ'ଣ ଆଶା କରାଯାଉଛି । ତୁମେ ଜାଣିଛ ଏହା ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ବର୍ଷ । ତେବେ ସେହି ଦିନର ପ୍ରସ୍ତୁତି ପାଇଁ ଆମକୁ କ'ଣ କରିବାକୁ ହେବ ? ମା' ଘୋଷଣା କରି ଏ ବର୍ଷକୁ ''ମଧୁମୟ ବର୍ଷ'' ନାମ ଦେଇଛନ୍ତି । ମା' ଆମ ପାଇଁ ଗୋଟିଏ ମଧୁମୟ ବର୍ଷ ନେଇ ଆସିଛନ୍ତି । କେତେ ମିଠା ? ଏହା ପ୍ରତ୍ୟେକେ ନିଜେ ନିଜେ ଅନୁଭବ କରିବାକୁ ହେବ କାରଣ ମିଠା ଦେବା ଲୋକ ଉପରେ ଯେତେ ନିର୍ଭର କରେ ତତୋଽଧିକ ନେବା ଲୋକ ଉପରେ ମଧ୍ୟ । କାହାକୁ କାହାକୁ ମିଠା, କଟୁ ବି ଲାଗିପାରେ । ଏହା ନେବା ଲୋକର ରୁଚି ଉପରେ ନିର୍ଭର କରେ । ମଧୁମୟ ଉପହାର ଗ୍ରହଣ କରିବା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ହେବ ।

ତୁମମାନଙ୍କ ମଧ୍ୟରୁ କେତେକେ ମା'ଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକ ପଢ଼ିଥିବ । ସେଥିରେ ଗୋଟିଏ ପ୍ରାର୍ଥନାରେ ମା' କହିଛନ୍ତି ଯେ ସେ ଗୋଟିଏ ବଡ଼ ଭୋଜି କଲେ । ତାହା ସୁସ୍ୱାଦୁ ଘୃତରେ ତିଆରି ହୋଇଥିଲା । ସେ ଏହି ଭୋଜି ମାନବଜାତିକୁ ଉପହାର ଦେଲେ । ସେ ପୃଥିବୀର ସମସ୍ତ ମନୁଷ୍ୟଙ୍କ ପାଇଁ ଘୃତପକ୍ୱ ଖାଦ୍ୟ ପ୍ରସ୍ତୁତ କଲେ । କିନ୍ତୁ ମନୁଷ୍ୟ ତାଙ୍କୁ ମନା କରିଦେଲା । ତାହା ସେମାନଙ୍କର ସ୍ୱାଦର ଅନୁକୂଳ ନଥିଲା । ସେମାନେ ତାହା ଦେଖିଲେ ଏବଂ କହିଲେ, 'ଏହା ଆମର ମନୋନୀତ ନୁହେଁ ।' ସେ ନିଜର ଖାଦ୍ୟସାମଗ୍ରୀ ଫେରାଇନେଲେ ଏବଂ ନିଜର ଭଗବାନ୍, ପରମପ୍ରଭୁଙ୍କୁ ଅର୍ପଣ କରି କହିଲେ, ''ମୁଁ ଏହା ତୁମକୁ ଦେଉଛି, ତୁମର ଯାହା ଇଚ୍ଛା ତାହା କର, ମନୁଷ୍ୟ ଏହା ଚାହେଁନି ।'' ମୁଁ ଆଶା କରୁଛି ଯେ ଏତେବର୍ଷ ବିତିଯିବା ପରେ ମନୁଷ୍ୟ ମଧ୍ୟରେ କିଛି ପରିବର୍ତ୍ତନ ହେଲା ଏବଂ ପ୍ରଭୁ ଆଜି ସେହି ଭୋଜି ପୁଣି ନେଇ ଆସିଛନ୍ତି, ଯାହାକୁ ମନୁଷ୍ୟ ସ୍ୱୀକାର କରିପାରେ । ସେ ସମୟରେ ବୋଧହୁଏ ମାନବ-ଆତ୍ମା ଏହା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନଥିଲା, ପ୍ରସ୍ତୁତ ହେଉଥିଲା, କିନ୍ତୁ ମା' ଯେବେ ପୁଣି ସେହି ଭୋଜି ନେଇ ଆସିଛନ୍ତି, ତେବେ ଆମେ ଆଶାକରୁଁ ଯେ ପୂର୍ବାପେକ୍ଷା ଆମେ ଅଧିକ ପ୍ରସ୍ତୁତ ।

ତୁମେ ଏହା ଜାଣିବା ଦରକାର ଏବଂ ସେଥିରୁ ପୂର୍ଣ୍ଣ ଲାଭ ଉଠାଇବା ଦରକାର । ମୁଁ ଆଗରୁ କହିଛି ଯେ ସବୁକିଛି ତୁମର ରୁଚି ଉପରେ ନିର୍ଭର କରେ । ଏହା ତୁମ ଉପରେ ନିର୍ଭର ଯେ ତାହା ତୁମକୁ ମିଠା କିଂବା କଟୁ ଲାଗିବ ।

ମା' କହନ୍ତି ଯେ ତୁମେ ଏଠାକୁ କାହିଁକି ଆସିଛ ଓ ସେ ତୁମକୁ କ'ଣ ଦେଉଛନ୍ତି । ତୁମେ ଏଠାରେ ସେହି ବାହ୍ୟବସ୍ତୁ ପାଇଁ ରହି ନାହଁ ଯାହା ତୁମକୁ ଏତେ ସହଜରେ ମିଳିପାରେ, ଖେଳାଖେଳି ପାଇଁ ବି ନୁହେଁ ଯାହା ତୁମକୁ ଅତି ଭଲଲାଗେ, ଏବଂ କୌଣସି ସ୍ଥାନରେ ବି ତୁମକୁ ଶାରୀରିକ ଶିକ୍ଷା ପାଇଁ ଏତେ ସୁବିଧା ମିଳିବ ନାହିଁ । ମା' କହନ୍ତି ଯେ ତୁମେ ଏଥିପାଇଁ ଏଠାକୁ ଆସି ନାହଁ, ଅଧ୍ୟୟନ ପାଇଁ ମଧ୍ୟ ନୁହେଁ, ଯଦ୍ୟପି ଏଠାରେ ସବୁ ପ୍ରକାର ସତ୍‌ଶିକ୍ଷା ଦିଆଯାଏ । ତୁମେ ଏଠାକୁ ଆସିଛ ଏପରି ବସ୍ତୁ ପାଇଁ ଯାହା ସବୁ ବାହ୍ୟ ଉପହାରରୁ ଅଧିକ ମୂଲ୍ୟବାନ୍ । ଯେପର୍ଯ୍ୟନ୍ତ ଶିକ୍ଷାର ପ୍ରାଧାନ୍ୟ ଅଛି, ତାହା ତ' ତୁମକୁ ବାହାରେ ମଧ୍ୟ ମିଳିପାରେ, ଅନ୍ୟଦିଗରୁ ଦେଖିଲେ ଏହାଠାରୁ ଉତ୍ତମ ଶିକ୍ଷା ମଧ୍ୟ ମିଳିପାରେ । କିନ୍ତୁ ମା' ତୁମକୁ ଏଠାରେ ଯାହା ଦିଅନ୍ତି, ସାରା ଦୁନିଆରେ ଅନ୍ୟ କୌଣସି ସ୍ଥାନରେ ତାହା ମିଳିପାରିବ ନାହିଁ ଏବଂ ତାହାହିଁ ତୁମର ଅନ୍ତରାତ୍ମା, ଯାହା ସମ୍ବନ୍ଧରେ ଅନ୍ୟ କୌଣସି ସ୍ଥାନରେ କୌଣସି ବ୍ୟକ୍ତି କିଛି ବି ଜାଣେନା । ତୁମେ ଏଠାକୁ ତୁମ ଅନ୍ତରାତ୍ମା ଦ୍ୱାରା ଅଣାଯାଇଛ । ସେ ତୁମ ଭିତରେ ଅଛନ୍ତି ଏବଂ ତୁମେ ସେହି କାରଣରୁ କେବଳ ଏଠାକୁ ଆସିଛ । ଅନ୍ୟ କୌଣସି କାରଣରୁ ନୁହେଁ । ତୁମେ ଏକଥା ଜାଣିବା ଉଚିତ ।

ତୁମର ଅନ୍ତରାତ୍ମା କ'ଣ ? ପ୍ରକୃତରେ ତୁମେହିଁ ସେ । ତୁମର ଏକ ଆକାର ଅଛି, ମନ ଅଛି, ନାନା ପ୍ରକାର କ୍ଷମତା ଓ ଅକ୍ଷମତା ଅଛି ଏବଂ ଏହି କାରଣରୁ ତୁମେ ଅମୁକ ବ୍ୟକ୍ତି ବୋଲି କୁହାଯାଉଛ କିନ୍ତୁ ଏସବୁର ପଶ୍ଚାତ୍‌ରେ, ବାହାରକୁ ଦେଖାଯାଉଥିବା ମୁଖାର ପଶ୍ଚାତ୍‌ରେ, ଏହି ହାତ, ପାଦ, ଆଖି, ନାକ ଆଦି ନିର୍ମିତ ଶରୀରର ପଶ୍ଚାତ୍‌ରେ ଏକ ସତ୍ୟବ୍ୟକ୍ତିତ୍ୱ ଅଛି । ସମୟେ ସମୟେ ଲୋକେ ମା'ଙ୍କୁ ନୂତନ ନାମ ମାଗୁଛନ୍ତି, ତେବେ ମା' ତାଙ୍କର ପ୍ରକୃତ ବ୍ୟକ୍ତିତ୍ୱକୁ ଦେଖି ତଦନୁଯାୟୀ

ନାମ ଦିଅନ୍ତି । ତୁମର ଅନ୍ତରାତ୍ମାକୁ ଦେଖି ତୁମ ଚରିତ୍ରର ଗଠନ କରାଇ ପାରନ୍ତି ।

ଥରେ କିଏ ଜଣେ ମୋତେ ପ୍ରଶ୍ନ କରିଥିଲେ, ''ଆମେ ତାକୁ କିପରି ଜାଣିପାରିବା, କିପରି ଚିହ୍ନିପାରିବା ?'' ଏହାର ସବୁଠାରୁ ଭଲ ଉପାୟ ହେଲା, ତୁମେ ଏତେ ପରିମାଣରେ ବିକଶିତ ହୋଇପାରିବ ଯଦ୍ୱାରା ତୁମେ ନିଜର ଅନ୍ତରାତ୍ମାକୁ ଦେଖିପାରିବ ଓ ଚିହ୍ନିପାରିବ ଏବଂ ଏହା ଜାଣିପାରିବ ଯେ ଏହା ମୁଁ, ତାହା ମୁଁ ନୁହେଁ । କିନ୍ତୁ ତାକୁ ପ୍ରକାଶ କରିବାର କେତେକ ସଙ୍କେତ ଅଛି, ବର୍ତ୍ତମାନ ପାଇଁ ତୁମେ ସେଗୁଡ଼ିକ ଦ୍ୱାରା କାମଚଳାଇ ପାରିବ । ତୁମର ସବୁ ସୁନ୍ଦର କ୍ରିୟାଗୁଡ଼ିକ, ଉଚ୍ଚ ବିଚାର, ମହାନ୍ ସଙ୍କେତ, ସୁନ୍ଦର କର୍ମ – ଏସବୁ ଅନ୍ତରାତ୍ମାରୁହିଁ ଆସେ । ତୁମ ଭିତରେ ଯାହା କିଛି ଭଲ, ସୁନ୍ଦର, ଏପର୍ଯ୍ୟନ୍ତ ତୁମର ଭୌତିକ ଭାବନାରେ ବି ଯା' କିଛି ସୁନ୍ଦର, ସେସବୁ ଅନ୍ତରାତ୍ମାରୁ ଆସେ । ତଦ୍ୱାରା ତୁମ ଭିତରେ ଓ ବାହାରେ ଏକ ଚମକ ଆସିଯାଏ । ତୁମ ଅଭିବ୍ୟକ୍ତିରେ ଏକ ପ୍ରକାର ସୁରୁଚି ଆସିଯାଏ । ତୁମ ଆନ୍ତର ସତ୍ତାର ଏହା ସବୁଠାରୁ ବାହ୍ୟ ସଙ୍କେତ । ଯେଉଁଗୁଡ଼ିକୁ ସୁନ୍ଦର କାର୍ଯ୍ୟ, ସୁନ୍ଦର ଭାବ ବା ସୁନ୍ଦର ବିଚାର କହନ୍ତି, ସେସବୁ ଅନ୍ତରାତ୍ମାରୁହିଁ ଆସେ ଏବଂ ଏହାର ବିପରୀତ ବସ୍ତୁଗୁଡ଼ିକ କୁତ୍ସିତ କ୍ରିୟା, କୁତ୍ସିତ କାର୍ଯ୍ୟ, କୁତ୍ସିତ ଗତିବିଧି ତୁମ ଚେତନାକୁ ସ୍ପର୍ଶ କରୁଥିବା ବସ୍ତୁଗୁଡ଼ିକରୁ ଆସେ । ଯେବେ ତୁମେ ବାସ୍ତବିକ ପ୍ରସନ୍ନ ହୁଅ, କଠିନତା, ଆପତ୍ତି ଓ ବିପରୀତ ଅବସ୍ଥାରେ ମଧ୍ୟ ପ୍ରସନ୍ନ ରହିପାର, ତେବେ ତୁମେ ଜାଣିପାରିବ ଯେ ଏହା ଅନ୍ତରାତ୍ମାର କାର୍ଯ୍ୟ । ପ୍ରକୃତ ପ୍ରସନ୍ନତା ଅନ୍ତରାତ୍ମାରୁ ଆସେ ଓ ଶାରୀରିକ ଭାବ ଉପରେ ମଧ୍ୟ ନିଜର ପ୍ରଭାବ ଛାଡ଼ିଯାଏ । ଏଣୁ କୌଣସି ସୁନ୍ଦର ଓ ମହାନ୍ କାର୍ଯ୍ୟ କରିବା ପାଇଁ ସବୁଠାରୁ ଭଲ ଉପାୟ ହେଲା ନିଜର ଅନ୍ତରାତ୍ମାକୁ ଖୋଜିବା ଓ ତାକୁ ଚିହ୍ନିବା । ଏହାକୁ ଖୋଜିବା ଯେତେ ଦରକାର ନାହିଁ ଚିହ୍ନିବା ସେତେ ଦରକାର, କାରଣ ତାହା ତୁମ ଅନ୍ତରରେ ଜମା ରହିଛି । ତୁମେ ତାକୁ ନିଜର ପୁରୁଣା ସାଙ୍ଗ ବା ଭାଇ ଭଳି ଚିହ୍ନିପାରିବ । ସେ ତୁମର ଅନ୍ତରରେ ଅଛି, ତାକୁ ଜାଣ ଏବଂ ଯେବେ ତା' ସହ ତୁମର ସମ୍ପର୍କ ହୋଇଯିବ ତେବେ ତୁମେ ଠିକ୍ ଭାବେ ଜାଣିପାରିବ ଯେ ମା' ତୁମ ପାଇଁ କ'ଣ ଆଣିଛନ୍ତି; ସେ ସୁସ୍ୱାଦୁ ଭୋଜି କ'ଣ ଏବଂ ସେଥିରେ କେତେ ପରିମାଣ ତୁମର ଭାଗ ଅଛି ।

ନିଜର ରୁଚିକୁ ଅଧିକ ଭଲ ବସ୍ତୁ ପାଇଁ ତିଆରି କର । ଯେବେ ତୁମେ ଗୋଟିଏ ଗୀତ ଶୁଣୁଛ ତେବେ ତାହା ସୁରୁଚି ସହ ଶୁଣ । ଏପରି ଗୀତ ଅଛି ଯାହା ବହୁତ ନିମ୍ନସ୍ତରର ଏବଂ ତୁମକୁ ତଳେ ପକାଇ ଦିଏ, କିନ୍ତୁ ଏପରି ବି ଅଛି ଯାହା ତୁମକୁ ଉଚ୍ଚକୁ ଉଠାଇ ନିଏ । ସବୁକିଛି ତୁମର ରୁଚି ଉପରେ ନିର୍ଭର କରୁଛି । ଯଦି ତୁମ ଭିତରେ ସୁରୁଚିର ଅଭାବ ତେବେ ତୁମେ ନିମ୍ନସ୍ତରର ଗୀତକୁହିଁ ପସନ୍ଦ କରିବ । ତୁମକୁ ଭଲ ଶବ୍ଦ ଓ ଖରାପ ଶବ୍ଦ, ସାମଞ୍ଜସ୍ୟପୂର୍ଣ୍ଣ ଓ ସାମଞ୍ଜସ୍ୟହୀନ ଶବ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିପାରିବା ଉଚିତ । ଏହିପରି ସବୁ ଇନ୍ଦ୍ରିୟର ବିକାଶ ହୋଇପାରେ । ବହୁଲୋକ ସ୍ୱର-ସଙ୍ଗୀତ ଓ ରଙ୍ଗ-ସଙ୍ଗୀତ ମଧ୍ୟରେ ତଫାତ ବୁଝିପାରନ୍ତି ନାହିଁ । କେତେକ ବର୍ଣ୍ଣାନ୍ଧ ଅଛନ୍ତି, ସେମାନଙ୍କ ପାଇଁ ନୀଳ, ହଳଦିଆ, ସବୁଜ ସବୁ ଏକ ହୋଇଯାଏ, କଳା ଓ ଧଳା କେବଳ ଦୁଇଟି ରଙ୍ଗହିଁ ଦେଖିପାରନ୍ତି । ଏସବୁ ଇନ୍ଦ୍ରିୟମାନଙ୍କର କ୍ଷମତା ଓ ସୁରୁଚି ଉପରେ ନିର୍ଭର କରେ । ଏହିପରି କବିତାରେ ମଧ୍ୟ ଭଲ କବିତା ଓ ଖରାପ କବିତା ମଧ୍ୟରେ ପ୍ରଭେଦ ଅଛି ।

ଯଦି ତୁମ ଭିତରେ ସୁରୁଚି ନାହିଁ, ତେବେ ଭଲମନ୍ଦ ଚିହ୍ନି ପାରିବନି, ଏଣୁ ତୁମେ ସେଥିପାଇଁ ଅଭୀପ୍ସା କରିପାରିବ । ତୁମେ କହିପାରିବ ମୋତେ ସୁରୁଚି ଦିଅ, ତେବେ ସେ ସହଜରେ ତୁମ ଭିତରକୁ ଆସିଯିବ । ଭଲ ଜିନିଷ ଉଦାର ବି ହୁଏ । ଯିଏ ତାଙ୍କୁ ଚାହେଁ ତା' ପାଖକୁ ସେ ଆସନ୍ତି । ସୁରୁଚି ବିକଶିତ କରିବା ଦ୍ୱାରା ତୁମର ଅନ୍ତର୍ଦୃଷ୍ଟିର ବିକାଶ ହେବ ଏବଂ ତଦ୍ୱାରା ଧୀରେ ଧୀରେ ତୁମର ଅନ୍ତରାତ୍ମା ବାହାରକୁ ପ୍ରକାଶ ହୋଇପାରିବ ।

ଜୀବନରେ ମଧ୍ୟ ଆମକୁ ଭଲ ମନ୍ଦ ଚିହ୍ନିବା ଉଚିତ । ଏହା ଭଲ, ତାହା ମନ୍ଦ; ମୋତେ ଏହା କରିବା ଉଚିତ, ତାହା ନକରିବା ଉଚିତ । ସୁରୁଚି ସହ ବିବେକ ମଧ୍ୟ ଆବଶ୍ୟକ । ଖେଳିବା ସମୟରେ ମଧ୍ୟ ଖିଆଲ ରଖ, ଖେଳିବାରେ ବି ଭଲ ବ୍ୟବହାର ହୋଇପାରେ ଏବଂ ମନ୍ଦ ବି ହୋଇପାରେ, ଏଥିରେ ମଧ୍ୟ ସୁରୁଚି ଦରକାର ହୁଏ । ତୁମେ ଯେପରି ଚାହଁ ଦୌଡ଼ିପାର, ଯେପରି ଚାହଁ ପେଣ୍ଡୁ ଫିଙ୍ଗିପାର କିନ୍ତୁ ଏଥିରେ ଏକ ସୁନ୍ଦର ଢଙ୍ଗଅଛି ଏବଂ କୁତ୍ସିତ ଢଙ୍ଗ ବି । ତୁମକୁ କିନ୍ତୁ ସୁନ୍ଦର ଢଙ୍ଗରେ ଖେଳିବା ଉଚିତ । ସବୁ କ୍ଷମତା, ସବୁ କାର୍ଯ୍ୟ ସମ୍ବନ୍ଧରେ ସେହି ଏକ କଥା । ଭଲ ଢଙ୍ଗ ତୁମ ଅନ୍ତରାତ୍ମାର ଅଭିବ୍ୟକ୍ତିର ପ୍ରକାଶ । ଅନ୍ତରାତ୍ମାର ସମ୍ପର୍କ ହେତୁ ତୁମର ଏକେବାରେ ବାହ୍ୟ, ଶୁଦ୍ଧ ଭୌତିକ କ୍ରିୟା ଉପରେ ମଧ୍ୟ ଏକ ଯାଦୁ ଭଳି ପ୍ରଭାବ ପଡ଼େ ।

*(ଅବଶିଷ୍ଟାଂଶ ପୃଷ୍ଠା ୩୦ରେ ଦେଖନ୍ତୁ)*

**ଆରବ୍ୟ ରଜନୀର ଅଜଣା କାହାଣୀ :**

# କ୍ରୀତଦାସର ଗୋପନ କଥା

## ମନୋଜ ଦାସ

ପୁରାକାଳର କଥା । ଇରାକ ଭିତର ଦେଇ ପ୍ରବାହିତ ଟାଇଗ୍ରିସ୍ ନଦୀ କୂଳରେ ବାସ୍ରା ବା ବସୋରା ଥିଲା ଗୋଟାଏ ସମୃଦ୍ଧ ନଗରୀ । ସେ ନଗରବାସୀମାନେ ନଗରୀକୁ ଘେରି ରହିଥିବା ବ୍ୟାପକ ଜମିଜମାର ମାଲିକ ରୂପେ ନାନାଦି ଫସଲ ଉପୁଜାଇ ସୁଖରେ ଥିଲେ ।

ବର୍ଷେ ଜମାରୁ ବର୍ଷା ହେଲା ନାହିଁ । ଗଛଲତା ଶୁଖିଗଲା । ନଗରୀ ଭିତରେ ଥିବା କୌଣସି କୂଅରେ ବିନ୍ଦୁଏ ମଧ୍ୟ ଜଳ ଦେଖାଗଲା ନାହିଁ । ନଈରେ ଥାଏ ସାମାନ୍ୟ କାଦୁଅ ପାଣି ।

ମନେହେଲା ନଗରୀ ଛାଡ଼ି ସମସ୍ତଙ୍କୁ ଦୂରାନ୍ତର ଚାଲିଯିବାକୁ ପଡ଼ିବ । କିନ୍ତୁ କୁଆଡ଼େ ବା ଯିବେ ? ହଜାର ହଜାର ଲୋକଙ୍କ ବସତି ଅନ୍ୟ କେଉଁଠିକୁ ଉଠାଇନେବା ତ ଅସମ୍ଭବ କଥା । ଯୁଆଡ଼େ ଗଲେ ସେଠାରେ ଯେ ଯଥେଷ୍ଟ ବର୍ଷା ହେଉଥିବ ସେକଥା କିଏ କହିବ ?

ସେ ଯାହାହେଉ, ନଗରୀର ପ୍ରଧାନ ପୁରୋହିତଙ୍କ ପରାମର୍ଶ ଅନୁସାରେ ଦିନେ ରାତିରେ ନରନାରୀମାନେ ନଗରୀ ବାହାରେ ଥିବା ଗୋଟିଏ ପାହାଡ଼ ପାଖରେ ରୁଣ୍ଡ ହେଲେ । ପୁରୋହିତଙ୍କ କହିବା ଅନୁସାରେ ସେମାନେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ – ''ହେ ଭଗବାନ୍ ! ବର୍ଷା ବିନା ଆମ ସଭିଙ୍କ ଜୀବନ ଯିବ । ଅନୁଗ୍ରହ କର । ଆକାଶରେ ମେଘ ଦେଖାଦେଉ । ତାହାହେଲେ ଆମ୍ଭେମାନେ ଆଶ୍ୱସ୍ତ ହୋଇ ନିଜ ନିଜ ଘରକୁ ଲେଉଟି ଯିବା ।''

ସେମାନେ ମଝି ରାତିଯାଏ ଏମିତି ପ୍ରାର୍ଥନା କରିବା ସତ୍ତ୍ୱେ ଆକାଶରେ କାଣିଚାଏ ମଧ୍ୟ ମେଘ ଦେଖାଗଲା ନାହିଁ । ଲୋକେ ସେଇଠି ଶୋଇଗଲେ ।

ଜଣେ ପୁରୋହିତ ଚେଇଁଥା'ନ୍ତି । ହଠାତ୍ ସେ ଦେଖିଲେ, ଯୁବକଟିଏ ଧୀରେ ଧୀରେ ପାହାଡ଼ ଉପରକୁ ଉଠିଗଲା । ସେ କୌତୂହଳୀ ହୋଇ ବଡ଼ ବଡ଼ ଶିଳା ପଛରେ ନିଜକୁ ଲୁଚାଇ ରଖି ତାକୁ ଅନୁସରଣ କଲେ । ଯୁବକଟି ପାହାଡ଼ ଉପରକୁ ଯାଇ ଆଣ୍ଠୁମାଡ଼ି ବସିଲା ଓ ଶୂନ୍ୟକୁ ଅନାଇ କହିଲା, ''ଭଗବାନ୍ ! ତୁମକୁ କ'ଣ ଏତେ ଲୋକଙ୍କର ପ୍ରାର୍ଥନା ଶୁଣାଗଲା ନାହିଁ ? ମୁଁ ଜାଣେ, ସେମାନେ ସନ୍ମାର୍ଗରେ ଜୀବନଯାପନ କରନ୍ତି ନାହିଁ । ସେମାନେ ଅଜ୍ଞାନ । କିନ୍ତୁ ସେମାନେ ତ ଅନ୍ତତଃ ଆଜି ତୁମ ଆଡ଼କୁ ମନ ଧ୍ୟାନ ଦେଲେ ? ଆଉ ବିଳମ୍ବ କର ନାହିଁ ପ୍ରଭୁ ! ଯଥାଶୀଘ୍ର ବର୍ଷା ହେଉ ।''

ଏହାପରେ ଯୁବକଟି ତଳକୁ ଓହ୍ଲାଇବାକୁ ଲାଗିଲା । ପୁରୋହିତ ତାକୁ ଅଟକାଇ ପଚାରିଲେ, ''ତୁମେ କିଏ ?''

ଚମକିପଡ଼ି ପଛକୁ ଅନାଇ ଯୁବକ ଉତ୍ତର ଦେଲା, ''ଆଜ୍ଞା, ମୁଁ ଜଣେ କ୍ରୀତଦାସ । ସେପଟେ ମୋ ମାଲିକଙ୍କ ଘର । ସେଇଠି ଗୋଟାଏ ମେଲାରେ ମୁଁ ରହିଥାଏ ।''

ପୁରୋହିତ ସେ ଘର ମାଲିକଙ୍କୁ ଜାଣିଥା'ନ୍ତି । ସେ ଜଣେ ବ୍ୟବସାୟୀ । ବିଦେଶରୁ ଲୋକ ଆଣି କ୍ରୀତଦାସ ରୂପେ ସେମାନଙ୍କୁ ସେ ବିକ୍ରୟ କରନ୍ତି ।

''ତୁମେ କ'ଣ ଭାବୁଛ ଭଗବାନ୍ ତୁମ କଥା ଶୁଣିବେ ?'' ପୁରୋହିତ ପଚାରିଲେ ।

''ବାବୁ, ଭଗବାନ୍ ଯଦି ନଶୁଣିବେ, ମୁଁ କାହିଁକି ତାଙ୍କୁ କହନ୍ତି ?'' ଯୁବକ ପ୍ରତି-ପ୍ରଶ୍ନ କଲା ।

''ଆମ ଏତେ ଲୋକଙ୍କ ପ୍ରାର୍ଥନା ଭଗବାନ୍ ଶୁଣିଲେ ନାହିଁ, ତୁମ କଥା ଶୁଣିବେ ବୋଲି ତୁମେ କେମିତି ବିଶ୍ୱାସ କରୁଛ ?'' ପୁରୋହିତ ପୁଣି ପଚାରିଲେ ।

''ଆଜ୍ଞା ! ଆପଣ ମୋତେ ଜେରା ନକରି ଥରେ ଉପରକୁ ଅନାଇଲେ ହୁଅନ୍ତା ନାହିଁ ?'' କହି ଯୁବକ ତରତର ହୋଇ ତା' ଆଶ୍ରୟ ଆଡ଼େ ଚାଲିଗଲା ।

ପୁରୋହିତ ଆକାଶକୁ ଅନାଇଲେ । ତାଙ୍କ ବିସ୍ମୟର ସୀମା ରହିଲା ନାହିଁ । କଳାହାଣ୍ଡିଆ ମେଘ ଅତି ବେଗରେ ଚାରିଆଡ଼ୁ ଘୋଟି ଆସୁଛି । ମୁହୂର୍ତ୍ତକ ପରେ ବର୍ଷା ଆରମ୍ଭ ହୋଇଗଲା । ଶୋଇଥିବା ଲୋକେ ଆନନ୍ଦରେ କୋଳାହଳ କରି ତରବରରେ ନିଜ ନିଜ ଘରକୁ ପଳାଇଗଲେ । ମୁଷଳଧାରାରେ ବର୍ଷା ହେଲା ସକାଳ ପର୍ଯ୍ୟନ୍ତ । କୂଅସବୁ ଉଛୁଳି ଉଠିଲେ । ନଈନାଳରେ ଦେଖାଦେଲା ସ୍ରୋତ ।

ପୁରୋହିତ ସେ ଅପୂର୍ବ ଯୁବକ କଥା ନଗରୀର ଦୁଇ, ତିନି ଜଣ ପ୍ରଧାନ ନାଗରିକଙ୍କୁ କହିଲେ । ସେମାନେ ଯାଇ କ୍ରୀତଦାସ ବ୍ୟବସାୟୀକୁ ଭେଟି ପଚାରିଲେ, ''ତୁମ ପାଖରେ ଜଣେ ଯୁବକ କ୍ରୀତଦାସ ଅଛି ?''

''ଜଣେ କାହିଁକି, ବର୍ତ୍ତମାନ କୋଡ଼ିଏ ସରିକି ଅଛନ୍ତି ।'' ଏହା କହି ସେ ଭଦ୍ରଲୋକମାନଙ୍କୁ ମେଳା ଭିତରକୁ ନେଇଗଲା । ବିକ୍ରୟ ନିମନ୍ତେ ସେଠାରେ ମହଜୁଦ ଥିଲେ କ୍ରୀତଦାସମାନେ ।

କିନ୍ତୁ ପୁରୋହିତ ତାଙ୍କର ସେ ଚିହ୍ନା ଯୁବକଙ୍କୁ ସେମାନଙ୍କ ଭିତରେ ଦେଖିଲେ ନାହିଁ । ହଠାତ୍ କିନ୍ତୁ ତାଙ୍କ ଆଖି ପଡ଼ିଲା ମେଳାର ଗୋଟାଏ କୋଣରେ ଦୁଇ ଆଣ୍ଠୁ ସନ୍ଧିରେ ମୁହଁ ଲୁଚାଇ ବସିଥିବା ଜଣେ ଲୋକ ଉପରେ । ପୁରୋହିତ ଏବଂ ତାଙ୍କ ବନ୍ଧୁମାନେ ତା' ଆଗକୁ ଯାଇ ଠିଆ ହେଲେ । ଯୁବକଟି ମୁହଁ ଉଠାଇ ପୁରୋହିତଙ୍କୁ ଅଭିବାଦନ କଲା । ପୁରୋହିତ ଆନନ୍ଦରେ ଅଧୀର ହୋଇ ଯୁବକର ହାତ ଧରି ଉଠାଇଲେ ।

ବ୍ୟବସାୟୀକୁ ପୁରୋହିତ ପଚାରିଲେ, ''ଏ ଯୁବକଟିର ମୂଲ୍ୟ କେତେ ?''

ବ୍ୟବସାୟୀ ଟିକିଏ ଦୋ-ଦୋ-ପାଞ୍ଚ ହୋଇ କହିଲା, ''ଆପଣମାନେ ଆଉ କାହାକୁ କିଣନ୍ତୁ । ଏ ଟୋକା ଟିକିଏ ପାଗଳ ବୋଲି ମନେହୁଏ ।''

''ଆମର ଲୋଡ଼ା ଏହି ପାଗଳ !'' କହିଲେ ପୁରୋହିତ ।

ନାମମାତ୍ର ମୂଲ୍ୟରେ ବ୍ୟବସାୟୀ ଯୁବକଟିକୁ ବିକ୍ରି କରିଦେଲେ ।

ମେଳା ବାହାରକୁ ଆସି ଯୁବକ ପଚାରିଲା, ''ଆପଣମାନଙ୍କ ଭିତରୁ କିଏ ମୋର ମାଲିକ ? ମୋତେ କି କାମ କରିବାକୁ ହେବ ?''

ଚାରିଜଣଯାକ ଭଦ୍ରବ୍ୟକ୍ତି ଯୁବକ ଆଗରେ ଆଣ୍ଠୁମାଡ଼ି ବସି ପଡ଼ିଲେ ।

''କଥା କ'ଣ ?'' ଯୁବକ ପଚାରିଲା ।

''ଆମେ ଜାଣୁ ଆପଣ କିଏ ! ଆପଣ ଜଣେ ମହାପୁରୁଷ । ଆଜିଠାରୁ ଆପଣ ଆମର ଗୁରୁ । ଆପଣହିଁ ଆମକୁ କହିବେ – ଆମେ ଆପଣଙ୍କର କେଉଁ ପ୍ରକାର ସେବା କରିପାରିବୁ ।'' କହିଲେ ପୁରୋହିତ ।

ପୁରୋହିତ ଏବଂ ସହରର ସବୁଠୁଁ ଗଣ୍ୟମାନ୍ୟ ତିନିଜଣ ଭଦ୍ରଲୋକ ଜଣେ ଅତି ମାମୁଲି ଦାସ ଆଗରେ ଆଣ୍ଠୁମାଡ଼ି ବସିଥିବାର ଦେଖି ସଙ୍ଗେ ସଙ୍ଗେ ପନ୍ଦର କୋଡ଼ିଏ ଜଣ ଲୋକ ଜମା ହୋଇଗଲେ । ଚାହୁଁ ଚାହୁଁ ସେମାନଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା ।

ଯୁବକ ବିଷଣ୍ଣ ଭାବରେ ପୁରୋହିତଙ୍କୁ କହିଲା, ''ମୋତେ ଅଳ୍ପ ଟିକିଏ ସମୟ ଦିଅନ୍ତୁ ।''

ଏହାପରେ ସେ ଗୋଟାଏ ଗଛ ତଳକୁ ଯାଇ ବିପରୀତ ଦିଗକୁ ମୁହଁକରି ଆଣ୍ଠୁମାଡ଼ି ବସିଲା ।

ସେ ମୃଦୁକଣ୍ଠରେ କିଛି କହୁଥାଏ । ପୁରୋହିତ ପାଖକୁ ଯାଇ ପଛରେ ଥାଇ ଶୁଣିଲେ । ସେ ଯାହା କହୁଥାଏ ତା'ର ମର୍ମ ହେଲା, ''ହେ ଭଗବାନ୍ ! ତୁମର ମୋ ପ୍ରତି ଅସୀମ କରୁଣା ଥିବା କଥା ଲୋକେ ଜାଣିଗଲେଣି । ଏଣିକି ଏମାନେ ମୋତେ ସର୍ବଦା ଘେରି ରହିବେ । ମୋତେ ବହୁତ ସମ୍ମାନ ଦେବେ । ତୁମ ସହ ମୋ ସମ୍ପର୍କର ଗୋପନ ମଧୁରତା ଆଉ ରହିବ ନାହିଁ । ମୋତେ ଏ ପରିସ୍ଥିତିରୁ ମୁକ୍ତ କର ।''

ଏହାପରେ ସେ ଭୂମିରେ ମୁଣ୍ଡ ରଖିଲେ । ବହୁତ ସମୟ ବିତିଗଲା । ସେ ନ ଉଠିବାରୁ ପୁରୋହିତ ଏବଂ ଅନ୍ୟମାନେ ତାକୁ ଉଠାଇବାକୁ ଯାଇ ଦେଖିଲେ, ତା'ର ପ୍ରାଣବାୟୁ ଉଡ଼ିଯାଇଛି ! ❑

---

*(ପୃଷ୍ଠା ୨୮ ର ଅବଶିଷ୍ଟାଂଶ)*

ଭଲ ବସ୍ତୁକୁ ସତ୍ୟ ସହ ଅଭୀପ୍ସା କର, ନିଜ ଅନ୍ତରରେ ଚାହଁ, ମା'ଙ୍କୁ – ଅନ୍ତରାତ୍ମାରେ ମା'ଙ୍କୁ ଆସ୍ପୃହା କର ଏବଂ ତାଙ୍କର ଯୋଗ୍ୟ ହେବାକୁ ଚେଷ୍ଟାକର । ଏହା ଦ୍ୱାରା ତୁମର ଜୀବନ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହେବ ।

(ଆଶ୍ରମର ଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ଭାଷଣର କିଛି ଅଂଶ)

(ହିନ୍ଦୀ ଅଗ୍ନିଶିଖା, ଜୁଲାଇ ୧୯୭୨ରୁ)

ଭାଷାନ୍ତର : ଆଶିଷ ପାଠୀ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୫)

## ସାହାନା ଦେବୀ

**ସାହାନା :** ପରିବର୍ଜନ କରିବା ଯେ କେତେ କଷ୍ଟକର କଥା ତାହା ବାରଂବାର ଜାଣିପାରୁଛି, କିନ୍ତୁ ଯାହା ନିଶ୍ଚିତ କରିବାକୁ ହେବ ସେସବୁ ଜିନିଷ ପାଖରେ ମୁଁ ନିଜକୁ ଏପରି ଭାବରେ ବାରଂବାର କାହିଁକି ଯେ ଛାଡ଼ି ଦେଉଛି,— ଏ ଦୁଃଖ ମୋର ଲାଘବ ହେବାର ନାହିଁ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିମ୍ନ-ପ୍ରାଣ (Lower vital) ଯୁକ୍ତି ଶୁଣିବାର ପାତ୍ର ନୁହେଁ । ତା'ର କାର୍ଯ୍ୟରେ କୌଣସି 'କାହିଁକି'ର ପ୍ରଶ୍ନ ନାହିଁ, ସେ କ୍ରିୟା କରେ ଏକ ବିଶେଷ ଧରଣରେ, କାରଣ ସେ ଏହି ଭାବେ କାର୍ଯ୍ୟ କରିବାରେ ଅଭ୍ୟସ୍ତ ହୋଇ ଆସିଛି ଏବଂ ଏଇ ଭାବରେ କାର୍ଯ୍ୟ କରି ଚାଲେ ଏପରିକି ଯଦି ତାହା ଯନ୍ତ୍ରଣାଦାୟକ ପ୍ରତିକ୍ରିୟା ମଧ୍ୟ ଆଣିଥାଏ ।

(୨୭.୮.୩୩)

**ସାହାନା :** ଗୋଟିଏ କଥା ଜାଣିବାକୁ ଇଚ୍ଛା ହେଉଛି — କାହାରି ମନରେ ଅବିଶ୍ୱାସ ଅବା ଦ୍ୱିଧାଦ୍ୱନ୍ଦ୍ୱ ଜାତୀୟ ଜିନିଷର ଉଦ୍ରେକ ଦେଖିଲେ ମୁଁ ଲକ୍ଷ୍ୟ କରିଛି ମୋର ବିଶ୍ୱାସ, ଆସ୍ପୃହା ଇତ୍ୟାଦି ଅଧିକତର ଦୃଢ଼ ହୋଇଯାଏ । ମୋତେ କେତେବେଳେ ବି ତାହା ସ୍ପର୍ଶ ତ କରେ ନାହିଁ, ଉପରନ୍ତୁ ମୋର ମନେ ହୁଏ ବିଶ୍ୱାସ, ଆସ୍ପୃହା ଇତ୍ୟାଦି ବର୍ମ ପରି ମୋତେ ଘେରି ରହେ । ଖୁବ୍ ପ୍ରତ୍ୟକ୍ଷଭାବେ ମୁଁ ସର୍ବଦା ନିଜ ଭିତରେ ଏଇ ପ୍ରକାରର ଏକ ଅଟଳ ବିଶ୍ୱାସ ଅନୁଭବ କରିଥାଏ । ଅବିଶ୍ୱାସର କଥା ଶୁଣିଲେ ମୋର ଯେପରି ଶକ୍ତି ଆହୁରି ବଢ଼ିଯାଏ । କି ଅଦ୍ଭୁତ କଥା ! ଏହାର ଅର୍ଥ କ'ଣ ? ଏହାର କିଛି ଅର୍ଥ ହୋଇପାରେ କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ମନର ସଂଶୟ ଓ ପ୍ରାଣର ବିକ୍ଷୋଭ ପ୍ରତି ଚୈତ୍ୟସତ୍ତାର ସ୍ୱାଭାବିକ ପ୍ରତିକ୍ରିୟାହିଁ ଏହାର କାରଣ । ଚୈତ୍ୟପୁରୁଷ ଅର୍ଥ ଭଗବାନ୍ ଅଛନ୍ତି ଏବଂ ତା'ର ଏହି ଜ୍ଞାନକୁ ସେ ଦୃଢ଼ଭାବେ ତୋଳି ଧରେ ତାହାରି ବିରୋଧରେ ଯାହା କିଛି ତା' ଆଖିରେ ପଡ଼େ । (୩୧.୮.୩୩)

**ସାହାନା :** ମା ଗୋ, ଶ୍ରୀଅରବିନ୍ଦଦେବ ଲେଖିଛନ୍ତି ଅବସାଦର କୌଣସି କାରଣ ମୁଁ ତୁମମାନଙ୍କୁ ଜଣାଇ ନାହିଁ କିନ୍ତୁ କେଉଁଟା ଯେ ଠିକ୍ କାରଣ ତାହା ମୁଁ ବି ପ୍ରଥମରୁ ବୁଝିପାରିନି । ପ୍ରଥମ ଦିନ ସେଇ ଦୁର୍ବଳତା ପ୍ରଥମେ ଅନୁଭବ କରିଥିଲି, ତା'ପରଠାରୁ ଯେମିତି କିଛି ଭଲ ଲାଗୁ ନାହିଁ — ଏଇ ଭାବ ଏବଂ ଅବସାଦ ଧୀରେ ଧୀରେ ବଢ଼ିବାକୁ ଲାଗିଲା । ମୋର ତ ମନେ ହୁଏ ଏଇଥର ସମ୍ପୂର୍ଣ୍ଣରୂପେ ବାହାରୁ ଗୋଟିଏ ଆକ୍ରମଣ ଆସି ଯେପରି ଚାଲିଗଲା । ତୁମମାନଙ୍କ ଉପରେ ଅବା କାହାରି ଉପରେ କିନ୍ତୁ କିଛି ଘଟି ନାହିଁ, ଅନେକ ସମୟରେ ଅତୀତ ମନକୁ ଆସିଲେ ଚେତନା ନିମ୍ନଗାମୀ ହୁଏ, ତାହା ବି ହୋଇ ନାହିଁ । ମୁଁ ନିଜେ ବି ଆଶ୍ଚର୍ଯ୍ୟ ହୋଇଛି ଯେ କେଉଁଠାରୁ ଏହା ଆସିଲା । କେବଳ ଦିଲୀପ ଦିନେ ଆସିଥିଲା ଅତ୍ୟନ୍ତ ଅବସାଦ ନେଇ, ନାନା ପ୍ରକାରର କଥା ଗପୁଥିଲା, ସେକଥା ଶୁଣି ମୋର ଖୁବ୍ କଷ୍ଟ ହେଉଥିଲା — ଯଦି ଏହାହିଁ କୌଣସି ଏକ କାରଣ ହୋଇପାରେ, ତାହା କି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ଆଶ୍ରମରେ ଗୋଟିଏ ଶକ୍ତି ଚାରିଦିଗରେ ଯାତାୟାତ କରୁଛି ଏବଂ ଯେ କେହି ନିଜକୁ ଖୋଲି ଧରିବାର ଏକ ସୁଯୋଗ ଦେଉଛି ତାକୁହିଁ ଚେଷ୍ଟା କରୁଛି ଆକ୍ରମଣ କରିବାକୁ । ଦିଲୀପ ଉପରେ ଯେ ଆକ୍ରମଣ ଚଳାଇଛି ଏବଂ ତାକୁ ଅବସାଦ ମଝିରେ ନିକ୍ଷେପ କରିଛି — ତା' କ୍ଷେତ୍ରରେ ବାହାରର କିଛି ଛୋଟ ମୋଟ କାରଣ ଥିଲା ତେବେ ସେଗୁଡ଼ିକ ଅତ୍ୟନ୍ତ କ୍ଷୁଦ୍ର ଓ ନଗଣ୍ୟ, କିନ୍ତୁ ଅବସାଦ ହୋଇପାରେ ଅତି ପ୍ରଚଣ୍ଡ ଏବଂ ରହେ ମଧ୍ୟ ଅନେକ ଦିନଧରି । କୌଣସିମତେ ସେ ଦିଲୀପ ମଧ୍ୟଦେଇ ତୁମ ଭିତରକୁ ଆସିଛି ଏବଂ ତୁମ ମନ ଏବଂ ପ୍ରାଣ ମଧ୍ୟରେ କୌଣସି ଯାତାୟାତର ରାସ୍ତା ନପାଇ ପଡ଼ିଛି ତୁମର ଶରୀର (ପ୍ରାଣିକ ଶରୀର ବା ସ୍ନାୟବିକ) ଉପରେ ଏବଂ ସୃଷ୍ଟି କରିଛି ଦୁର୍ବଳତା ଯେଉଁଥିପାଇଁ ସେ ତା'ର ଲୀଳାଖେଳା ଚଳେଇବାକୁ ସକ୍ଷମ ହୋଇଛି । ଯେମିତି ଦେଖିଲା ସେ ତା' କରିପାରୁଛି, ପରୋକ୍ଷଭାବେ ଦିଲୀପର ମନ୍ତବ୍ୟର ସାହାଯ୍ୟ ମଧ୍ୟ ମିଳିପାରୁଛି, ତତ୍‌କ୍ଷଣାତ୍ ଅତ୍ୟନ୍ତ ବେଗରେ ପୁରାତନ ଯନ୍ତ୍ରର ଚାପ, ଚିନ୍ତା, କ୍ଷୋଭ ଏବଂ ହତାଶା ଚାରିକଡ଼େ ଘୂରିବାକୁ ଆରମ୍ଭ କଲା । ଏଥର ଯାହା ଘଟିଛି ତାହା ନିହାତି ଯାନ୍ତ୍ରିକ ଏବଂ ଅଯୌକ୍ତିକ । ଅବଚେତନ ଯେତେସବୁ ପୁରାତନ ଅଭ୍ୟାସ

*(ଅବଶିଷ୍ଟାଂଶ ପୃଷ୍ଠା ୩୪ରେ ଦେଖନ୍ତୁ)*

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଭାରତୀୟ ଦାର୍ଶନିକଗଣ

## (୧)

## ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଆଦି ଶଙ୍କର (୭୮୮-୮୨୦ ଖ୍ରୀଷ୍ଟାବ୍ଦ)

#### କବି, ଦାର୍ଶନିକ ଓ ରହସ୍ୟବାଦୀ :

ଆଦି ଶଙ୍କରଙ୍କ ଜନ୍ମକାଳ ଠିକ୍‌ଭାବେ ଜଣା ନାହିଁ । ଯେତେଦୂର ମନେହୁଏ ତାଙ୍କ ଜନ୍ମକାଳ ୭୮୮ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ନିଃସନ୍ଦେହରେ କୁହାଯାଇପାରେ ଯେ ଆଦି ଶଙ୍କର ହେଉଛନ୍ତି ଭାରତର ତଥା ପୃଥିବୀର ଜଣେ ମହାନ୍ କବି, ଦାର୍ଶନିକ ଓ ରହସ୍ୟବାଦୀ ।

ଏହି ମହାନ୍ ଦ୍ରଷ୍ଟାଙ୍କ ଆବିର୍ଭାବ ସମୟରେ ଭାରତରେ ବୌଦ୍ଧଧର୍ମର ପ୍ରଭାବ ପ୍ରବଳ ହୋଇ ଉଠିଥିଲା । ଆଶ୍ଚର୍ଯ୍ୟର କଥା ଏହି ଯେ ତାଙ୍କର ଅକାଟ୍ୟ ନ୍ୟାୟଶକ୍ତି ଦ୍ୱାରା ସେ ହିନ୍ଦୁଧର୍ମର ପ୍ରଭାବକୁ ଭାରତରେ ଦୃଢ଼ଭାବେ ପ୍ରତିଷ୍ଠିତ କରିପାରିଥିଲେ ।

ଶଙ୍କରାଚାର୍ଯ୍ୟ କେରଳ ରାଜ୍ୟର କାଲାଡ଼ି ଗ୍ରାମରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ ପିତା ଶିବ ଗୁରୁ ଓ ମାତା ଆର୍ଯ୍ୟାମ୍ବାଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ । କୁହାଯାଏ ଯେ ଏହି ଦମ୍ପତି ବିବାହର ବହୁ ବର୍ଷ ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ । କିଛି ବର୍ଷ ପରେ ସେମାନେ ତ୍ରିଚୁର ନିକଟସ୍ଥ ଏକ ଶିବ ମନ୍ଦିରରେ ଆରାଧନା କରି ଶଙ୍କରଙ୍କୁ ସନ୍ତାନ ଭାବେ ଲାଭ କରିଥିଲେ । କିଂବଦନ୍ତୀ ଅନୁଯାୟୀ ଶଙ୍କର ହେଉଛନ୍ତି ପ୍ରଭୁ ଶିବଙ୍କର ଅବତାର । ସେହି ଦମ୍ପତିଙ୍କୁ ସ୍ୱୟଂ ଭଗବାନ୍ ସର୍ତ୍ତ ରଖିଥିଲେ ଯେ ସେମାନେ ଅଳ୍ପାୟୁ ଅଥଚ ପ୍ରଜ୍ଞାବାନ୍, ଦାର୍ଶନିକ ପୁତ୍ର ଚାହାନ୍ତି ନା ଦୀର୍ଘାୟୁ ଅଳ୍ପ ଜ୍ଞାନସମ୍ପନ୍ନ ବହୁ ସନ୍ତାନ ଲାଭ କରିବାକୁ ଚାହାନ୍ତି । ସେମାନେ ଏହି ପ୍ରଥମ ପ୍ରକାରର ସନ୍ତାନର ମାତାପିତା ହେବାକୁ ଚାହିଁଥିଲେ ।

#### ଅକାଳପକ୍ୱ ଓ ଦୀପ୍ତିମାନ୍ :

କିଂବଦନ୍ତୀ ସତ୍ୟ ହୋଇଥିଲା । ଶଙ୍କର ଅକାଳପକ୍ୱ ତଥା ମହାନ୍ ପଣ୍ଡିତ ହୋଇ ଜନ୍ମ ହୋଇଥିଲେ । ମାତ୍ର ତାଙ୍କୁ ଯେତେବେଳେ ତିନିବର୍ଷ ବୟସ ସେତେବେଳେ ତାଙ୍କ ପିତାଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କର ଲାଳନ-ପାଳନ ଦାୟିତ୍ୱ ମାତାଙ୍କ ଉପରେ ନ୍ୟସ୍ତ ରହିଲା । ଶିଶୁ ଶଙ୍କର ଗତାନୁଗତିକ ଶିକ୍ଷାର ସକଳ ବିଷୟରେ ଅତି ଦକ୍ଷ ହୋଇ ଉଠିଲେ ଏବଂ କେତେକ ଆଶ୍ଚର୍ଯ୍ୟଜନକ ଘଟଣା ପ୍ରଦର୍ଶନ କରିଥିଲେ ।

ଖୁବ୍ ଅଳ୍ପ ବୟସରୁ ଶଙ୍କର ସନ୍ନ୍ୟାସ ନେବାକୁ ଚାହିଁଲେ । କିନ୍ତୁ ତାଙ୍କ ମାତା ଏଥିରେ ଅରାଜି ଥିଲେ । କାରଣ ପୁତ୍ର ସନ୍ନ୍ୟାସ ନେଲେ ବାର୍ଦ୍ଧକ୍ୟ ଅବସ୍ଥାରେ ତାଙ୍କର ଯତ୍ନ କିଏ ନେବ ? ଏହାର ଅଳ୍ପଦିନ ପରେ ଏକ ଅଘଟଣ ଘଟିଲା । ଦିନେ ମାତାଙ୍କ ସହ ଶଙ୍କର ନଦୀରେ ସ୍ନାନ କରୁଥିବା ସମୟରେ ଏକ କୁମ୍ଭୀର ଆସି ଶଙ୍କରଙ୍କ ପାଦକୁ କାମୁଡ଼ି ଧରିଲା । ଶଙ୍କର ତାଙ୍କ ମାତାଙ୍କୁ କହିଲେ, ''ମୋତେ ସନ୍ନ୍ୟାସୀ ହେବାକୁ ଦେବ ନା କୁମ୍ଭୀର ମୋତେ ଭକ୍ଷଣ କରିବ ?'' ତାଙ୍କ ମାତା ତତ୍‌କ୍ଷଣାତ୍ ରାଜି ହେଲେ ଯେ ଶଙ୍କର ସନ୍ନ୍ୟାସୀ ହୋଇଯାଆନ୍ତୁ ।

ଯଦିଓ ଶଙ୍କର ସନ୍ନ୍ୟାସୀ ହୋଇଗଲେ ତଥାପି ସେ ପ୍ରତିଜ୍ଞା କରିଥିଲେ ଯେ ମାତାଙ୍କ ମୃତ୍ୟୁ ସମୟରେ ଫେରି ଆସି ସେ ତାଙ୍କର ସଂସ୍କାର-କର୍ମ ନିଶ୍ଚୟ ସମ୍ପାଦନ କରିବେ ।

ଏହାପରେ ତରୁଣ ଶଙ୍କର ଗୁରୁଙ୍କ ଅନ୍ୱେଷଣରେ ତାଙ୍କର ଦୀର୍ଘଯାତ୍ରା ଆରମ୍ଭ କଲେ । ସେ ଚାଲି ଚାଲି ବଦ୍ରିନାଥରେ ଥିବା ଆଚାର୍ଯ୍ୟ ଗୋବିନ୍ଦପାଦଙ୍କ ଆଶ୍ରମରେ ପହଞ୍ଚିଲେ । ଗୋବିନ୍ଦପାଦ ତାଙ୍କୁ ଶିଷ୍ୟ ରୂପେ ଗ୍ରହଣ କରି ପରମହଂସ ଲାଭ କରିବା ନିମିତ୍ତ ଦୀକ୍ଷା ଦେଲେ । ଏହା ଥିଲା ସନ୍ନ୍ୟାସର

ଉଚ୍ଚତମ ଅବସ୍ଥା । ସେ ଶଙ୍କରଙ୍କୁ ଅଦ୍ୱୈତ ଦର୍ଶନର ସକଳ ଶିକ୍ଷା ଦାନ କଲେ । ତତ୍ପରେ ଶଙ୍କରଙ୍କୁ ସେ ଆଦେଶ ଦେଲେ ଯେ ତାଙ୍କୁ କାଶୀ ଯାଇ ତାଙ୍କର ବାଣୀ ପ୍ରଚାର କରିବାକୁ ହେବ ।

କାଶୀକୁ ଯାଇ ଶଙ୍କରାଚାର୍ଯ୍ୟ ଭଗବଦ୍‌ଗୀତା, ଉପନିଷଦ୍ ଓ ବ୍ରହ୍ମ ସୂତ୍ର ଉପରେ ଭାଷ୍ୟ ଲେଖିଥିଲେ । ସେତେବେଳେ ତାଙ୍କର ବୟସ ମାତ୍ର ୧୬ ବର୍ଷ ।

ଶଙ୍କରଙ୍କ ରଚନାବଳୀ ମଧ୍ୟରେ ଶାରୀରିକ ଭାଷ୍ୟ, ବ୍ରହ୍ମସୂତ୍ର, ସନତ୍ ସୁଜାତୀୟ, ସହସ୍ରନାମ ଅଧ୍ୟାୟ, ବିବେକ ଚୂଡ଼ାମଣି, ଆତ୍ମବୋଧ, ଅପରୋକ୍ଷ ଅନୁଭୂତି, ଆନନ୍ଦ ଲହରୀ, ଆତ୍ମା-ଅନାତ୍ମା ବିବେକ ଏବଂ ଉପଦେଶ ସହସ୍ର ପ୍ରଧାନ ।

### ସମଗ୍ର ଦେଶରେ ଶଙ୍କରଙ୍କ ତର୍କ-ଯାତ୍ରା :

ବର୍ତ୍ତମାନ ଦେଶର ସମସ୍ତ ଅଞ୍ଚଳକୁ ଯାଇ ଶଙ୍କର ପଣ୍ଡିତମାନଙ୍କ ସହ ଦର୍ଶନ ସମ୍ବନ୍ଧରେ ତର୍କ ଆରମ୍ଭ କଲେ । ସେତେବେଳେ ଏହାହିଁ ପ୍ରଚଳନ ଥିଲା । ଯିଏ ଅନ୍ୟମାନଙ୍କ ଦ୍ୱାରା ପରାସ୍ତ ହେଉଥିଲା, ସେ ସେହି ପଣ୍ଡିତଙ୍କର ଦର୍ଶନକୁ ଗ୍ରହଣ କରୁଥିଲା । ଏହିଭାବେ ଶଙ୍କର ପଣ୍ଡିତ ଭଟ୍ଟ ଭାସ୍କରଙ୍କୁ ବେଦାନ୍ତ-ସୂତ୍ରରେ ପରାସ୍ତ କରିଥିଲେ । ସେଯୁଗର ପଣ୍ଡିତ ଦାଣ୍ଡି, ମୟୂର, ହର୍ଷ, ଅଭିନବଗୁପ୍ତ, ଉଦୟନାଚାର୍ଯ୍ୟ, ଧର୍ମଗୁପ୍ତ, ପ୍ରଭାକର ଓ ଅନ୍ୟାନ୍ୟ ଦାର୍ଶନିକମାନେ ମଧ୍ୟ ଶଙ୍କରଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ।

ପରିଶେଷରେ ଶଙ୍କର ପଣ୍ଡିତ କୁମାରଲୀଲାଙ୍କ ନିକଟରେ ପହଞ୍ଚି ତାଙ୍କୁ ଧର୍ମ ବିଷୟକ ତର୍କ କରିବାକୁ ଆହ୍ୱାନ କଲେ । ସେତେବେଳେ କୁମାରଲୀଲା ମୃତ୍ୟୁଶଯ୍ୟାରେ ଥିବାରୁ ତାଙ୍କର ଶିଷ୍ୟ ମଣ୍ଡନ ମିଶ୍ରଙ୍କୁ ଶଙ୍କରଙ୍କ ସହ ତର୍କ କରିବାକୁ କହିଲେ । ମଣ୍ଡନ ମିଶ୍ର ଏଥିରେ ରାଜି ହେଲେ ଏବଂ ତାଙ୍କ ସ୍ତ୍ରୀ ଭାରତୀଙ୍କୁ ବିଚାରକ ହେବା ନିମିତ୍ତ କହିଲେ । କାରଣ ଭାରତୀ ଅତି ବିଦୁଷୀ ରମଣୀ ଥିଲେ । ଦୁଇ ସପ୍ତାହ ବ୍ୟାପୀ ତର୍କ ପରେ ମଣ୍ଡନ ମିଶ୍ର ପରାସ୍ତ ହେବାରୁ ଭାରତୀ ଶଙ୍କରଙ୍କୁ ତର୍କଯୁଦ୍ଧକୁ ଆହ୍ୱାନ କରି କହିଲେ ଯେ, ''ଯେହେତୁ ସେ ମଣ୍ଡନ ମିଶ୍ରଙ୍କର ଅର୍ଦ୍ଧାଙ୍ଗିନୀ, ଶଙ୍କର କେବଳ ତାଙ୍କୁ ଅର୍ଦ୍ଧେକ ପରାସ୍ତ କରିଛନ୍ତି ।''

ତେବେ ଭାରତୀ ବୁଝିଥିଲେ ଯେ ଶଙ୍କରଙ୍କୁ ସେ ପରାସ୍ତ କରିବା କଷ୍ଟକର । ତେଣୁ ସେ ବାଧ୍ୟ ହୋଇ ଶଙ୍କରଙ୍କୁ କାମ-ଶାସ୍ତ୍ର ସମ୍ବନ୍ଧେ ଯୁକ୍ତି କରିବାକୁ ଆହ୍ୱାନ କଲେ । ଶଙ୍କର ବ୍ରହ୍ମଚାରୀ ଥିବାରୁ କାମ-ଶାସ୍ତ୍ର ସମ୍ବନ୍ଧେ କିଛି ଜାଣି ନଥିଲେ । ସେହି ତର୍କରେ ସାମିଲ ହେବା ପାଇଁ ସେ ଗୋଟିଏ ମାସ ସମୟ ଚାହିଁଲେ ।

ଶଙ୍କର ତାଙ୍କର ଯୋଗ-ଶକ୍ତି ପ୍ରୟୋଗ କରି ନିଜର ଭୌତିକ ଶରୀରକୁ ଅଲଗା ରଖି ସୂକ୍ଷ୍ମ ଶରୀରରେ ଅଳ୍ପ ସମୟ ପୂର୍ବରୁ ମୃତ୍ୟୁପ୍ରାପ୍ତ ହୋଇଥିବା ରାଜା ଅମରୁକଙ୍କ ଶରୀରରେ ପ୍ରବେଶ କଲେ । ସେସମୟରେ ରାଜାଙ୍କ ଶରୀରକୁ ଦାହକରିବା ନିମିତ୍ତ ଶ୍ମଶାନକୁ ନିଆଯାଉଥିଲା । ସେ ଜୀବିତ ହୋଇଉଠିବା ଦେଖି ଜନସାଧାରଣ ଆଶ୍ଚର୍ଯ୍ୟ ହୋଇଗଲେ । ଶଙ୍କର ଗୋଟିଏ ମାସ ମଧ୍ୟରେ ରାଜାଙ୍କ ଶରୀରକୁ ପ୍ରୟୋଗ କରି କାମ-ଶାସ୍ତ୍ର ସମ୍ବନ୍ଧେ ସବୁକିଛି ଜାଣିପାରିଲେ । ତା'ପରେ ସେ ରାଜାଙ୍କ ଶରୀରରୁ ଆପଣା ଶରୀରକୁ ଫେରି ଆସିଲେ ଓ ତର୍କ ଦ୍ୱାରା ଭାରତୀଙ୍କୁ ପରାସ୍ତ କଲେ ।

### ଅଲଙ୍ଘନୀୟ ଧର୍ମୀୟ ପ୍ରତିବନ୍ଧକ :

ଇତି ମଧ୍ୟରେ ଶଙ୍କରଙ୍କ ନିକଟରେ ତାଙ୍କ ମାତା ମୃତ୍ୟୁଶଯ୍ୟାରେ ଥିବାର ସମ୍ବାଦ ପହଞ୍ଚିଲା । ତେଣୁ ସେ ତାଙ୍କର ଶିଷ୍ୟମାନଙ୍କୁ ଛାଡ଼ି ଏକାକୀ କାଲାଡ଼ିରେ ଥିବା ତାଙ୍କ ମାତାଙ୍କ ନିକଟକୁ ଯାତ୍ରା କଲେ । ମାତାଙ୍କ ମୃତ୍ୟୁ ପରେ ଶଙ୍କର ତାଙ୍କ ମାତାଙ୍କର ସଂସ୍କାର-କର୍ମ କରିବାକୁ ଚାହିଁଲେ । କିନ୍ତୁ ତାଙ୍କ ପରିବାରବର୍ଗ ତଥା ନମ୍ବୁଦିରି ବ୍ରାହ୍ମଣମାନେ ଏଥିରେ ବାଧା ଦେଲେ । କାରଣ କୌଣସି ସନ୍ନ୍ୟାସୀ ଏହି ସଂସ୍କାର କରିବା ପାଇଁ ଯୋଗ୍ୟ ନୁହନ୍ତି ଯେହେତୁ ସେ ପାରିବାରିକ ଜୀବନ ତ୍ୟାଗ କରିଛନ୍ତି । ସମାଜର ସଂକୀର୍ଣ୍ଣ ଧର୍ମଭାବ ଯୋଗୁଁ ଶଙ୍କରଙ୍କୁ ତାଙ୍କ ମାତାଙ୍କ ଶରୀରକୁ ପୈତୃକ ଗୃହ ପଛପଟେ ଥିବା ପଡ଼ିଆରେ ଦାହ କରିବାକୁ ହୋଇଥିଲା ।

ମାତାଙ୍କ ନିକଟରେ କରିଥିବା ପ୍ରତିଜ୍ଞାକୁ ପୂରଣ କରି ଶଙ୍କର ଶୃଙ୍ଗେରୀ ନାମକ ସ୍ଥାନକୁ ଫେରିଗଲେ । ତତ୍ପରେ ସେ ସମୁଦ୍ରର ପୂର୍ବ ତଟକୁ ଯିବା ସମୟରେ ପଥ ମଧ୍ୟରେ ଅଦ୍ୱୈତ-ବେଦାନ୍ତ ପ୍ରଚାର କରିଥିଲେ । ଶଙ୍କର ସନ୍ନ୍ୟାସୀମାନଙ୍କର ଦଶଟି ଶୃଙ୍ଖଳା ଯାହାକୁ 'ଦଶନାମୀ' ବୋଲି କୁହାଯାଏ, ତାହା ପ୍ରଚାର କଲେ । ସେ ଭାରତରେ ଚାରୋଟି ମଠ ପ୍ରତିଷ୍ଠା କରିଥିଲେ । ସେହି ମଠଗୁଡ଼ିକ ହେଉଛି : ଶୃଙ୍ଗେରୀ, ଦ୍ୱାରକା, ଯୋଶୀ ମଠ ଏବଂ ଗୋବର୍ଦ୍ଧନ ମଠ ।

ଯଦିଓ ଶଙ୍କର କଦାପି କୌଣସି ତର୍କରେ ପରାସ୍ତ ହୋଇ ନଥିଲେ, ଜଣେ ଚଣ୍ଡାଳ ତାଙ୍କୁ ଥରେ ବାକ୍‌ହୀନ କରି ଦେଇଥିଲା । ଏକଦା ଶଙ୍କର ଗଙ୍ଗାନଦୀରେ ସ୍ନାନ କରିବାକୁ ଯାଉଥିବା ସମୟରେ

ଜଣେ ଚଣ୍ଡାଳ କୁକୁରମାନଙ୍କୁ ଧରି ସେଇ ବାଟେ ଯାଉଥିଲା । ଶଙ୍କରଙ୍କ ଶିଷ୍ୟମାନେ ତତ୍‌କ୍ଷଣାତ୍ ଚିତ୍କାର କରି ଚଣ୍ଡାଳକୁ ପଥରୁ ହଟିଯିବାକୁ କହିଲେ । ଏହା ଶୁଣି ଚଣ୍ଡାଳ ପ୍ରଶ୍ନ କଲା ଯେ ଅଦ୍ୱୈତ ବେଦାନ୍ତର ଜଣେ ମହାନ୍ ପ୍ରବର୍ତ୍ତକ କିପରି ନିଜଠାରୁ ଅନ୍ୟକୁ ଭିନ୍ନ କରି ଦେଖୁଛନ୍ତି ! ତେବେ ଶଙ୍କର ତା'ର କ୍ଷଣସ୍ଥାୟୀ ଭୌତିକ ଶରୀରକୁ ଘୁଞ୍ଚିଯିବାକୁ ଚାହାନ୍ତି ନା ତା'ର ପରମାତ୍ମା, ଅବିନାଶୀ ଆତ୍ମାକୁ ତାଙ୍କଠାରୁ ଦୂରେଇ ଯିବାକୁ ଚାହାନ୍ତି ? ଶଙ୍କର ସେ ପ୍ରଶ୍ନର ତାତ୍ପର୍ଯ୍ୟ ବୁଝିପାରି ସେହି ଚଣ୍ଡାଳଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ ଓ ତାଙ୍କୁ ନିଜର ଗୁରୁ ରୂପେ ଗ୍ରହଣ କଲେ ।

### ବ୍ରହ୍ମନ୍ ଓ ଅବାସ୍ତବ ଜଗତ୍ :

ଅଦ୍ୱୈତ ବେଦାନ୍ତକୁ ଗ୍ରହଣ କରିଥିବା ଶଙ୍କର ବିଶ୍ୱାସ କରୁଥିଲେ ଯାହା ନିର୍ଗୁଣ, ନିରାକାର, ନିର୍ବିଶେଷ ଓ ଅକର୍ତ୍ତା, ସେହିଁ ଏକମାତ୍ର ପରମ ସତ୍ୟ ।

ଶଙ୍କରଙ୍କ ମତରେ, ''ଏହି ପରମାତ୍ମାନ୍ ହେଉଛନ୍ତି ସ୍ୱତଃସିଦ୍ଧ । ଏହି ପରମାତ୍ମନ୍ ନିଜର ପ୍ରତିଷ୍ଠା ନିମିତ୍ତ କୌଣସି ପ୍ରମାଣ ଆବଶ୍ୟକ କରନ୍ତି ନାହିଁ । ଏହି ପରମାତ୍ମନ୍‌ଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିହୁଏ ନାହିଁ । କାରଣ ଏହାକୁ ଅସ୍ୱୀକାର କରିବା ବ୍ୟକ୍ତିଙ୍କର ସେ ହେଉଛନ୍ତି ଅପରିହାର୍ଯ୍ୟ ଗୁଣ । ସକଳ ଜ୍ଞାନର ଭିତ୍ତି ହେଉଛନ୍ତି ପରମାତ୍ମା । ଅନ୍ତରାତ୍ମା ଅନ୍ତରରେ ତଥା ବହିର୍ଦ୍ଦେଶରେ, ସମ୍ମୁଖରେ ତଥା ପଶ୍ଚାତରେ, ବାମରେ ତଥା ଦକ୍ଷିଣରେ, ଊର୍ଦ୍ଧ୍ୱରେ ତଥା ନିମ୍ନରେ ଅବସ୍ଥିତ ।''

ବ୍ରହ୍ମନ୍ ହେଉଛନ୍ତି ଅବର୍ଣ୍ଣନୀୟ । କାରଣ ବର୍ଣ୍ଣନା କରିବା ସକାଶେ ଆବଶ୍ୟକ ହେଉଛି ପାର୍ଥକ୍ୟ-ପ୍ରକ୍ରିୟା । ବହିର୍ଜଗତ୍ ଯାହା ହେଉଛି ନାମ-ରୂପର ଜଗତ୍, ତାହାର ସ୍ୱତନ୍ତ୍ର ସ୍ଥିତି ନାହିଁ । କେବଳ ପରମାତ୍ମାଙ୍କରହିଁ ରହିଛି ବାସ୍ତବ ସ୍ଥିତି । ଜଗତ୍ ହେଉଛି କେବଳ ଅଦ୍ଭୁତ ଏକ ମାୟା ।

### ଶଙ୍କରଙ୍କ ଶିକ୍ଷାର ସାରକଥା :

''ବ୍ରହ୍ମ ସତ୍ୟମ୍ ଜଗନ୍ମିଥ୍ୟା, ଜୀବ ବ୍ରହ୍ମୈବ, ନ ଅପରଃ ।'' ଅର୍ଥାତ୍, କେବଳ ବ୍ରହ୍ମହିଁ ସତ୍ୟ, ଏହି ଭୌତିକ ଜଗତ୍ ହେଉଛି ଅସତ୍ୟ, ଜୀବ ବ୍ରହ୍ମଙ୍କ ସହିତ ସମରୂପ ।

ଶଙ୍କର ବିବର୍ତ୍ତ ବାଦର ପ୍ରଚାର କରିଥିଲେ । ଠିକ୍ ଯେପରି ଖଣ୍ଡେ ଦଉଡ଼ିକୁ ସର୍ପ ବୋଲି ଭ୍ରମ କରାଯାଏ ସେହିପରି ଜଗତ୍ ଓ ଏହି ଶରୀର ପରମାତ୍ମାଙ୍କ ଉପରେ ଅଧାରୋପିତ । ଯଦି ଦଉଡ଼ି ସମ୍ବନ୍ଧେ ଜ୍ଞାନଲାଭ କରାଯାଏ ତେବେ ଦଉଡ଼ିକୁ ସର୍ପ ବୋଲି ଭାବୁଥିବା ଭ୍ରମାତ୍ମକ ଧାରଣା ଦୂରୀଭୂତ ହୋଇଥାଏ । ଠିକ୍ ଏହିପରି ଯଦି ବ୍ରହ୍ମଜ୍ଞାନ ଲାଭ କରାଯାଏ, ତେବେ ଶରୀର ଓ ଜଗତ୍ ସମ୍ବନ୍ଧୀୟ ଭ୍ରାନ୍ତଜ୍ଞାନ ଦୂରୀଭୂତ ହୁଏ ।

ଶଙ୍କର ଯେତେବେଳେ ଜାଣିଲେ ଯେ ତାଙ୍କର ମୃତ୍ୟୁକାଳ ଆସନ୍ନ ସେତେବେଳେ ସେ କାଶ୍ମୀରରେ ଥିବା ଶାରଦାମାତାଙ୍କ ମନ୍ଦିର ନିକଟକୁ ଯାତ୍ରା କଲେ । ଦକ୍ଷିଣରୁ କୌଣସି ବ୍ୟକ୍ତି କେବେ ବି ସେଠାକୁ ଯାଇ ନଥିଲେ ଏବଂ ସ୍ଥାନୀୟ କୌଣସି ପଣ୍ଡିତଙ୍କୁ ହରାଇ ନଥିଲେ । ଶଙ୍କର କୌଣସି ପ୍ରକାରେ ଏହି ଅସାଧାରଣ କାର୍ଯ୍ୟ ସମ୍ପନ୍ନ କରିଥିଲେ ।

କୁହାଯାଏ ଯେ ଏହାପରେ ସେ ନେପାଳକୁ ଯାଇଥିଲେ ଏବଂ ସେଠାରୁ ହିମାଳୟସ୍ଥ କେଦାରନାଥକୁ ଯାଇଥିଲେ । ମନେହୁଏ ଶେଷରେ ସେ ଏକ ଗୁମ୍ଫା ମଧ୍ୟରେ ପ୍ରବେଶ କରିଥିଲେ ଏବଂ ଯନ୍ତ୍ରଣାଦାୟକ ଶୈତ୍ୟ ମଧ୍ୟରେ ଅନ୍ତର୍ହିତ ହୋଇଯାଇଥିଲେ ।

୮୨୦ ଖ୍ରୀଷ୍ଟାବ୍ଦରେ ଶଙ୍କରଙ୍କ ବୟସ ଥିଲା ମାତ୍ର ୩୨ ବର୍ଷ । ୭୨ଟି ଶିକ୍ଷାକେନ୍ଦ୍ରର ଧର୍ମୀୟ ପଣ୍ଡିତମାନଙ୍କୁ ଯୁକ୍ତିରେ ପରାସ୍ତ କରି ଏବଂ ବୈଦିକ ଚିନ୍ତାଧାରାର ଉତ୍କର୍ଷତାକୁ ପ୍ରତିଷ୍ଠିତ କରି ସେ ନିଜକୁ 'ଜଗଦ୍‌ଗୁରୁ' ବୋଲି ପ୍ରମାଣିତ କରିଥିଲେ । ତାଙ୍କ ସମ୍ବନ୍ଧେ ଭବିଷ୍ୟଦ୍‌ବାଣୀ ଅନୁରୂପ ତାଙ୍କର ଜୀବନ ଥିଲା ସ୍ୱଳ୍ପକାଳ, ସୀମିତ ଏବଂ ସମୁଜ୍ଜ୍ୱଳ । ❑

---

*(ପୃଷ୍ଠା ୩୧ ର ଅବଶିଷ୍ଟାଂଶ)*

ନେଇ ଆସି ଚକ୍ର ପରି ଘୂରାଇ ଥାଏ – ଏହାହିଁ ଦେଖାଇଦିଏ ଯେ ତା'ର ଶେଷ ସମ୍ବଳର ପ୍ରାନ୍ତରେ ଆସି ଛିଡ଼ା ହୋଇଛି । ଏହା ମୁଁ ଯାହା ଦେଖିଛି ଏବଂ ତୁମଠାରୁ ତା'ର ବାହାରର ପୁଙ୍ଖାନୁପୁଙ୍ଖ ବିବରଣୀ ଜାଣିବାକୁ ଚାହିଁଥିଲି ଏବଂ ମୁଁ ଯାହା ଦେଖିଛି ତାହାକୁ ସେମାନେ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । (୧୨.୯.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫)

ମହେନ୍ଦ୍ର ନାଥ ସ୍ୱାଇଁ

### ପ୍ରେମ ଓ ମୃତ୍ୟୁର ନୂତନ ସଂଜ୍ଞା

ମାତୃ-ସଂସ୍କୃତି (Mother's Culture) ପ୍ରେମର ମୌଳିକ ଯୋଜନାମାନଙ୍କ ମଧ୍ୟରେ ସ୍ଥିତ ଏକ ଅନନ୍ତ ବହୁବିଧ ବ୍ୟବସ୍ଥାକୁ ସମ୍ମତି ପ୍ରଦାନ କରିଥାଏ । ସେହି ବ୍ୟବସ୍ଥାଟି ହେଉଛି ''ଉତ୍ସର୍ଗୀକରଣର ବିଧିବ୍ୟବସ୍ଥା'' ଏବଂ ''ଏକ ଉତ୍ତର ପ୍ରଦାନକାରୀ ପ୍ରେମ'' । ମା' ''ଧ୍ୟାନ ଓ ପ୍ରାର୍ଥନା''ର ପ୍ରତ୍ୟେକ ପ୍ରାର୍ଥନାରେ ସୃଷ୍ଟିର ଏତାଦୃଶ ଦିଗ ଉପରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ ମଣିଷ ନିଜର ସ୍ଥିତି ଏବଂ ଚେତନାର ଭୂମି ଅନୁସାରେ 'ପ୍ରେମ' ସମ୍ଭାଷଣ ନିମନ୍ତେ ଶବ୍ଦ ଚୟନ କରିଥା'ନ୍ତି ଏବଂ ପ୍ରକାଶ କରିବାର ଢଙ୍ଗକୁ ମଧ୍ୟ ପ୍ରଦର୍ଶିତ କରିଥା'ନ୍ତି ।

ଆନନ୍ଦ ଓ ସୌନ୍ଦର୍ଯ୍ୟର ଆରାଧନା 'ପ୍ରେମ' ସହ ସମ୍ପର୍କିତ ଏବଂ ସହବନ୍ଧିତ ଅଟେ । ଯେଉଁ ବ୍ୟକ୍ତି ଏହି ଦୁଇଟି ଜିନିଷକୁ ସୁନ୍ଦର ଓ ନିଖୁଣ ଭାବରେ ସଜାଡ଼ି ରଖିପାରନ୍ତି ତାଙ୍କର ଜୀବନ-କାଳରେ ହତାଶା ଆସେ ନାହିଁ । ଆସିଲେ ତତ୍‌କ୍ଷଣାତ୍ କେଉଁଆଡ଼େ ପାଣି ଫୋଟକା ପରି ମିଳାଇଯାଏ ।

କାହାରି ଉପରେ ନିର୍ଭରଶୀଳ ନହୋଇ ଜୀବନ ବଞ୍ଚିବାକୁ ମା' ପସନ୍ଦ କରିନାହାନ୍ତି – ବରଂ ତାକୁ ଏକ ଭ୍ରାନ୍ତ ଧାରଣା ବୋଲି କହିଛନ୍ତି – ଯାହା କି ସିଧାସଳଖ ପ୍ରେମର ବିରୁଦ୍ଧାଚରଣ କରିଥାଏ । ଏହି ସମ୍ପର୍କରେ ୧୯୮୮ ଜାନୁଆରୀ ମାସର *Mother India* ପତ୍ରିକାର ୬୪ ପୃଷ୍ଠାରେ ମା'ଙ୍କର ଏକ ଲେଖାକୁ ପାଠ କଲେ ସମ୍ୟକ୍ ଧାରଣା ପ୍ରାପ୍ତ ହୋଇଥାଏ । ଲେଖାଟି ଏହିପରି :

''Independence ! I remember hearing a wise old occultist give a wonderful reply to someone who said : "I must be independent". And he replied with a smile, "Then that means that no one will love you, for if you are loved, you will immediately become dependent on that love." It is a fine reply, for it is indeed love which leads to Oneness, and Oneness is the true expression of freedom. And so those who claim independence in the name of their right to freedom completely turn their backs on the real freedom, because they deny love. This distortion comes from constraint.''

(*Mother India*, January, 1988)

ମା' କହନ୍ତି, ''ନିର୍ଭରଶୀଳ ନହୋଇ କେହି ବଞ୍ଚି ପାରିବ ନାହିଁ ! ମୋର ମନେ ପଡୁଛି ଏହି ବିଷୟରେ ଜନୈକ ଜ୍ଞାନୀ ତଥା ବୟସ୍କ ତାନ୍ତ୍ରିକ ତାଙ୍କୁ ପ୍ରଶ୍ନ କରିଥିବା କୌଣସି ବ୍ୟକ୍ତିଙ୍କୁ ଏକ ଚମତ୍କାର ଉତ୍ତର ପ୍ରଦାନ କରିଥିଲେ । ବ୍ୟକ୍ତି ଜଣଙ୍କ କହିଲେ, ''ମୁଁ ନିଶ୍ଚିତ ଭାବରେ ଅନ୍ୟ କାହାରି ଉପରେ ନିର୍ଭର ନକରି ରହିପାରିବି ।'' ତନ୍ତ୍ର-ଯୋଗୀ ସ୍ମିତ ହାସ୍ୟର ସହିତ ଉତ୍ତର ଦେଲେ, ''ତେବେ ତାହାର ଅର୍ଥ ହେଉଛି ତୁମକୁ ଆଉ କେହି ଭଲପାଇବେ ନାହିଁ; କାରଣ ତୁମେ ଯଦି କାହାକୁ ଭଲପାଇବ ତେବେ ତତ୍‌କ୍ଷଣାତ୍ ସେହି ଭଲପାଇବା ଉପରେ (ଅର୍ଥାତ୍ ପ୍ରେମ ଉପରେ) ନିର୍ଭରଶୀଳ ହୋଇଯିବ ।''

ଏହା ଏକ ଚମତ୍କାର ଉତ୍ତର, କାରଣ ପ୍ରକୃତରେ ପ୍ରେମହିଁ ପରମଙ୍କ ସହିତ ଏକାକାର ହୋଇଯିବା ପାଇଁ ବାଟ କଢ଼ାଏ ଏବଂ ଏହି ଏକତ୍ୱହିଁ ସ୍ୱାଧୀନତାର ପ୍ରକୃତ ପରିପ୍ରକାଶ । ସୁତରାଂ ଯେଉଁମାନେ କାହାରି ଉପରେ ନିର୍ଭରଶୀଳ ନହୋଇ ସ୍ୱାଧୀନ ଭାବରେ ବଞ୍ଚିବାକୁ ଚାହାନ୍ତି ତଥା ସ୍ୱାଧୀନତା ସେମାନଙ୍କର ନୀତିଗତ ଅଧିକାର ବୋଲି ଦ୍ୱାହି ଦେଉଥା'ନ୍ତି ସେମାନେ ସମ୍ପୂର୍ଣ୍ଣରୂପେ ପ୍ରକୃତ ସ୍ୱାଧୀନତା ଆଡ଼କୁ ପିଠିକରି ଠିଆ ହୋଇଥା'ନ୍ତି । ଏତାଦୃଶ ଭ୍ରମାତ୍ମକ ଧାରଣା ଏକ 'ନ ଯଯୌଃ ନ ତସ୍ଥୌଃ' ଅବସ୍ଥା (constraint) ଭିତରୁ ଆସିଥାଏ ।

''ଧ୍ୟାନ ଓ ପ୍ରାର୍ଥନା''ରେ ସନ୍ନିବେଶିତ ମା'ଙ୍କ ପ୍ରାର୍ଥନାଗୁଡ଼ିକ ହେଲେ ପ୍ରକୃତରେ ଏକ ଗୁଚ୍ଛ-କବିତା, ଅର୍ଥାତ୍ – ଆତ୍ମ ଉତ୍ସର୍ଗର କବିତା । ପୁନଶ୍ଚ ଉକ୍ତ ପ୍ରାର୍ଥନାମାନଙ୍କରେ ବ୍ୟକ୍ତିଗତ ଲାଭର କଥା ମଧ୍ୟ ମା' ଦୃଢ଼ ତଥା ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରକାଶ କରିଛନ୍ତି । ଫେବ୍ରୁଆରୀ ୨୭, ୧୯୧୪ର ପ୍ରାର୍ଥନାଟିରେ ମା' କହୁଛନ୍ତି :

''ମୋର କହିବାର କଥା ହେଲା, ଏହା ଏକ ବିଶେଷ କଥା ନୁହେଁ – ସମସ୍ତଙ୍କ ପାଇଁ ଗୋଟିଏ କଥା, ତାହା ହେଲା ପରମ ନିୟମର ପରିପ୍ରକାଶ; କାରଣ ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ତା'ର ସ୍ୱଭାବ ଅନୁସାରେ ଏହି ପରିପ୍ରକାଶ ଭିନ୍ନ ଭିନ୍ନ ହୋଇଥାଏ । ତାହା ହେଲା ବ୍ୟକ୍ତି ଜନ୍ମ ହେଲାବେଳେ ବା ଶରୀର ଧାରଣ କଲାବେଳେ ତାକୁ ଯେଉଁ ମିଶନ୍ ବା ଲକ୍ଷ୍ୟ ପ୍ରଦାନ କରାଯାଇଥାଏ, ତଦନୁସାରେ ତା'ର ପରିପ୍ରକାଶ ମଧ୍ୟ ଘଟିଥାଏ ।''

ଏହି ପ୍ରାର୍ଥନାଟିର ଶେଷ ଭାଗରେ, 'ପ୍ରଶାନ୍ତ-ଆନନ୍ଦ', ଅପରିବର୍ତ୍ତନୀୟ ଏବଂ ଜ୍ୟୋତିର୍ମୟ 'ଦିବ୍ୟାନନ୍ଦ', ସାର୍ବଜନୀନ ବୋଲି ମା' ପ୍ରକାଶ କରିଛନ୍ତି । ଯେଉଁମାନଙ୍କର ଅନ୍ତର ଭିତରେ ଅନ୍ଧକାର, ଅଜ୍ଞାନତା ତଥା ଅହଙ୍କାର ପ୍ରତି ଆସକ୍ତି ନଥାଏ ବା ତାଙ୍କ ଭିତରେ ଦୁଷ୍ଟ-ଇଚ୍ଛା ନଥାଏ – ଯେଉଁମାନେ ଆପଣଙ୍କ ପ୍ରତି ସମ୍ପୂର୍ଣ୍ଣଭାବରେ ଉତ୍ସର୍ଗୀକୃତ; ସେହିମାନେହିଁ ଏହିସବୁ ଦିବ୍ୟଭାବକୁ ପ୍ରାପ୍ତ ହୋଇଥାନ୍ତି ।''

ମାର୍ଚ୍ଚ ୪ ତାରିଖ ୧୯୧୫ ମସିହାରେ ମା' ତାଙ୍କ ପ୍ରାର୍ଥନାରେ ବିଶୁଦ୍ଧ ପ୍ରେମ ଓ ଅନନ୍ତ ପ୍ରେମର ସ୍ୱରୂପ ବର୍ଣ୍ଣନା କରିଛନ୍ତି । ସମଗ୍ର ଧରିତ୍ରୀ ଏହି ପ୍ରେମ ମଧ୍ୟରେ ନିମଜ୍ଜିତ ହୋଇରହିଛି । ଏହି ପ୍ରେମକୁ ନେଇ ସମସ୍ତେ ଜୀବନ ଧାରଣ କରିଛନ୍ତି ଏବଂ ରୂପ ବା ଦେହ ଧାରଣ କରିଛନ୍ତି (animated) । ଘନ-ଅନ୍ଧକାରର ଛାୟା ମଧ୍ୟ ସମ୍ପୂର୍ଣ୍ଣଭାବରେ ସ୍ୱଚ୍ଛ ହୋଇଯାଉଛି ଏହି ପ୍ରେମର ପ୍ରଭାବରେ ଏବଂ ତାହା ମଧ୍ୟ ଦେଇ ପ୍ରେମର ସ୍ରୋତ ଅନାୟାସରେ ପ୍ରବାହିତ ହେଉଅଛି ଏବଂ ଗଭୀରତମ ଯନ୍ତ୍ରଣା, ଶକ୍ତିଶାଳୀ ଆନନ୍ଦରେ ରୂପାନ୍ତରିତ ହୋଇଯାଉଛି ।

ଉକ୍ତ ପ୍ରାର୍ଥନାଟିର ତୃତୀୟ ଅନୁଚ୍ଛେଦରେ ମା' କହୁଛନ୍ତି, ''In the material actuality, tomorrow lies dark and unreadable; no light, not even the faintest, reveals to my bewildered gaze any indication, any presence of the Divine.''

''ଜଡ଼ ମଧ୍ୟରେ ପ୍ରକୃତରେ ଆସନ୍ତାକାଲି, ଅନ୍ଧକାର ଭିତରେ ଏବଂ ଅବୋଧ୍ୟ ଭାବରେ ପଡ଼ିରହିଛି; ଏପରିକି ସେଠାରେ ଅସ୍ପଷ୍ଟ ଆଲୋକର ଚିହ୍ନ ବର୍ଣ୍ଣ ବି ନାହିଁ, ମୋର ବିଭ୍ରାନ୍ତ ଦୃଷ୍ଟିପଥରେ କୌଣସି ସୂଚନାର ସଙ୍କେତ ବି ନାହିଁ, ଭଗବାନଙ୍କର ଉପସ୍ଥିତି ମଧ୍ୟ ନାହିଁ ।'' ଏହି ପ୍ରଶ୍ନର ଉତ୍ତର ମା' ''ଧ୍ୟାନ ଓ ପ୍ରାର୍ଥନା''ରେ ବହୁଭାବରେ, ବିବିଧ ଉପାୟରେ ପ୍ରଦାନ କରିଛନ୍ତି, କିନ୍ତୁ ସବୁଠାରେ 'ପ୍ରେମ'ର ରହସ୍ୟ ଓ ଚମତ୍କାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମା' ଏହାକୁ କହୁଛନ୍ତି – ''Thy Law of Love''– ''ଆପଣଙ୍କ ପ୍ରେମର ଧାରା'' । ପ୍ରେମର ଏହି ନିୟମକୁ ଜୀବନରେ ପ୍ରକାଶ କରିବା ଉଚିତ ।

ବୁଝିବାର ଅର୍ଥ ହେଉଛି ପ୍ରକାଶ କରିବା – ବୁଝାଇଦେବା । କାରଣ ବୁଝିବାର ଅର୍ଥ ହେଉଛି ଭିତରେ ଥିବା ମହକକୁ (Fragrance) ଅବଲୀଳାକ୍ରମେ ଅନ୍ୟ ବ୍ୟକ୍ତିମାନଙ୍କ ପାଖରେ ପହଞ୍ଚାଇ ଦେବା । ''ଅନ୍ତର୍ଦ୍ଧାନର ଅର୍ଥ ହେଉଛି ଆଉ ଥରେ ଜ୍ୟୋତିର୍ମୟ ବ୍ୟକ୍ତିତ୍ୱ ଧାରଣ କରି ପୁନଃ-ଦୃଶ୍ୟମାନ ହେବା ।'' ଏହାହିଁ ମୃତ୍ୟୁର ନୂତନ ସଂଜ୍ଞା ।

ମେ ମାସ ୨୧ ତାରିଖ ୧୯୧୪ର ପ୍ରାର୍ଥନାଟିରେ ମା' ପରମପ୍ରଭୁଙ୍କ ଭିତରେ କିପରି ବିଲୀନ ହେବାକୁ ହେବ ତା'ର ଏକ ଗୂଢ଼ତତ୍ତ୍ୱ ପ୍ରକାଶ କରିଛନ୍ତି । ତାହା ଏହିପରି ''...thus without going out of Thy Presence I can disappear in Thy Supreme consciousness or see Thee in the radiant particles of my being.'' (May 21, 1914)

''ହେ ପ୍ରଭୁ ! ଆପଣ ସର୍ବତ୍ର ବିଦ୍ୟମାନ । ଏହି ଦିବ୍ୟ-ଉପସ୍ଥିତିରେ ବାହାରକୁ ନଯାଇ ଆପଣଙ୍କ ସର୍ବୋତ୍ତମ ଚେତନା ଭିତରେ ଅନ୍ତର୍ଦ୍ଧାନ ହୋଇଯିବା ଅଥବା ମୋ ସତ୍ତାର ଜାଜ୍ୱଲ୍ୟମାନ କଣିକାମାନଙ୍କ ମଧ୍ୟରେ ଆପଣଙ୍କୁ ଦର୍ଶନ କରିବାର ଶକ୍ତି ମୋ ଭିତରେ ଅଛି ।''

ଦିବ୍ୟପ୍ରେମ ନିୟମର (Law of Love) ଅନୁଭବ ଆମକୁ ଅତୀତକୁ ଭୁଲିଯିବା ପାଇଁ ସାହାଯ୍ୟ କରିଥାଏ । ଭବିଷ୍ୟତ୍ ଗର୍ଭରେ ନୂଆ ନୂଆ ଜିନିଷ ଗଢ଼ା ହେଉଥାଏ । ଯେଉଁମାନେ ଏହି ସଂସାରକୁ ଅନିତ୍ୟ ବୋଲି କହି ହା-ହୁତାଶମୟ ଜୀବନ କଟାଉଛନ୍ତି ସେମାନଙ୍କୁ ଭବିଷ୍ୟତର ଗର୍ଭକୁ ଲମ୍ଫ ପ୍ରଦାନ କରିବାକୁ ହେବ; ଫଳତଃ ପ୍ରେମରୁ କ'ଣ ଲାଭହୁଏ; ଏବଂ ଯେଉଁ ପ୍ରେମ ସଦାସର୍ବଦା ଅଗ୍ନି ଶିଖାପରି ଉପରକୁ ଉଠୁଥାଏ ତାହା ସେମାନେ ହୃଦୟଙ୍ଗମ କରିପାରିବେ ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on Prayers and Meditations - Goutam Ghosal

# ଆଦର୍ଶ ମାତାପିତା

## (୪)

### ଶ୍ରୀମା

ଏହି ଶରୀରଟିକୁ ତ୍ୟାଗ କରି ଚାଲିଯିବା ପୂର୍ବରୁ ଚୈତ୍ୟସତ୍ତା ନିଷ୍ପତ୍ତି କରି କହେ : ''ଆରଥରକୁ ମୁଁ ଅମୁକ ରାଜ୍ୟରେ ଜନ୍ମ ଗ୍ରହଣ କରିବି... ।'' ବର୍ତ୍ତମାନ ସେ ଏପରି ଏକ ଶରୀରକୁ ତ୍ୟାଗ କରି ଅନ୍ୟତ୍ର ଯାଉଛି ଯାହା ଉପରେ କି ତା'ର କର୍ତ୍ତୃତ୍ୱ ଥିଲା, ଯାହା ଉପରେ କି ସେ କ୍ରିୟା କରି ପାରୁଥିଲା ଏବଂ ନିଜର ଅଭିବୃଦ୍ଧି ଲାଗି ଶରୀରଟିର ଉପଯୋଗ କରି ପାରୁଥିଲା । ସିଏ ଏବେ କହିବାକୁ ଆରମ୍ଭ କରୁଛି : ''ଆରଥରକୁ ମୁଁ ଏକ ମଧ୍ୟମ ଧରଣର ପରିବେଶରେ ଜନ୍ମ ଗ୍ରହଣ କରିବି, ଯାହାକି ନିମ୍ନସ୍ତରର ହୋଇ ନଥିବ କି ଉଚ୍ଚସ୍ତରର ହୋଇ ନଥିବ, ଯେଉଁଠିକି ଏତେ ଅଧିକ ପରିମାଣରେ ବାହ୍ୟ ଜୀବନଯାପନ କରିବା ଲାଗି ଆଦୌ କିଛି (ଏହି କଥାଟିକୁ ଆଉ କେମିତି ବା କହିବି ?) ନଥିବ; ଯେଉଁଠାରେ କି ଅତ୍ୟଧିକ କ୍ଷମତା ନଥିବ ଅଥବା ଅତ୍ୟଧିକ ଦୁଃଖ ଭୋଗ ବି ନଥିବ – ଏହା ସମ୍ପୂର୍ଣ୍ଣ ଭାବରେ ମଧ୍ୟମ ଧରଣର ହୋଇ ରହିଥିବ, ମଝି ମଝିଆ ଏକ ଜୀବନ ହୋଇ ରହିଥିବ ।'' ସେ ଏହିପରି ଏକ ଜୀବନ ଗ୍ରହଣ କରିବାକୁ ଠିକ୍ କରେ । ଆବଶ୍ୟକୀୟ ବିଶ୍ରାମ ନେବା ଲାଗି, ଅନୁଭବ କରିଥିବା ଅଭିଜ୍ଞତାଟିକୁ ହଜମ କରିବା ଲାଗି ଏବଂ ଭବିଷ୍ୟତର ଅଭିଜ୍ଞତାଟିକୁ ପ୍ରସ୍ତୁତ କରିବା ଲାଗି ସେ ଚୈତ୍ୟ ଜଗତକୁ ଫେରିଯାଏ । ନିଜର ଏହି ନିଷ୍ପତ୍ତିଟିକୁ ସେ ମନେ ରଖିଥାଏ ଏବଂ ପୁନର୍ବାର ଅବତରଣ କରିବା ପୂର୍ବରୁ, ଯେତେବେଳେ ଲାଭ କରିଥିବା ଅଭିଜ୍ଞତାକୁ ଭଲ ଭାବେ ନିଜ ଦେହରେ ମିଶାଇ ସାରିଥାଏ, ଯେତେବେଳେ ଫେରିବାର ସମୟ ଆସି ପହଞ୍ଚେ ଏବଂ ପୃଥିବୀକୁ ପୁଣି ଥରେ ଫେରି ଆସିବାର ସମୟ ଆସି ଉପସ୍ଥିତ ହୁଏ, ସେତେବେଳେ ସେ ସେହି ରାଜ୍ୟରେ ଥାଇ ଏହି ଭୌତିକ ଜଗତକୁ ଦେଖେ । ଆମେ ଭୌତିକ ବସ୍ତୁ ସକଳକୁ ଯେପରି ଭାବରେ ଦେଖୁଛୁ ସେ ସେଗୁଡ଼ିକୁ ଆଦୌ ସେଭଳି ଦେଖିପାରେ ନାହିଁ । ତଥାପି ପାର୍ଥକ୍ୟଗୁଡ଼ିକ ସମ୍ପର୍କରେ ଏକ ପୂର୍ବାଭାସ ପାଇପାରେ । ପରିବେଶମାନଙ୍କରେ ଥିବା ପାର୍ଥକ୍ୟ ଏବଂ ସେହି ପରିବେଶରେ ସମ୍ପନ୍ନ ହେଉଥିବା କ୍ରିୟାବଳିରେ ଥିବା ପାର୍ଥକ୍ୟ ଆଦି ସେଠାରେ ସ୍ପଷ୍ଟ ଭାବରେ ଦେଖିହୁଏ, ଅତ୍ୟନ୍ତ ସ୍ପଷ୍ଟଭାବରେ ଦେଖିହୁଏ ... । ଏବଂ ତଳକୁ ଓହ୍ଲାଇ ଆସିବା ପୂର୍ବରୁ ସେହି ଊର୍ଦ୍ଧ୍ୱରେ ଥାଇ ତାହା ତା'ର ନିଜର ଅନୁକୂଳ ସ୍ପନ୍ଦନକୁ ଖୋଜିବାକୁ ଲାଗେ; ସେଗୁଡ଼ିକୁ ତାହା ଅତ୍ୟନ୍ତ ସ୍ପଷ୍ଟ ଭାବେ ଦେଖିପାରେ । ମନେହୁଏ ସତେ ଯେପରି ତାହା ଯେଉଁ ସ୍ଥାନରେ ଆସି ଓହ୍ଲାଇବାକୁ ଯାଉଛି, ଠିକ୍ ସେହି ସ୍ଥାନଟିକୁ ଲକ୍ଷ୍ୟ କରିହିଁ ଓହ୍ଲାଇବାରେ ଲାଗିଛି । କିନ୍ତୁ, ଆମେ ତାହାକୁ ଅତି ପାଖାପାଖି ଏକ ବିଷୟ ବୋଲି କହିପାରିବା, କାରଣ ଏହି କ୍ଷେତ୍ରରେ ଆଉ ଗୋଟିଏ ସର୍ତ୍ତର ପୂରଣ ମଧ୍ୟ ଆବଶ୍ୟକ ପଡ଼େ । କେବଳ ସେ କ'ଣ ନିର୍ବାଚନ କରିଛି ତାହା ଯଥେଷ୍ଟ ହୁଏ ନାହିଁ; ତଳୁ ମଧ୍ୟ ଏକ ଅଭୀପ୍ସା ଓ ଏକ ଗ୍ରହଣଶୀଳତାର ଦରକାର ହୁଏ । ତାହା ଯେଉଁ ପରିବେଶଟିକୁ ନିର୍ବାଚନ କରିଛି, ତାହା ମଧ୍ୟରେ ଏହିପରି ଜଣେ କେହି ରହିଥିବା ଆବଶ୍ୟକ, ସାଧାରଣତଃ ମାଆ ରହିଥିବା ଆବଶ୍ୟକ, (ବେଳେବେଳେ ମାଆବାପା ଉଭୟଙ୍କର ଦରକାର ପଡ଼େ), ମାତ୍ର ପିଲାର ମାଆ ହେଉଛି ସବୁଠାରୁ ଅଧିକ ଅପରିହାର୍ଯ୍ୟ, ଯାହାର କି ଏପରି ଏକ ଅଭୀପ୍ସା ବା ଏକ ଗ୍ରହଣଶୀଳତା ରହିଥିବା ଦରକାର ଯାହାକି ଯଥେଷ୍ଟ ପରିମାଣରେ ଗ୍ରହଣଶୀଳ ହୋଇ ରହିଥିବ ଏବଂ ଉଚ୍ଚତର କୌଣସି ବସ୍ତୁ ଲାଗି ଉନ୍ମୁକ୍ତ ହୋଇ ରହିଥିବ, ସେଥିଲାଗି ତାଙ୍କର ଏକ ସଚେତନ ଅଭୀପ୍ସା ନିଶ୍ଚୟ ଥିବ, ଏବଂ ଏହି ଅଭୀପ୍ସାଟିହିଁ ଚୈତ୍ୟସତ୍ତା ଲାଗି ଏକ ଆଲୋକ ପ୍ରଜ୍ୱଳିତ କରିଦିଏ । ଯେଉଁ ପରିବେଶରେ ସେ ଜନ୍ମ ନେବାକୁ ଇଚ୍ଛା କରୁଛି, ତାହା ଲାଗି ସେହି ପରିବେଶଟିର ପ୍ରତିନିଧିତ୍ୱ କରୁଥିବା ଶରୀରଟି ମଧ୍ୟରେ ଯଦି ତାହାରି ନିଜର ପ୍ରକ୍ଷେପିତ ଇଚ୍ଛାଶକ୍ତି ଦ୍ୱାରା ପ୍ରଭାବିତ ହୋଇ ଏକ ଟିକି ଆଲୁଅ ଜଳିଉଠେ, ତେବେ ଚୈତ୍ୟସତ୍ତା ସେଇଥିରୁ ଜାଣିପାରେ ଯେ ତାକୁ ସେହି ଆଧାରଟି ମଧ୍ୟକୁହିଁ ଯିବାକୁ ହେବ ।

ଏଣୁ ଏଇଟି ଏକାନ୍ତ ଆବଶ୍ୟକ । ଏହି ଅଭୀପ୍ସା ନଥିବା ଯୋଗୁଁ ଅନେକ ଦିନ ବା କେତେ ମାସ ବିଳମ୍ବ ହୋଇଯାଏ । ବର୍ଷ ବର୍ଷ ବୋଧହୁଏ ବିଳମ୍ବ ହୁଏ ନାହିଁ, କିନ୍ତୁ ଏହା ଯୋଗୁଁ

ଗୋଟିଏ ଅନିଶ୍ଚିତତା ଜନ୍ମେ; ଯେଉଁଥିପାଇଁ କି ଚୈତ୍ୟସତ୍ତା କେବେ ଶରୀର ଗ୍ରହଣ କରିବ ତାହା ଆଗରୁ କହି ହୁଏ ନାହିଁ ।... କାରଣ ଏଥିରେ ଆଉ ଏକ ଗ୍ରହଣଶୀଳ ଆଧାରକୁ ଖୋଜି ପାଇବା ଆବଶ୍ୟକ ହୁଏ । ସେହି ଆଧାରଟି ମିଳିଯିବା ମାତ୍ରେ ତାହା ସଙ୍ଗେ ସଙ୍ଗେ ଅବତରଣ କରିଆସେ ।

(Cent. Vol. 5, P. 216)

### ଶିଶୁ ସହ ମା'ର ମୌଳିକ ଅଭିନ୍ନତା :

ଏଠାରେ ଯାହାସବୁ ଘଟୁଛି, ପ୍ରତୀକାତ୍ମକ ଭାବରେ ଦେଖିଲେ ଏଗୁଡ଼ିକ ମଧ୍ୟ ସେହି ଗୋଟିଏ କଥା । କାରଣ ଏହି ଭାବରେ ଦେଖିଲେ ଜନ୍ମ ହେଉଥିବା ଯେକୌଣସି ପିଲାକୁ ମଧ୍ୟ ତା'ର ମାଆରହିଁ ଏକ କ୍ଷୁଦ୍ର ଅଂଶଟି ବ୍ୟତୀତ ଆଉ କିଛି ହେଲେ କୁହାଯାଇ ପାରିବ ନାହିଁ; ସମ୍ପୂର୍ଣ୍ଣ ଭୌତିକ ଅର୍ଥରେ ମଧ୍ୟ ଆମେ ଏହି କଥାଟିକୁ ନିଶ୍ଚୟ କହିପାରିବା । ଜନ୍ମ ହେବାର ପ୍ରଥମ କେତେ ଘଣ୍ଟା ସମୟରେ, ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ଏହି ଅଭିନ୍ନତା ସମ୍ପୂର୍ଣ୍ଣ ଭାବରେ ରହିଥାଏ, ଏବଂ ଦୁଇ ମାସ ପର୍ଯ୍ୟନ୍ତ ପୂର୍ବାପେକ୍ଷା ଟିକିଏ କମ୍ ପରିମାଣରେ ହେଲେ ମଧ୍ୟ ତଥାପି ଏହା ଅତ୍ୟନ୍ତ ଦୃଶ୍ୟମାନ ଭାବରେ ରହିଥାଏ । ଉପାଦାନଗତ ଏହି ସମ୍ବନ୍ଧଟି ଏତେ ବେଶୀ ହୋଇ ରହିଥାଏ ଯେ ଶିଶୁ ବସ୍ତୁତଃ ନିଜକୁ ମାଆର ଏକ ମୂର୍ତ୍ତିମନ୍ତ ରୂପ ପରିହିଁ ଅନୁଭବ କରୁଥାଏ ।... ମାତ୍ର ତା' ବୋଲି ଯେ ପିଲାମାନେ ବଡ଼ ହୋଇଯିବା ପରେ ମାଆବାପାଙ୍କଠାରୁ ସ୍ୱତନ୍ତ୍ର ହୋଇ ରହିପାରନ୍ତି ନାହିଁ, ସେ କଥା ଆଦୌ ନୁହେଁ, ଅନେକ ସମୟରେ ସେମାନେ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ହୋଇଯାଆନ୍ତି । ମାତ୍ର ଉତ୍ସ ଓ ମୂଳଟିର କ୍ଷେତ୍ରରେ ସେମାନେ ସେହି ଗୋଟିଏ ଉପାଦାନ ହୋଇ ରହିଥା'ନ୍ତି । ଏକାନ୍ତ ଭାବେ ସେହି ଗୋଟିଏ ବସ୍ତୁ ହୋଇ ରହିଥା'ନ୍ତି, କେବଳ ବାହାରକୁ ଯାହା ଏକ ଅଲଗା ସତ୍ତା ହୋଇ ଅବସ୍ଥାନ କରୁଥା'ନ୍ତି ।

(Cent. Vol. 5, P. 381)

### ପିଲାମାନେ କାହିଁକି ଭାରି ଦୁଷ୍ଟ ହୋଇଥାଆନ୍ତି :

ଏହା ବୋଧହୁଏ ମାତାପିତାଙ୍କର ଏକ ଅବଚେତନାଗତ ଦୁଷ୍ଟାମି । ଏହା କୁହାଯାଏ ଯେ ଲୋକେ ସେମାନଙ୍କ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କ ମଧ୍ୟରେ ନିଜର ଦୁଷ୍ଟ ସ୍ୱଭାବକୁ ଭରି ଦିଅନ୍ତି । ତେଣୁ ନିଜ ଭିତରେ ସବୁବେଳେ ଏକ ଅନ୍ଧାର ରହିଥାଏ । ଅନେକ ଲୋକ ତାକୁ ବହିର୍ପ୍ରକାଶିତ କରନ୍ତି – ତଦ୍ୱାରା ସେମାନେ ଯେ ସେହି ଦୁଷ୍ଟ ସ୍ୱଭାବରୁ ମୁକ୍ତ ହୋଇଯାଆନ୍ତି ତାହା ନୁହେଁ, ମାତ୍ର ସେପରି କରିବା ଦ୍ୱାରା ସେମାନଙ୍କୁ ସମ୍ଭବତଃ ଭାରି ଆରାମ ମିଳିଥାଏ । ମାତ୍ର ପିଲାଟିକୁହିଁ ସେଇଟିକୁ 'ଲାଭ' କରିଥିବାର ପରିଣାମ ଭୋଗ କରିବାକୁ ପଡ଼େ, ନୁହେଁ କି ? ଏ କଥାଟି ବେଶ୍ ସ୍ପଷ୍ଟ ହୋଇଯାଇଛି ଯେ ସେହି ମୁହୂର୍ତ୍ତଟିରେ ମାତାପିତା ଚେତନାର ଯେଉଁ ସ୍ଥିତିରେ ରହିଥା'ନ୍ତି, ତାହା ସବୁଠାରୁ ବଳି ମହତ୍ତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିଥାଏ । ଯଦି ସେମାନଙ୍କ ଭାବନାଗୁଡ଼ିକ ଅତି ନିମ୍ନସ୍ତରର ହୋଇଥାଏ, ଅଶ୍ଳୀଳ ହୋଇଥାଏ, ଏକଥା ବେଶ୍ ନିର୍ଣ୍ଣିତ ଭାବରେ କୁହାଯାଇପାରେ ଯେ ସେମାନଙ୍କର ପିଲାମାନେ ମଧ୍ୟ ସେଗୁଡ଼ିକୁ ନିଜ ଜୀବନରେ ପ୍ରତିଫଳିତ କରିବେ । ଏବଂ ଏହି ଯେଉଁ ପିଲାମାନେ ସୁଗଠିତ ହୋଇ ନଥା'ନ୍ତି, ଭଲ ପରିବେଶରେ ଜନ୍ମ ହୋଇ ନଥା'ନ୍ତି ଓ ଅସମ୍ପୂର୍ଣ୍ଣ ରହିଯାଇଛନ୍ତି (ବିଶେଷତଃ ବୁଦ୍ଧିର ଦୃଷ୍ଟିରୁ ବିଚାର କରି ଦେଖିଲେ : ସେମାନଙ୍କ ଭିତରେ କେତେ ଛିଦ୍ର ରହି ଯାଇଛି, କେତେ କିଛିର ଅଭାବ ରହିଛି ।) ଯେଉଁ ପିଲାମାନେ କେବଳ ଅର୍ଦ୍ଧଚେତନ ଏବଂ ଅର୍ଦ୍ଧଗଠିତ ହୋଇ ରହିଛନ୍ତି;– ପିଲାଟିକୁ ଗର୍ଭରେ ସ୍ଥାପନ କରିବା ସମୟରେ ମାଆବାପାମାନେ ଚେତନାର ଯେଉଁ ଅବସ୍ଥାରେ ରହିଥା'ନ୍ତି, ତାହା ପିଲାଟିର ଜୀବନ ଉପରେ ଏପରି ଗୋଟିଏ ମୋହର ବାଡ଼େଇ ଦେଇଥାଏ, ଯାହାକି ତାହାର ସମଗ୍ର ଜୀବନକାଳଟି ଉପରେ ପ୍ରତିଫଳିତ ହେବାରେ ଲାଗିଥାଏ । ତେଣୁ ସେହି ମୁହୂର୍ତ୍ତଟିରେ ମନର ଅବସ୍ଥା, ସେହି ମୁହୂର୍ତ୍ତଟିର ଆକାଂକ୍ଷା ଅଥବା ସ୍ଖଳନ ଅର୍ଥାତ୍, ଗୋଟିଏ ବିଶେଷ ମୁହୂର୍ତ୍ତରେ ଘଟୁଥିବା ବିଭିନ୍ନ ପ୍ରକାରର ସବୁକିଛି, ବାହାରୁ ଦେଖିଲେ ଏସବୁ ଅତି ଛୋଟ ଦେଖାଯାଏ, କିନ୍ତୁ ଏଥିରୁ ଏହିପରି ବିରାଟ ପରିଣାମମାନ ଘଟିଥାଏ, ଏହା ଫଳରେ ପୃଥିବୀରେ ଏପରି ଗୋଟିଏ ଶିଶୁର ଜନ୍ମହୁଏ ଯିଏକି ଅସମ୍ପୂର୍ଣ୍ଣ ହୋଇ ରହିଥାଏ, ବା ଦୁଷ୍ଟ ହୁଏ ବା ତା'ର ଜୀବନ ହୁଏତ ଏକ ବିଫଳତାରେହିଁ ପରିଣତ ହୁଏ । ଏବଂ ଲୋକମାନେ ସେ ବିଷୟରେ ଆଦୌ ସଚେତନ ହୁଅନ୍ତି ନାହିଁ ।

ପରେ ଯେତେବେଳେ ପିଲାଟି ଅତ୍ୟନ୍ତ ଖରାପ ବ୍ୟବହାର କରେ ସେତେବେଳେ ସେମାନେ ତାକୁ ଗାଳି ଦିଅନ୍ତି । ମାତ୍ର ସେମାନେ ସିନା ଆଗ ନିଜକୁ ଗାଳି ଦେବା ଦରକାର, ଆଗ ନିଜକୁ ଏପରି କହିବା ଉଚିତ : ''ଏହି ପିଲାଟିକୁ ପୃଥିବୀକୁ

ଆଣିବା ସମୟରେ ମୁଁ ପ୍ରକୃତରେ କେଡ଼େ ଭୟାନକ ଚେତନାରେ ବାସ କରୁ ନଥିଲି !'' କାରଣ ତାହାହିଁ ପ୍ରକୃତରେ ସତ କଥା ।

(Cent. Vol. 5, P. 412)

**ପିଲାଙ୍କୁ ଚାକରଙ୍କ ଦାୟିତ୍ୱରେ ଛାଡ଼ିବା :**

ସବୁଠାରୁ ଅଧିକ ଖରାପ (ଯାହା ମନୁଷ୍ୟମାନେ ସାଧାରଣତଃ କରିଥା'ନ୍ତି) ହେଉଛି ଯେ ଅନେକ ମାଆବାପା ପିଲାମାନଙ୍କୁ ଚାକରଙ୍କ ପାଖରେ ଛାଡ଼ି ଦିଅନ୍ତି । ଏହା ହେଉଛି ଗୋଟିଏ ମହା ଅପରାଧ । କାରଣ ଏହି ଲୋକମାନଙ୍କର ଚେତନା ସମ୍ପୂର୍ଣ୍ଣ ଭାବରେ ଏକ ଅମାର୍ଜିତ ସ୍ତରରେ ରହିଥାଏ, ଏକାବେଳେକେ ଏକ ନିମ୍ନ ଓ ଅନ୍ଧକାରାଚ୍ଛନ୍ନ ସ୍ତରରେ ରହିଥାଏ, ଏବଂ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ନିଜର ଅଜାଣତରେ ମଧ୍ୟ ସେମାନେ ପିଲାମାନଙ୍କ ଭିତରେହିଁ ସେହି ଚେତନାକୁ ପ୍ରବେଶ କରିବାକୁ ଦେଇଥା'ନ୍ତି । ସ୍ୱଭାବତଃ ତା'ପରେ ଯେଉଁ ବୟସଟି ଆସେ, ସେତେବେଳେ ପିଲାଙ୍କୁ ନେଇ ସ୍କୁଲରେ ଛାଡ଼ି ଦିଆଯାଏ ଓ ସେଠାରେ ସେମାନେ ଏପରି ଅନେକ ପିଲାଙ୍କ ସଂସର୍ଗରେ ଆସିବାକୁ ଆରମ୍ଭ କରନ୍ତି, ଯେଉଁମାନଙ୍କୁ କି କଦାପି ଖୁବ୍ ବେଶୀ ଭଲ ବୋଲି କୁହାଯିବ ନାହିଁ । ଏହିସବୁ ସଂସର୍ଗ ଓ ସମ୍ବନ୍ଧକୁ ଏଡ଼ି ଦୂରରେ ରହିବା ଅତ୍ୟନ୍ତ କଷ୍ଟକର । ମାତ୍ର, ତଥାପି ଯଦି କିଞ୍ଚିତ୍ ଚେତନା ଓ ସଦିଚ୍ଛା ସହ ଜଣକର ଜୀବନ ଆରମ୍ଭ ହୋଇଥାଏ ତେବେ କୁସଙ୍ଗ ସଂସ୍ପର୍ଶରେ ଆସିବା ମାତ୍ରେ ସେ ତାକୁ ବାରିନେଇ ପାରିବ ।

(Cent. Vol. 5, P. 413)

(କ୍ରମଶଃ)

❑❑❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**— ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

# ‘ହୁ ଶୁ’ଙ୍କ ସ୍ମରଣେ

## (୨)

‘ଚାଇନା ଭବନ’ର ତାନ୍ ୟାନ୍-ସାଂଙ୍କ ସହିତ ମା’ଙ୍କର ୧୯୩୯ର କଥୋପକଥନ ପରେ ଶ୍ରୀଅରବିନ୍ଦଙ୍କର ରଚନାବଳି ଚାଇନିଜ୍ ଭାଷାରେ ନିଶ୍ଚୟ ଅନୁବାଦ ହେବ ବୋଲି ମା’ଙ୍କର ଦୃଢ଼ ସଂକଳ୍ପ ଥିଲା ଏବଂ କହିବା ବାହୁଲ୍ୟ ହୁ ଶୁଙ୍କର ଆଶ୍ରମକୁ ଆସିବା ପରେ ଏହା କାର୍ଯ୍ୟରେ ପରିଣତ ହୋଇଉଠିଲା ।

ନନ୍ଦଲାଲ ପଟେଲ, ଆଶ୍ରମର ଅଞ୍ଜନା ବେନଙ୍କର ପିତା, ଯିଏକି ହୁ ଶୁଙ୍କର ଘନିଷ୍ଠ ବନ୍ଧୁ ଓ ତାଙ୍କର ସ୍ନେହ, ସୌଜନ୍ୟ ଓ ଗୁଣମୁଗ୍ଧ ବ୍ୟକ୍ତି ଥିଲେ, ସେ ତାଙ୍କର ସ୍ମୃତିକଥାରେ ଉଲ୍ଲେଖ କରିଥିଲେ :

‘‘୧୯୫୧ରେ ପଣ୍ଡିଚେରୀକୁ ହୁ ଶୁଙ୍କର ଆସିବାର ବାହ୍ୟ କାରଣ ଆମେମାନେ ଜାଣି ନଥିଲୁ ସତ, କିନ୍ତୁ ଏହା ନିଃସନ୍ଦେହରେ କହିପାରୁ ଯେ ତାଙ୍କୁ ତାଙ୍କର ଅଜ୍ଞାତରେ ଜଣେ ଅଦୃଷ୍ଟ ପଥପ୍ରଦର୍ଶକ ଏକ ଦିବ୍ୟ-ସାକ୍ଷାତ୍କାର ଆଡ଼କୁ ବାଟ କଢ଼ାଇ ଆଣିଥିଲେ; ଏହାକୁ ଆମେ ଭାଗ୍ୟ କହିପାରୁ ବା ନିୟତି ବୋଲି କହିପାରୁ ।

‘‘... ସେ ଯାହାହେଉ, ହୁ ଶୁଙ୍କର ଆଶ୍ରମକୁ ଆସିବା ପରେ ମା’ଙ୍କୁ ତାଙ୍କର ଅନ୍ତରର ସଂକଳ୍ପ କଥା କହିଲେ – ଆଶ୍ରମରେ ରହି ଶ୍ରୀଅରବିନ୍ଦଙ୍କର ରଚନାବଳିକୁ ଚୀନ୍ ଭାଷାରେ ଅନୁବାଦ କରିବାକୁ ଚାହାନ୍ତି । ହୁ ଶୁ’ଙ୍କ ଉପରେ ମା’ ତାଙ୍କର ଅହେତୁକୀ କୃପା ବର୍ଷଣ କରି ତାଙ୍କୁ ଏକ ଅପେକ୍ଷାକୃତ ବଡ଼ କୋଠାରେ ରହିବାକୁ ଅନୁମତି ଦେଲେ । ହୁ ଶୁ ସେହିଠାରେ ୩୩ ବର୍ଷ କାଳ ଦିନକୁ ଚଉଦ ଘଣ୍ଟାରୁ ଅଧିକ ସମୟ ଅକ୍ଳାନ୍ତ ପରିଶ୍ରମ କରି ଗୋଟିଏ ପରେ ଗୋଟିଏ ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥକୁ ଅନୁବାଦ କରିବାରେ ମଗ୍ନ ରହିଥିଲେ । ପାଣ୍ଡୁଲିପିସବୁ ଅତି ଶୀଘ୍ର ସ୍ତୂପୀକୃତ ହେବାକୁ ଲାଗିଲା ।’’

ଇତି ମଧ୍ୟରେ ୧୯୫୪ରେ ନନ୍ଦଲାଲ ପଣ୍ଡିଚେରୀରୁ ସେହିମାତ୍ର ନିଜର ବ୍ୟବସାୟ ହଂ କଂକୁ ସ୍ଥାନାନ୍ତରିତ କରିଥା’ନ୍ତି । ହଂ କଂରେ ପହଞ୍ଚିବାର ଅଳ୍ପ ଦିନ ଭିତରେ ନନ୍ଦଲାଲଙ୍କର ୟୁ ୟାନ୍-ସାଂଙ୍କ ସହିତ ସାକ୍ଷାତ୍ ହୁଏ । ଆମର ମନେଥିବ ଏହି ୟୁ ୟାନ୍ ଯିଏକି ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଥିଲେ ଏବଂ ହୁ ଶୁଙ୍କର ଘନିଷ୍ଠ ବନ୍ଧୁ ଥିଲେ । ଏହି ଭଦ୍ରମହିଳାଙ୍କ ସହିତ ହୁ ଶୁ ବାରାଣସୀ ଓ ଭାରତର ଅନ୍ୟ କେତେକ ସ୍ଥାନ ଭ୍ରମଣ କରିଥିଲେ । ସିଏ ହଂ କଂକୁ ଯିବା ପୂର୍ବରୁ ପଣ୍ଡିଚେରୀରେ ହୁ ଶୁଙ୍କୁ ସାକ୍ଷାତ୍ କରିଥିଲେ । ନନ୍ଦଲାଲ ଏବଂ ୟୁ ୟାନ୍ ମିଶି ହଂ କଂରେ ‘ଶ୍ରୀଅରବିନ୍ଦ ଫିଲୋସଫିକାଲ୍ ସର୍କଲ’ ନାମକ ଏକ ସଙ୍ଗଠନ ଆରମ୍ଭ କରିବାକୁ ସିଦ୍ଧାନ୍ତ ନେଲେ ଏବଂ ମା’ଙ୍କୁ ଏଥି ନିମିତ୍ତ ଏକ ବାଣୀ ଦେବାକୁ ପ୍ରାର୍ଥନା ଜଣାଇଲେ । ମା’ ଏହି ସଙ୍ଗଠନକୁ ନିମ୍ନଲିଖିତ ବାଣୀଟି ଦେଇଥିଲେ :

“Let the eternal Light dawn on the eastern horizon.”

(ଶାଶ୍ୱତ ଦିବ୍ୟାଲୋକ ପ୍ରାଚୀ ଦିଗନ୍ତରେ ଉଦିତ ହେଉ ।)

ହୁ ଶୁ ମଧ୍ୟ ମା’ଙ୍କର ଏହି ବାଣୀର ଚୀନ୍ ଭାଷାରେ ଅନୁବାଦ ହଂ କଂକୁ ପଠାଇଥିଲେ ।

ଥରେ ନନ୍ଦଲାଲ ଆଶ୍ରମର ଜୟନ୍ତୀଲାଲଙ୍କ ପାଖରୁ ଏକ ଚିଠି ପାଇଲେ । ସେଥିରେ ଏହି ମର୍ମରେ ଲେଖାଥିଲା ଯେ ‘‘ମା’ ଚାହାନ୍ତି ଆପଣ ଏକ ଚାଇନିଜ୍ ପ୍ରିଣ୍ଟିଂ ପ୍ରେସ ଖରିଦ କରି ପଣ୍ଡିଚେରୀକୁ ସ୍ଥାନାନ୍ତରିତ କରିବାର ବନ୍ଦୋବସ୍ତ କରନ୍ତୁ । ଏବଂ ମା’ ଏକଥା ବି କହିଛନ୍ତି ଯେ ଯେହେତୁ ହୁ ଶୁ ନିଜେ ପ୍ରେସ କାମ କରିପାରିବେ ନାହିଁ, ତେଣୁ ସେଠାରୁ ଜଣେ କମ୍ପୋଜିଟର୍ ଠିକ୍ କରି ପଠାଇବେ ।’’ ସେହି ଅନୁସାରେ ମିସ୍ ୟୁ ଏବଂ ନନ୍ଦଲାଲ ହଂ କଂର ବହୁ ପ୍ରସାରିତ ଏକ ଖବର କାଗଜରେ ଏହି ମର୍ମରେ ଏକ ବିଜ୍ଞାପନ ଦେଲେ – ଜଣେ ଯୁବକ ଆବଶ୍ୟକ ଯିଏକି ଭାରତବର୍ଷକୁ ଯାଇ ସେଠାରେ ଚୀନ୍ ଭାଷାରେ କମ୍ପୋଜ୍ କରିବାକୁ ଇଚ୍ଛା ପ୍ରକାଶ କରୁଥିବେ ।

ଜୟନ୍ତୀଲାଲଙ୍କ ପାଖରୁ ପ୍ରାପ୍ତ ପତ୍ରରେ ଏକଥା ବି ଉଲ୍ଲେଖ ଥିଲା – ‘‘ହୁ ଶୁଙ୍କର ଅନେକ ପାଣ୍ଡୁଲିପି ରହିଛି ଏବଂ ମା’ ସେସବୁକୁ ଛପାଇବାକୁ ଚାହାନ୍ତି । କିନ୍ତୁ ଚୀନ୍ ଏକ କମ୍ୟୁନିଷ୍ଟ ଦେଶ ହୋଇଥିବାରୁ ସେଠାରେ ଏହିସବୁ ପୁସ୍ତକକୁ କେହି ଖରିଦ କରିବେ ନାହିଁ କି ପଢ଼ିବେ ବି ନାହିଁ ।’’

ନନ୍ଦଲାଲ କହନ୍ତି : ‘‘ଆମର ବିଜ୍ଞାପନ ପଢ଼ି ଅନେକ ଆବେଦକ ଏଥି ପାଇଁ ଉତ୍ତର ଦେଲେ । ବେଳେବେଳେ ଆମେ

ମଣିଷମାନେ ନିଜକୁ ଦିବ୍ୟଜନନୀଙ୍କ ଅପେକ୍ଷା ବେଶୀ 'ବିଜ୍ଞ' ବୋଲି ବିବେଚିତ କରିଥାଉ ।... ମିସ୍ ୟୁ ଏବଂ ମୁଁ ଦୁହେଁ ମିଳି ପ୍ରାପ୍ତ ହୋଇଥିବା ୧୭ରୁ ଅଧିକ ଆବେଦନ-ପତ୍ରସବୁକୁ ପଢ଼ିଲୁ । ଆମେ ଭାବିଲୁ, 'ନିଶ୍ଚିତ ରୂପେ ଯୁବକ ହୋଇଥିବ, କାମଟିକୁ ଭଲ ଭାବରେ ଆୟତ୍ତ କରିଥିବ, ଅବିବାହିତ ହୋଇଥିବ ଏବଂ ଭାରତରେ ଯାଇ ରହିବାକୁ ଇଚ୍ଛା ପ୍ରକାଶ କରୁଥିବ', ଇତ୍ୟାଦି ଇତ୍ୟାଦି କଥା ଉପରେ ଗୁରୁତ୍ୱ ଦେଇ ସେମାନଙ୍କର ପତ୍ରସବୁ ଓଲଟାଇବାକୁ ଲାଗିଲୁ । କିନ୍ତୁ ମା' ଏସବୁ କଥାର ଖବର ପାଇ ଆମକୁ ଜଣାଇଲେ, 'ଆବେଦନକାରୀଙ୍କ ନାମ ତାଲିକା ମୋତେ ଲେଖି ପଠାଅ ।' ମା' ସେହି ନାମ ତାଲିକା ଦେଖି ଗୋଟିଏ ନାମ ବାଛିଲେ : କୌ ତାର୍ନ୍ ସିଂ । ଆମେ ଏହି ବ୍ୟକ୍ତିର ଜୀବନ-ପଞ୍ଜିକା ଦେଖି ଅବାକ୍ ହେଲୁ – ଏ କ'ଣ ? ସେ ନିଶ୍ଚିତ ରୂପେ ଯୁବକ, କାମ ଜାଣେ, କିନ୍ତୁ ତାକୁ ତା' ମା'ର ଯତ୍ନ ନେବାକୁ ଯେ ହେବ ! ତଥାପି ଯେହେତୁ ମା' ତାକୁ ବାଛିଛନ୍ତି, ତେଣୁ ଆମେ ତାକୁ ଡାକି ପଚାରିଲୁ : 'ତୁମେ କ'ଣ ଭାରତକୁ ଯିବାକୁ ଚାହଁ ?' – 'ହଁ, ମୁଁ ନିଶ୍ଚିତ ରୂପେ ଯିବି, ମୋର ପାସ୍‌ପୋର୍ଟ ପ୍ରସ୍ତୁତ କରନ୍ତୁ ।' ହଁ, ଏକଥା କହିବାକୁ ଭୁଲି ଯାଇଥିଲି ଯେ ହୁ ଶୁ ତାକୁ କେବଳ ଏତିକି ଲେଖିଥିଲେ – 'ଏହା ହେଉଛି ଭଗବତ୍ କର୍ମ ।' ବାସ୍, କୌ ତାର୍ନ୍ ସିଂ ଏକେବାରେ ପ୍ରସ୍ତୁତ; ଯେକୌଣସି ସାଧାରଣ ଯୁବକଟିଏ ହୋଇଥିଲେ ପ୍ରଶ୍ନ ପଚାରିଥା'ନ୍ତା । ତା'ର ମା' ସହିତ ଆମେ ଏହି ବନ୍ଦୋବସ୍ତ କରିଦେଲୁ ଯେ ପ୍ରତ୍ୟେକ ମାସ ତା'ର ଦରମା ତାଙ୍କ ନିକଟକୁ ପଠାଇ ଦିଆଯିବ । କୌ ତାର୍ନ୍ ଭାରତକୁ ଆସି ଭଗବତ୍ କର୍ମରେ ଏମିତି ନିମଜ୍ଜିତ ହୋଇ ରହିଲା ଯେ ତା' ମା'କୁ ଖଣ୍ଡିଏ ଚିଠି ଲେଖି ଖବରାଖବର ଜଣାଇବାକୁ ବେଳ ପାଉ ନଥିଲା । ତେଣୁ ମୁଁ ମୋର କନ୍ୟା ଅଞ୍ଜନାକୁ ଲେଖି ଜଣାଇଲି ଯେ ତୁ ସମୟ ସମୟରେ କୌ ତାର୍ନ୍ ପାଖକୁ କାଗଜ ନେଇ ତା' ସାମନାରେ ବସି ତା' ମା' ପାଖକୁ ତା' ଦ୍ୱାରା ଚିଠିଟିଏ ଲେଖାଇ ଆଣିବୁ ଏବଂ ନିଜେ ପୋଷ୍ଟ କରିଦେବୁ । ରୁ୍ୟ ଦ୍ୟୁମା ଷ୍ଟ୍ରୀଟ୍‌ରେ ଥିବା ଆଶ୍ରମର ଆୟୁର୍ବେଦିକ୍ ସେକ୍‌ସନ୍‌ର ଠିକ୍ ବିପରୀତ ପାର୍ଶ୍ୱରେ 'ଭିଲ୍ଲା ଅର୍‌ଫେଲିଆ' କୋଠାରେ ହୁ ଶୁଙ୍କ ସହିତ କୌ ତାର୍ନ୍ ବାସ କରୁଥିଲେ ଏବଂ କାମ କରୁଥିଲେ । ଏହି କୋଠାଟିକୁ ମା' ଯଥେଷ୍ଟ ପୂର୍ବରୁ ହୁ ଶୁଙ୍କର ରହିବା ସକାଶେ ଏବଂ ଆଶ୍ରମର 'ଚାଇନିଜ୍ ସେକ୍‌ସନ୍' ଗଠନ ସକାଶେ ଭଡ଼ାରେ ନେଇଥିଲେ । ହୁ ଶୁ ନିତି ରାତିରେ ନିଦରୁ ଉଠି ଦେଖୁଥିଲେ କୌ ତାର୍ନ୍ ଭଲ ଭାବରେ ଶୋଇଛି କି ନାହିଁ; କହିବା ବାହୁଲ୍ୟ ହୁ ଶୁ ନିଜର ପୁତ୍ରସମ ତା'ର ଦେଖାଶୁଣା କରୁଥିଲେ ।''

ଏହିପରି ଭାବରେ 'ଶ୍ରୀଅରବିନ୍ଦ ସେଣ୍ଟର ଅଫ୍ ଏଜୁକେଶନ୍'ର 'ଚାଇନିଜ୍ ସେକ୍‌ସନ୍' ମା'ଙ୍କର ଆଶୀର୍ବାଦ ବହନ କରି ଆରମ୍ଭ ହେଲା । ସେତେବେଳେ ଏହି 'ସେଣ୍ଟର ଅଫ୍ ଏଜୁକେଶନ୍' ମା'ଶ୍ରୀଅରବିନ୍ଦଙ୍କର ରଚନାବଳି ତଥା ସେସବୁର ଅନୁବାଦ ପ୍ରକାଶ କରିବାର ଦାୟିତ୍ୱରେ ଥିଲା । କହିବା ବାହୁଲ୍ୟ ଚାଇନିଜ୍ ସେକ୍‌ସନ୍‌ର ସବୁକିଛି ଥିଲେ ହୁ ଶୁ । ସେ ଏକୁଟିଆ ୨୮ ବର୍ଷ ଭିତରେ ୨୦ଟି ଗ୍ରନ୍ଥର ଅନୁବାଦ ପ୍ରକାଶ କରିଥିଲେ । ତନ୍ମଧ୍ୟରୁ ଶ୍ରୀଅରବିନ୍ଦଙ୍କର 'The Life Divine', 'The Synthesis of Yoga', 'The Ideal of Human Unity', 'The Upanishad', 'Essays on the Gita', 'On Education' ଏବଂ 'Letters on Yoga' ଅନ୍ୟତମ । ତାଙ୍କର ପ୍ରଥମ ଦୁଇଟି ପୁସ୍ତକ ଥିଲା 'Confucianism' ଏବଂ 'Chinese Words' ।

ପ୍ରତ୍ୟେକଟି ପୁସ୍ତକରେ ସେ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟକୁ ସ୍ୱତ୍ୱାଧିକାର ଅର୍ପଣ କରିଥିଲେ ଏବଂ ପ୍ରତ୍ୟେକଟିରେ କୃତଜ୍ଞତା ଜ୍ଞାପନ ପୃଷ୍ଠାରେ ସେ ଲେଖୁଥିଲେ, 'ଏହି ପୁସ୍ତକଟି ଦିବ୍ୟ ଜନନୀଙ୍କୁ ଅର୍ପିତ ଯାହାଙ୍କ ପ୍ରତି ଲେଖକ ଚିରକୃତଜ୍ଞ । କାହିଁକି ନା ଯାହାଙ୍କର ଅସୀମ କରୁଣା ଓ ସହାନୁଭୂତି ବହନ କରି ଏହି ପୁସ୍ତକଟି ଲୋକ-ଲୋଚନକୁ ଆସି ପାରିଛି ।'

ଆଶ୍ରମରେ ତାଙ୍କର ପୁସ୍ତକ ପ୍ରକାଶନ ହେବା ବ୍ୟତୀତ ହଂ କଂ ଓ ସିଙ୍ଗାପୁରରେ ମଧ୍ୟ ତାଙ୍କର ଅନେକ ପ୍ରବନ୍ଧ ପ୍ରକାଶ ପାଇଥିଲା । ୧୯୭୧ରେ ହୁ ଶୁଙ୍କର ଏକ ଚାଇନିଜ୍ ପୁସ୍ତିକା ପ୍ରକାଶ ପାଇଥିଲା 'The New Light on South-Sea' । ଏହି ପୁସ୍ତିକାଟିରେ ହୁ ଶୁ ପ୍ରଥମ କରି ମା'ଶ୍ରୀଅରବିନ୍ଦ, ଶ୍ରୀଅରବିନ୍ଦ ଆଶ୍ରମ ଓ ଅରୋଭିଲ୍ ସମ୍ବନ୍ଧେ ଚାଇନିଜ୍ ଭାଷାରେ କଥାବାର୍ତ୍ତା କରୁଥିବା ବ୍ୟକ୍ତିମାନଙ୍କୁ ପରିଚିତ କରାଇ ଥିଲେ ।

ତାଙ୍କର ପୁସ୍ତକ 'Confucianism'ରେ ସେ ବର୍ଣ୍ଣନା କରିଥିଲେ ଯେ ଚାଇନିଜ୍ ଭାଷାରେ ଅନୁବାଦ କାର୍ଯ୍ୟଟି ହେଉଛି କଠିନ ହାଡ଼ଭଙ୍ଗା ପରିଶ୍ରମର କାର୍ଯ୍ୟ ('ice-breaking task as well as a back-breaking task') ।

ଜନୈକ ସାଧକଙ୍କ ସହିତ ମା' କଥାଛଳରେ ହୁ ଶୁଙ୍କର ଅନୁବାଦ ସମ୍ବନ୍ଧରେ କହିବାକୁ ଯାଇ ଉଲ୍ଲେଖ କରିଥିଲେ :

''ହୁ ଶୁ ମୋତେ ଏକ ପତ୍ର ଲେଖିଛି, ଯେଉଁଥିରେ

ତା'ର ଗୋଟିଏ ବାକ୍ୟ ମୋର ମନୋଯୋଗ ଆକର୍ଷଣପୂର୍ବକ ନିଃସନ୍ଦେହରେ ଏକ ସମସ୍ୟାରେ ପକାଇଛି । ସେ ଲେଖିଛି, 'ମୁଁ ଘଣ୍ଟା ଘଣ୍ଟା ଧରି ଏତେ ଅନୁବାଦ କଲି – ଏହା ହେଉଛି ଏକ ଯାନ୍ତ୍ରିକ କାର୍ଯ୍ୟ (mechanical task) । ମୋତେ ଅବାକ୍ ଲାଗୁଛି ସେ କେଉଁ ଅର୍ଥରେ ଅନୁବାଦ କାର୍ଯ୍ୟଟିକୁ 'ଯାନ୍ତ୍ରିକ କାର୍ଯ୍ୟ' ବୋଲି ଉଲ୍ଲେଖ କରିଛି; କାହିଁକି ନା ମୋ ବିବେଚନାରେ କୌଣସି ଏକ ବିଷୟରେ ତୁମର ଅଭିଜ୍ଞତା ନହେବା ପର୍ଯ୍ୟନ୍ତ ତୁମେ କେବେହେଲେ ସେ ବିଷୟଟିକୁ ଅନୁବାଦ କରିପାରିବ ନାହିଁ – ଯଦି ଶବ୍ଦକୁ ଶବ୍ଦ ତୁମେ ଅନୁବାଦ କରି ବସ, ଏହା କେବେହେଲେ କୌଣସି କିଛିକୁ ବୁଝାଇବ ନାହିଁ । ତୁମେ ଅନୁବାଦ କରିବାକୁ ଯାଉଥିବା ବିଷୟବସ୍ତୁଟି ଉପରେ ତୁମର ଅଭିଜ୍ଞତା ଲାଭ ନକରିବା ପର୍ଯ୍ୟନ୍ତ ତୁମେ ତା'ର ଯଥାର୍ଥ ଅନୁବାଦ କରିପାରିବ ନାହିଁ । ତା'ପରେ ମୁଁ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲି ଯେ ଆମେ ଯେଉଁ ଧାରାରେ ଅନୁବାଦ କରୁ ଚାଇନିଜ୍‌ମାନେ ସେମିତି କରନ୍ତି ନାହିଁ । ସେମାନଙ୍କର ପ୍ରତ୍ୟେକଟି ଅକ୍ଷର ଏକ ସ୍ୱତନ୍ତ୍ର ଶବ୍ଦକୁ ନବୁଝାଇ ଏକ ଭାବଧାରାକୁ ବୁଝାଏ; ଅକ୍ଷରଟିର ମୂଳସୂତ୍ର ବା ମୂଳ ଉପାଦାନଟି ହେଉଛି ଭାବଧାରାର ସମାହାର, କେବଳ ଶବ୍ଦଗୁଚ୍ଛ ନୁହେଁ କି ସେସବୁର ଅର୍ଥ ବି ନୁହେଁ । ତେଣୁ ସେମାନଙ୍କ ଧାରାରେ ଅନୁବାଦ କାର୍ଯ୍ୟଟି ହେଉଛି ସମ୍ପୂର୍ଣ୍ଣ ଭିନ୍ନ ଧରଣର କାର୍ଯ୍ୟ । ମୁଁ ସେଇଥି ସକାଶେ ହୁ ଶୁଙ୍କ ସହିତ ଏକାତ୍ମ ହେବାକୁ ଆରମ୍ଭ କଲି – ଯଦ୍ଦ୍ୱାରା ମୁଁ ବୁଝିପାରିବି ସେ କେମିତି ଚାଇନିଜ୍ ଅକ୍ଷରସବୁ ସହିତ ଶ୍ରୀଅରବିନ୍ଦଙ୍କର 'The Synthesis of Yoga' ଗ୍ରନ୍ଥଟିକୁ ଅନୁବାଦ କରୁଛି – ତାକୁ ତ ନୂତନ ଅକ୍ଷରସବୁ ଖୋଜି ବାହାର କରିବାକୁ ହେବ । ଏହା ଖୁବ୍ ଚିତ୍ତାକର୍ଷକ ଥିଲା । ସେ ନିଶ୍ଚିତରୂପେ ଅକ୍ଷରସବୁକୁ ଆବିଷ୍କାର କରିଛି । ଚାଇନିଜ୍ ଅକ୍ଷରଗୁଡ଼ିକ ଶବ୍ଦମୂଳ ବା ଧାତୁର ସଙ୍କେତ-ଚିହ୍ନସବୁ ଦ୍ୱାରା ଗଠିତ ଏବଂ ମୂଳ ସଙ୍କେତ-ଚିହ୍ନର ଅବସ୍ଥିତିର ପରିବର୍ତ୍ତନରେ ଅକ୍ଷରଟିର ଭାବଧାରା ବି ବଦଳିଯାଏ । ପୁନଶ୍ଚ ପ୍ରତ୍ୟେକଟି ମୂଳ ସଙ୍କେତ-ଚିହ୍ନକୁ ମଧ୍ୟ ସରଳୀକୃତ କରାଯାଇପାରେ; ଏହା ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ ଅନ୍ୟାନ୍ୟ ଚିହ୍ନସବୁର ସମ୍ମେଳନର କେଉଁ ସ୍ଥାନରେ ଏହାକୁ ପ୍ରୟୋଗ କରାଯାଉଛି, ଅର୍ଥାତ୍ ଅକ୍ଷରଟିର ଉପରିଭାଗରେ ନା ନିମ୍ନରେ; ବାମ ପାର୍ଶ୍ୱରେ ନା ଦକ୍ଷିଣ ପାର୍ଶ୍ୱରେ । ତେଣୁ ନୂତନ ଭାବଧାରାସବୁକୁ ସୂଚାଇବା ସକାଶେ ନୂତନ ଚିହ୍ନସବୁର ନୂତନ ଧରଣର ସମ୍ମେଳନକୁ ଉଦ୍ଭାବନ କରିବା କାର୍ଯ୍ୟଟି ନିଶ୍ଚିତରୂପେ ଏକ ଆକର୍ଷଣୀୟ ଓ ମନୋମୁଗ୍ଧକର କାର୍ଯ୍ୟ ହୋଇଥିବ ! (ମୁଁ ଜାଣେନି ଗୋଟିଏ ଅକ୍ଷରରେ ଏକାସାଙ୍ଗରେ କେତୋଟି ମୂଳ ଚିହ୍ନକୁ ସଂଯୋଜିତ କରାଯାଇପାରେ, କିନ୍ତୁ କେତେକ ଅକ୍ଷର ରହିଛି ବେଶ୍ ବଡ଼ ଏବଂ ନିଶ୍ଚିତ ରୂପେ ଅନେକ ସଂଖ୍ୟକ ମୂଳ ଚିହ୍ନସବୁକୁ ସଂଯୋଜିତ କରାଯାଇଥିବ; ବାସ୍ତବିକ ପକ୍ଷେ, ମୋତେ କେତେଗୁଡ଼ିଏ ଅକ୍ଷର ଦେଖାଇ ଦିଆଯାଇଥିଲା ଯାହାକି ନୂତନ ବୈଜ୍ଞାନିକ ଆବିଷ୍କାରସବୁକୁ ଅଭିବ୍ୟକ୍ତ କରୁଥିଲା ଏବଂ ସେଗୁଡ଼ିକ ପ୍ରକୃତରେ ଖୁବ୍ ବଡ଼ ଆକୃତିର ଥିଲା ।) କିନ୍ତୁ ଏହି ପ୍ରକାରେ ନୂତନ ଭାବଧାରା ନେଇ କାର୍ଯ୍ୟରତ ରହିବା ନିଶ୍ଚିତରୂପେ କେତେ କୌତୂହଳ-ଉଦ୍ଦୀପକ ହୋଇ ନଥିବ ! ଆଉ ହୁ ଶୁ ଏହାକୁ ଏକ 'ଯାନ୍ତ୍ରିକ କାର୍ଯ୍ୟ' ବୋଲି କହିଛି ।

''ହୁ ଶୁର ସହଜାତ ସୃଜନୀକ୍ଷମତା ଯଥେଷ୍ଟ ରହିଛି ! ସେ ଖୁବ୍ ପ୍ରତିଭାବାନ୍ !

''ତା' ଛଡ଼ା ସେ ଅନେକ ଅଭିଜ୍ଞତା ଲାଭ କରିଛି । ତା' ସହିତ ମୋର କ୍ୱଚିତ୍ କଥୋପକଥନ ହୋଇଛି, କିନ୍ତୁ ନୂତନ ଭାବରେ ଉଦ୍ଭାବନ କରିଥିବା ତା'ର କେତୋଟି ଅକ୍ଷର ମୁଁ ଦେଖିଛି । ସେ ତା'ର ଜନୈକ ଚାଇନିଜ୍ ବନ୍ଧୁକୁ କହିଥିଲା, 'ତୁମେ ଯଦି ତାଓ ଧର୍ମ ସମ୍ବନ୍ଧେ ଅଭିଜ୍ଞତା ଲାଭ କରିବାକୁ ଚାହଁ, ତେବେ ତୁମକୁ କେବଳ ଏତିକି କରିବାକୁ ହେବ – ଏଠାକୁ ଆସି ଆଶ୍ରମରେ ରୁହ – ତୁମର ଲାଓତ୍‌ସେଙ୍କର ଦର୍ଶନତତ୍ତ୍ୱ ସମ୍ବନ୍ଧେ ଉପଲବ୍ଧି ହେବ ।'

''ହୁ ଶୁ ଜଣେ ସିଦ୍ଧଯୋଗୀ !''

(୩୦ ଅକ୍ଟୋବର ୧୯୬୨)

(କ୍ରମଶଃ)

[ଏହି ପ୍ରବନ୍ଧ ତଥା ପରବର୍ତ୍ତୀ ପ୍ରବନ୍ଧଗୁଡ଼ିକ ଅରୋଭିଲ୍‌ରେ ଆୟୋଜିତ ହୋଇଥିବା ସେହି ପ୍ରଦର୍ଶନୀ 'Remembering Hu Shu'ରୁ ସଂଗୃହୀତ ।]

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଶୁଭେଚ୍ଛା ହୃଦୟର

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ମନୁଷ୍ୟମାନେ ବିଭିନ୍ନ ପର୍ବ ପାଳନ କରି ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିଥା'ନ୍ତି ଏବଂ ଶୁଭକାମନା ମାଧ୍ୟମରେ ନିଜର ଆବେଗ ଓ ଅନୁଭୂତି ପ୍ରକାଶ କରି ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଆତ୍ମୀୟତା ଓ ନିବିଡ଼ତା ମଧ୍ୟ ସୃଷ୍ଟି କରିଥା'ନ୍ତି । ପୃଥିବୀର ବିଭିନ୍ନ ଧର୍ମ ଓ ସଂସ୍କୃତିରେ ଭିନ୍ନ ଭିନ୍ନ ପର୍ବ ଏବଂ ଉତ୍ସବ ଅନୁଷ୍ଠିତ ହୁଏ । ଏମାନଙ୍କ ମଧ୍ୟରୁ ପବିତ୍ର ଖ୍ରୀଷ୍ଟମାସ ଏକ ଧର୍ମ ନିରପେକ୍ଷ ପର୍ବ ଭାବରେ ପୃଥିବୀର ବିଭିନ୍ନ ଦେଶରେ ପାଳନ କରାଯାଏ ।

ଖ୍ରୀଷ୍ଟମାସ (କ୍ରିସମାସ ବା ଏକ୍ସମାସ) ପର୍ବ ହେଉଛି ଖ୍ରୀଷ୍ଟିଆନମାନଙ୍କର ବାର୍ଷିକ ଉତ୍ସବ ଯାହା ଡିସେମ୍ବର ୨୫ ତାରିଖ ଦିନ ପାଳନ କରାଯାଏ । ପ୍ରଭୁ ଯିଶୁଙ୍କର ଜନ୍ମ ଏହି ଦିନ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ପ୍ରକୃତରେ ଏହି ପର୍ବ ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥାଏ । ଜାନୁଆରୀ ୧ ତାରିଖକୁ ବର୍ଷର ପ୍ରଥମ ଦିବସ ବୋଲି ଗ୍ରହଣ କରାଯାଏ । ଖ୍ରୀଷ୍ଟମାସ ପର୍ବ ଶୀତ ଅୟନାନ୍ତ (Winter solstice) ଡିସେମ୍ବର ୨୨ ତାରିଖକୁ ଅନ୍ତର୍ଭୁକ୍ତ କରେ । ଏହି ଆଲୋକ ଉତ୍ସବ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ରୋମାନ୍ କାଥଲିକ୍ ଚର୍ଚ୍ଚ ଦ୍ୱାରା ପ୍ରଥମେ ଆରମ୍ଭ ହୋଇଥିଲା । ଏହି ପର୍ବ ପାଳନ ଅବସରରେ ଲୋକମାନେ ଭୋଜି କରିବା ସହିତ ଉପହାର ଓ ଅଭିନନ୍ଦନ-ପତ୍ର ବଣ୍ଟନ କରିଥା'ନ୍ତି ।

ସେହିପରି ଦକ୍ଷିଣ ଭାରତର ତାମିଲ ସଂସ୍କୃତିରେ 'ପୋଙ୍ଗଲ' ଏକ ପ୍ରମୁଖ ପର୍ବ ଅଟେ । ଶସ୍ୟ ଅମଳ ପରେ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଏହା ଏକ ଧାର୍ମିକ ଅନୁଷ୍ଠାନ ଯାହା ଅତ୍ୟନ୍ତ ହର୍ଷ ଉଲ୍ଲାସ ସହିତ ଜାନୁଆରୀ ୧୩ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ପାଳନ କରାଯାଏ । ଜ୍ୟୋତିର୍ବିଜ୍ଞାନ ଦୃଷ୍ଟିରୁ ଏହି ସମୟରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉଥିବାରୁ ଏବଂ ଉତ୍ତର-ପୂର୍ବ ମୌସୁମୀ ବାୟୁର ପ୍ରତ୍ୟାହାର ଯୋଗୁଁ, ଏହି ପର୍ବ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ପୋଙ୍ଗଲର ଚାରିଦିନ ପାଳନର ପ୍ରଥମ ଦିନକୁ କୁହାଯାଏ 'ଭୋଗି' । ଏହି ଦିନ ସମସ୍ତ ପୁରୁଣା ବସ୍ତ୍ର, ମସିଣା, କାଗଜ ଆଦି ପୋଡ଼ି ଦିଆଯାଇ ଏକ ନୂତନ ଜୀବନକୁ ଆବାହନ କରାଯାଏ । ଦ୍ୱିତୀୟ ଦିନକୁ କୁହାଯାଏ 'କୋଲମ୍' ବା 'ରଙ୍ଗୋଲି' । ଏହି ଦିନ ଘର ଓ ଅଗଣାର ଚଟାଣରେ ନାରୀମାନଙ୍କ ଦ୍ୱାରା ଚାଉଳ ଗୁଣ୍ଡରେ ରଙ୍ଗ ବେରଙ୍ଗର ବିଭିନ୍ନ ଚିତା ଅଙ୍କାଯାଏ । ଓଡ଼ିଶାରେ ଏହି ସମୟରେ ମକର ସଂକ୍ରାନ୍ତି ପାଳନ କରାଯାଏ । ତୃତୀୟ ଦିନକୁ 'ମାଟ୍ଟୁ' କୁହାଯାଏ ଯାହା ଗୋରୁମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଗୋରୁମାନଙ୍କୁ ପୁଷ୍ପ, ମାଳା, ଘଣ୍ଟି ଇତ୍ୟାଦିରେ ସୁସଜ୍ଜିତ କରି ଶୋଭାଯାତ୍ରା ବାହାର କରାଯାଏ । ଲୋକମାନେ ଏମାନଙ୍କୁ ଫଳ ଓ ଅନ୍ୟାନ୍ୟ ଖାଦ୍ୟ ଖାଇବାକୁ ଦିଅନ୍ତି । ଚତୁର୍ଥ ବା ଶେଷ ଦିନକୁ 'କାନୁମ୍' କୁହାଯାଏ । ଏହି ଦିନ ଲୋକମାନେ ଆନନ୍ଦରେ ଉତ୍ସବ ପାଳନ କରନ୍ତି । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ହେଉଥିବା ରକ୍ଷାବନ୍ଧନ ସହ ଏହାର ସାଦୃଶ୍ୟ ଅଛି । ଏହି ଉତ୍ସବରେ ଲୋକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଉପହାର ଓ ଶୁଭେଚ୍ଛାର ଆଦାନ ପ୍ରଦାନ ହୋଇଥାଏ ।

ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିକୁ ନବବର୍ଷ ଭାବରେ ପାଳନ କରାଯାଏ । ଏହାକୁ ବୈଶାଖ ସଂକ୍ରାନ୍ତି ବା ମେଷ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏହି ଦିନରେ ପଥଚାରୀମାନଙ୍କୁ ପାନୀୟ ଜଳ ଦାନ, ବର, ଅଶ୍ୱତ୍ଥ ବୃକ୍ଷ ଓ ତୁଳସୀ ମୂଳରେ ଜଳଧାରା ପ୍ରଦାନ କରାଯାଏ । ଏହି ଦିନ ପିତୃପୁରୁଷଙ୍କୁ ବେଲ ପଣା ପ୍ରଦାନ କରିବା ସହିତ ଲୋକମାନେ ମଧ୍ୟ ଏହାକୁ ପାନ କରିଥା'ନ୍ତି । ବେଲ ଓ ବେଲପଣା ସ୍ୱାସ୍ଥ୍ୟ ପକ୍ଷେ ଅତୀବ ହିତକାରୀ ହୋଇଥିବାରୁ ଏହା ନବବର୍ଷରେ ମାନବ-ସମାଜର ନିରାମୟତାକୁ ସ୍ୱାଗତ କରେ । ଯଦିଚ ଆଧୁନିକ ସମାଜର ଅଧିକାଂଶ ଯୁବକ ସ୍ୱାସ୍ଥ୍ୟ ହାନିକାରକ ପାନୀୟର ବ୍ୟବହାର କରି ନିଜର ଜୀବନ, ପରିବାର, ସମାଜ ଓ ଦେଶକୁ ନଷ୍ଟ କରିବାରେ ତିଳେ ମାତ୍ର ଅନୁଶୋଚନା କରୁ ନାହାନ୍ତି ।

ଶାସ୍ତ୍ରାନୁଯାୟୀ ଏହି ଦିନ ମହାବୀର ହନୁମାନଙ୍କର ଜନ୍ମଦିନ । ସେ ସୂର୍ଯ୍ୟଙ୍କର ଶିଷ୍ୟ ହୋଇଥିବାରୁ ବୈଶାଖ ସଂକ୍ରାନ୍ତି ଦିନ ତାଙ୍କ ସହିତ ସୂର୍ଯ୍ୟଙ୍କୁ ଉପାସନା କରାଗଲେ ମନୁଷ୍ୟକୁ

ଅମାପ ଶକ୍ତି ମିଳିଥାଏ । ଶ୍ରୀହନୁମାନ୍ ଶକ୍ତି, ସାମର୍ଥ୍ୟ ଓ ନିରାମୟତାର ପ୍ରତୀକ । ତେଣୁ ତାଙ୍କର ଜୟନ୍ତୀ ଉତ୍ସବ ଉପଲକ୍ଷେ ସମଗ୍ର ଓଡ଼ିଆ ଜାତି ମନୁଷ୍ୟର ସୁସ୍ଥତା ଓ ଦୀର୍ଘାୟୁ କାମନା କରିବା ସଙ୍ଗେ ସଙ୍ଗେ ଆସନ, ପ୍ରାଣାୟାମ ମୁଦ୍ରା ଆଦି ବିଭିନ୍ନ ପ୍ରକାର ଯୋଗାସନ ଓ ଧ୍ୟାନର ଆୟୋଜନ କରି ଏହି ଦିନର ମହତ୍ତ୍ୱ ବୃଦ୍ଧି କରିପାରିବେ ନିଶ୍ଚୟ । ଅବଶ୍ୟ ଶ୍ରୀମନ୍ଦିରସ୍ଥ ଯୋଗ, ପ୍ରାଣାୟାମ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଏହିଦିନ ପାଳନ କରାଯାଏ ଏବଂ ସିଂହଦ୍ୱାରରେ ତିନିଦିନ ବ୍ୟାପୀ ଶ୍ରୀହନୁମାନ୍ ଜୟନ୍ତୀ ଉତ୍ସବ ସହିତ ପାଇକ ଆଖଡ଼ା ମଧ୍ୟ ପାଳିତ ହୁଏ ।

ଏହି ଉତ୍କଳୀୟ ପର୍ବକୁ ପ୍ରତ୍ୟେକ ଗ୍ରାମ ଓ ସହରରେ ତଥା ବିଭିନ୍ନ ଆଧ୍ୟାତ୍ମିକ ଓ ସାମାଜିକ ଅନୁଷ୍ଠାନମାନଙ୍କରେ 'ଉତ୍କଳୀୟ ସ୍ୱାସ୍ଥ୍ୟ ଦିବସ' ଭାବରେ ପାଳନ କରି ନିରାମୟ ଜୀବନକୁ ନିମନ୍ତ୍ରଣ କରାଯାଇପାରେ ।

ଭାରତର ଅନ୍ୟ ଏକ ପ୍ରମୁଖ ପର୍ବ ହେଉଛି ଦୀପାବଳି । ଦୀପାବଳିର ସାହିତ୍ୟିକ ଅର୍ଥ ହେଉଛି ପ୍ରଦୀପ ପଂକ୍ତି । ଏହା ଆଲୋକର ପର୍ବ ଅଟେ । ଏହି ଦିନ ପ୍ରତ୍ୟେକ ହିନ୍ଦୁଗୃହର ଅଗଣାରେ ଅନେକ ପ୍ରଦୀପର ଜ୍ୱଳନ ଅତୀବ ଆକର୍ଷଣୀୟ ହୋଇଥାଏ । ଦୀପାବଳି ସୂଚିତ କରେ ଅନ୍ଧକାର ଉପରେ ଆଲୋକର ବିଜୟ, ଅସତ୍ୟ ଉପରେ ସତ୍ୟର ବିଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ବିଜୟ । ତ୍ରେତାଯୁଗରେ ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରି ପତ୍ନୀ ସୀତା ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବା ଉପଲକ୍ଷେ ଅଯୋଧ୍ୟାବାସୀ ଏହି ଉତ୍ସବ ପାଳନ କରିଥିଲେ । ଏହା ଆଜି ପର୍ଯ୍ୟନ୍ତ ଚାଲି ଆସୁଛି । ଏହି ପର୍ବ ଉପଲକ୍ଷେ ଗୃହ, ଗ୍ରାମ, ସହର, ବ୍ୟବସାୟ ପ୍ରତିଷ୍ଠାନ ଓ ବଜାର ଆଦି ବିଭିନ୍ନ ସ୍ଥାନ ପରିଷ୍କାର-ପରିଚ୍ଛନ୍ନ କରିବା ସହ ସୁସଜ୍ଜିତ ଓ ଆଲୋକିତ କରାଯାଏ । ବନ୍ଧୁ ପରିଜନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ ପୂର୍ବକ ଖୁସିର ସହିତ ଶୁଭକାମନା ଜ୍ଞାପନ କରାଯାଏ ।

ସେହିପରି ଇହୁଦୀମାନଙ୍କର ଆଲୋକ ପର୍ବକୁ 'ହନୁକା' ଉତ୍ସବ କୁହାଯାଏ । ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦୀରେ ମାକାବିନ୍ ବିଦ୍ରୋହ ସମୟରେ ଜେରୁଜେଲମର 'ପବିତ୍ର ମନ୍ଦିର' (Holy Temple) ପ୍ରତି ଭକ୍ତି ଓ ସମର୍ପଣ ଭାବର ସ୍ମରଣାର୍ଥେ ଏହା ପାଳନ କରାଯାଇଥିଲା । ତେବେ 'ବେବିଲନ୍ ତାଲମୁଡ୍' ନାମକ ପୁସ୍ତକରୁ ମିଳେ ଯେ କିପରି ମାକାବିଜ୍[୧] ଏହି 'ହୋଲି ଟେମ୍ପଲ୍'ରେ 'ମିନୋରା'[୨] ପ୍ରଦୀପ କେବଳ ଗୋଟିଏ ଦିନ ପାଇଁ ପ୍ରଜ୍ୱଳନ ନିମନ୍ତେ ଅଳ୍ପ କିଛି ଶୁଦ୍ଧ ତୈଳ ସଂଗ୍ରହ କରିପାରିଥିଲେ । ମାତ୍ର ଏହା ମଧ୍ୟରେ କିଛି ଅଲୌକିକ ଘଟଣା ଘଟି ଯାଇଥିଲା । ଏହି ସାମାନ୍ୟ ତୈଳର ପ୍ରଦୀପଟି ଆଠ ଦିନ ବ୍ୟାପୀ ଜଳି ଚାଲିଥିଲା । ଏହି ଚମତ୍କାରିତାର ସ୍ମୃତି ଉଦ୍ଦେଶ୍ୟରେ ହନୁକା ପର୍ବ 'କିସ୍‌ଲେବ' ମାସ (ଇହୁଦୀ କ୍ୟାଲେଣ୍ଡର ଅନୁଯାୟୀ ନବମ ମାସ)ର ୨୫ତମ ଦିବସରେ ଆରମ୍ଭ ହୋଇ ଆଠ ଦିନ ବ୍ୟାପୀ ପାଳିତ ହୁଏ । ସାଧାରଣତଃ ଏହି ଦିନ ପ୍ରତ୍ୟେକ ଘରର ଦ୍ୱାର ଦେଶରେ ଆଠ ରାତି ଧରି ମହମବତି ଜଳାଯାଏ । ପ୍ରତ୍ୟେକ ରାତ୍ରୀରେ ଏକ ଏକ କରି ମହମବତି ଯୋଗ କରାଯାଏ । ଶେଷ ରାତ୍ରୀରେ ଅଧିକ ଗୋଟିଏ ମହମବତି ଜଳାଯାଏ । ଏହି ଭାବରେ 'ମିନୋରା'ର ନଅଟି ଶାଖାରେ ନଅଟି ମହମବତି ଜଳାଯାଏ । ଦୀପାବଳୀ ପରି ହନୁକା ମଧ୍ୟ ଅନ୍ଧକାର ଉପରେ ଆଲୋକର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ ସୂଚିତ କରେ ।

ହନୁକା ଉତ୍ସବର ଚମତ୍କାରିତା ଉପରେ (ଅବିଭକ୍ତ) ଚେକୋସ୍ଲୋଭାକିଆର ଏକ ସତ୍ୟ କାହାଣୀ ଏହିପରି –

ଉତ୍ତର ଚେକୋସ୍ଲୋଭାକିଆରୁ ରୁମାନିଆର ମଧ୍ୟଭାଗ ପର୍ଯ୍ୟନ୍ତ ଲମ୍ବି ଯାଇଛି କାର୍ପାଥିଆନ ପର୍ବତମାଳା । ଏହାର ପାଦ ଦେଶରେ ଘଞ୍ଚ ଜଙ୍ଗଲ । ଏହି ଜଙ୍ଗଲ ମଧ୍ୟରେ ଏକ ଛୋଟ ଗ୍ରାମରେ ରହୁଥିଲେ ଗୋଟିଏ ପରିବାର । ବାପା, ମା', ଛ'ଟି ଝିଅ ଓ ସବାସାନ ପୁଅ ଆସେର୍ ।

ସେଦିନ ଥିଲା ଶୀତଋତୁର ଆଲୋକ ପର୍ବ ହନୁକାର ପ୍ରଥମ ସନ୍ଧ୍ୟା । ଆସେର୍‌ର ମା' ହନୁକା କେକ୍ ତିଆରିରେ ଲାଗିଲେ । ଆଳୁ, ପିଆଜ, ମସଲା ଆଦି ସବୁ ଥିଲା, ମାତ୍ର ଅଣ୍ଡା ନଥିଲା । ମା' ଆସେର୍‌କୁ କୁକୁଡ଼ା ରହୁଥିବା ଘରକୁ ପଠାଇଲେ । ସେ ଯାଇ ଦେଖିଲା କୁକୁଡ଼ା ଅଣ୍ଡା ଦେଇ ନାହିଁ । ତେଣୁ ସେ ମା'ଙ୍କୁ କହିଲା, ''ମୁଁ ପଡ଼ୋଶୀ ଘରୁ ଅଣ୍ଡା ଧା'ର ନେଇ ଆସିବି । ଆମେ ପରେ ତାଙ୍କୁ ଶୁଝି ଦେବା ।'' କିନ୍ତୁ ବାପା କହିଲେ, ''ପଡ଼ୋଶୀ ଘରକୁ ଯିବା ଦରକାର ନାହିଁ । ଏଥର ବିନା ଅଣ୍ଡାରେ କେକ୍ ତିଆରି ହେଉ କିଛି ଅସୁବିଧା ହେବ ନାହିଁ ।'' ମା' କହିଲେ, ''ସନ୍ଧ୍ୟା ହୋଇ ଆସୁଛି । ବରଫ ପଡ଼ିବାର ବି ସମ୍ଭାବନା ଅଛି । ତୁ ଛୋଟ ପିଲା । ଏପରି ସମୟରେ ବାହାରକୁ ଯିବା ଠିକ୍ ହେବ ନାହିଁ ।''

କିନ୍ତୁ ଆସେର୍ ଜିଦ୍ ଧରି କହିଲା, ''ତୁମେ ମନା କର

ନାହିଁ ମା' । ମୁଁ ଯିବି । ଦେଖିବ, ତୁମେ ମହମବତି ଜଳାଇବା ଆଗରୁ ମୁଁ ଘରେ ପହଞ୍ଚିଯିବି ।'' ଏଥିରେ ମା' ବାପା ଦୁହେଁ ଆଉ ପ୍ରତିବାଦ କଲେ ନାହିଁ । ଆସେର୍ ମେଣ୍ଢାଲୋମରେ ତିଆରି କୋଟ ଓ ରେଶମୀ ଟୋପି ପିନ୍ଧି ଜଙ୍ଗଲର ଅଙ୍କା ବଙ୍କା ସରୁ ରାସ୍ତା ଦେଇ ଚାଲିଗଲା ।

ଅଳ୍ପ ସମୟ ପରେ ତୁଷାରପାତ ଆରମ୍ଭ ହୋଇଗଲା । ଧୀରେ ଧୀରେ ଅନ୍ଧକାର ମାଡ଼ି ଆସିଲା । ଆସେର୍ ଇତସ୍ତତଃ ଭାବରେ ଜଙ୍ଗଲରେ ଘୂରି ବୁଲିବାକୁ ଲାଗିଲା । କିଛି ସମୟ ପରେ ତୁଷାର ପଡ଼ିବା ବନ୍ଦ ହୋଇଗଲା । ସେତେବେଳେ ରାତ୍ରୀର ଘନ ଅନ୍ଧକାର । ଶୀତ ଓ ଭୟରେ ଥରି ଉଠୁଥିଲା ତା'ର ଦେହ । ଧୀରେ ଧୀରେ ପାଦ ପକାଇ କେଉଁଆଡ଼କୁ ସେ ଯାଉଥିଲା ନିଜେ ଜାଣିପାରୁ ନଥିଲା । ଏହି ସମୟରେ ହଠାତ୍ କୌଣସି ପଶୁର ଯନ୍ତ୍ରଣାଦାୟକ ଆର୍ତ୍ତ ଚିତ୍କାର ଶୁଣିବାକୁ ପାଇଲା । ସେହି ଶବ୍ଦ ଆଡ଼େ ଆଗେଇ ଯାଇ ସେ ଦେଖିଲା ଯେ ଗୋଟିଏ ଶୃଗାଳ ଯନ୍ତାରେ ପଡ଼ି ଛଟପଟ ହେଉଛି । ଆସେର୍ ଦୟାକରି ସେହି ଯନ୍ତାଟିକୁ ଖୋଲି ଦେଲା । ଶୃଗାଳ ବନ୍ଧନ ମୁକ୍ତ ହୋଇ ଆନନ୍ଦରେ କିଛି ବାଟ ଦୌଡ଼ିଗଲା । ତା'ପରେ ଟିକେ ଅଟକି ଯାଇ ପଛକୁ ଫେରି ଚାହିଁ ଧୀରେ ଭୁକିବାକୁ ଲାଗିଲା । ଏହିପରି ବାରଂବାର କରିବା ଫଳରେ ଆସେର୍ ସେହି ଶୃଗାଳକୁ ଅନୁସରଣ କରି ଆଗେଇ ଚାଲିଲା ସେହି ତୁଷାରାଚ୍ଛାଦିତ ଘଞ୍ଚ ଜଙ୍ଗଲ ମଧ୍ୟରେ । କିଛି ସମୟ ପରେ ଅଦୂରରେ ଆଲୋକର କ୍ଷୀଣରେଖା ଦୃଷ୍ଟିଗୋଚର ହେଲା । ଶୃଗାଳ ସେହି ଆଲୋକ ପର୍ଯ୍ୟନ୍ତ ଆସେର୍‌କୁ ବାଟ କଢ଼ାଇ ନେଇଯାଇ ହଠାତ୍ ଅଦୃଶ୍ୟ ହୋଇଗଲା ।

ଆସେର୍ ସମ୍ମୁଖରେ ଦଣ୍ଡାୟମାନ ଥିଲା ଗୋଟିଏ ସୁନ୍ଦର ଅଟ୍ଟାଳିକା । ମୁହୂର୍ତ୍ତେ ଅପେକ୍ଷା କରି ସେ ସେହି ଦ୍ୱାରରେ ମୃଦୁ କରାଘାତ କଲା । ଘର ଭିତରୁ ବାହାରି ଆସିଲା ଛୋଟ ନାରୀ ମୂର୍ତ୍ତିଟିଏ । ସେ ଏକ ଲାଲ ଟୋପି ପିନ୍ଧିଥିଲା । ସେହି ନାରୀ ନରମ ସ୍ୱରରେ କହିଲା, ''ଆସେର୍, ଭିତରକୁ ଆ' ।'' ଆସେର୍ ଏକଥାରେ ମନେ ମନେ ଖୁବ୍ ଆଶ୍ଚର୍ଯ୍ୟ ହେଲା । ପାହାଡ଼ ଉପରେ ଥିବା ଏହି ନାରୀଟି କିପରି ଜାଣିଲା ତା'ର ନାମ ! ଏହା ଭାବିବା ସତ୍ତ୍ୱେ ବି ସେ ଘର ଭିତରକୁ ପ୍ରବେଶ କଲା । କାରଣ ବାହାରେ ଥଣ୍ଡା ଖୁବ୍ ଅସହ୍ୟ ଥିଲା । କକ୍ଷ ଭିତରେ ସେ ଦେଖିଲା ଅନ୍ୟ ଦୁଇଜଣ ଛୋଟ ଛୋଟ ନାରୀ ମହମବତି ଆଲୁଅରେ ସବୁଜ, ନୀଳ ଓ ଲାଲ ରଙ୍ଗର ଟୋପି ସବୁ ତିଆରି କରିବାରେ ଲାଗିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଆସି ଆସେର୍ ପାଇଁ ମସିଣାଟିଏ ପାରି ଦେଇ ଆଦୌ କଥା ନକହିବା ପାଇଁ ନିର୍ଦ୍ଦେଶ ଦେଲା । ତା'ପରେ ସେମାନେ ଗୋଟିଏ ଆଲମିରା ଭିତରେ ପଶିଯାଇ ଦ୍ୱାର ବନ୍ଦ କରିଦେଲେ ।

କିନ୍ତୁ ଆସେର୍ ଆଦୌ ଶୋଇ ପାରିଲା ନାହିଁ । ଏମାନେ ଯେ ଆଦୌ ମଣିଷ ନୁହନ୍ତି ସେହି କଥା ଭାବିବାରେ ଲାଗିଲା । କିଛି ସମୟ ପରେ ହଠାତ୍ ଦ୍ୱାର ଖୋଲିଗଲା । ମୁଣ୍ଡରେ ରଙ୍ଗିନ ଟୋପି ପିନ୍ଧିଥିବା ସେହି ନାରୀ ରୂପକ ଛୋଟ ଛୋଟ ପରୀମାନେ ଭିତରକୁ ଉଡ଼ି ଉଡ଼ି ପଶି ଆସିଲେ ଏବଂ କହିବାକୁ ଲାଗିଲେ, ''ସମୟ ହୋଇଯାଇଛି, ଆଜି ଜେରୁଜେଲମ୍ ଚାଲ ।'' ଜଣକ ପରେ ଜଣେ ''ଚଲ୍ ଜେରୁଜେଲମ୍'' କହି ଉଡ଼ି ଚାଲିଗଲେ । ଏସବୁ ଆସେର୍ ଦେଖୁଥିଲା । ତା'ପରେ ସେ ବି ସମାନ କଥା କହି ଉଡ଼ି ଚାଲିଗଲା । ରାତ୍ରୀ ତମାମ ସେ ଉଡ଼ିଚାଲିଲା ଘନ ଅନ୍ଧକାର ମଧ୍ୟରେ । କେତେ ଗ୍ରାମ, ସହର, ନଦୀ ଓ ସମୁଦ୍ରକୁ ଅତିକ୍ରମ କରି ଜେରୁଜେଲମର 'ପାଶା'ଙ୍କର ରାଜପ୍ରାସାଦର ଛାତ ଉପରେ ଥିବା ଏକ ଚିମିନି ମଧ୍ୟଦେଇ ଭିତରକୁ ପଶିଗଲା । ସେଠାରେ ଦେଖିଲା ଛାତରୁ ଝୁଲୁଛି ଦୀପଧାର, ଟେବୁଲ ଉପରେ ଢଙ୍କା ହୋଇ ରହିଛି ବଡ଼ ବଡ଼ କେକ୍ ଓ ପ୍ଲେଟ ସବୁ ।

ତେବେ ହଜାର ହଜାର ଟୋପି ପିନ୍ଧା ଛୋଟ ଛୋଟ ନାରୀ ଚିତ୍କାର କରି ଉଠିଲେ, ''ସ୍ୱାଗତମ୍ ଆସେର୍ ।'' ଆସେର୍ ଏହା ଶୁଣି ପୁଣି ଆଶ୍ଚର୍ଯ୍ୟ ହେଲା । ସେମାନେ ଆସେର୍‌ର ହାତ ଧରି ନିଜ ଆଡ଼କୁ ଟାଣି ନେଇ ଗୋଲାକାର ଭାବରେ ନୃତ୍ୟ କରିବାକୁ ଲାଗିଲେ । ଧୀରେ ଧୀରେ ନୃତ୍ୟର ବେଗ ବି ବଢ଼ିବାକୁ ଲାଗିଲା । ଏହା ଭିତରେ ଛାତ ଭାଙ୍ଗି ପଡ଼ିଲା; ବତିଗୁଡ଼ିକ ମଧ୍ୟ ଭାଙ୍ଗି ଖାଦ୍ୟ ଉପରେ ପଡ଼ିଲା । ଟୋପିବାଲୀମାନେ ଏଆଡ଼େ ସେଆଡ଼େ ଉଡ଼ିବାକୁ ଲାଗିଲେ । ଆସେର୍‌ର ମଥାରୁ ଟୋପି ଖସିପଡ଼ିଲା ।

ହଠାତ୍ ଦ୍ୱାର ଖୋଲା ହେବାର ଶବ୍ଦ ହେଲା । ଟୋପିବାଲୀମାନେ ''ଚଲ୍ ଘର'' କହି ଚିମିନି ମଧ୍ୟ ଦେଇ ଉଡ଼ି ଚାଲିଗଲେ । ମାତ୍ର ସମାନ କଥା କହି ଆସେର୍ ଯାଇପାରିଲା ନାହିଁ । ପାଶାଙ୍କ[୩] ସହିତ ତାଙ୍କ ସୈନ୍ୟମାନେ ଭିତରକୁ ପ୍ରବେଶ କରି ଆସେର୍‌କୁ ବନ୍ଦୀ କରିନେଲେ । ପାଶାଙ୍କର କୌଣସି ପ୍ରଶ୍ନର ଉତ୍ତର ଆସେର୍ ଦେଲା ନାହିଁ । କାରଣ ସେ ଜାଣିଥିଲା ତା' କଥାକୁ କେହି ବିଶ୍ୱାସ କରିବେ ନାହିଁ । ଅତଏବ ମୃତ୍ୟୁଦଣ୍ଡ ଆଦେଶ ହେଲା । ମୃତ୍ୟୁ ପୂର୍ବରୁ

ଏକ ଛୋଟ ଚୋରା ପକେଟରେ ସ୍ୱର୍ଣ୍ଣ ମୋହର ଭର୍ତ୍ତି କରି ଦିଆଗଲା, ତା'ପରେ ପାଶା ପ୍ରଶ୍ନ କଲେ, ''ଆଉ କିଛି ଦରକାର ଅଛି ?'' ଆସେର୍ ଉତ୍ତର ଦେଲା, ''ହଁ, ଗୋଟିଏ କୁକୁଡ଼ା ଅଣ୍ଡା ।'' ''ଆଉ କିଛି ଦରକାର ?'' ''ହଁ, ମୋ ଟୋପି ସେହି ହଲ୍‌ରେ ପଡ଼ିଯାଇଛି, ତାହା ମଥାରେ ପିନ୍ଧିବାକୁ ଚାହେଁ ।'' ଏସବୁ ପୂରଣ ହେବା ପରେ ଆସେର୍ 'ଚଲ୍ ଘର' କହି ଆକାଶରେ ଉଡ଼ି ଚାଲିଗଲା । ତା'ପରେ ତା' ଘର ସାମନାରେ ପହଞ୍ଚି ଦେଖିଲା ସେଦିନ ହନୁକାର ପ୍ରଥମ ସନ୍ଧ୍ୟାର ମହମବତି ସହିତ ପାଖରେ ଆଉ ଗୋଟିଏ ଅଧିକା ମହମବତି ଜଳୁଛି । ଭାବିଲା, ''ଏତିକି କମ୍ ସମୟ ମଧ୍ୟରେ କିଏ ମରିଗଲା କି !'' ତା'ପରେ ଦ୍ୱାରରେ ଆଘାତ କଲା । ଆସେର୍‌ର ମା' ଦ୍ୱାର ଖୋଲି ''ଭୂତ !'' କହି ଚେତାଶୂନ୍ୟ ହୋଇଗଲେ । ବାପା ଓ ଭଉଣୀମାନେ ଆସି ଚିତ୍କାର କରି ଉଠିଲେ, ''ଆସେର୍ ଫେରି ଆସିଛି ।''

ତା'ପରେ ଆସେର୍ ସମସ୍ତ କଥା ବର୍ଣ୍ଣନା କଲା । ଜାଣିବାକୁ ପାଇଲା ଯେ ସେଦିନ ହନୁକାର ପ୍ରଥମ ସନ୍ଧ୍ୟା, ମାତ୍ର ତାହାଥିଲା ସାତବର୍ଷ ପରର ସନ୍ଧ୍ୟା !

ଅଣ୍ଡାଟିଏ ଧାର ଆଣିବା ପାଇଁ ଜିଦ୍ କରି ତା' ବନ୍ଧୁମାନଙ୍କୁ ହନୁକା ପର୍ବରେ କେକ୍ ଖୁଆଇବା ଚେଷ୍ଟାରେ ସାତବର୍ଷ ଲାଗି ଯାଇଥିଲା । ମାତ୍ର ଆସେର୍ ପାଇଁ ତାହା ଥିଲା ଏକ ରାତ୍ରୀ ମାତ୍ର !

(ସମାପ୍ତ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) ନିର୍ଯାତିତ ଇହୁଦୀମାନଙ୍କର ଜାତୀୟ ସଂଗଠନର ନେତାମାନେ ।
(୨) ମହମବତି ଧରିରଖିବା ପାଇଁ ନଅ ଶିଖା ବିଶିଷ୍ଟ ସ୍ୱତନ୍ତ୍ର ଆଧାର ।
(୩) ତୁର୍କି ଶାସନାଧୀନ ଦେଶରେ ଉଚ୍ଚ ପଦାଧିକାରୀ ।


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଆମ ସ୍ୱାସ୍ଥ୍ୟ

## (୧୮)

## ଭୋଳେଶ୍ୱର ଭୂୟାଁ

ଆମେ ଆଗରୁ ହାତର ପ୍ରଧାନ ମାଂସପେଶୀକୁ ଶକ୍ତିଶାଳୀ ଓ ବୃଦ୍ଧି କରିବାର କଠିନ ବ୍ୟାୟାମ ସବୁ ବିଷୟରେ ଆଲୋଚନା କରିଛୁ । ଆଜି ଆମେ ହାତ ମାଂସପେଶୀର ଷ୍ଟ୍ରେଚିଂ ଅର୍ଥାତ୍ ବିସ୍ତୃତୀକରଣ ବ୍ୟାୟାମ ଓ ହାତର ବିଭିନ୍ନ ଗଣ୍ଠିର ବ୍ୟାୟାମ ବିଷୟରେ ଆଲୋଚନା କରିବୁ । ହାତର ବିଭିନ୍ନ ଗଣ୍ଠିକୁ ଆମେ ନମନୀୟ କରି ପାରିଲେ ଆମକୁ ଅଳ୍ପ ବୟସରେ ଗଣ୍ଠିବାତ ହେବ ନାହିଁ ଓ ହାତ ଦ୍ୱାରା କର୍ମ କରିବାର କ୍ଷମତା ଅକ୍ଷୁଣ୍ଣ ରହିବ ।

### ହାତ ଅଙ୍ଗୁଳିର ବ୍ୟାୟାମ :

୧. ଦୁଇ ହାତକୁ ସମାନ୍ତର ଭାବରେ ଆଗକୁ ରଖ । ପାପୁଲି ତଳକୁ ରହିବ । ଏଥର ସମସ୍ତ ଅଙ୍ଗୁଳିକୁ ଫାଙ୍କ କରି ପୂରା ଖୋଲ ଓ ପରେ ପରେ ହାତର ଅଙ୍ଗୁଳିକୁ ଜୋରରେ ବନ୍ଦକରି ମୁଠା କର । ଏହିପରି ୨୦ ରୁ ୩୦ ଥର କର ।

ଏହି ବ୍ୟାୟାମ କରିବା ଦ୍ୱାରା ହାତ ଅଙ୍ଗୁଳିର ଖଞ୍ଜା ନମନୀୟ ରହିବା ସଙ୍ଗେ ସଙ୍ଗେ ଏହିସବୁ ଗଣ୍ଠିରେ ଇଉରିକ୍ ଏସିଡ୍ ଆଦି ଜମି ଗଣ୍ଠିବାତ ରୋଗର ଉପକ୍ରମ କରିବାକୁ ଦେଇ ନଥାଏ ।

୨. ଆଜିକାଲି ବଜାରରେ ହାତ ଅଙ୍ଗୁଳିକୁ ଶକ୍ତିଶାଳୀ କରିବା ପାଇଁ ଅନେକ ପ୍ରକାରର ସ୍ପ୍ରିଂ ବଜାରରେ କିଣିବାକୁ ମିଳେ । ଏହି ସ୍ପ୍ରିଂକୁ ପକେଟରେ ରଖିପାର ଏବଂ କିଛି କାମ ନଥିବା ସମୟରେ ଏହାକୁ ହାତରେ ଧରି ଯେତେପାର ଦବାଅ । ଏହା ଦ୍ୱାରା ହାତ ଅଙ୍ଗୁଳିର ଧରିବା (grip)ର ଶକ୍ତି ବଢ଼େ ।

୩. ହାତର ଅଙ୍ଗୁଳିକୁ ଦୁଇ ହାତରେ ସାବୁନରେ ଧୋଇବା ସମୟରେ ଯେପରି ଘଷାଯାଏ, ଠିକ୍ ସେହିପରି ବିନା ସାବୁନ୍ ବା ବିନା ପାଣିରେ ହାତର ଅଙ୍ଗୁଳିକୁ ଘଷ । ଏହା ଦ୍ୱାରା ହାତ ଅଙ୍ଗୁଳିରେ ଅଧିକ ରକ୍ତ ସଞ୍ଚାଳିତ ହୋଇ ଏହାକୁ ସୁସ୍ଥ ଓ ନମନୀୟ ରଖେ ।

### ମଣିବନ୍ଧ (Wrist)ର ବ୍ୟାୟାମ :

୧. ହାତ ଦୁଇଟିକୁ ନମସ୍କାର କରିବା ଅବସ୍ଥାକୁ ଆଣ । ଏଥର ଦୁଇ ହାତର ପାପୁଲିକୁ ବାମକୁ ମୋଡ଼ି ଏହାକୁ ଡାହାଣ ହାତ ପାପୁଲି ଦ୍ୱାରା ଯେତେ ପାର ତଳକୁ ଦବାଅ । ସେହିପରି ଦୁଇ ପାପୁଲିକୁ ଡାହାଣକୁ ମୋଡ଼ି ବାମ ପାପୁଲି ଦ୍ୱାରା ଡାହାଣ ପାପୁଲିକୁ ଦବାଅ । ଏହିପରି ହାତ ପାପୁଲିକୁ ପ୍ରତ୍ୟେକ ପାଖକୁ ୫ ରୁ ୧୦ ଥର ବଙ୍କାଅ ।

ଏହା ଦ୍ୱାରା ମଣିବନ୍ଧରେ ଅଧିକ ରକ୍ତ ସଞ୍ଚାଳିତ ହୋଇ ଏହାକୁ ସୁସ୍ଥ ଓ ନମନୀୟ ରଖେ ।

୨. ମସିଣାକୁ ଗୁଡ଼ାଇଲେ ହାତର (roll) ମଣିବନ୍ଧରେ ବ୍ୟାୟାମ ହୋଇଥାଏ । ଏହି ବ୍ୟାୟାମକୁ ଅଧିକ କଠିନ ଭାବରେ କରାଯାଇପାରେ । ଏଥିପାଇଁ ଏକ ଦଣ୍ଡରେ (୧ ଫୁଟ ଲମ୍ବା) ଏକ ଦଉଡ଼ି ବାନ୍ଧି ଦଉଡ଼ିର ଅନ୍ୟ ପାଖରେ ଗୋଟିଏ ଇଟା ବା ଅଧା ଇଟା ବାନ୍ଧ । ଛିଡ଼ା ହେବା ଅବସ୍ଥାରେ ଦଣ୍ଡକୁ ହାତରେ ଧରିଲେ ଇଟା ଯେପରି ତଳେ ନ ଲାଗେ । ଛିଡ଼ା ହୋଇ ଦୁଇ ହାତରେ ଦଣ୍ଡକୁ ଧର । (ଇଟା ଝୁଲିବା ଅବସ୍ଥାରେ) ଏଥର ମସିଣା ଗୁଡ଼ାଇବା ପରି ଦଣ୍ଡକୁ ଘୂରାଅ ଯଦ୍ୱାରା ବନ୍ଧା ହୋଇଥିବା ଦଉଡ଼ି ଦଣ୍ଡରେ ଗୁଡ଼ାଇ ହୋଇଯିବ ଏବଂ ଇଟା ଉପରକୁ ଉଠିବ । ଇଟା ପୂରା ଦଣ୍ଡ ପାଖକୁ ଆସିଲେ ଦଣ୍ଡକୁ ଓଲଟା ଦିଗରେ ଘୂରାଇ ଇଟାକୁ ଧୀରେ ଧୀରେ ତଳକୁ ଆଣ । ତୁମ ରିଷ୍ଟର ଶକ୍ତି ଅନୁପାତରେ ଇଟାର ଓଜନ ହେବା ଉଚିତ ।

ଏହି ବ୍ୟାୟାମ ଦ୍ୱାରା ମଣିବନ୍ଧ ଅଧିକ ଶକ୍ତିଶାଳୀ ଓ ନମନୀୟ ହୋଇଥାଏ । ଏହି ଅଞ୍ଚଳରେ ଥିବା ମାଂସପେଶୀର ମଧ୍ୟ ଉତ୍କର୍ଷ ହୋଇଥାଏ । ହାତ ରିଷ୍ଟ୍ ମଜଭୁତ ହେଲେ ବ୍ୟକ୍ତି କ୍ରିକେଟ୍ ଖେଳରେ ପାରଙ୍ଗମ ହୋଇପାରିବ, ମୁଷ୍ଟି ଯୁଦ୍ଧ (boxing) ଆଦି କରିବାରେ ସକ୍ଷମ ହୋଇପାରିବ । ଯଦି ଗୋଟିଏ ହାତ ପାପୁଲିରେ ଅନ୍ୟ ହାତର ରିଷ୍ଟ୍‌କୁ ଧରି ବ୍ୟକ୍ତିର ବୁଢ଼ା ଅଙ୍ଗୁଳି କୌଣସି ଅଙ୍ଗୁଳିକୁ ଛୁଇଁ ନ ପାରେ ତେବେ ତା'ର ରିଷ୍ଟ୍ ବେଶ୍ ସୁସ୍ଥ ଓ ଶକ୍ତିଶାଳୀ ।

୩. ଦୁଇ ହାତ ସମାନ୍ତର ଭାବେ ଆଗକୁ ରଖି ମୁଠା କରି ଛିଡ଼ା ହୁଅ । ଦୁଇ ହାତରମୁଠିକୁ ବାହାରୁ ଭିତରକୁ ଘୁରାଅ । ୧୦ ରୁ ୨୦ ଥର ଘୂରାଇ ପୁଣି ଭିତରୁ ବାହାରକୁ ଘୂରାଅ । ଏହି ବ୍ୟାୟାମ ଦ୍ୱାରା ରିଷ୍ଟ୍ ମାଂସପେଶୀ ପ୍ରସାରିତ ହୁଏ ଓ ଏହା ନମନୀୟ ହୁଏ । ଏହା ଦ୍ୱାରା ବ୍ୟକ୍ତି ଆରାମ ଅନୁଭବ କରିପାରିବ ।

**କହୁଣି ଖଞ୍ଜାର ବ୍ୟାୟାମ :**

୧. ହାତ ଦୁଇଟିକୁ ସମାନ୍ତର ଭାବେ ସମ୍ମୁଖରେ ପାପୁଲି ଉପରକୁ ରଖି ପ୍ରସାରଣ କର । ଏଥର କହୁଣିରୁ ହାତକୁ ବଙ୍କାଇ ଅଙ୍ଗୁଳିକୁ ଛୁଇଁବାକୁ କାନ୍ଧରେ ଚେଷ୍ଟାକର । ପୁଣି ହସ୍ତ ପ୍ରସାରଣ କର । ଏହିପରି ୨୦ ରୁ ୩୦ ଥର କର । ଏହି ବ୍ୟାୟାମ ଦ୍ୱାରା କହୁଣିର ବାହାର ପଟ ମାଂସପେଶୀର ପ୍ରସାରଣ କ୍ରିୟା ହୋଇଥାଏ ଏବଂ ହାତ ନମନୀୟ ରହେ ।

୨. ଉପର ଲିଖିତ ବ୍ୟାୟାମକୁ ଅନ୍ୟଭାବରେ ମଧ୍ୟ କରାଯାଇପାରେ । ଦୁଇ ହାତକୁ ଦୁଇ ପାଖକୁ ପ୍ରସାରଣ କର । ଅର୍ଥାତ୍ ଡାହାଣ ହାତ ଡାହାଣ ପାଖକୁ ଓ ବାମ ହସ୍ତ ବାମ ପାଖକୁ ପ୍ରସାରଣ କର । ହାତ ପାପୁଲି ଉପରକୁ ରହିବ । ଏଥର କହୁଣିରୁ ଦୁଇ ହାତକୁ ଏକ ସଙ୍ଗେ ବଙ୍କାଇ କାନ୍ଧରେ ଅଙ୍ଗୁଳିକୁ ସ୍ୱର୍ଶ କର । ଏହି ବ୍ୟାୟାମକୁ ୨୦ ରୁ ୩୦ ଥର କର ।

**ବାହୁର କାନ୍ଧ ଖଞ୍ଜାର ବ୍ୟାୟାମ :**

୧. ପାଦ ଅଳ୍ପ ଫାଙ୍କ କରି ଛିଡ଼ା ହୁଅ । ଦୁଇ ହାତକୁ ଦୁଇ ପାଖରେ ପ୍ରସାରଣ କର । ଏଥର ହାତକୁ ପଛରୁ ସାମନାକୁ ଘୂରାଇବାକୁ ହେବ । ଏଥିପାଇଁ ପ୍ରଥମେ ଛୋଟ ବୃତ୍ତରେ ହାତକୁ ଆସ୍ତେ ଆସ୍ତେ ଘୂରାଅ । ପରେ ବଡ଼ରୁ ବଡ଼ ବୃତ୍ତରେ ହାତକୁ ଘୂରାଇବା ସଙ୍ଗେ ସଙ୍ଗେ ଘୂରାଇବା ଗତି ମଧ୍ୟ ବଢ଼ାଇବାକୁ ହେବ । ଏହିପରି ୧୦ ରୁ ୨୦ ଥର ଘୂରାଅ । ଏହି ବ୍ୟାୟାମକୁ ପରେ ହାତକୁ ସାମନାରୁ ପଛକୁ ଘୂରାଇ କରିବାକୁ ହେବ ।

୨. ହାତକୁ ଦୁଇ ପାର୍ଶ୍ୱରେ ପ୍ରସାରଣ କର । କହୁଣିକୁ ବଙ୍କାଇ ହାତ ଅଙ୍ଗୁଳିକୁ କାନ୍ଧରେ ଲଗାଅ । ଏଥର କହୁଣିକୁ ପଛରୁ ସାମନାକୁ ଘୂରାଅ । ଏହିପରି ୧୦ ରୁ ୧୫ ଥର ଘୂରାଇ କହୁଣିକୁ ସାମନାରୁ ପଛକୁ ୧୦ ରୁ ୧୫ ଥର ଘୂରାଅ ।

୩. ଦୁଇ ହାତ ଉପରକୁ ଉଠାଇ ଦୁଇ ହାତର ଅଙ୍ଗୁଳିକୁ ଛନ୍ଦି ପାପୁଲି ଉପରକୁ ରଖ । ଏଥର ଛନ୍ଦି ହୋଇ ରହିଥିବା ଦୁଇ ହାତକୁ ଯେତେ ପାର ପଛକୁ ଠେଲ । ଏହିପରି ୫ ରୁ ୧୦ ଥର ଠେଲ । ପୁଣି ଦୁଇ ହାତକୁ ପଛକୁ ନେଇ ହାତ ଅଙ୍ଗୁଳିକୁ ଛନ୍ଦ । ଏଥର ଦୁଇ ହାତକୁ ଯେତେ ପାର ଉପରକୁ ଉଠାଅ । ଏହି ବ୍ୟାୟାମକୁ ଅନ୍ୟ ପ୍ରକାରେ କରାଯାଇପାରେ । ଅର୍ଥାତ୍ ଛିଡ଼ା ନହୋଇ ସାମନାକୁ ନଇଁ ଶରୀରର ଉପର ଅଂଶକୁ ଭୂମି ସହିତ ସମାନ୍ତର କରି ରଖ । ଦୁଇ ହାତ ତୁମ ପିଠି ଉପରେ ଉପରକୁ ରହିବ । ଦୁଇ ହାତକୁ ଅଙ୍ଗୁଳିରେ ଛନ୍ଦି ଯେତେ ପାର ହାତକୁ ସାମନାକୁ ଠେଲ । ଏହିପରି ୫ ରୁ ୧୦ ଥର ଠେଲ ।

ଏହିସବୁ ବ୍ୟାୟାମ ଦ୍ୱାରା ବାହୁର କାନ୍ଧ ଖଞ୍ଜାରେ ଯଥେଷ୍ଟ ରକ୍ତ ସଂଚାଳିତ ହୁଏ ଏବଂ ଏହା ନମନୀୟ ରହେ । ତେଣୁ ହାତ ଦୀର୍ଘ ଦିନ କାର୍ଯ୍ୟକ୍ଷମ ରହେ ।

**ହାତର ବିଭିନ୍ନ ବ୍ୟଥା :**

ହାତର ବିଭିନ୍ନ ବ୍ୟଥାକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ ।

୧. ଗଣ୍ଠିବାତ ଜନିତ ବ୍ୟଥା (Arthritis) ଏହି ରୋଗ ସାଧାରଣତଃ ଗୋଡ଼ର ଆଣ୍ଠୁ ଓ ହାତର ଅଙ୍ଗୁଳି ଖଞ୍ଜାରେ ହୋଇଥାଏ । ସାଧାରଣ ଗଣ୍ଠିବାତ ରୋଗ ଖଞ୍ଜାମାନଙ୍କରେ ଇଉରିକ୍ ଏସିଡ୍ ଜମିବା ଦ୍ୱାରା ହୋଇଥାଏ । କେବଳ ଖାଦ୍ୟପେୟର ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ଆରୋଗ୍ୟ କରାଯାଏ । ଅର୍ଥାତ୍ ଅଧିକ ଅମ୍ଳଜାତ ଖାଦ୍ୟ ବଦଳରେ ଅଧିକ କ୍ଷାରଜାତୀୟ ଖାଦ୍ୟ ଖାଇବାକୁ ପଡ଼ିଥାଏ । ଫଳ, ମୂଳ, ଶାଗ, ଦୁଧ, ଦହି ଆଦିରେ କ୍ଷାରଜାତୀୟ ଉପାଦାନ ରହିଥାଏ । ଦେଖାଯାଇଛି ଭିଟାମିନ୍ Dର ଅଭାବରୁ ଏହି ରୋଗ ହୋଇଥାଏ । ତେଣୁ ଭିଟାମିନ୍ D ରହିଥିବା ଖାଦ୍ୟ ଖାଇଲେ ଏ ରୋଗରୁ ଆମେ ରକ୍ଷା ପାଉ ।

କିନ୍ତୁ ଅନ୍ୟ ଏକ ପ୍ରକାର ଗଣ୍ଠି ବାତ ରୋଗ ରହିଛି ଯାହାକୁ 'ଅଷ୍ଟିଓ ଆରଥ୍ରାଇଟିସ୍' (Osteo Arthritis) ବୋଲି କୁହାଯାଏ । ସାଧାରଣତଃ ବୟସ୍କ ଲୋକ (୫୦ରୁ ଊର୍ଦ୍ଧ୍ୱ ବୟସ)ଙ୍କୁ ଏହି ରୋଗ ହୋଇଥାଏ । ବୟସ ବଢ଼ିବା ସଙ୍ଗେ

ସଙ୍ଗେ ଆମ ଖଞ୍ଜାମାନଙ୍କରେ ଯେଉଁ ତରଳ ପଦାର୍ଥ ରହିଥାଏ ତାହା ଶୁଖିଯାଏ ଓ ହାଡ଼ ସହିତ ହାଡ଼ର ଘର୍ଷଣ ଦ୍ୱାରା ଏହିସବୁ ଗଣ୍ଠିରେ ବ୍ୟଥା ହୋଇଥାଏ ।

ଏହାର ପ୍ରତିକାର ସ୍ୱରୂପ ଆମେ ଯଦି ଆସନ, ବ୍ୟାୟାମ ଓ ପ୍ରାଣାୟାମ କରୁ ତେବେ ଆମ ଖଞ୍ଜା ନମନୀୟ, ସୁସ୍ଥ ଓ କାର୍ଯ୍ୟକ୍ଷମ ରହେ । ଏହି ରୋଗ ହାତ ଅଙ୍ଗୁଳିରେ ହେଲେ ହାତ ଅଙ୍ଗୁଳି ବାଙ୍କିଯାଏ । ହାତର ଅଙ୍ଗୁଳି ଠିକ୍ ଭାବରେ ମୁଷ୍ଟିବଦ୍ଧ କରାଯାଇ ପାରି ନଥାଏ । ଏହାଛଡ଼ା ଅଙ୍ଗୁଳିରେ ସର୍ବଦା ବ୍ୟଥା ରହିଥାଏ ।

୨. ଅନ୍ୟପ୍ରକାର ବ୍ୟଥା ହୁଏ ଆମେ ଯଦି କଠିନ ବ୍ୟାୟାମ କରୁ ବା କଠିନ କାମ କରୁ । ଏହା ଦ୍ୱାରା ହାତ ମାଂସପେଶୀରେ ସ୍ଥିତ ଶରୀର କୋଷର ଅଧିକ ମୃତ୍ୟୁ ହୋଇଥାଏ । ଏହିସବୁ ମୃତକୋଷ ଆମ ଶରୀରରୁ ନିଷ୍କାସିତ ନ ହେବା ପର୍ଯ୍ୟନ୍ତ ଆମ ହାତର ମାଂସପେଶୀମାନଙ୍କରେ ବ୍ୟଥା ରହେ । ଏହାକୁ ଦୂର କରିବା ପାଇଁ କେବଳ ବିଶ୍ରାମହିଁ ଯଥେଷ୍ଟ ।

୩. ହାତର ତୃତୀୟ ପ୍ରକାର ବ୍ୟଥା ଆମ ସ୍ନାୟୁ ଓ ତନ୍ତୁରେ ଅଧିକ ଜୋର ପଡ଼ିଲେ ହୋଇଥାଏ । ସାଧାରଣତଃ ଯେଉଁମାନଙ୍କର 'ସ୍ପଣ୍ଡାଲାଇଟିସ୍' ରୋଗ ରହିଥାଏ ସେମାନଙ୍କର ଏହି ବ୍ୟଥା ହୋଇଥାଏ । ବେକ ପାଖରେ କୌଣସି ସ୍ନାୟୁ ଉପରେ ଚାପ ପଡ଼ିଲେ 'ସ୍ପଣ୍ଡାଲାଇଟିସ୍' ରୋଗ ହୋଇଥାଏ । ଏହି ରୋଗ ବେକର ମେରୁଦଣ୍ଡରେ ହୋଇଥାଏ । ଏହାଦ୍ୱାରା ବେକରେ ପ୍ରବଳ ବ୍ୟଥା ହୋଇଥାଏ । ଏହି ବ୍ୟଥା ଆସ୍ତେ ଆସ୍ତେ ସମସ୍ତ ହସ୍ତକୁ ପ୍ରସାରିତ ହୋଇଥାଏ । ଏହି ରୋଗର ପ୍ରତିକାର ମଧ୍ୟ ବେକର ବ୍ୟାୟାମ । ଏ ବିଷୟରେ ଆମେ ପରେ ଆଲୋଚନା କରିବୁ ।

(କ୍ରମଶଃ) ❑

# ମୁଁ ଖାଲି ତୁମରି

## ଜ୍ୟୋସ୍ନାରାଣୀ ଦାଶ

ପୂର୍ଣ୍ଣତାର ପ୍ରୟାସୀ ମୁଁ
ଖୋଜି ଖୋଜି ଚାଲିଥିବି
ତୁମ ଦିବ୍ୟପଥ ଅନୁସରି
ହେଉ ଆଲୋକ ଅବା ହେଉ ଅନ୍ଧକାର
ନାହିଁ ମୋର ଚିନ୍ତା ଅବା ଡର
ପ୍ରତିଟି ମୁହୂର୍ତ୍ତେ ଚାଲୁଥିବି
ତୁମ ପଦେ ଲୟ କରି ।

ତୁମେ ତ ଆସିଛ ମାଆ
ତୁମରି ଦିବ୍ୟତା ଭୁଲି
ଆମ ପରି ହୋଇ ପୁଣି
ଆମରି ପାଖକୁ
ମୁଁ କିଆଁ ଡରୁଛି ଏତେ
ତୁମ ପାଶେ ଯିବା ପାଇଁ
ଆଉ ପୁଣି ଧରିବାକୁ ତୁମରି ରୂପକୁ ।



ମୋ ତନୁର କୋଷାଣୁରେ
ତୁମ ଦିବ୍ୟପ୍ରେମର କମ୍ପନ
ମୋ ମନର ଆକାଶରେ
ତୁମ ଦିବ୍ୟଭାବର ମୂର୍ଚ୍ଛନା
ଚେତନାର-ଶିଢ଼ି ଦେଇ
ମୋତେ ନିଅ ମାଆ
ତୁମର ସେ ଆଲୋକ ରାଇଜେ ।

ତୁମେ ପରା ମୋର ମାଆ
ମୁଁ ତୁମର ହାତ ଗଢ଼ା ଶିଶୁ
କୃପାକରି ନିଅ ମୋତେ
ତୁମ ପଥେ ହାତ ଧରି
ତୁମରି ଖାଲି ମୁଁ ହେବି
ଖାଲି ମୁଁ ତୁମରି ।

❑❑❑

# ପ୍ରାଣୀର ଭଲମନ୍ଦ ବାଣୀ

## ଆର୍ତ୍ତତ୍ରାଣ ମିଶ୍ର

ଭାଗବତର ସେହି ଦୁଇଟି ଧାଡ଼ି ଅନେକଙ୍କୁ ଜଣା –
'ପ୍ରାଣୀର ଭଲମନ୍ଦ ବାଣୀ । ମରଣ କାଳେ ତାହା ଜାଣି ।।'

ଏହାର ଭାଷା ଅତି ସହଜ, ତେବେ ତାକୁ କିଏ କେତେ ପ୍ରକାରରେ ବୁଝେ । ସାଧାରଣ ଭାବରେ ଜଣେ ମରିଗଲା ପରେ ତା'ର ସଂସ୍ପର୍ଶରେ ଆସୁଥିବା ଲୋକେ ତାକୁ ଯେପରି ବିଚାର କରନ୍ତି, ସେହି ଅର୍ଥରେ ବୁଝନ୍ତି । କିଏ କହେ ଖୁବ୍ ଭଲ ଲୋକଟିଏ ଚାଲିଗଲା, ଆଉ କିଏ କହେ ଦୁଷ୍ଟ ଲୋକଟି ଗଲା, ରକ୍ଷା ମିଳିଲା । ସେ ବ୍ୟକ୍ତିଟି ଜଣଙ୍କ ପାଇଁ ଭଲ ହୋଇପାରେ, ଆଉ ଜଣକ ପାଇଁ ମନ୍ଦ ହୋଇପାରେ । କିନ୍ତୁ ଅସଲ କଥାଟି ହେଉଛି ଏହି ଭଲମନ୍ଦର ବିଚାର କରନ୍ତି ମରଣ ପରେ ବାହାର ଲୋକମାନେ, ମରଣୋନ୍ମୁଖ ଲୋକଟି ନୁହେଁ । ଭାଗବତକାର ଯେତେବେଳେ ଲେଖିଲେ 'ମରଣ କାଳେ ତାହା ଜାଣି' ଏହା ନିଶ୍ଚୟ ବାହାର ଲୋକ ଜାଣିପାରିବା ଅର୍ଥରେ ନୁହେଁ ।

ଏଠାରେ ଆମକୁ ଶ୍ରୀମାଶ୍ରୀଅରବିନ୍ଦ ଅସଲ ମର୍ମଟିର ସଙ୍କେତ ଦେଇଛନ୍ତି । ପ୍ରକୃତରେ ସେହି ସତ୍ତାଟି ହେଉଛି ପ୍ରାଣୀର ଅନ୍ତଃପୁରୁଷ ଯାହାକୁ ଶ୍ରୀମାଶ୍ରୀଅରବିନ୍ଦ ନାମିତ କରିଛନ୍ତି ଚୈତ୍ୟ-ପୁରୁଷ । ଆମ ଶାସ୍ତ୍ରପୁରାଣ କହେ ଯମଙ୍କ ନିକଟରେ ଚିତ୍ରଗୁପ୍ତ ପାଞ୍ଜି ଧରି ବସିଥାଏ ଏବଂ ମୃତ ପ୍ରାଣୀର ଭଲମନ୍ଦର ହିସାବ ଯମଦେବତାକୁ ଦିଏ । ଯମ ସେହି ଅନୁସାରେ ସ୍ୱର୍ଗ, ନର୍କର ଦଣ୍ଡ ପ୍ରଦାନ କରନ୍ତି । ଅବଶ୍ୟ ଏବେ ଚିତ୍ରଗୁପ୍ତ ବା ସ୍ୱର୍ଗ, ନର୍କ ଆମ ପାଞ୍ଜିରୁ ପୋଛି ହୋଇଗଲାଣି । ଅନେକେ ବୋଧହୁଏ Dr. Moodyଙ୍କର 'Life after Life' ବହିଟିକୁ ପଢ଼ିଥିବେ । ସେଥିରେ ସେ ଆମେରିକାରେ ସ୍ଥିତ ଚିକିତ୍ସାଳୟମାନଙ୍କରେ ମୃତବୋଲି ଘୋଷିତ ହୋଇ ପୁଣି ଚିକିତ୍ସାବଳରେ ଜୀବନ ଲାଭ କରିଥିବା ପ୍ରାୟ ୧୫୦ ଜଣଙ୍କର ଅନୁଭୂତି ସଂଗ୍ରହ କରି ତା'ର ନିର୍ଯାସକୁ ନେଇ ସେହି ପୁସ୍ତକଟିକୁ ରଚନା କରିଛନ୍ତି । ସେଥିରେ ସେ ଯେଉଁ ଅନୁଭୂତିମାନଙ୍କର ବର୍ଣ୍ଣନା କରିଛନ୍ତି ସେଥିରୁ ଗୋଟିଏ ହେଉଛି – ମୃତ୍ୟୁଗାମୀ ବ୍ୟକ୍ତିଟିକୁ କେହି ଜଣେ ତା' ଜୀବନର ପ୍ରମୁଖ ଦୃଶ୍ୟସବୁ ଦେଖାଇ ଦେଉଛି – ଭଲମନ୍ଦ ବିଚାର କରି ନୁହେଁ । ଚଳଚ୍ଚିତ୍ରର ଛବି ଭଳି ସେସବୁ ଭାସି ଆସୁଛି । ତିବ୍ବତୀୟମାନଙ୍କର 'Book of Dead' ପୁସ୍ତକରେ ମଧ୍ୟ ସେହି ଭଳି ବର୍ଣ୍ଣନା ଅଛି ।

ଶ୍ରୀମା ଶ୍ରୀଅରିବନ୍ଦ ପ୍ରାଞ୍ଜଳ ଭାବରେ ବୁଝାଇଛନ୍ତି ସ୍ରଷ୍ଟାଙ୍କଠାରୁ ଉତ୍ସାରିତ ଦିବ୍ୟସ୍ଫୁଲିଙ୍ଗ ଜଗତର ଜଡ଼, ଜୀବନ୍ତ ସମସ୍ତ ରୂପମାନଙ୍କ ମଧ୍ୟରେ ଅଛି । ଏହି ଦିବ୍ୟସ୍ଫୁଲିଙ୍ଗ ସମସ୍ତଙ୍କ ମଧ୍ୟରେ ବିବର୍ତ୍ତନର ଧାରାକୁ ଅବ୍ୟାହତ ରଖିଛି । ଯାହା ଫଳରେ ସମସ୍ତଙ୍କର ଚେତନା ଅଧିକରୁ ଅଧିକ ପ୍ରସ୍ଫୁଟିତ ହେଉଛି । ମନୁଷ୍ୟ ମଧ୍ୟରେ ଏହା ଅଧିକ ପ୍ରସ୍ଫୁଟିତ ହୋଇ ପାରିଥିବାରୁ ପୃଥିବୀପୃଷ୍ଠରେ ସେ ସବୁଠାରୁ ସଚେତନ ପ୍ରାଣୀ ହୋଇପାରିଛି । ମନୁଷ୍ୟ ମଧ୍ୟରେ ଏହା ଜନ୍ମଜନ୍ମାନ୍ତର ଧରି ବିବର୍ତ୍ତିତ ହୋଇ ପ୍ରତ୍ୟେକ ଜନ୍ମରେ ଜୀବନରୁ ଅନୁଭୂତିର ରସ ସଂଗ୍ରହ କରି ଏହି ଅନ୍ତରାତ୍ମା ଗୋଟିଏ ଚୈତ୍ୟବ୍ୟକ୍ତିତ୍ୱ ଗଢ଼ି ତୋଳିଥାଏ, ଯାହାକୁ କୁହାଯାଏ ଚୈତ୍ୟପୁରୁଷ । ନିଶ୍ଚେତନା ମଧ୍ୟରୁ ଆରମ୍ଭ ହୋଇଥିବା ସୃଷ୍ଟିର ଧାରାରେ ଗତିକରି ମନୁଷ୍ୟ ଯେଉଁ ଅନୁଭୂତି ସଂଗ୍ରହ କରି ଚାଲିଛି, ସେସବୁ ଭଲମନ୍ଦର ଅନୁଭୂତି । କର୍ମଫଳର ପ୍ରବାହରେ ଘାତ-ପ୍ରତିଘାତ ମଧ୍ୟଦେଇ ଗତିକରି ଏହା ପରିପୁଷ୍ଟ ହୁଏ । ଏକ ସମ୍ପୂର୍ଣ୍ଣ ସଚେତନ ଚୈତ୍ୟପୁରୁଷ ଗଢ଼ିଉଠିବା ପାଇଁ ବହୁ ଜନ୍ମ ଲାଗିଯାଏ । କାରଣ ଏହାକୁ ଚେତନ, ଅର୍ଦ୍ଧଚେତନ ଅବସ୍ଥା ମଧ୍ୟରେ ନାନା ବିରୋଧିଶକ୍ତି ମଧ୍ୟ ଦେଇ ଗତି କରିବାକୁ ପଡ଼େ । ସେତେବେଳେ ଚୈତ୍ୟପୁରୁଷ ତା'ର ପରିପୁଷ୍ଟି ନିମନ୍ତେ କର୍ମଫଳର ନୈତିକତାକୁ ବିଚାର କରେ ନାହିଁ । ଏହା ଜୀବନର ସମସ୍ତ ଅନୁଭୂତିର ଆନନ୍ଦ ରସହିଁ ନେଇଥାଏ । ଦୁଷ୍ଟ, ଖଣ୍ଡ ବ୍ୟକ୍ତି ତା'ର କର୍ମଫଳରୁ ଯେପରି ରସ ସଂଗ୍ରହ କରେ, ସାଧୁ, ସନ୍ଥ ମଧ୍ୟ ତାଙ୍କ କର୍ମଫଳରୁ ସେହିପରି ରସ ସଂଗ୍ରହ କରିଥାନ୍ତି ।

ଯେତେବେଳେ ଏହି ଚୈତ୍ୟପୁରୁଷ ଯଥେଷ୍ଟ ସୁଗଠିତ ହୋଇଯାଏ ସେତେବେଳେ ଗୋଟିଏ ଜୀବନର ଅବସାନରେ ତା'ର ପରଜନ୍ମର ରୂପରେଖ, ନିର୍ବାଚିତ ଲକ୍ଷ୍ୟ, କେଉଁଠାରେ ପ୍ରୟୋଜନୀୟ ଅବସ୍ଥା ଓ ପରିବେଶ ମିଳିପାରିବ ତାହା ସ୍ଥିର କରେ । ସେଥିପାଇଁ ସେତେବେଳେ ଏହି ଅନ୍ତିମକ୍ଷଣରେ ସରିଯାଉଥିବା ଜୀବନର ଏକ ସୂକ୍ଷ୍ମାବଲୋକନ କରେ । ଏହି ଦୃଷ୍ଟିରୁ ଜୀବନର ଅନ୍ତିମକ୍ଷଣ ଅତି ଗୁରୁତ୍ୱପୂର୍ଣ୍ଣ । ସମଗ୍ର ଜୀବନର ସଚେତନ ପ୍ରସ୍ତୁତି ଏଥିପାଇଁ ପ୍ରୟୋଜନ । ❑

# ଶ୍ରୀକୃଷ୍ଣଙ୍କ ପ୍ରେମରେ କୃଷ୍ଣପ୍ରେମ

## ଧର୍ମକୁମାର ଶତପଥୀ

ପାଞ୍ଚ ହାତର ମଣିଷ । ବେଶ ପରିପାଟୀ ସରଳ । ଖଣ୍ଡେ ଆଣ୍ଠୁ ଲୁଚୁ ନଥିବା ଧୋତି, ଖଣ୍ଡେ ଗେରୁଆ ଉତ୍ତରୀୟ । ହାତରେ ଭିକ୍ଷାପାତ୍ର, କାନ୍ଧରେ ଝୁଲାମୁଣି ଧରି ଲକ୍ଷ୍ନୌ ସହରର ଗଳିକନ୍ଦିରେ ଦୁଆର ଦୁଆର ବୁଲି ଭିକ୍ଷା ମାଗୁଥିବା ବେଳେ ଗୃହକର୍ତ୍ତ୍ରୀ ଯେତେବେଳେ ଝୁଲାମୁଣିରେ ପୁଞ୍ଜାଏ ଚାଉଳ ପକାଇ ଦେଉଥିବେ ସେତେବେଳେ ତାଙ୍କର ମୁଖଭଙ୍ଗୀ କିପରି ହେଉଥିବ ! ଭିକ୍ଷୁକ ଜଣକ ପୁଣି ଭାରତୀୟ ନୁହନ୍ତି; ଇଂରେଜ ପାଣି-ପବନରେ ପରିପୁଷ୍ଟ ଗୋରା ଚେହେରା । କପାଳରେ ସିନ୍ଦୂର, ଚନ୍ଦନର ଚିତା । ଏକଦା ସେଇ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଷୟର ଅଧ୍ୟାପକ ପ୍ରଫେସର ନିକ୍ସନ । ଜଣେ ନିଜ ଉଦ୍ଭଟ ଚିନ୍ତାରେ ସୁଦ୍ଧା ଭାବିପାରିବ ନାହିଁ ଯାହା ବାସ୍ତବ ସତ୍ୟ ତାହା କେତେ ବିଧି ନିର୍ଦ୍ଦିଷ୍ଟ, କେତେ ନିଷ୍ଠୁର, କେତେ ଦାରୁଣ, କରୁଣାପୂର୍ଣ୍ଣ !!

ଯେମିତି କହନ୍ତି –'ଦଇବ ଦଉଡ଼ି, ମଣିଷ ଗାଇ, ଯେଣିକି ଟାଣଇ ତେଣିକି ଯାଇ ।' ଅଥବା ଭାଗବତକାରଙ୍କ ଭାଷାରେ, ''ତ୍ରିଗୁଣ ରଜ୍ଜୁ କରେ ଧରି, ମୃଗୀ ନଚାଏ ନରହରି ।''

ବିଶ୍ୱାସ ନହେଲେ ବି କଥାଟି ସତ୍ୟ । ପ୍ରଫେସର ରୋନାଲ୍ଡ଼ ନିକ୍ସନ ଏକଦା ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଥିଲେ । ତତ୍କାଳୀନ କୁଳପତି ଶ୍ରୀଯୁକ୍ତ ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ବାସଭବନରେ ଅତିଥି ଭାବରେ ରହି ଇଂରାଜୀ ଭାଷା ସାହିତ୍ୟ ଅଧ୍ୟାପନାରେ ମଗ୍ନ ନିପୁଣ ଅଧ୍ୟାପକ ଆଜି ଦାଣ୍ଡର ଭିକାରି । ଶ୍ରୀକୃଷ୍ଣ ପ୍ରେମରେ ମଜ୍ଜମାନ, ତାଙ୍କ ସେବାପୂଜାରେ ସମର୍ପିତ – 'କୃଷ୍ଣପ୍ରେମ' ।

ମୃଗୀକୁ ନଚାଇବାରେ ଧୁରନ୍ଧର ଓ ଅବ୍ୟର୍ଥ ସେଇ ଅଜ୍ଞାତ, ଅଦୃଷ୍ଟର ଅପୂର୍ବ ଇଙ୍ଗିତ ତୁଚ୍ଛ କରିଦେଲା ଅଧ୍ୟାପକ ପଦବୀକୁ । ପରିତ୍ୟାଗ କରିଦେଲା ବିଶ୍ୱବିଦ୍ୟାଳୟର ଆଙ୍ଗିକ ଓ ଆତ୍ମିକ ବାତାବରଣ । କୁଳପତି ଶ୍ରୀଯୁକ୍ତ ଚକ୍ରବର୍ତ୍ତୀଙ୍କ ସହଧର୍ମିଣୀ, ଆତିଥ୍ୟ-ନିପୁଣା ମଣିକାଦେବୀ ହୋଇଗଲେ ସାଧିକା ତଥା ପ୍ରଫେସର ନିକ୍ସନଙ୍କ ଅଧ୍ୟାତ୍ମଗୁରୁ – ପରବର୍ତ୍ତୀ ଜୀବନର ମହାନ୍ ସାଧିକା – ଯଶୋଦା ମା' ।

କୃଷ୍ଣପ୍ରେମାମୃତରେ ତଲ୍ଲୀନ ଓ ସାଧନାମଗ୍ନ ପ୍ରଫେସର ନିକ୍ସନ ବନିଗଲେ ଯଶୋଦା ମା'ଙ୍କ ଆଦରର 'ଗୋପାଳ'; ଆଉ ଜନମାନସରେ ଆଦରର 'କୃଷ୍ଣପ୍ରେମ' । ଶ୍ରୀକୃଷ୍ଣପ୍ରେମର ନିର୍ମଳ ଭାବ ତନ୍ମୟ ପୁଷ୍କରିଣୀରେ ଡୁବ ଦେଉ ଦେଉ ସେ ଗଭୀରରୁ ଗଭୀରତର ପ୍ରେମଲୀଳାରେ ଆକୃଷ୍ଟ ହେଲେ ଓ ସେଇ ଡୁବରେ ଆକ୍ରାମାକ୍ରା ହୋଇଗଲେ । ବାହ୍ୟଜ୍ଞାନ ଶୂନ୍ୟ, କେବଳ ସେଇ ଗିରିଧର ଗୋପାଳଙ୍କ ନାମପ୍ରେମରେ ଏକନିଷ୍ଠ ହୋଇ । ତେଣେ ଦୀକ୍ଷାଗୁରୁ ଯଶୋଦା ମା'ଙ୍କଠାରେ ନିଷ୍ପାପର, ନିଃସର୍ତ୍ତ ସମର୍ପିତ ପ୍ରାଣ । – ''ତୁମେହିଁ ମୋର ତ୍ରାଣକର୍ତ୍ତା । ମୁଁ ତୁମର ଗୋଟାପଣେ ଯଶୋଦା ମା' ।''

ଏଇ ପ୍ରଫେସର ନିକ୍ସନଙ୍କୁ ଭିକ୍ଷାବୃତ୍ତିରେ ବ୍ୟାପୃତ ଦେଖି ପ୍ରାକ୍ତନ ଅଧ୍ୟାପକ ଓ ଛାତ୍ରବର୍ଗ କ'ଣ ଚିନ୍ତା କରୁଥିବେ ? ଜ୍ଞାନର ଉତ୍ତୁଙ୍ଗ ଶିଖର ତୁଲ୍ୟ ବିଶ୍ୱବିଦ୍ୟାଳୟର ଶାନ୍ତ, ଶିଷ୍ଟ ପରିବେଶରୁ ଧକ୍କା ଖାଇ ଆଜି ଲକ୍ଷ୍ନୌର ଗଳିକନ୍ଦିର ଜଣେ ମାମୁଲି ଭିକ୍ଷୁକ । ଅନେକ ଉଦ୍ଭଟ, ଅବାନ୍ତର ଭାବରାଶି ସେମାନଙ୍କର ଭାବରାଜ୍ୟକୁ ବ୍ୟଥିତ, ଚକିତ, ଧୂମପୂର୍ଣ୍ଣ କରି-ଦେଉଥିବ ନିଶ୍ଚୟ । କେହି କେହି କୌତୂହଳୀ ହୋଇ ପ୍ରଶ୍ନ କରନ୍ତି, 'ନିକ୍ସନ, ତୁମର ଏ କ'ଣ ହେଲା ? ଏପରି ବେଶରେ ଲକ୍ଷ୍ନୌ ନଗରୀରେ ?' ସେ କିନ୍ତୁ ତତୋଽଧିକ ଆଶ୍ଚର୍ଯ୍ୟ ଚକିତ ହୋଇ ପାଲଟା ପ୍ରଶ୍ନ କରନ୍ତି, 'ନିକ୍ସନ ? ସେ କିଏ ? ସେ ତ ଅନେକ ଦିନରୁ ମରିଯାଇଛି । ତା'କଥା କାହିଁକି ଆଉ ତୁଣ୍ଡରେ ଧରୁଛନ୍ତି ?' ଏ ପାଲଟା ପ୍ରଶ୍ନ ଯେତିକି ଚିନ୍ତାଦ୍ୟୋତକ, ସେତିକି ଭାବ ବ୍ୟଞ୍ଜନାପୂର୍ଣ୍ଣ ।

ନିକ୍ସନ ଆଉ ଏବେ ନାହିଁ । ସିଏ ପାଲଟି ଯାଇଛନ୍ତି କୃଷ୍ଣପ୍ରେମ । ଶ୍ରୀକୃଷ୍ଣ ପ୍ରେମରେ ଦ୍ରବିତ ଏକ ସାଦାସିଧା ପ୍ରଦୀପଟିଏ, କୃଷ୍ଣ ସମର୍ପିତ ଏକ କଣ୍ଢେଇ ।

ତାଙ୍କର ହୋଇଯାଇଛି ଏକ ନବଜନ୍ମ ।

ସେତେବେଳେ ନିକ୍ସନ କଲେଜ ପାଠ ସାରିଥା'ନ୍ତି । ଲାଗିଗଲା ପ୍ରଥମ ବିଶ୍ୱଯୁଦ୍ଧ । ନିଜର ବଳିଷ୍ଠ ଚେହେରା ଓ ବୁଦ୍ଧିମତ୍ତା ତାଙ୍କୁ ଆମନ୍ତ୍ରଣ କରିଆଣିଲା ରୟାଲ ଏୟାର ଫୋର୍ସର ସାମରିକ ମାର୍ଗକୁ ଆଉ ସେ ସେଇଠି ଯୋଗଦେଲେ ଜଣେ ଦକ୍ଷ ପାଇଲଟ ଭାବେ । ଯୁଦ୍ଧର ଘନଘଟା ମଧ୍ୟରେ ଏକଦା ସେ ଜର୍ମାନୀର ସେନାବାହିନୀ ଉପରେ ବୋମା ପକାଇବାକୁ

ବାହାରି ପଡ଼ିଲେ । ହଠାତ୍ ତାଙ୍କୁ ଏକ ଅଦୃଷ୍ଟ ଶକ୍ତି କାବୁ କରିପକାଇଲା । ସେ ହତଜ୍ଞାନ ହୋଇଗଲେ । କ'ଣ ଘଟୁଛି, କେମିତି ଘଟୁଛି, କାହିଁକି ଘଟୁଛି କିଛି ଜାଣିପାରିଲେ ନାହିଁ । ସେଇ ଅବସ୍ଥାରେ ବିମାନ ଚଳାଇବାର କାର୍ଯ୍ୟ ସୁଦ୍ଧା ତାଙ୍କର ଭୁଲି ହୋଇଗଲା । ଯେତେବେଳେ ସେ ଆତ୍ମଜ୍ଞାନ ଫେରିପାଇଲେ ସେ ଜାଣିଲେ ଯେ, ଅକ୍ଷତ, ସୁରକ୍ଷିତ ଭାବେ ସିଏ ବ୍ରିଟିଶ ସେନାଛାଉଣୀ ମଧ୍ୟରେ ଅଛନ୍ତି । ତାଙ୍କ ସହ-ପାଇଲଟମାନେ ତାଙ୍କୁ ଘେରି ଯାଇ ପଚାରିଲେ –''ଜର୍ମାନୀର ଅନେକ ବିମାନ ଆମ ବ୍ରିଟିଶ ବିମାନକୁ ଧ୍ୱଂସ କରିସାରିଲେଣି । ଆପଣ କିପରି ସେମାନଙ୍କ ଆକ୍ରମଣରୁ ଅକ୍ଷତ ଭାବରେ ମୁକୁଳି ଆସିପାରିଲେ ? ଏହା ଆମକୁ ବିସ୍ମିତ କରୁଛି ।''

ଏ ଅନୁସନ୍ଧିତ୍ସାର ସେ ବା କି ଉତ୍ତର ଦେବେ ? ସୁତରାଂ ସେ ବି ବିସ୍ମିତ ହେଲେ । ପାରିପାର୍ଶ୍ୱିକ ପରିସ୍ଥିତିର ବାସ୍ତବିକ ଅବସ୍ଥାର ଗୁରୁତ୍ୱ ଚିନ୍ତା କଲେ । ହେଲେ ଅନ୍ତର୍ମୁଖୀ । ଏକ ଦୈବୀଶକ୍ତି ତାଙ୍କୁ ଆସନ୍ନ ମୃତ୍ୟୁ ନିକଟରୁ ଫେରାଇ ଆଣିଛି ନିଶ୍ଚୟ । ସେ ସେଇ ଅଲୌକିକ ଶକ୍ତିର ସନ୍ଧାନୀ ହେବେ । କିନ୍ତୁ କିପରି ? ସେ ଭାବିହେଲେ । ସେଇ ଅଲୌକିକ ଶକ୍ତି ପୁଣି କାର୍ଯ୍ୟ କଲା । ସିଏ ପୁଣି ଭେଟାଇଦେଲା କୁଳପତି ଜ୍ଞାନେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କୁ; ସେଇଠି ସେଇ ଇଂଲଣ୍ଡରେ, ଖୁବ୍ ଆକସ୍ମିକ ଭାବରେ, ନାଟକୀୟ ଢଙ୍ଗରେ । କୁଳପତିଙ୍କ ବୁଦ୍ଧିମତ୍ତାରେ ଆକୃଷ୍ଟ ହୋଇ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସାର ହାରକୋର୍ଟ ବଟ୍‌ଲର ଶ୍ରୀ ଚକ୍ରବର୍ତ୍ତୀଙ୍କୁ କୁଳପତି ଚୟନ କରିଥିଲେ । ନିକ୍‌ସନ ଏଇଠି ଆସି ନିୟୋଜିତ ହେଲେ ଇଂରାଜୀ ଅଧ୍ୟାପନା ଦାୟିତ୍ୱରେ ।

ଏଇଠାରେ ଅଧ୍ୟାପନା କରୁ କରୁ ତାଙ୍କ ଜୀବନର ଯାତ୍ରାପଥ ପୁଣି ଏକ ମୋଡ଼ ନେଲା । କୁଳପତିଙ୍କ ସହଧର୍ମିଣୀ ମଣିକାଦେବୀଙ୍କ ସ୍ନେହ, ସାନ୍ନିଧ୍ୟ ତାଙ୍କ ପାଇଁ ହୋଇଉଠିଲା ଘନିଷ୍ଠରୁ ଘନିଷ୍ଠତର । ମଣିକାଦେବୀ ଥିଲେ କୃଷ୍ଣଭକ୍ତିର ଜଣେ ଅନୁପମ ବ୍ୟକ୍ତିତ୍ୱ । ପିଲାବେଳେ ସ୍ୱାମୀ ବିବେକାନନ୍ଦ ଜଣେ ଅନନ୍ୟା ସାଧିକାର ଲକ୍ଷଣସବୁ ତାଙ୍କଠାରେ ଠଉରାଇ ପାରିଥିଲେ ।

ସେଇ ଅଧ୍ୟାପନାବେଳେ ପ୍ରଫେସର ସାହେବ ସମଗ୍ର ଭାରତର ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠସ୍ଥଳୀ ଓ ଆଧ୍ୟାତ୍ମିକ ସାଧନାର ଉଦ୍ଦେଶ୍ୟ ସମ୍ପର୍କରେ କୌତୂହଳୀ ହୋଇ ସମସ୍ତ ତଥ୍ୟ ସଂଗ୍ରହ କରିସାରିଥିଲେ । ପୁରୀର ରଥଯାତ୍ରା, ପ୍ରୟାଗର କୁମ୍ଭମେଳା, ଶ୍ରୀଅରବିନ୍ଦ ଆଶ୍ରମ, ଅରୁଣାଚଳମ୍‌ର ରମଣାଶ୍ରମ ତଥା ଦକ୍ଷିଣ ଭାରତର ମୁଖ୍ୟ ଆଧ୍ୟାତ୍ମିକ ପୀଠ ପରିଦର୍ଶନ କରି ସାରିଥିଲେ । ମାତ୍ର କୌଣସିଠାରେ ତାଙ୍କର ଆତ୍ମତୃପ୍ତି ନଥିଲା । ସେ ଯେ ଗୋଟାପଣେ ଯଶୋଦା ମା'ଙ୍କଠାରେ ନିଜକୁ ସମର୍ପିତ କରିଥିଲେ, ଏଣୁ ଅନ୍ୟ କେଉଁଠାରେ ତାଙ୍କର ସନ୍ଧାନୀ ପକ୍ଷୀଟି କାହିଁକି ବା ନୀଡ଼ାଶ୍ରୟୀ ହୁଅନ୍ତା ?

କୃଷ୍ଣପ୍ରେମଙ୍କ ଜୀବନରେ ଘଟିଥିଲା ଆଉ ଏକ ଅଭାବିତ, ବିଧିନିର୍ଦ୍ଦିଷ୍ଟ ସଂଯୋଗ । ସେତେବେଳେ ସାରା ବଙ୍ଗଦେଶରେ ବରଂ ସାରା ଭାରତରେ ପ୍ରସିଦ୍ଧ ହୋଇ ସାରିଥିଲେ ଅନନ୍ୟ ସାଧକ, ଶ୍ରୀଅରବିନ୍ଦଙ୍କ ପରମ ଘନିଷ୍ଠ ଭକ୍ତ ଶ୍ରୀଯୁକ୍ତ ଦିଲୀପକୁମାର ରାୟ । ଗଣିତ ବିଷୟରେ ସ୍ନାତକଧାରୀ ଏଇ ବିଦ୍ୱାନଙ୍କ ଯାଦୁକରୀ ଗାୟନଶୈଳୀ ଓ ସ୍ୱରଲାଳିତ୍ୟ ଶ୍ରୋତାବର୍ଗଙ୍କୁ ତନ୍ମୟ କରି ଦେଉଥିଲା । ସେ ମଧ୍ୟ କୃଷ୍ଣଙ୍କର ଜଣେ ଅନନ୍ୟ ଉପାସକ ଥିଲେ । ଚକ୍ରବର୍ତ୍ତୀ ପରିବାରର ସେ ଏକାନ୍ତଭାବେ ଜଣେ ସଦସ୍ୟ ହୋଇ ଉଠିଥିଲେ ଏବଂ ଅନୁଭବ କରିଥିଲେ ମଣିକାଦେବୀ ଅତୀନ୍ଦ୍ରିୟ ଭାବରାଜ୍ୟର ଏକ ଅଭାବିତ ବିଦଗ୍ଧ ନାୟିକା । ବଙ୍ଗଳା ଭକ୍ତିରସର ଗୀତ, କୀର୍ତ୍ତନ, ଭଜନ ଓ କୃଷ୍ଣଙ୍କ ପ୍ରେମଲୀଳା କଥା ଶ୍ରବଣରେ ତାଙ୍କର ଅନ୍ତର ଭିତରେ ଗୋଟିଏ ବିସ୍ମୟକର ଭାବର ଜୁଆର ଉଠିଯାଉଥିଲା । ଆଉ ସେହି ଜୁଆରର ପ୍ଲାବନରେ ସେ ସଂଜ୍ଞାହତ ସମାଧିସ୍ଥ ହୋଇ ଯାଉଥିଲେ । ଏପରି ତନ୍ମୟ ଅବସ୍ଥାକୁ କୃଷ୍ଣପ୍ରେମ ଅନେକ ଥର ପ୍ରତ୍ୟକ୍ଷ କରି ସାରିଥିଲେ । ତାଙ୍କର ଆଧ୍ୟାତ୍ମିକ ଅନୁସନ୍ଧିତ୍ସୁ ମନମୀନଟି ଲାଖି ରହିଥିଲା ଏଇ ମଣିକାଦେବୀଙ୍କଠାରେ । ସେ ଦୃଢ଼ ହୋଇଗଲେ, ''ଏଇଠିହିଁ ଛପି ରହିଛି ସେଇ ଅଲୌକିକ ଶକ୍ତି, ଯାହା ତାଙ୍କୁ ଟାଣି ଆଣିଛି ଏତେ ବାଟ ଜୀବନର ସବୁ ଝଡ଼ଝଞ୍ଜା, ଅର୍ଗଳିକୁ ଭେଦକରି ।''

ସେ ନିଜକୁ ସମର୍ପି ଦେଇଥିଲେ ସେଇ ମଣିକା-ଦେବୀଙ୍କଠାରେ ।

ଦକ୍ଷିଣ ଭାରତର ଏକ ରେଳଷ୍ଟେସନରେ ସେଦିନ କୃଷ୍ଣପ୍ରେମ ଏକ ରେଳ ବର୍ଥକୁ ଉଠିଲେ । ସଙ୍ଗରେ ଥିଲେ ଯଶୋଦା ଘୋଷ ନାମକ ଜଣେ ଅନୁଗାମୀ, ଯିଏ ତାଙ୍କୁ ଷ୍ଟେସନକୁ ବିଦାୟ ଦେବା ପାଇଁ ଆସିଥିଲେ । ଉଭୟଙ୍କ କଥୋପକଥନରୁ ସେଇ ବର୍ଥର ଆରପଟେ ଥିବା ଅନ୍ୟ ଜଣେ ଇଂରେଜ ମହିଳା ଯାତ୍ରୀ ଅନୁମାନ କଲେ ଯେ କୃଷ୍ଣପ୍ରେମ ମଧ୍ୟ ମୂଳତଃ ଜଣେ ଇଂରେଜ ବ୍ୟକ୍ତି । ସେ ଉତ୍‌କ୍ଷିପ୍ତ ହୋଇ ଆରକ୍ତ ଚକ୍ଷୁରେ କୃଷ୍ଣପ୍ରେମଙ୍କ ବେଶଭୂଷା, ଆଚାର-ବ୍ୟବହାର ଦେଖି ନିର୍ଘାତ ଗାଳି ବର୍ଷିଗଲେ । ଜଣେ ବିଧର୍ମୀ, କୁସଂସ୍କାରୀ, ଓଲୁ

ଏବଂ ଆଦର୍ଶ ଓ ବିଶ୍ୱାସଠାରୁ ପଳାୟନକାରୀଭାବେ ତାଙ୍କୁ ଅଭିହିତ କଲେ । ନିର୍ବିକାର କୃଷ୍ଣପ୍ରେମ କେବଳ ତାଙ୍କର ପ୍ରୀତିପୂର୍ଣ୍ଣ ବିମଳ ହସ ମାଧ୍ୟମରେ ସେହି ମହିଳାଙ୍କ ରୋଷର ମାତ୍ରାକୁ ଉର୍ଦ୍ଧ୍ୱାୟିତ କରୁଥିଲେ । ଏଥର କ୍ରୋଧିତା ମହିଳା ଜଣକ ଇଂରାଜୀରେ କହିଲେ, ''ତୁମେ ତୁମର ସମସ୍ତ ମଣିଷତ୍ୱ, ସଂସ୍କୃତି ଓ ଦେଶକୁ ଜଳାଞ୍ଜଳି ଦେଇ ପାଇଛ କ'ଣ ? ପାଉଛ କ'ଣ ?''

ମୁହଁରେ ସେଇ ପ୍ରଶାନ୍ତ, ବିମଳ, ସକାଳର କାକର ଭିଜା ପ୍ରଫୁଲ୍ଲ ପାଖୁଡ଼ା ପରି ହସଟିଏ ଖେଳାଇ କୃଷ୍ଣପ୍ରେମ ନିଜ ମୁଣିରୁ ବାହାର କଲେ ପିତଳର ଏକ କୃଷ୍ଣ ପ୍ରତିମା ଏବଂ ତାକୁ ଦେଖାଇ ମହିଳାଙ୍କୁ ଉତ୍ତର ଦେଲେ, ''ମୁଁ ଏହାଙ୍କୁ ପାଇପାରିଛି । ମୋର ଚିର ଈପ୍‌ସିତ, ପରମ ଆରାଧ୍ୟ ଶ୍ରୀକୃଷ୍ଣଙ୍କୁ ।''

ମହିଳାଙ୍କ ଉତ୍ତପ୍ତ ମୁହଁରେ ଝରିପଡ଼ିଲା କେଇ ବିନ୍ଦୁ ସ୍ନିଗ୍ଧ ଶୀତଳ ଶିଶିର ବିନ୍ଦୁ । ତାଙ୍କ ପାଟିରେ ଜାବ ପଡ଼ିଗଲା । ସେ ନିର୍ବାକ୍ ରହିଲେ ।

୧୯୪୦ ଦଶକରେ ଏକଦା କୃଷ୍ଣପ୍ରେମ ଦକ୍ଷିଣ ଭାରତ ଭ୍ରମଣରେ ତିରୁବନ୍ନମଲାଇର ରମଣାଶ୍ରମରେ ପହଞ୍ଚିଲେ । ରମଣ ମହର୍ଷିଙ୍କ ଦେବୋପମ ଶରୀର ଓ ଆଶ୍ରମ ପରିବେଶ ଦେଖି କୃଷ୍ଣପ୍ରେମ ଅତ୍ୟନ୍ତ ଖୁସି ହୋଇଥିଲେ । କୃଷ୍ଣପ୍ରେମ ଯେତେବେଳେ ରମଣମହର୍ଷିଙ୍କ ସାମନାରେ ନିଶ୍ଚଳ ହୋଇ ଠିଆ ହେଲେ, ମହର୍ଷି ଦେଖିବାକୁ ଚାହିଁଲେ ସେଇ ବାଳକୃଷ୍ଣଙ୍କ ପିତଳବିଗ୍ରହ, ଯାହା କୃଷ୍ଣପ୍ରେମଙ୍କ ଅତି ଆଦରର ଥିଲା । ଏହା ହେଉଛି ଏପ୍ରକାର ପ୍ରଥମ ଘଟଣା ଯାହା ଶ୍ରୀ ରମଣମହର୍ଷି ନିଜ ହାତରେ ଏହି ବିଗ୍ରହକୁ ଧରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପରେ ଯେତେବେଳେ କୃଷ୍ଣପ୍ରେମ ଆଶ୍ରମରୁ ବିଦାୟ ନେଲେ, ରମଣମହର୍ଷି ଏହାଙ୍କ ସମ୍ପର୍କରେ ଟିପପ୍ପଣୀ ଦେଲେ : ''ଭକ୍ତି ମାର୍ଗରେ ଜଣେ ପରିପକ୍ୱ ବ୍ୟକ୍ତିତ୍ୱ ।''

ଏହାର କିଛି ବର୍ଷ ପରେ କୃଷ୍ଣପ୍ରେମ ତାଙ୍କର ଓ ଶ୍ରୀରମଣମହର୍ଷିଙ୍କର ଏକ ଯୁଗ୍ମ ଫଟୋକୁ ଲକ୍ଷ୍ୟକରି କହିଲେ – ''ଏଇଠି ମୋତେ ଦେଖ, ମୁଁ ଜଣେ ହାସ୍ୟୋଦ୍ଦୀପକ ଅଭିନୟକାରୀ ଜୋକର ବେଶ ପୋଷାକରେ ମଣ୍ଡିତ ହୋଇ ଠିଆ ହୋଇଛି ଏବଂ ତାଙ୍କୁ ଦେଖ, ସେ କେବଳ ତାଙ୍କ କୌପୁନିଟିଏରେ ଅଛନ୍ତି । ସମଗ୍ର ବିଶ୍ୱର ସମ୍ରାଟ ତୁଲ୍ୟ ହୋଇ ।''

ଯଶୋଦା ମା' ଓ କୃଷ୍ଣପ୍ରେମ ଯେଉଁ ଆଶ୍ରମଟି ଗଢ଼ିଥିଲେ ତାହା ଉତ୍ତରପ୍ରଦେଶର ଆଲମୋଡ଼ାଠାରୁ ଚଉଦ କିଲୋମିଟର ଦୂର ମିର୍‌ତୋଲାଠାରେ – 'ଉତ୍ତର ବୃନ୍ଦାବନ' ନାମରେ ପରିଚିତ । ବିଳାସ-ବ୍ୟସନର ସମସ୍ତ ଚାକଚକ୍ୟକୁ ଦୂରେଇ ଦେଇ ଏଇଠି ଯଶୋଦା ମା', କୃଷ୍ଣପ୍ରେମ ଓ ଆଉ କେତେଜଣ ବିଶ୍ୱସ୍ତ ଭକ୍ତମାନଙ୍କୁ ନେଇ ସାଧନାମୟ ଜୀବନ ଆରମ୍ଭ କରିଥିଲେ । ପ୍ରବଳ ଶୀତରେ ଚଟାଣରେ ଶୋଇବା, ସକାଳ ଜଳଖିଆରେ ଗିଲାସେ ଥଣ୍ଡାପାଣି ସହିତ ଗୁଡ଼ ଖଣ୍ଡିଏ, ଦିନରେ ଥରେ ମାତ୍ର ଅନ୍ନ ସେବନ (ଯାହା କୃଷ୍ଣଙ୍କ ପ୍ରସାଦ ମାନ୍ୟ), ଏତିକିରେ ସନ୍ତୁଷ୍ଟ ଆତ୍ମତୃପ୍ତ ରହିଥିଲେ କୃଷ୍ଣ ନାମରେ ସମର୍ପିତ ହୋଇ ।

ଆଶ୍ରମର ସମସ୍ତ ଅନ୍ତେବାସୀମାନଙ୍କ ପାଇଁ କାର୍ଯ୍ୟ ବଣ୍ଟନ କରାଯାଇଥିଲା । କୃଷ୍ଣ ବିଗ୍ରହ ପାଇଁ ଭୋଗ ପ୍ରସ୍ତୁତି, ଆଶ୍ରମବାସୀ ତଥା ଦର୍ଶନାର୍ଥୀ ଭକ୍ତଙ୍କୁ ପ୍ରସାଦ ପରଷିବା, ଆଶ୍ରମ ବଗିଚାର ଦେଖାଚାହାଁ, ଚାଷକାମରେ ସାହାଯ୍ୟ ଅଥବା ଦାତବ୍ୟ ଚିକିତ୍ସାଳୟ ଓ ବିଦ୍ୟାଳୟ ପରିଚାଳନା (ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ମାନଙ୍କ ପାଇଁ ଉଦ୍ଦିଷ୍ଟ) ଏସବୁ ସେଇ କାର୍ଯ୍ୟାବଳୀର ଅନ୍ତର୍ଭୁକ୍ତ । ସେଇ କାମ ସବୁ ନା ଥିଲା ଆପଣା ପାଇଁ ଏକ ବୋଝ ସଦୃଶ ଅଥବା ନା ଥିଲା ସେପରି କିଛି ଯାହା ସେମାନଙ୍କ ଆଧ୍ୟାତ୍ମିକ ଅନ୍ୱେଷାରେ ଅନ୍ତରାୟ ସୃଷ୍ଟି କରୁଥିଲା । ବରଂ ଥିଲା କର୍ତ୍ତବ୍ୟପାଳନକୁ କୃଷ୍ଣଙ୍କ ଉପହାର ପରି, ଯାହା ଜୀବନର ପ୍ରତ୍ୟେକ ସ୍ଥଳରେ ଗ୍ରହଣ କରାଯାଇଥାଏ ।

ଏଇଠାରୁ ପୁଣି କୃଷ୍ଣପ୍ରେମ ବିଭିନ୍ନ ପ୍ରଶ୍ନର ଉତ୍ତର ଲେଖି ଚିଠି ପଠାଉଥିଲେ ଶହ ଶହ ପରିମାଣରେ; ସାଥୀ, ସହଯୋଗୀ ବନ୍ଧୁମାନଙ୍କ ନିକଟକୁ, ଯେଉଁମାନେ ତାଙ୍କୁ ଜାଣିଥିଲେ । ସେଗୁଡ଼ିକ କେବଳ ଚିଠି ନଥିଲା, ବରଂ ଥିଲା ତାତ୍ତ୍ୱିକ ଜ୍ଞାନରେ ଭରପୂର, ଜୀବନ ଦର୍ଶନରେ ଉଚ୍ଛଳ ମାର୍ମିକ ଅଭିବ୍ୟକ୍ତି, ଯାହା ପ୍ରାପକ ବ୍ୟକ୍ତିକୁ ଉଦ୍‌ବୁଦ୍ଧ କରୁଥିଲା । ସେଥିରୁ ଅନେକ ଚିଠି 'Letters from Mirtola' ପୁସ୍ତକରେ ସଂକଳିତ ହୋଇଛି ।

ଉତ୍ତର ବୃନ୍ଦାବନର ସ୍ନିଗ୍ଧ ଶୀତଳ ଛାୟାଘନ ପାହାଡ଼ିଆ ପରିବେଶରେ ସରଳ-ତରଳ ତୁଷାର ଖଣ୍ଡପରି କୃଷ୍ଣପ୍ରେମ ଓ ତାଙ୍କ ଗୁରୁ ଯଶୋଦା ମା' ତରଳି ଯାଇଥିଲେ ଶ୍ରୀକୃଷ୍ଣପ୍ରେମର ଦିବ୍ୟ-ଅନୁଭୂତିରେ । ଏକଦା ବନ୍ଧୁ ଦିଲୀପ କୁମାର ରାୟ ମିର୍‌ତୋଲାକୁ ଆସିଥିଲେ । ପ୍ରାତ୍ୟହିକ ପୂଜା ଶେଷ ହୋଇଯିବା ପରେ ସେ କୃଷ୍ଣ ବିଗ୍ରହ ଆଗରେ ବସି ଭଜନ ଗାଇଲେ । ସେତେବେଳେ ଯଶୋଦା ମା' ଖୁବ୍ ଅସୁସ୍ଥ । ପାଖ ଘରେ ଶୋଇ ସିଏ ଦିଲୀପ କୁମାରଙ୍କ ଭାବଗର୍ଭକ ଭଜନ ଶୁଣି, ତାଙ୍କ ମନରେ କୃଷ୍ଣ ବିରହର ବ୍ୟଥା ଜାଗିଉଠିଲା । ସଙ୍ଗେ ସଙ୍ଗେ ତାଙ୍କ ଆଗରେ ନାଚି ଉଠିଲା ଏକ ଅଲୌକିକ ଦୃଶ୍ୟ । ସେ

ଦେଖିଲେ ସେଇ ଭଜନଘର ଭିତରେ ଗାୟକ ରାୟ ମହାଶୟଙ୍କ ପଛପାଖରେ ଠିଆ ହୋଇ ନଟବର ବେଶରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କ ଭଜନ ଶୁଣୁଛନ୍ତି । ଯଶୋଦାମା'ଙ୍କ ଅସୁସ୍ଥତା ହଜିଗଲା, ମନ-ପ୍ରାଣରେ ଖେଳିଗଲା ଅପୂର୍ବ ଶିହରଣ । ଚାଲିବାକୁ ବଳପାଉ ନଥିବା ଯଶୋଦା ମା' ବିଛଣାରୁ ଉଠି ମନ୍ଦିର ଘରେ ଧ୍ୟାନରେ ବସିଗଲେ । କୃଷ୍ଣପ୍ରେମ ବୁଝିପାରିଲେ ନାହିଁ, ମା' କିପରି ହଠାତ୍ ଚାଲିବା ପାଇଁ ସକ୍ଷମ ହେଲେ ? ସେତେବେଳକୁ ମା' ସଂପୂର୍ଣ୍ଣ ସୁସ୍ଥ ଥିଲେ । ପରେ ମା' ଆସି ରାୟ ମହାଶୟଙ୍କୁ କହିଲେ, ''କେହି ଦେଖି ନାହାନ୍ତି, କିନ୍ତୁ ମୁଁ ଦେଖିଛି । ତୁମ ପଛପଟେ ଶ୍ରୀକୃଷ୍ଣ ଠିଆହୋଇ ତୁମ ଭଜନ ଶୁଣୁଥିଲେ ।''

ଏପରି ଅଲୌକିକ, ବିସ୍ମୟକର ଘଟନା ଅନେକ ଥର ଘଟିଛି । କୃଷ୍ଣପ୍ରେମ ମଧ୍ୟ ଏପରି ଘଟଣା ପ୍ରତ୍ୟକ୍ଷ କରିଛନ୍ତି କେତେ ଥର ।

ଶ୍ରୀକୃଷ୍ଣପ୍ରେମରେ ନିମଜ୍ଜିତ କୃଷ୍ଣପ୍ରେମ ଲେଖିଛନ୍ତି ଅନେକ ଜ୍ଞାନଗର୍ଭକ, ସୁଖପାଠ୍ୟ ନିବନ୍ଧ । ତନ୍ମଧ୍ୟରୁ ଅନେକ ଯୋଗ ବିଷୟକ । ସେ ସବୁ ସଂକଳିତ ହୋଇଛି ତାଙ୍କ 'Initiation into yoga', 'Yoga in Kathopanishad' ପୁସ୍ତକରେ ।

ଶ୍ରୀକୃଷ୍ଣଙ୍କ ପୂଜା ଆରାଧନା ବ୍ୟତୀତ ଯଦି ଅନ୍ୟ କିଛିକୁ କୃଷ୍ଣପ୍ରେମ ତତୋଽଧିକ ଆନ୍ତରିକତା ସହ ପ୍ରାଧାନ୍ୟ ଦେଉଥିଲେ, ତାହା ହେଉଛି ତାଙ୍କ ଏକନିଷ୍ଠ ଗୁରୁଭକ୍ତି । ତାଙ୍କ ପାଇଁ ଯଶୋଦା ମା' ଶ୍ରୀକୃଷ୍ଣଙ୍କଠାରୁ ଅଭିନ୍ନ ନଥିଲେ । ଯାହାକି ଦିଲୀପ କୁମାରଙ୍କ ଭଳି ସାଧକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଉଥିଲା । ରାୟ ମହାଶୟଙ୍କୁ ଏହା ବିଶ୍ୱାସ କରିବା କଠିନ ଥିଲା ଯେ ଜଣେ ହୁଏତ ନିଜର ଇଷ୍ଟ ଓ ଗୁରୁଙ୍କ ମଧ୍ୟରେ ଗୁରୁଙ୍କୁ ଚିହ୍ନିତ କରିପାରେ, ମାତ୍ର କୃଷ୍ଣପ୍ରେମଙ୍କଠାରେ ଏହାଥିଲା ଏକ ଓ ଅଭିନ୍ନ । ତାଙ୍କ ଲିଖିତ ଏକ ଚିଠି ଶ୍ରୀ ଦିଲୀପ କୁମାର ରାୟଙ୍କ ପାଖକୁ ଏହିପରି :

"I will tell you what is written in burning letters of fire in my heart that carry their own guarantee of truth. Krishna and the Guru are one. If I leave Him, Krishna may leave me, but my Guru will never leave me. I may fall from the path, return to the fleshpots. I may blaspheme and die cursing God and men. All those and more I may do, but she will never leave my side, nor cease to guide my steps until I stand in that eternal Vraja where She stands now. God may forsake and man forsakes, I may be, but Guru - forsakens never."

''ମୋ ହୃଦୟ ଭିତରେ ଜ୍ୱଳନ୍ତ ଅଗ୍ନିର ଅକ୍ଷରରେ କ'ଣ ଲେଖା ହୋଇଛି ସେକଥା ମୁଁ ତୁମକୁ କହିବି, ଯାହା ସତ୍ୟର ସର୍ତ୍ତ ନିଜ ମଧ୍ୟରେ ବହନ କରେ । ଭଗବାନ୍ ଶ୍ରୀକୃଷ୍ଣ ଓ ଗୁରୁ ଏକ ଅଟନ୍ତି । ଯଦି ମୁଁ ତାଙ୍କୁ (ଶ୍ରୀକୃଷ୍ଣଙ୍କୁ) ତ୍ୟାଗ କରେ, ସେ ହୁଏତ ମୋତେ ତ୍ୟାଗ କରିପାରନ୍ତି, ମାତ୍ର ମୋର ଗୁରୁ ମୋତେ ମୋଟେ ତ୍ୟାଗ କରିପାରିବେ ନାହିଁ । ମୁଁ ହୁଏତ ଏଇ ପଥରୁ ଚ୍ୟୁତ ହୋଇପାରେ, ବେଶ୍ୟାଳୟକୁ ପାପାଚାର ପାଇଁ ପ୍ରତ୍ୟାବର୍ତ୍ତନ କରିପାରେ ନଚେତ୍ ମୁଁ ହୁଏତ କୌଣସି ନିକୃଷ୍ଟ ଧର୍ମାଚରଣ କରି ଭଗବାନ୍ ଅଥବା ମଣିଷଙ୍କୁ ଅଭିଶାପ ଦେଇ ମରି ଯାଇପାରେ । ଏ ସକଳ ଓ ଏହାଠୁ ଅଧିକ କିଛି ମଧ୍ୟ ମୁଁ କରିପାରେ, କିନ୍ତୁ ସେ (ଯଶୋଦା ମା') ମୋ ପାଖରୁ ପ୍ରସ୍ଥାନ କରିପାରିବେ ନାହିଁ, କିଂବା ମୋର ପ୍ରତି ପଦପାତକୁ ପଥ ଦର୍ଶାଇବାରୁ ବିରତ ହେବେ ନାହିଁ, ଯେପର୍ଯ୍ୟନ୍ତ ମୁଁ ସେଇ ଶାଶ୍ୱତ ବ୍ରଜଧାମରେ ମୋର ପାଦ ନଥାପିଛି, ଯେଉଁଠାରେ ସେ ଏବେ ବିରାଜିତ ଅଛନ୍ତି । ମୁଁ ହୁଏତ ଭଗବତ୍-ପରିତ୍ୟକ୍ତ ଅଥବା ମାନବସମାଜ ପରିତ୍ୟକ୍ତ ହୋଇପାରେ ମାତ୍ର ଗୁରୁବର୍ଜିତ କେବେ ହେବି ନାହିଁ ।''

ଗୁରୁଙ୍କଠାରେ କି ଗଭୀର ଆସ୍ଥା ! କି ଗଭୀର ଭକ୍ତି ! କି ଗଭୀର ନିଷ୍ଠା ! ଏକନିଷ୍ଠ, ସଳଖ ଛୁଞ୍ଚିମୁନ ପରି ।

୧୯୪୪ ମସିହା ଡିସେମ୍ବର ୨ ତାରିଖ ଦିନ ଯଶୋଦା ମା'ଙ୍କର ତିରୋଧାନ ହେଲା । କୃଷ୍ଣପ୍ରେମ କହିଲେ, ''ମୁଁ ଜାଣେ, ସେ (ଯଶୋଦା ମା') ଆମ ସହିତ ସବୁଦିନ ଅଛନ୍ତି, ଏପରି କି ପୂର୍ବାପେକ୍ଷା ଅଧିକ ନିକଟତର ହୋଇ ।''

ଯଶୋଦା ମା'ଙ୍କଠାରୁ ସନ୍ନ୍ୟାସବ୍ରତରେ ଦୀକ୍ଷିତ ହେଲା ପରେ ମା' ତାଙ୍କୁ ଆଦେଶ ଦେଇ କହିଲେ, ''ଗୋପାଳ ! କୃଷ୍ଣ ଭଜନ ପାଇଁ ତୁମେ ବୈରାଗୀର ଜୀବନ ବାଛି ନେଇଛ । ତେଣୁ ତୁମ ଜୀବନରେ ଏଥର ବୈରାଗ୍ୟମୟ ତପସ୍ୟାର ଆରମ୍ଭ ହେଉ । ତୁମେ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗି ଆଣ । ସେଇ ଭିକ୍ଷାରେ ତୁମର ଇଷ୍ଟଦେବଙ୍କୁ ଖୁଆଇ ନିଜେ ଖାଅ ।''

ଗୁରୁଙ୍କର ଏହି ନିଷ୍ଠୁର ଆଦେଶକୁ ଶିରୋଧାର୍ଯ୍ୟ କରି ନିର୍ବିକାର ଭାବେ ଗ୍ରହଣ କରିଥିଲେ କୃଷ୍ଣପ୍ରେମ ଏବଂ ଆପଣେଇ ଥିଲେ ଭିକ୍ଷାବୃତ୍ତି ।

ଧନ୍ୟ ଭକ୍ତ, ଧନ୍ୟ ତୁମର ନିଷ୍ଠା ! ❑

# ବାଦଲ ପଛପଟେ ଅଛି କ'ଣ ?

(ଫରାସୀ ଲେଖିକା Anges Koussi (Brams)ଙ୍କର ଏହି ମୂଳକାହାଣୀଟିର ନାମ
''L'enfant qui voulait savoir ce qu'il y avait derrière les nuages'')

ଜିଜ୍ଞାସୁ ପିଲାଟିଏ ଥିଲା । ସବୁ ବିଷୟରେ ତା'ର କୌତୂହଳ । ସବୁବେଳେ ସମସ୍ତଙ୍କୁ ସେ କେବଳ ପ୍ରଶ୍ନ କରୁଥିଲା । ବିଶେଷତଃ ସଦାସର୍ବଦା ତା' ମନରେ ଏହି ପ୍ରଶ୍ନଟି ଉଦୟ ହେଉଥିଲା 'ବାଦଲ ଉପରକୁ କ'ଣ ରହିଛି ?' ତା'ର ମା'-ବାପା ତାକୁ କହୁଥିଲେ, ''କିଛି ନାହିଁ, ବାଦଲ ଉପରକୁ ବାଦଲ, ବାସ୍ ତା'ପରେ ସବୁ ଶୂନ୍ୟ ।'' କିନ୍ତୁ ପିଲାଟିର ସେ କଥାରେ ମନ ମାନୁ ନଥିଲା ।

ସେ ପ୍ରଜାପତିମାନଙ୍କୁ ପଚାରୁଥିଲା, ''ବାଦଲ ଉପରକୁ କ'ଣ ଅଛି କହିପାରିବ କି ?'' ସେମାନେ କୁହନ୍ତି ''ଆମେ ତ ଫୁଲ ରାଜ୍ୟରେ ଉଡ଼ିବୁଲୁ, ତାଙ୍କର ରଙ୍ଗ ଓ ସୁଗନ୍ଧ ଜାଣିପାରୁ । କିନ୍ତୁ ବାଦଲ ବିଷୟରେ କିଛି ଜାଣି ନାହୁଁ । ତୁମେ ସେକଥା ପକ୍ଷୀମାନଙ୍କୁ ପଚାର ।''

ପିଲାଟି ବୁଲି ବୁଲି ବଗିଚାର ପକ୍ଷୀ, ବଣର ପକ୍ଷୀ, ଖାଲ, ବିଲର ପକ୍ଷୀ ସମସ୍ତଙ୍କୁ ପଚାରେ, ''ତୁମେ ମୋତେ କହିପାରିବ କି ବାଦଲର ପଛପଟେ କ'ଣ ରହିଛି ?'' ସେମାନେ କୁହନ୍ତି, ''ନାହିଁରେ ଭାଇ, ଆମେ ଆକାଶରେ ଉଡ଼ିବୁଲୁ ସତ କିନ୍ତୁ ବେଶୀ ଉପରକୁ ଯାଇ ପାରୁନା, ହେଲେ ଈଗଲ୍‌ରାଜ ପ୍ରବଳ ବେଗରେ ବହୁତ ଉପରକୁ ଉଡ଼ିଯାଇ ପାରେ ଏବଂ ବହୁଦୂର ଦେଖିପାରେ, ତୁମେ ତାକୁ ପଚାର ।'' ଈଗଲ୍ କହେ, ''ହଁ ଏକଥା ସତ, ବହୁତ ଦୂରରେ ଗ୍ରହ ଓ ନକ୍ଷତ୍ରଙ୍କ ରାଜ୍ୟ, ସେଠାରେ ରହିଛି ଗୋଟିଏ ପ୍ରାସାଦ । ଏହା ଅପେକ୍ଷା ମୁଁ ଆଉ ଅଧିକ କିଛି ଜାଣି ନାହିଁ । କେବଳ ଭଗବାନଙ୍କ ଦୂତ ପରୀମାନେହିଁ ଏସବୁ କଥା କହିପାରିବେ । ତୁମେ ତାଙ୍କୁ ଗଭୀର ଶ୍ରଦ୍ଧା ଓ ବିଶ୍ୱାସ ସହ ପ୍ରାର୍ଥନା କର, ସେ ତୁମକୁ ଦେଖାଦେବେ ଓ ସେଠାକୁ ନେଇ ଯାଇପାରିବେ ମଧ୍ୟ ।

ପିଲାଟି ଅତି ବ୍ୟାକୁଳ ହୋଇ ପ୍ରାର୍ଥନା କଲା, ''ହେ ଦେବି ! ତୁମେ ଯେ ମୋତେ ପ୍ରତି ମୁହୂର୍ତ୍ତରେ ରକ୍ଷା କରୁଛ ମୋର ଅଭିବୃଦ୍ଧିରେ ସାହାଯ୍ୟ କରୁଛ, ଆସ ମୋତେ ଦେଖାଦିଅ; ଦୟାକରି ଗ୍ରହ, ନକ୍ଷତ୍ର, ତାରକା ରାଜ୍ୟର ସେହି ପ୍ରାସାଦକୁ ନେଇଯାଅ । ମୁଁ ଶୁଣିଛି ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ପ୍ରାସାଦ ରହିଛି କିନ୍ତୁ ତାକୁ ଅତିକ୍ରମ କରି ଆହୁରି କ'ଣ ରହିଛି ଜାଣି ନାହିଁ ।'' ପିଲାଟିର ପ୍ରାର୍ଥନା ଶେଷ ହେବା ମୁହୂର୍ତ୍ତରେହିଁ ତା' ଆଗରେ ଆସି ଆବିର୍ଭୂତା ହେଲେ ସବୁଠାରୁ ବିସ୍ମୟକର, ଆଲୋକମୟୀ, ପ୍ରେମମୟୀ ଅତ୍ୟନ୍ତ ସୁନ୍ଦରୀ ପରୀଦେବୀ । ''ବତ୍ସ, ତୋ ପ୍ରାର୍ଥନା ମୁଁ ଶୁଣିଛି, ତୁ ପ୍ରକୃତ ଜିଜ୍ଞାସୁ, ମୁଁ ତୋ ଇଚ୍ଛା ପୂର୍ଣ୍ଣ କରିବି । ମୋ ସହ ଆସ ।'' ବାଳକଟିର ମନେହେଲା ଯେପରି ଗୋଟିଏ ସ୍ନେହମୟ କୋମଳ ପ୍ରେମର ଆବର୍ତ୍ତ ତାକୁ ଘେରିଗଲା ଏବଂ କିଛିକ୍ଷଣ ମଧ୍ୟରେ ସେ ପହଞ୍ଚିଗଲା ସେହି ମହାବିସ୍ମୟକର ପ୍ରାସାଦ ନିକଟରେ ଯାହା ତା'ର କଳ୍ପନାର ବହିର୍ଭୂତ... । ଏକାଧାରରେ ଅତ୍ୟନ୍ତ ଉଜ୍ଜ୍ୱଳ, ସ୍ୱଚ୍ଛ ଏବଂ ପ୍ରେମର ସ୍ପନ୍ଦନରେ ସ୍ପନ୍ଦିତ ସେ ପ୍ରାସାଦ । ସେ ପ୍ରେମ ଅସୀମ, ଅନନ୍ତ, ଅପ୍ରମେୟ । ପରୀଦେବୀ ତାକୁ କହିଲେ, ''ବତ୍ସ, ଏହି ପ୍ରାସାଦଟି ହେଉଛି ଜଗତ୍‌ସ୍ରଷ୍ଟାଙ୍କର ।''

ବାଦଲ ଉପରକୁ କ'ଣ ରହିଛି, ପିଲାଟି ତା'ର ସେହି ପ୍ରଶ୍ନର ଉତ୍ତର ପାଇସାରିଥିଲା । ସେ ତ ଆଉ ସେଠାରେ ରହି ପାରିବ ନାହିଁ, ତେଣୁ ପରୀଦେବୀ ତାକୁ ଯଥାଶୀଘ୍ର ଫେରାଇ ଆଣି ତା' ମାଆବାପାଙ୍କ ପାଖରେ ଛାଡ଼ିଦେଇଗଲେ । ପିଲାଟି ସେହି ପ୍ରଶ୍ନ ନିଜକୁ ପଚାରି ଚାଲିଥିଲେ ବି ତା' ହୃଦୟକୁ ଏକ ଆନନ୍ଦଘନ କୁହେଳିକା ଘେରି ରହିଥିଲା । ସେ ଜାଣିପାରିଥିଲା ବାଦଲ ଉପରକୁ କ'ଣ ରହିଛି ।

ଭାଷାନ୍ତର : ଜ୍ୟୋତ୍ସ୍ନା ମହାନ୍ତି

❑❑❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଆମେମାନେ ଲକ୍ଷ୍ୟପ୍ରାପ୍ତିର ଉପାୟ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରିଛୁ ଏବଂ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନି ପାରିଛୁ, ଏହାର ଲକ୍ଷଣ କ'ଣ ?*

ଉତ୍ତର : ମା'ଙ୍କ କାର୍ଯ୍ୟ ସମ୍ବନ୍ଧରେ ନିଜ ଅଧିକାର, ନାମ, ଯଶଃ ତଥା ସ୍ୱାର୍ଥ-ଅହଂରେ ବାଧା ପଡ଼ିଲେ, ଏହାକୁ ବରଦାସ୍ତ କରିଯିବା କିନ୍ତୁ ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନଦେବା ହେଲା ଜୀବନର ଲକ୍ଷ୍ୟପ୍ରାପ୍ତିର ଉପାୟ ରୂପେ ମା'ଙ୍କ କାର୍ଯ୍ୟକୁ ସର୍ବଶ୍ରେଷ୍ଠ ରୂପେ ଗ୍ରହଣ କରିଥିବାର ଲକ୍ଷଣ । ଏହି ପ୍ରତିକୂଳ ଅବସ୍ଥାରେ ନିଜ ମଧ୍ୟରେ ଉତ୍ପନ୍ନ ହୋଇଥିବା ଅଶାନ୍ତି, ଈର୍ଷ୍ୟା, ବିରୋଧଭାବର କାରଣ ଅନ୍ୟ ବ୍ୟକ୍ତିକୁ ନମାନି ନିଜ ସତ୍ତାର ତ୍ରୁଟି ବୋଲି ଜାଣିବା ହେଲା ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିବା ।

*ପ୍ରଶ୍ନ : ଏହାକୁ ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।*

ଉତ୍ତର : ଯେପରି ତୁମେ ଗୋଟିଏ ସ୍ଥାନରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ବ୍ୟାୟାମଶାଳା, ସ୍କୁଲ ଆଦି ଆଶ୍ରମ ଆଦର୍ଶରେ ପ୍ରତିଷ୍ଠା କରି ପରିଚାଳନା କରୁଅଛ ଏବଂ ସେଠାରେ ଆଶ୍ରମ ସଦୃଶ ସାଧକମାନେ ରହି ସାଧନା କରନ୍ତି । ବହି, ଫଟୋ, ଧୂପବତି, ଗଞ୍ଜି ଆଦି ବିକ୍ରି ହୁଏ । ମା'ଙ୍କର ଅନ୍ୟ ଭକ୍ତମାନେ ତୁମ ନିକଟବର୍ତ୍ତୀ ସ୍ଥାନରେ ଠିକ୍ ତୁମରି ସଂସ୍ଥା ସଦୃଶ ଅନ୍ୟ ସଂସ୍ଥା ପ୍ରତିଷ୍ଠା କରି ପରିଚାଳନା କରନ୍ତି । ଅଥବା ଯେକୌଣସି କାର୍ଯ୍ୟ ଆଶ୍ରମ ଆଦର୍ଶରେ ସଂସାରରେ ଅତିମାନସ ସତ୍ୟର ପ୍ରସାର ଉଦ୍ଦେଶ୍ୟରେ କରନ୍ତି । ସେହି ସମସ୍ତ କାର୍ଯ୍ୟ ମା'ଙ୍କ କାର୍ଯ୍ୟ, ମା'ଙ୍କ ସେବା, ନିଜ ଜୀବନରେ ଲକ୍ଷ୍ୟପ୍ରାପ୍ତିର ସହାୟକ ଜାଣି ସେଥିରେ ଆନ୍ତରିକ, ମାନସିକ ତଥା ସ୍ଥୂଳ କର୍ମରେ ସାହାଯ୍ୟ ଦେବା, ସମର୍ଥନ କରିବା ହେଲା ଯଥାର୍ଥରେ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ସ୍ଥାନ ଦେବା ଏବଂ ନିଜ ଅହଂ-ସ୍ୱାର୍ଥକୁ ଠିକ୍ ଠିକ୍ ଚିହ୍ନିବା ।

କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ମା'ଙ୍କର ପଡ଼ୋଶୀ ଅନୁଷ୍ଠାନକୁ ସମର୍ଥନ କରିବା, ସେଥିରେ ସହଯୋଗ ଦେବା, ତା'ର ଉନ୍ନତି ସକାଶେ ପ୍ରଯତ୍ନ ବା ସଦ୍‌ଭାବନା ରଖିବା କଠିନ ହୋଇପଡ଼େ । ଏହି ଅବସ୍ଥାରେ ନିଜର କାମନା-ବାସନା, ଅହଂ-ସ୍ୱାର୍ଥ ନିଜ ଅନ୍ତରରେ ପ୍ରେରଣା ଦିଅନ୍ତି, ''ଅମୁକ ବ୍ୟକ୍ତି ବା ଅନୁଷ୍ଠାନ ମୋ ପ୍ରତିଷ୍ଠା, ସମ୍ମାନ ବରଦାସ୍ତ ନକରି ପାରି ନିଜ ପ୍ରତିଷ୍ଠା ତଥା ସମ୍ମାନ ସକାଶେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଛି ।'' ଏହି ଧାରଣାରେ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ ସେହି ଅନୁଷ୍ଠାନ ବା ବ୍ୟକ୍ତି ସହିତ ବିରୋଧ କରିବା ତଥା ଅସହଯୋଗ କରିବା ହେଲା ନିଜ ଅହଂ-ସ୍ୱାର୍ଥକୁ ନ ଚିହ୍ନି ନିଜ ବିରୋଧୀ ଗୁଣରେ ପରିଚାଳିତ ହେବା । ଯଦି ଆମେମାନେ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିଥାଉ, ତେବେ ତତ୍‌କ୍ଷଣାତ୍ ଧାରଣା କରିବା, ମା'ଙ୍କର ଅନ୍ୟ ଅନୁଷ୍ଠାନ ସହିତ ସହଯୋଗ ନକରି ବିରୋଧ ଭାବ ରଖିବା ହେଲା ନିଜର ଅହଂ-ସ୍ୱାର୍ଥ ଏବଂ ମା'ଙ୍କ କାର୍ଯ୍ୟରେ ବାଧା । ତେବେ ମାନସିକ ଏହି ପ୍ରତିକୂଳ ବୃତ୍ତିକୁ ପ୍ରଥମରେ କ୍ରିୟାରେ ପରିଣତ କରିବା ନାହିଁ ଏବଂ ମା'ଙ୍କୁ ସମର୍ପଣ କରି ମନରୁ ଦୂର କରିଦେବାକୁ ସଂକଳ୍ପ କରିବା ତଥା ସେହି ଅନୁଷ୍ଠାନ ସହିତ ସମ୍ପୂର୍ଣ୍ଣରୂପେ ସହଯୋଗ କରିବା ।

*ପ୍ରଶ୍ନ : ସେ ବ୍ୟକ୍ତି ଯଦି ଆମଠାରୁ ସାହାଯ୍ୟ ସହାନୁଭୂତି ନ ଚାହେଁ, ଆମକୁ ନ ଡାକେ, ତେବେ କ'ଣ କରିବା ଉଚିତ ?*

ଉତ୍ତର : ମାନସିକ ସହଯୋଗ କରିବା ଅର୍ଥାତ୍ ସେ ଅନୁଷ୍ଠାନ ପ୍ରତି ସଦ୍‌ଭାବନା ରଖିବା । ଯଦି ଆମେମାନେ ମା'ଙ୍କ କାର୍ଯ୍ୟକୁ ଜୀବନର ସର୍ବଶ୍ରେଷ୍ଠ କାର୍ଯ୍ୟ ବୋଲି ମାନିଥାଉ, ତେବେ ଅନ୍ୟ ବ୍ୟକ୍ତି ଆମଠାରୁ ସହଯୋଗ ନ ଚାହିଁବା ସତ୍ତ୍ୱେ ଆମେମାନେ ସେଥିରେ ସହଯୋଗ କରିବା । ଯଦି ଆମେମାନେ ଏହା ଆନ୍ତରିକତା ସହ କରିପାରୁ, ତେବେ ଏହାର ଅତ୍ୟନ୍ତ ଉତ୍ତମ ପ୍ରଭାବ ପଡ଼େ ସେ ବ୍ୟକ୍ତି ଉପରେ, ସେ ବ୍ୟକ୍ତିର ଥିବା ଦ୍ୱେଷଭାବ ଦୂର ହୁଏ । ଏହି ବ୍ୟବହାର ଦ୍ୱାରା ନିଜ ସାଧନାରେ ବିଶେଷ ଉନ୍ନତି ହୁଏ । କାରଣ ଏପରି ବ୍ୟାପାରରେ ନିଜ ଅହଂ-ସ୍ୱାର୍ଥ ଉପରେ କଠୋର ପ୍ରହାର ହୁଏ । ଯଥାର୍ଥରେ ଏହିମାନେ ଆମ ଅଧ୍ୟାତ୍ମ-ମାର୍ଗର ଶତ୍ରୁ ।

*ପ୍ରଶ୍ନ : ଯଦି ପୁରାତନ ଅଧ୍ୟାତ୍ମ ସଂପ୍ରଦାୟ ଏବଂ ଧାର୍ମିକ ବ୍ୟକ୍ତିମାନେ ଆମ ଅନୁଷ୍ଠାନ ସହିତ ବିରୋଧ କରନ୍ତି ତେବେ ତାଙ୍କ ସହିତ ଆମମାନଙ୍କର ବ୍ୟବହାର କିପରି ହେବା ଉଚିତ ?*

ଉତ୍ତର : ଜଣେ ମିତ୍ର ପ୍ରତି ମିତ୍ରର ବ୍ୟବହାର ସଦୃଶ । ଯେପରି ସୂର୍ଯ୍ୟ ତଥା ବୃକ୍ଷ ନିଜର ଅପରାଧ କରିବା ବ୍ୟକ୍ତି ପ୍ରତି ଶତ୍ରୁଭାବ ନରଖି ସମଭାବରେ ତା'ର ହିତ କରନ୍ତି ସେହିପରି ଅଥବା ତାହାଠାରୁ ବହୁତ ଅଧିକ ପରିମାଣରେ ହେଉଛି ଶ୍ରୀମାଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ । ଶ୍ରୀଅରବିନ୍ଦଙ୍କ ଯୋଗର ଅତିମାନସ ଶକ୍ତିର ସ୍ୱଧର୍ମ ହେଉଛି ଜଗତର ସମସ୍ତ ପ୍ରାଣୀଙ୍କୁ ଜୀବନର ପୂର୍ଣ୍ଣତାରେ ସାହାଯ୍ୟ କରିବା । ତାହାଦ୍ୱାରା କୌଣସି ବ୍ୟକ୍ତି, କୌଣସି ଧର୍ମାବଲମ୍ବୀ, କୌଣସି ସମ୍ପ୍ରଦାୟର ବ୍ୟକ୍ତିର କିଛି କ୍ଷତି ହେବାର ଆଦୌ ଆଶଙ୍କା ନାହିଁ ।

ବ୍ୟକ୍ତି ଏହା ବୁଝି ନପାରି ପୂର୍ବ ଯୋଗମାନଙ୍କ ସିଦ୍ଧାନ୍ତରେ ପରସ୍ପର ଅସାମଞ୍ଜସ୍ୟ ରହିଥିବା ପରମ୍ପରା, ସଂସ୍କାର, ଧାରଣା ଅନୁସାରେ ଶ୍ରୀଅରବିନ୍ଦଙ୍କ ଯୋଗ ସହିତ ବିରୋଧ ଭାବ ଯଦି ରଖନ୍ତି, ତେବେ ପ୍ରଥମେ ସେମାନଙ୍କ ସହିତ ସଦ୍‌ଭାବ ରଖି ସେମାନଙ୍କୁ ବୁଝାଇ ଦେବାକୁ ଚେଷ୍ଟା କରିବା । ଯଦି ସେମାନେ ନବୁଝନ୍ତି ତେବେ ସେମାନଙ୍କ ବିରୋଧର ପ୍ରତିକ୍ରିୟାରେ ଆମେମାନେ ସମତା ରଖି ନିଜ କାର୍ଯ୍ୟ କରି ଚାଲିବା । ଏହିପରି ବ୍ୟବହାର ଦ୍ୱାରା ସେମାନେ ବର୍ତ୍ତମାନ ନହେଲେ ପରେ ନିଜ ତ୍ରୁଟି ବୁଝିପାରି ସଂଶୋଧନ କରି ପାରିବେ । ସୁତରାଂ କୌଣସି ପରିସ୍ଥିତିରେ ବିରୋଧ ବା ଝଗଡ଼ା କରିବା ଆଦୌ ଉଚିତ ନୁହେଁ ।

*ପ୍ରଶ୍ନ : ଯଦି କେହି ପୁରାତନ ସାଂପ୍ରଦାୟିକ ମନୋଭାବାପନ୍ନ ବ୍ୟକ୍ତି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ସିଦ୍ଧାନ୍ତକୁ ବୁଝି ବା ନ ବୁଝି ତା'ର ବିକୃତ ବ୍ୟାଖ୍ୟା କରେ ଏବଂ ଲୋକଙ୍କୁ ଭୁଲ୍ ବୁଝାଏ, ପତ୍ରପତ୍ରିକାରେ ଲେଖେ, ସେଥିରେ ସାଧାରଣ ବ୍ୟକ୍ତି ଭ୍ରମରେ ପଡ଼ି ପାରନ୍ତି, ସେପରି ସ୍ଥଳେ କ'ଣ କରିବା ଉଚିତ ?*

ଉତ୍ତର : ଏହାର ପ୍ରତିବାଦ ସ୍ୱରୂପ ବ୍ୟକ୍ତି ବା ବ୍ୟକ୍ତି ଆଚରିତ ସିଦ୍ଧାନ୍ତକୁ ନିନ୍ଦା ବା ଆଲୋଚନା କରିବା ନାହିଁ । କେବଳ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇଦେବା ଅଥବା ଲେଖିପାରିବା, କିନ୍ତୁ ବିରୋଧ ବା ଝଗଡ଼ା କରିବା ନାହିଁ ।

*ପ୍ରଶ୍ନ : ଅଧ୍ୟାତ୍ମ ସାଧକ କୌଣସି ଅବସ୍ଥାରେ ବିବାଦ କରିବା ଉଚିତ ନୁହେଁ, ଏହା ଠିକ୍ । କିନ୍ତୁ ଆମର ଜଣେ ସାଥୀ ଭୁଲ୍ କରୁଥିବ; ତାହା ଦ୍ୱାରା ମା'ଙ୍କ କାର୍ଯ୍ୟରେ କ୍ଷତି ହେଉଥିବ ଏହି ଅବସ୍ଥାରେ ଆମମାନଙ୍କୁ କିଛି ନ କରି କେବଳ ଦେଖିବାକୁ ହେଉଥିବ ? ଏହା କ'ଣ ଉଚିତ ?*

ଉତ୍ତର : ନାହିଁ, କେବଳ ନୀରବରେ ଦେଖିବାକୁ ହେବ ନାହିଁ, ତାକୁ ବୁଝାଇ ଦେବାକୁ ହେବ ।

ବ୍ୟକ୍ତିକୁ ବୁଝାଇଦେବା ପୂର୍ବରୁ ତୁମେ ନିଜେ ନିଜ ଅନ୍ତରକୁ ନିରୀକ୍ଷଣ କର । ତୁମ ଅନ୍ତରରେ ଯଦି ଉଦ୍‌ବେଗ, ବିରୋଧଭାବ ସେ ବ୍ୟକ୍ତି ପ୍ରତି ନଥାଏ ତେବେ ସେ ବ୍ୟକ୍ତିର ଭୁଲ୍‌କୁ ସହୃଦୟ ଭାବରେ ବୁଝାଇ ଦିଅ । ମାତ୍ର ଥରେ । ତୁମ କହିବାରେ ବ୍ୟକ୍ତି ଯଦି ନିଜ ଭୁଲ୍ ବୁଝିପାରି ତାହା ସଂଶୋଧନ କରିବାକୁ ଚାହେଁ, ତେବେ ସଂଶୋଧନ କରିବାକୁ ପରାମର୍ଶ ଦେଇପାର । ଯଦି ତୁମ କହିବାରେ ବ୍ୟକ୍ତି ପ୍ରତିବାଦ କରେ ତେବେ ତୁମେ ଏକେବାରେ ଚୁପ୍ ହୋଇଯାଅ; ନିଜକୁ ବିଚଳିତ ହେବାକୁ ଦିଅ ନାହିଁ ଏବଂ ମା'ଙ୍କ କାର୍ଯ୍ୟ ଆନ୍ତରିକ ଭାବେ କର । ତୁମେ ବିକ୍ଷୁବ୍ଧ ନହେଲେ ତୁମ ଦ୍ୱାରା ମା'ଙ୍କ କାର୍ଯ୍ୟ ଆଗେଇ ଚାଲିବ । ତୁମ ମଧ୍ୟରେ ଯଦି ଅଧିକ ସମତା ଥାଏ ଏବଂ ମା'ଙ୍କ କାର୍ଯ୍ୟକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇଥାଅ, ତେବେ ମା'ଙ୍କ କାର୍ଯ୍ୟ ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ସେ ବ୍ୟକ୍ତିର ଭୁଲ୍ ସଂଶୋଧନ ସକାଶେ ଆନ୍ତରିକ ପ୍ରାର୍ଥନା କର ଅଥବା ସେ ବ୍ୟକ୍ତି ପ୍ରତି ସଦ୍‌ଭାବନା ରଖ । ଏହା ଯଦି ନ କରିପାର ତେବେ କୌଣସି ବିଦ୍ରୋହ ଭାବ ନରଖି ତୁମ କାର୍ଯ୍ୟ ତୁମେ କର । ସେ ବ୍ୟକ୍ତିର କାର୍ଯ୍ୟକୁ ମା'ଙ୍କ ଉପରେ ଛାଡ଼ିଦିଅ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୪୮୫ -୪୮୯)

– ରାମକୃଷ୍ଣ ଦାସ

❑❑❑

ଚେତନାର ଦିଗ୍‌ବଳୟ :

# ନିରୁଦ୍ଦିଷ୍ଟ ଶିଶୁ

ଦୃଶ୍ୟଟି କଳ୍ପନା କରନ୍ତୁ :

କ୍ରିସ୍‌ମାସ ପୂର୍ବବର୍ତ୍ତୀ ମଧ୍ୟରାତ୍ର । ଚିରାଚରିତ ପରମ୍ପରା ଅନୁସରଣ କରି ଫାଦର୍ କ୍ରିସ୍‌ମାସ୍ ବା ସାନ୍ତାକ୍ଲଜ୍ ମହୋଦୟ ସୁଦୂର ତୁଷାର ପୁରୀରୁ ଆସି ଜନପଦରେ ପହଞ୍ଚିଛନ୍ତି । ଆଶାୟୀ ଶିଶୁମାନଙ୍କ ପାଖରେ ତାଙ୍କ ଆନୀତ ଉପହାରଟିମାନ ରଖିଯିବେ ।

ଆପାତତଃ ସେ ସ୍ନେହଶୀଳ ଆଗନ୍ତୁକଙ୍କ ଲକ୍ଷ୍ୟ ଚାରିବର୍ଷ ବୟସର ଜଣେ ଶିଶୁ । ସେ ଯାଇ ଦେଖିଲେ ଶିଶୁଟିର ଶଯ୍ୟା ଶୂନ୍ୟ । ସେ ଟିକିଏ ହତାଶ ହୋଇ ରାସ୍ତାକୁ ଚାଲି ଆସିଲେ । ଦେଖିଲେ ଗୋଟାଏ ଅଭାବନୀୟ ଦୃଶ୍ୟ : ବିନା ଚାଳକରେ କାର୍‌ଟିଏ ସେ ପଛରେ ଛାଡ଼ି ଆସିଥିବା ହତା ଭିତରକୁ ପ୍ରବେଶ କରୁଛି । ସାନ୍ତାକ୍ଲଜ୍ ବହୁ ବିସ୍ମୟକର ଉଦ୍‌ଭାବନ କଥା ଶୁଣିଥିଲେ । ହୁଏତ ଚାଳକ-ବିହୀନ କାର୍ ତା' ମାଲିକର କୌଣସି ନିର୍ଦ୍ଦେଶ ପାଳନ କରିସାରି ଫେରି ଆସୁଛି । ସେ ନିଜ ବାଟରେ ପରବର୍ତ୍ତୀ ଶିଶୁର ସନ୍ଧାନରେ ଚାଲିଯାଇଥା'ନ୍ତେ । କିନ୍ତୁ ହଠାତ୍ ଏକ କର୍କଶ ଯାନ୍ତ୍ରିକ ଧ୍ୱନିରେ ଚମକି ପଡ଼ିଲେ । ସେ ରହସ୍ୟମୟ କାର୍ ଗୋଟିକ ହତା ଭିତରେ ଆଉ ଯୋଡ଼ିଏ ସ୍ଥିର କାର୍‌କୁ ଧକ୍କା ଦେଇଛି ।

ସାନ୍ତାକ୍ଲଜ୍ ଦଉଡ଼ିଗଲେ । ଦେଖି ଅବାକ୍ ହେଲେ : ସେ କାର୍‌ଟି ଚାଳକବିହୀନ ନୁହେଁ; ଚାଳକ ଜଣକ ଚାରି ବର୍ଷର ବାଳକ !

ମିଚିଗାନ ରାଜ୍ୟର ସେଣ୍ଟ୍‌ଲେକ୍ ସହରରେ ଘଟଣାଟି ଘଟିଛି । ଦର୍ଶକ ସାନ୍ତାକ୍ଲଜ୍ ନୁହନ୍ତି, ନୈଶ ପ୍ରହରୀ ସର୍ଜେଣ୍ଟ୍ । ସେ ପିଲାଟିକୁ ଟେକି ବାହାରକୁ ଆଣିଲେ । ଘରୁ ମାଆବାପା ବାହାରି ଆସିଲେ । ଅନୁସନ୍ଧାନରୁ ଜଣାଗଲା, ମାଆ ପାଖ ଦୋକାନ ବଜାରକୁ ଗଲାବେଳେ ପୁଅକୁ କୋଳରେ ବସାଇ ଥରେ ଥରେ ତାକୁ ଷ୍ଟିଅରିଂ ବୁଲାଇବା ଶିଖାନ୍ତି । ରାତି ଅଧରେ ପୁଅ ସେହି ବିଦ୍ୟା କାର୍ଯ୍ୟକାରୀ କରିଛି । ଏକ୍‌ସିଲେରେଟର୍‌କୁ ଗୋଡ଼ ପାଉ ନଥାଏ । କିନ୍ତୁ ସେ କାର୍ କୌଣସି ମତେ ଷ୍ଟାର୍ଟ କରି ତା'ର ଏକ ସାଧାରଣ ନିର୍ଦ୍ଧାରିତ ଗତିରେ ତାକୁ ଚଳାଇ ଅଦୂରବର୍ତ୍ତୀ ଭିଡ଼ିଓ ଦୋକାନକୁ ଯାଇଛି । ଦୋକାନ ବନ୍ଦ ଦେଖି ଘରକୁ ଫେରିଛି । ବ୍ରେକ୍ ଦେବାର ଶକ୍ତି ନାହିଁ । ସ୍ଥିର କାର୍ ଯୋଡ଼ିକୁ ଧକ୍କା ଦେଇ ପଛେଇ ଆସି ସର୍ଜେଣ୍ଟ୍‌ଙ୍କ କାର୍ ଦେହରେ ପିଟି ହୋଇ ରହିଯାଇଛି ।

ସମ୍ବାଦଟିର ପରିବେଷକ ବୋଷ୍ଟନ୍‌ରେ ଅବସ୍ଥିତ ଜଣେ ଭାରତୀୟ ସାମ୍ବାଦିକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ । କହିବା ବାହୁଲ୍ୟ, ମୋ ପିଲା ଅନ୍ୟ ପିଲାମାନଙ୍କଠାରୁ ତୀବ୍ରତର ଗତିରେ ସଂସାରର ଜ୍ଞାତବ୍ୟ ବିଷୟମାନ ଆୟତ୍ତ କରିନେବା ଚାହିଁ – ଆଜିର ମାତାପିତାଙ୍କର ଏହି ଦୁର୍ନିବାର ଆକାଂକ୍ଷା – ଯାହା ଭାରତବର୍ଷକୁ ମାଡ଼ି ଆସୁଛି – ତା'ର ସମ୍ଭାବ୍ୟ ଭୟାବହ ପରିଣାମ ସଂକ୍ରାନ୍ତରେ ଭାରତୀୟ ମାତାପିତା ସଂପ୍ରଦାୟକୁ ଅବହିତ କରିବା ସାମ୍ବାଦିକଙ୍କ ଆଭିମୁଖ୍ୟ ।

ସାନ୍ତାକ୍ଲଜ୍ ପରମ୍ପରା ପଶ୍ଚାତରେ ରହିଛି ଏକ ମଧୁର ସତ୍ୟ : ନିଃସ୍ୱାର୍ଥ ସ୍ନେହପ୍ରୀତିର ଅପ୍ରତ୍ୟାଶିତ ଉପହାର ମାଧ୍ୟମରେ ସରଳ ଶିଶୁ ମାନସରେ ମହାନୁଭବତା ପ୍ରତି ବିଶ୍ୱାସ ଓ ଶ୍ରଦ୍ଧାର ସଞ୍ଚାର, ଏହି ପର୍ଯ୍ୟାୟର ନିରୀହ ପ୍ରତିଶ୍ରୁତି ପ୍ରଦାନ ତା'ର ଆଭିମୁଖ୍ୟ । ଅକସ୍ମାତ୍ ଉପହାରଟିଏ ପାଇଲେ ଶିଶୁ ଯେଉଁ ପୁଲକ ଅନୁଭବ କରେ, ଦିନେ ତା' ନିଜ ବଦାନ୍ୟତା ଯୋଗୁଁ ଅନ୍ୟ ଶିଶୁଟିଏ ସେହି ମାତ୍ରାରେ ପୁଲକ ଅନୁଭବ କରିବ, ଏହି ଧାରଣା ତା'ର ଚେତନାରେ ଲିପିବଦ୍ଧ ହେବାର ସମ୍ଭାବନା ଥାଏ ।

କିନ୍ତୁ ସାନ୍ତାକ୍ଲଜ୍ ଏମନ୍ତ ସରଳ-ବିଶ୍ୱାସୀ ଶିଶୁଟିଏ ଆଜି ଖୋଜି ପାଇବାର ସମ୍ଭାବନା କ୍ଷୀଣ । ଶିଶୁ ଯେ ସରଳତା ବିନା ଜନ୍ମଗ୍ରହଣ କରୁଛି, ତାହା ନୁହେଁ, କିନ୍ତୁ ତା'ର ସେ ସରଳତାର ସ୍ୱାଭାବିକ ବିକାଶ ନିମନ୍ତେ ଆଜି ବହୁ ପରିବାର ଏବଂ ପରିବେଶ ଭିତରେ ସୁଯୋଗ ନାହିଁ । ସେ କେମିତି ଆଜିର ପ୍ରତିଯୋଗିତା ଜର୍ଜରିତ ସମାଜରେ ଅନ୍ୟମାନଙ୍କୁ ଟପିଯିବ, ଗାର୍ଜନମାନଙ୍କର ସେ ଆକାଂକ୍ଷା ଏହାର ଗୋଟାଏ କାରଣ । ଦ୍ୱିତୀୟ କାରଣ ଆହୁରି ଅଧିକ ଦୁଃଖଦାୟକ । ସନ୍ତାନ ସହ କୌଣସି ଭାବଗତ ଆଦାନ-ପ୍ରଦାନ ସକାଶେ ସମୟ ଦେବାକୁ ଅନିଚ୍ଛୁକ ଅଥବା ଆଳସ୍ୟ-ପରାୟଣ ଗାର୍ଜନମାନେ ସେମାନଙ୍କ ସକାଶେ ଜ୍ଞାତସାରରେହିଁ ଭବିଷ୍ୟତ୍ ବିପଦର ଖସଡ଼ା ତିଆରି କରି ପକାଉଛନ୍ତି ।

ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ଆତଙ୍କଜନକ ଘୋଷଣାଟିଏ

କରିଛନ୍ତି ଅଷ୍ଟ୍ରେଲିଆର ମନସ୍ତତ୍ତ୍ୱବିତ୍ ମାନେ । ପିଲାଙ୍କୁ ଟେଲିଭିଜନ୍ ଆଗରେ ଥୋଇଦେଇ ନିଶ୍ଚିନ୍ତ ଅନୁଭବ କରୁଥିବା ଗାର୍ଜିନମାନଙ୍କ ସକାଶେ ଏହା ଏକ ଚେତାବନୀ । ସେମାନଙ୍କ ସମୀକ୍ଷାର ଏ ସିଦ୍ଧାନ୍ତକୁ ଆନ୍ତର୍ଜାତିକ ମନସ୍ତତ୍ତ୍ୱବିତ୍ ସଂସ୍ଥାମାନେ ସମର୍ଥନ କରିଛନ୍ତି । ଏହାର ବିଷଦ ବିବରଣୀ Sydney Morning Heraldରେ ପ୍ରକାଶ ପାଇଛି । ସେମାନଙ୍କ ବକ୍ତବ୍ୟ, ମାନସିକ ବ୍ୟାଧି ତାଲିକାରେ E-Addiction ଏକ ବିଶେଷ ସଂଯୋଜନ ରୂପେ ସ୍ଥାନୀତ ହେଉ ଏବଂ ସେଦିଗରେ ଜନସାଧାରଣଙ୍କୁ ବିଧିବଦ୍ଧ ଭାବରେ ଅବହିତ କରାଯାଉ । Times of Indiaରେ ପ୍ରକାଶିତ ମୂଳ ସନ୍ଦର୍ଭର ସାରାଂଶ ଅବିକଳ ଉଦ୍ଧାର କଲେ ଦାୟିତ୍ୱବାନ୍ ପାଠକମାନେ ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରିପାରିବେ :

"Children addicted to using electronic devices may suffer from 'internet-use-disorder', a newly discovered and serious mental illness, according to a new study. Psychologists argue video games and internet addictions share the characteristics of other addicts, including emotional shut-down, lack of concentration and withdrawal symptoms if the gadgets are removed."

ପରିଚ୍ଛେଦଟିର ଶେଷ କଥାଟି ଉପରେ ଧ୍ୟାନ ଦିଅନ୍ତୁ । ଥରେ ଏହି କୃତ୍ରିମ ଅଭ୍ୟାସର ଦାସ ବନିଯିବା ପରେ ଶିଶୁଠୁଁ ସେ ମାଧ୍ୟମ ଯଦି ଆପଣ ପ୍ରତ୍ୟାହାର କରି ନେବେ, ତେବେ ସେ ଅବସନ୍ନତା ଓ ବିଷାଦର ଶିକାର ବନିଯିବ । ତେଣୁ ପ୍ରଥମରୁହିଁ ତାକୁ ସେ ଅଭ୍ୟାସଠାରୁ ଦୂରେଇ ରଖିବା ଜରୁରୀ । ଏ ଲେଖକ ଜାଣିବାରେ ପାଶ୍ଚାତ୍ୟରେ ତଥା ସର୍ବାଧୁନିକ ଜୀବନଶୈଳୀ ସମର୍ପିତ କେତେକ ଭାରତୀୟ ପରିବାରରେ ମାତାପିତାମାନେ ପିଲାଙ୍କୁ ନିଃସଙ୍କୋଚରେ ଏ ସମସ୍ୟା ବୁଝାଇଦେଇ ସେମାନଙ୍କ ଆଗ୍ରହକୁ ନିୟନ୍ତ୍ରଣ ଭିତରକୁ ଆଣିବାରେ ସଫଳ ହୋଇଛନ୍ତି । ସବୁ ନିର୍ଭର କରେ ଶିଶୁ ସହ ଆପଣ କେତେ ଅନ୍ତରଙ୍ଗ ସମ୍ପର୍କ ପ୍ରତିଷ୍ଠା କରିପାରିଛନ୍ତି ।

ଆମେରିକା 'College of William and Mary'ର ଆନୁକୂଲ୍ୟରେ ୧୯୭୦ରେ ଏକ ଗବେଷଣା ଆରମ୍ଭ କରାଯାଇଥିଲା । ୨୦୧୧ ମସିହା ପର୍ଯ୍ୟନ୍ତ ଗବେଷକବର୍ଗ ତିନି ଲକ୍ଷ ''ସୃଜନୀ ପରୀକ୍ଷା'' (Creativity Test)ର ବ୍ୟବସ୍ଥା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆଜିର ଶିଶୁ ଚତୁର ହୋଇପାରେ, କିନ୍ତୁ ସେ ସୃଜନଶୀଳତା ହରାଇ ବସୁଛି । ଆହୁରି ଶୋଚନାର କଥା ହେଲା, ତା' ଭିତରେ ହାସ୍ୟ-ରସବୋଧ ଶୁଖିଯାଉଛି । ଏ ଦୁର୍ଭାଗ୍ୟଜନକ ପରିସ୍ଥିତିର ଅନ୍ୟତମ ନିର୍ମାତା ଟି.ଭି. ନିଶା ବୋଲି ଗବେଷଣାର ମୁଖ୍ୟ କହିଛନ୍ତି । ପିଲାମାନେ ସେଥିରେ ଆତ୍ମସମର୍ପଣ କରି ଜୀବନ୍ତ ମଣିଷଙ୍କ ସାନ୍ନିଧ୍ୟରୁ ବଞ୍ଚିତ ହୋଇ ରହୁଛନ୍ତି । ସେମାନଙ୍କ ଭିତରେ ମାନବିକତାବୋଧ ମଧ୍ୟ ହ୍ରାସ ହେଉଛି ।

ବର୍ତ୍ତମାନ ଭାରତର ଆବହାଉଆ ଉପରେ ଧ୍ୟାନ ଦିଆଯାଉ । 'Association of Adolescent and Child Care in India' (AACCI; ଏହାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ) ପ୍ରକାଶ କରିଛନ୍ତି ଯେ ଅଳ୍ପବୟସ୍କ ପିଲାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ଦ୍ରୁତଗତିରେ ବୃଦ୍ଧିଲାଭ କରିଚାଲିଛି । ଆଗେ ଯାହା ଗାଳିଗୁଲଜ, ଅଭିମାନ, ଚିମୁଟା-ଚିମୁଟି, କାମୁଡ଼ା-କାମୁଡ଼ି, ଢେପ ପକାଇବାରେ ସୀମିତ ଥିଲା, ବର୍ତ୍ତମାନ ତାହା ଛୁରୀମାଡ଼ ପର୍ଯ୍ୟନ୍ତ ଚାଲିଯାଉଛି । ସେମାନେ ଦର୍ଶାଇଥିବା କାରଣମାନଙ୍କ ଭିତରେ ମୁଖ୍ୟ ହେଲା ପିଲାଙ୍କୁ ସର୍ବଦା ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନିଜର ଉତ୍କର୍ଷ ପ୍ରତିପାଦନ କରିବା ନିମନ୍ତେ ମାତାପିତାଙ୍କର କୃତ୍ରିମ ଉତ୍ସାହ ପ୍ରଦାନ । ତାହା ଫଳରେ ପିଲାଙ୍କର ସ୍ୱାଭାବିକ ଆବେଗ, ସ୍ୱତଃସ୍ଫୂର୍ତ୍ତ ପ୍ରେରଣା, ଖେଳ, ବିଶ୍ରାମ ଇତ୍ୟାଦି ନିମନ୍ତେ ଆଗ୍ରହ ପ୍ରଦମିତ ହୋଇ ହଠାତ୍ କ୍ରୋଧରୂପେ ଉଦ୍‌ଗିରିତ ହୁଏ ।

ଅବଶ୍ୟ ସମୟ କ୍ରମେ ବିବର୍ତ୍ତନୀଶକ୍ତି ହୁଏତ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ସୁଧାରିନେବ । ଯାବତୀୟ ମନ୍ଦ ପ୍ରଭାବ ଅତିକ୍ରମ କରିଯିବାର ଚୈତ୍ୟଶକ୍ତି ଅବଶ୍ୟ ଆମ ଚେତନାରେ ନିହିତ । କିନ୍ତୁ ଆମ ଭିତରେ – ଅର୍ଥାତ୍ ବୟସ୍କମାନଙ୍କ ଭିତରେ – ସେ ଆତ୍ମବିଶ୍ୱାସ ରହିଛି କି ? ଯଦି ଥିବ, ତେବେ ତା'ର ପ୍ରଭାବ ଶିଶୁକୁ ନିଶ୍ଚିତ ଭାବରେ ସ୍ପର୍ଶ କରିବ । ଗୋଟାଏ କଥାରେ, ଭବିଷ୍ୟତକୁ ସୁରକ୍ଷା ଦେବା ନିମନ୍ତେ ଆମେ, ଅର୍ଥାତ୍ ପ୍ରତିମୁହୂର୍ତ୍ତରେ ଅତୀତ ବନିଯାଉଥିବା ବର୍ତ୍ତମାନର ଅଭିଭାବକ-ବୃନ୍ଦ ଆତ୍ମ-ସଚେତନ ହେବା ଜରୁରୀ ।

**– ମନୋଜ ଦାସ**

❑❑❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Daily Facial
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com